

## ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁନେତ୍ରା

ପୃଷ୍ଠା ୪


# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 309 ଭାଗ ୩୩ | ସଂଖ୍ୟା ୩୦୯ — Sunday 1 February 2026 | Page 8 Rs. 5.00 — ଭୁବନେଶ୍ୱର ରବିବାର ୧ ଫେବ୍ରୁଆରୀ ୨୦୨୬ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା


## ୪-୧ରେ ସିରିଜ ଜିତିଲା ଭାରତ

**ତିରୁଅନନ୍ତପୁରମ,୩୧।୧:** କେରଳର ତିରୁଅନନ୍ତପୁରମର ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ପଞ୍ଚମ ମ୍ୟାଚରେ ଭାରତ ନ୍ୟୁଜିଲ୍ୟାଣ୍ଡକୁ ୪୬ ରନରେ ପରାସ୍ତ କରିଛି। ଏହି ବିଜୟ ସହିତ ଭାରତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜକୁ ୪-୧ରେ ଜିତିଛି। ଆଜିର ମ୍ୟାଚରେ ଇଶାନ କିଶାନଙ୍କ ଶତକୀୟ ଇନିଂସ ବଳରେ ଭାରତ ୨୦ ଓଭରରେ ୬ ୱିକେଟ ହରାଇ ୨୭୧ ରନ କରିଥିଲା। ଜବାବରେ, ଫିନ୍ ଆଲେନଙ୍କ ଲଢୁଆ ଇନିଂସ ସତ୍ତ୍ୱେ ନ୍ୟୁଜିଲ୍ୟାଣ୍ଡ ୧୯.୪ ଓଭରରେ ସମସ୍ତ ୱିକେଟ ହରାଇ କେବଳ ୨୨୫ ରନ କରିପାରିଥିଲା। ଶେଷ ଟି-୨୦ ମ୍ୟାଚରେ ଇଶାନ କିଶନଙ୍କ ଶତକ ସହାୟତାରେ ଭାରତୀୟ ଦଳ ୨୦ ଓଭରରେ ୫ ୱିକେଟ୍ ହରାଇ ୨୭୧ ରନ୍ କରିଥିଲା। ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିବା ଭାରତ ପାଇଁ ଇଶାନ ୪୩ ବଲ୍‌ରେ ୧୦୩ ରନ୍ ଏବଂ ସୂର୍ଯ୍ୟକୁମାର ୩୦ ବଲ୍‌ରେ ୬୩ ରନ୍ କରିଥିଲେ।

**ରାଜ୍ୟ କ୍ୟାବିନେଟରେ ୧୨ ଗୁରୁତ୍ୱପୂର୍ଣ୍ଣ ପ୍ରସ୍ତାବକୁ ମଞ୍ଜୁରୀ**

# ସମବାୟ ହେବ ଗ୍ରାମୀଣ ଅର୍ଥନୀତିର ଚାଳକ

- ରାଜ୍ୟରେ ତିଆରି ହେବ ପ୍ରତିରକ୍ଷା ଓ ଏରୋସ୍ପେସ ସାମଗ୍ରୀ
- ଲାଗୁ ହେଲା ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ ଯୋଜନା
- ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀରେ ସଂଶୋଧନ
- ଡାଇଭର୍ସନ ୱେୟାର ମରାମତି ପାଇଁ ଖର୍ଚ୍ଚ ହେବ ୩୬୨ କୋଟି
- ୟୁନିଫର୍ମ ସେବା କର୍ମଚାରୀ ଚୟନ ଓ ଅଧକ୍ଷ ନିୟମାବଳୀ ଲାଗୁ
- ରାଜ୍ୟ ବିମା ଯୋଜନା ନର୍ସିଂ ସେବା ନିୟମକୁ ମିଳିଲା ମଞ୍ଜୁରୀ
- ବିଧାନସଭାର ବଜେଟ ଅଧିବେଶନକୁ ଅନୁମୋଦନ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଓଡ଼ିଶା ସମବାୟ ନୀତି-୨୦୨୬କୁ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି। ପ୍ରଧାନମନ୍ତ୍ରୀଙ୍କ ସମବାୟରୁ ସମୃଦ୍ଧି ଲକ୍ଷ୍ୟକୁ ସାକାର କରିବାକୁ ରାଜ୍ୟ ସରକାର କେନ୍ଦ୍ରୀୟ ଢାଞ୍ଚାରେ ରାଜ୍ୟ ସମବାୟ ନୀତି ପ୍ରସ୍ତୁତ କରିଛନ୍ତି। ଏଥିସହ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ ବୈଠକରେ ମୋଟ ୧୨ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ଏଥିସହ ଓଡ଼ିଶାରେ ତିଆରି ହେବ ପ୍ରତିରକ୍ଷା ଓ ଏରୋସ୍ପେସ ସାମଗ୍ରୀ। ଏ ସମ୍ପର୍କିତ ପ୍ରସ୍ତାବକୁ ମଧ ଆଜି କ୍ୟାବିନେଟ ମଞ୍ଜୁରୀ ମିଳିଛି।

ନୂଆ ସମବାୟ ନୀତି ଜରିଆରେ ରାଜ୍ୟରେ ସମବାୟ ଆନ୍ଦୋଳନକୁ ଏକ ନୂତନ ଦିଗ ଓ ଗତି ପ୍ରଦାନ କରାଯିବ। ଆଗାମୀ ଦିନରେ ସମବାୟ ସଂସ୍ଥା ଗ୍ରାମାଞ୍ଚଳର ଜୀବିକା ବୃଦ୍ଧି ଓ ଅର୍ଥନୈତିକ ସଶକ୍ତିକରଣର ଏକ ପ୍ରମୁଖ ଚାଳକ ହେବ ବୋଲି ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି। କେନ୍ଦ୍ରୀୟ ସମବାୟ ନୀତି ଆଧାରରେ ରାଜ୍ୟ ସମବାୟ ବିଭାଗ ସମବାୟ ଆନ୍ଦୋଳନର ➢ପୃଷ୍ଠା-୬

## ଦୁବାଇ, ସିଙ୍ଗାପୁର ବିମାନ ପାଇଁ ସରକାର ଦେବେ ଭିଜିଏଫ

ଭୁବନେଶ୍ୱର ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ପାଇଁ ରାଜ୍ୟ ସରକାର ଯୋଗାଇବେ ଆର୍ଥିକ ସହାୟତା। ସରକାର ଭୁବନେଶ୍ୱରରୁ ଚୟନ କରାଯାଇଥିବା କେତେକ ଆନ୍ତର୍ଜାତୀୟ ବିମାନ ପଥ ପାଇଁ ରାଜ୍ୟ 'ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ' (ଭିଜିଏଫ) ସହାୟତାକୁ ବଜାୟ ରଖିବା ଏବଂ ଏହାକୁ ଯୁକ୍ତିସଙ୍ଗତ କରିବା ସମ୍ପର୍କିତ ପ୍ରସ୍ତାବକୁ ଆଜି କ୍ୟାବିନେଟ ମଞ୍ଜୁରୀ ଦେଇଛି। ତଦନୁଯାୟୀ ଯାତ୍ରୀ ସଂଖ୍ୟା ହ୍ରାସ ଓ ବିମାନ ସେବା ବନ୍ଦ ହେବାର ଆଶଙ୍କା ଦୃଷ୍ଟିରେ ଆଗାମୀ ୬ ମାସ (୨୭ ଅକ୍ଟୋବର ୨୦୨୫ରୁ ୨୯ ମାର୍ଚ୍ଚ ୨୦୨୬) ପର୍ଯ୍ୟନ୍ତ ଭିଜିଏଫ ସହାୟତା ପ୍ରଦାନ କରାଯିବ।

ଦୁବାଇ ଓଡ଼ିଶାର ପ୍ରବାସୀ ଶ୍ରମିକମାନଙ୍କ ପାଇଁ ଏକ ପ୍ରମୁଖ କେନ୍ଦ୍ର ହୋଇଥିବାବେଳେ, ସିଙ୍ଗାପୁର ବାଣିଜ୍ୟ ଓ ନିବେଶରେ ରାଜ୍ୟର ➢ପୃଷ୍ଠା-୬

**ଘାତକ ହେଲା ବେପରୁଆ ଚାଳନା**

# ଦୁଇ ବାଇକ୍‌କୁ ଚାପିଦେଲା ଟ୍ରକ୍: ୫ ମୃତ



- ଏମ୍‌କେସିଜିରେ ଭର୍ତ୍ତି ଆହତଙ୍କ ଅବସ୍ଥା ସଙ୍କଟାପନ୍ନ
- ଘଟଣାସ୍ଥଳରେ ପହଞ୍ଚିଲେ ଦକ୍ଷିଣାଞ୍ଚଳ ଡିଆଇଜି
- ୪ ଲକ୍ଷ ଲେଖାଏଁ ସହାୟତା ଘୋଷଣା କଲେ ମୁଖ୍ୟମନ୍ତ୍ରୀ
- କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଓ ନବୀନଙ୍କ ଶୋକ

**ବ୍ରହ୍ମପୁର,୩୧।୧ (ସଂଚାର ବ୍ୟୁରୋ):** ରାଜ୍ୟରେ ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ସରକାର କେତେ ଜଣ ଯୋଜନା ହାତକୁ ନେଉଛନ୍ତି। ଦ୍ରୁତ ଗତି ମହାବିପତ୍ତି ବୋଲି ସଚେତନତା ସୃଷ୍ଟି ସକାଶେ ଉଦ୍ୟମ ହେଉଛି। କିନ୍ତୁ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟା ହ୍ରାସ ପାଇବାର ନାଁ ନେଉନାହିଁ। ଏହି କ୍ରମରେ ଆଜି ଏକ ଭୟଙ୍କର ଦୁର୍ଘଟଣାରେ ୫ ଜଣଙ୍କ ଜୀବନ ଯାଇଛି। ଆଜି ମଧ୍ୟାହ୍ନରେ ବ୍ରହ୍ମପୁରର ହଳଦିଆପଦର ଓଭରବ୍ରିଜ୍‌ରେ ଏହି ହୃଦୟ ବିଦାରକ ସଡ଼କ ଦୁର୍ଘଟଣାଟି ଘଟିଛି। ଏଥିରେ ୫ଜଣଙ୍କ ଜୀବନ ଯିବା ସହ ଜଣେ ଗୁରୁତର ଭାବେ ଆହତ ହୋଇଛି। ଉକ୍ତ ଆହତ ଜଣଙ୍କ ଡାକ୍ତରଖାନାରେ ମୃତ୍ୟୁ ସହ ସଂଗ୍ରାମ ଚଳାଉଛନ୍ତି। ଏନେଇ ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହଗୁଡିକ ଜବତ କରି ବ୍ୟବଚ୍ଛେଦ ପାଇଁ ଏମ୍‌କେସିଜି ମେଡିକାଲ୍‌କୁ ପଠାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ଦୁଇଟି ବାଇକରେ ମୋଟ ୬ ଜଣ ଯୁବକ ଆଗପଛ ହୋଇ ବ୍ରହ୍ମପୁର-ହଳଦିଆପଦର ଓଭରବ୍ରିଜ୍ ନିକଟରେ ଯାଉଥିବା ସମୟରେ ବିପରୀତ ଦିଗରୁ ଆସୁଥିବା ଏକ ➢ପୃଷ୍ଠା-୬



# ଆଜି ଖୋଲିବ ପାଣ୍ଡୋରା ବକ୍ସ

**ମଧ୍ୟବିତ୍ତ ଓ ଚାକିରିଆଙ୍କୁ ମିଳିବ ଆଶ୍ୱସ୍ତି!**

**ପ୍ରଥମ ଥର ପାଇଁ ରବିବାର ଉପସ୍ଥାପିତ ହେବ**

**ନୂଆଦିଲ୍ଲୀ,୩୧।୧ (ସଂଚାର ବ୍ୟୁରୋ):** ଆସନ୍ତାକାଲି ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ କେନ୍ଦ୍ର ବଜେଟ୍ ଉପସ୍ଥାପନ ହେବ। କେନ୍ଦ୍ର ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରମଣ ନବମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ତେବେ ଚଳିତ ବର୍ଷର ବଜେଟ୍ କେତେକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ହେବାର ଆକଳନ କରାଯାଉଛି। ବିଶେଷକରି ଦେଶର ମଧ୍ୟବିତ୍ତ ଓ ଚାକିରିଆଙ୍କୁ ନିର୍ମଳା ଆଶ୍ୱସ୍ତି ଦେବାର ସମ୍ଭାବନା ରହିଛି। ଦୀର୍ଘ ବର୍ଷ ପରେ ରବିବାର କେନ୍ଦ୍ର ବଜେଟ୍ ଉପସ୍ଥାପିତ ହେବ। ଗତ ୨୦୨୦ରେ ନିର୍ମଳା ତାଙ୍କ ବଜେଟ୍ ଅଭିଭାଷଣ ପାଇଁ ୨ ଘଣ୍ଟା ୪୦ ମିନିଟ୍ ନେଇଥିଲେ, ଯାହାକି ଅଦ୍ୟାବଧି ଏକ ରେକର୍ଡ ଭାବେ କାଏମ ରହିଛି। ଆଗାମୀ କାଲିର ବଜେଟ୍‌ରେ ଅର୍ଥ ମନ୍ତ୍ରୀ ଆୟକର ସୀମାରେ ବିଶେଷ ରିହାତି ଦେଇପାରନ୍ତି। ଗତ କିଛି ବର୍ଷ ହେଲା ନିୟମିତ ଭାବେ ମୁଦ୍ରାସ୍ଫୀତି ବୃଦ୍ଧି ପାଉଥିବାରୁ ଏହାର ପ୍ରଭାବ ମଧ୍ୟବିତ୍ତ ପରିବାରର ବଜେଟ୍‌କୁ କ୍ଷତବିକ୍ଷତ କରିଦେଇଛି। ତେଣୁ ଆୟ କର ସୀମାରେ ବୃଦ୍ଧି ହେଲେ ମଧ୍ୟବିତ୍ତ ପରିବାରକୁ ସାମାନ୍ୟ ଆଶ୍ୱସ୍ତି ମିଳିବ। ଗତବର୍ଷର ବଜେଟ୍‌ରେ ଆୟ କର ସୀମାକୁ ୧୨.୭୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ନିଆଯାଇଥିଲା। ଅର୍ଥାତ୍ ବାର୍ଷିକ ଏହି ପରିମାଣର ରୋଜଗାର କରୁଥିବା ବ୍ୟକ୍ତିବିଶେଷଙ୍କ ପାଇଁ କୌଣସି ଆୟକର ନ ଦେବା ବ୍ୟବସ୍ଥା ହୋଇଥିଲା। ଅଧିକନ୍ତୁ ଚଳିତ ବର୍ଷ ସର୍ବାଧିକ ୩୦ ପ୍ରତିଶତ ଟିକସ ସ୍ଲାବ୍ ୩୦ ଲକ୍ଷକୁ ବଢ଼ିପାରେ ବୋଲି ଆଶା କରାଯାଉଛି। ➢ପୃଷ୍ଠା-୬

# ନିଜ ଏଏସ୍‌ଆଇ ବିରୋଧରେ ସିବିଆଇର ଖୋଳତାଡ଼

- ସାମ୍ନାକୁ ଆସିଲା ଲାଞ୍ଚ କାରବାର ପଛର ରହସ୍ୟ
- ସୁରକ୍ଷା ଦେବାକୁ ନିୟମିତ ନେଉଥିଲେ ଲାଞ୍ଚ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ନିଜ ବିଭାଗର ଜଣେ ଅଧିକାରୀଙ୍କ ନାଁରେ ସିବିଆଇ ପକ୍ଷରୁ ମାମଲା ରୁଜୁ କରାଯାଇଛି। ଉକ୍ତ ଅଧିକାରୀଙ୍କ ଲାଞ୍ଚ କାରବାର ପଛର ରହସ୍ୟ ସାମ୍ନାକୁ ଆସିବା ପରେ ଏପରି କିଛି ବ୍ୟତିକ୍ରମ ଦେଖିବାକୁ ମିଳିଛି। ସୁନ୍ଦରଗଡ଼ ଏମସିଏଲରେ ଗତକାଲି ଦିଲ୍ଲୀ ସିବିଆଇର ଏକ ତିନିଜଣିଆ ଟିମ୍ ଚଢ଼ାଉ କରିବା ପରେ ଭୁବନେଶ୍ୱର ସିବିଆଇ ଏଏସ୍‌ଆଇଙ୍କର ଏଥିରେ ସମ୍ପୃକ୍ତି ଥିବା ସନ୍ଦେହରେ ମାମଲା ରୁଜୁ କରାଯାଇଛି। ସିବିଆଇର ଭୁବନେଶ୍ୱର ଶାଖାରେ ଏଏସଆଇ କାର୍ଯ୍ୟ କରୁଥିବା ପ୍ରଶାନ୍ତ କୁମାର ପଲେଇଙ୍କ ଭୂମିକା ଏବେ ସନ୍ଦେହ ଘେରରେ। ବସୁନ୍ଧରା ଅଞ୍ଚଳରେ ଏମ୍‌ସିଏଲ୍ ଗର୍ଜନବାହାଲ ଓପନ କାଷ୍ଟ ପ୍ରୋଜେକ୍ଟର ଡେସ୍‌ପାଚ୍ ଅଧିକାରୀ ସାରଦା ପ୍ରସାଦ ସେଠୀଙ୍କଠାରୁ ପ୍ରଶାନ୍ତ ଟଙ୍କା ନେଇଥିବା ଅଭିଯୋଗ ହୋଇଛି। ସାରଦା ତାଙ୍କ ପଦବୀର ଦୁରୁପଯୋଗ କରି ବିଭିନ୍ନ ପରିବହନକାରୀ, କୋଇଲା ଉତ୍ତୋଳନକାରୀଙ୍କଠାରୁ ବେଆଇନ ଆର୍ଥିକ ଫାଇଦା ନେଉଥିବା ଜଣାପଡ଼ିଛି। ସାରଦାଙ୍କୁ ସିବିଆଇ ସମେତ ଅନ୍ୟ ତଦନ୍ତକାରୀ ସଂସ୍ଥାଠାରୁ ରକ୍ଷା କରିବା ଲାଗି ସିବିଆଇ ଏଏସ୍‌ଆଇ ପ୍ରଶାନ୍ତ ଟଙ୍କା ନେଉଥିବା ଅଭିଯୋଗ ହୋଇଥିଲା।

# ମୁଁ ବି କାଳିଆ ଭକ୍ତ...



କିଏ କେମିତି ଜଗାକୁ ଡାକୁଛି ଆଉ ତା' ସେବା କରୁଛି। ଜଗାର ସେବା ପାଇଁ ସୁଯୋଗ ପାଇବା ବି କିଛି ଛୋଟ କଥା ନୁହେଁ। କିଏ ମହାପ୍ରଭୁଙ୍କ ଶ୍ରୀଅଙ୍ଗକୁ ଛୁଇଁ ସେବା କରୁଛି ତ କିଏ ବଡ଼ଦାଣ୍ଡରେ ସ୍ୱେରେଜ ସଫା କରି ଦାୟିତ୍ୱ ତୁଲାଉଛି। କୁହାଯାଏ, ଭକ୍ତର ଭାବରେ ବନ୍ଧା ସେ କଳା ଠାକୁର। ରାତି ଅଧରେ ଯେତେବେଳେ ରାସ୍ତାଘାଟ ଶୂନଶାନ ହୋଇଯାଉଛି, ଗାଡ଼ି ମଟର ଚଳାଚଳ କମିଯାଉଛି, ସେତେବେଳେ ବଡ଼ଦାଣ୍ଡରେ ସ୍ୱେରେଜ ସଫା ଦାୟିତ୍ୱରେ ଥିବା ଏହି କର୍ମଚାରୀ ଜଣଙ୍କ ଲାଗୁଛନ୍ତି କାଳିଆ ସାଆନ୍ତଙ୍କ ସେବାରେ। ବଡ଼ଦାଣ୍ଡରେ ଥିବା ମ୍ୟାନହୋଲରୁ ଅଳିଆ ସଫା କରୁଛନ୍ତି। ମ୍ୟାନହୋଲ ଜାମ ହୋଇଗଲେ କାଳିଆର ବଡ଼ଦାଣ୍ଡରେ ମଇଳା ପାଣି ଚାଲିବ। ତେଣୁ ସେ ସମ୍ପୂର୍ଣ୍ଣ ଦାୟିତ୍ୱର ସହ ନିଜ କର୍ତ୍ତବ୍ୟ ସମ୍ପାଦନ କରୁଛନ୍ତି। ଏହି ସ୍ୱେରେଜ କର୍ମଚାରୀ ଜଣକ ବି ଭାବୁଥିବେ କେବେ କାଳିଆର ଡୋରି ଲାଗିବ ଆଉ ସେ ଶ୍ରୀମନ୍ଦିର ଭିତରକୁ ଯାଇ ରତ୍ନ ସିଂହାସନରେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବେ। ହେଲେ ତା' ସେବାରୁ ତାକୁ ଫୁର୍ସତ ମିଳିଲେ ତ ସେ ଶ୍ରୀମନ୍ଦିର ଭିତରକୁ ଯିବେ। କିନ୍ତୁ ତାଙ୍କ ମନରେ ଗ୍ଲାନି କି ଅବସୋସ ନାହିଁ। କାରଣ ସେ ବି ବଡ଼ ଠାକୁରଙ୍କ ସେବା କରୁଛି। ତା' ଦାଣ୍ଡକୁ ସଫା ରଖୁଛି। ଜଗା ଭକ୍ତଙ୍କ ପାଦରେ ମଇଳା ପାଣି ଲାଗିବାକୁ ଦଉନି। ବଡ଼ଦାଣ୍ଡରୁ ନୀଳଚକ୍ରକୁ ଅନେଇ ସ୍ୱେରେଜ ସଫେଇ କାମ ଆରମ୍ଭ କରୁଛି ଆଉ ସେଇଠୁ ମହାପ୍ରଭୁଙ୍କୁ ଧନ୍ୟବାଦ ଜଣାଇ ଆସନ୍ତାକାଲିକୁ ଅପେକ୍ଷା କରୁଛି। ଇଏ ତା' ପାଇଁ ନିତିଦିନିଆ ହୋଇଗଲାଣି।

**କଙ୍ଗୋରେ ବର୍ଷା ଯୋଗୁଁ ଧସିଲା ଖଣି**

# ୨୦୦ରୁ ଉର୍ଦ୍ଧ୍ୱଙ୍କ ମୃତ୍ୟୁ ଆଶଙ୍କା

**ମୃତକଙ୍କ ମଧ୍ୟରେ ମହିଳା ଓ ଶ୍ରମିକ ସାମିଲ୍**



**କଙ୍ଗୋ,୩୧।୧(ସଂଚାର ବ୍ୟୁରୋ):** କଙ୍ଗୋର ପୂର୍ବ ଭାଗରେ ଥିବା ରୁବାୟା କୋଲଟାନ୍ ଖଣିରେ ଏକ ବଡ଼ ଧରଣର ଭୂସ୍ଖଳନ ହେବା ଫଳରେ ୨୦୦ରୁ ଉର୍ଦ୍ଧ୍ୱ ଶ୍ରମିକଙ୍କ ପ୍ରାଣହାନି ଘଟିଥିବା ଆଶଙ୍କା କରାଯାଉଛି। ମୃତକଙ୍କ ମଧ୍ୟରେ ଶ୍ରମିକ ଓ ମହିଳାମାନେ ରହିଥିବା ବେଳେ ଖଣିରେ କାମ ଚାଲୁଥିବା ସମୟରେ ଭୀଷଣ ବର୍ଷା କାରଣରୁ ଏହା ଧସିଯାଇଥିଲା। ଫଳରେ ସେଠାରେ କାମ କରୁଥିବା ଶ୍ରମିକମାନେ ମାଟି ତଳେ ପୋତି ହୋଇଯାଇଥିଲେ। ସଙ୍ଗେ ସଙ୍ଗେ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲେ କ୍ରମାଗତ ବର୍ଷା ଯୋଗୁଁ ଏହା ପ୍ରଭାବିତ ହୋଇଛି। ଏଥିସହ ଅନେକ ଶ୍ରମିକ ମାଟି ତଳେ ଚାପି ହୋଇରହିଥିବା ସନ୍ଦେହ କରାଯାଉଥିବାରୁ ମୃତକଙ୍କ ସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା କରାଯାଉଛି। ଏହାଛଡ଼ା ଘଟଣାସ୍ଥଳରେ ବ୍ୟାପକ ➢ପୃଷ୍ଠା-୬

**'ଭୀମଭୋଇ ଲୋକ ମହୋତ୍ସବ' ପାଇଁ କେନ୍ଦ୍ରମନ୍ତ୍ରୀଙ୍କ ଭିଡିଓ ବାର୍ତ୍ତା**

# ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରିଚୟର ଜ୍ୱଳନ୍ତ ପ୍ରତିବିମ୍ବ

**ରେଢ଼ାଖୋଲ/ସମ୍ବଲପୁର,୩୧।୧(ସଂଚାର ବ୍ୟୁରୋ):** ରେଢ଼ାଖୋଲର 'ଭୀମଭୋଇ ଲୋକ ମହୋତ୍ସବ' କେବଳ ସଂସ୍କୃତି ଓ ଲୋକକଳାର ମଞ୍ଚ ନୁହେଁ, ଏହା ଆମ ଓଡ଼ିଆ ଅସ୍ମିତା, ସ୍ୱାଭିମାନ ଓ ପରିଚୟର ଏକ ଜ୍ୱଳନ୍ତ ପ୍ରତିବିମ୍ବ। ଏହି ଉଦ୍ୟମ 'ଭୀମ ମଣ୍ଡଳୀ'ର ଗୌରବମୟ ଇତିହାସ ଓ ସନ୍ଥ କବି ଭୀମ ଭୋଇଙ୍କ ମହାନ ମାନବବାଦୀ ଚିନ୍ତାଧାରାକୁ ସାରା ବିଶ୍ୱ ଦରବାରରେ ଉଜାଗର କରିବ। ରେଢ଼ାଖୋଲର ଆଧ୍ୟାତ୍ମିକ ପରିଚୟକୁ ସୁଦୃଢ଼ କରିବା ସହ ଏଠାକାର ପର୍ଯ୍ୟଟନକୁ ଏକ ନୂତନ ଦିଶା ଦେବାରେ ସହାୟକ ହେବ ବୋଲି



**ରେଢ଼ାଖୋଲରେ ଖୋଲିବ 'ପିଏମ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ'**

'ରେଢାଖୋଲ ଭୀମଭୋଇ ଲୋକ ମହୋତ୍ସବ-୨୦୨୬' ଅବସରରେ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ମତ ଦେଇଛନ୍ତି।

ଶ୍ରୀ ପ୍ରଧାନ ତାଙ୍କ ବାର୍ତ୍ତାରେ କହିଛନ୍ତି ଯେ ରେଢ଼ାଖୋଲର ମାଟି ହେଉଛି ଜ୍ଞାନ, ଭକ୍ତି ଓ ସଂସ୍କାରର ମାଟି। ଏହି ମାଟିର ଐତିହ୍ୟ ଅତ୍ୟନ୍ତ ଗୌରବପୂର୍ଣ୍ଣ। ଏହି ଅଞ୍ଚଳର ଭୀମମଣ୍ଡଳୀରେ ୧୦ ହଜାର ବର୍ଷ ତଳର ମାନବ ସଭ୍ୟତାର ଜୀବନ ଚିତ୍ର ଲିପିବଦ୍ଧ ହୋଇ ରହିଛି। ଏହି ମାଟି ହେଉଛି 'ଦୁଇ ଭୀମ'ଙ୍କର ବିଚରଣ ଭୂମି। ଏହି ଦୁଇ 'ମହାନ ବ୍ୟକ୍ତିତ୍ୱ' ଅନେକ କଷ୍ଟ ସହ୍ୟ କରିଥିଲେ, କିନ୍ତୁ ଲକ୍ଷ୍ୟ ଥିଲା ଗୋଟିଏ - ଲୋକ କଲ୍ୟାଣ ଓ ସମାଜରେ ନ୍ୟାୟ ପ୍ରତିଷ୍ଠା। ସେଭଳି ପବିତ୍ର ମାଟିରେ ପ୍ରଥମ ଥର ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ 'ରେଢ଼ାଖୋଲ ଭୀମଭୋଇ ଲୋକ ମହୋତ୍ସବ- ୨୦୨୬'ର ଶୁଭାରମ୍ଭ ହେବା ଅଞ୍ଚଳ ପାଇଁ ଗର୍ବ ଓ ଗୌରବର ବିଷୟ ➢ପୃଷ୍ଠା-୬

# ପୁଣି ସଚିବଙ୍କୁ ଦିଆଗଲା ଜିଲ୍ଲା ଦାୟିତ୍ୱ



- ପଞ୍ଚାୟତକୁ ଯାଇ ଯୋଜନାର ସମୀକ୍ଷା ପାଇଁ ନିର୍ଦ୍ଦେଶ
- ଲୋକଙ୍କୁ ସିଧାସଳଖ ଭେଟିବେ, ସ୍କୁଲରେ ଖାଦ୍ୟ ପରଖିବେ
- ଆବଶ୍ୟକ ପଡ଼ିଲେ ଦୁର୍ଗମ ଗାଁକୁ ଚାଲି ଚାଲି ଯିବେ ସଚିବ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ସଚିବଙ୍କ ଜିଲ୍ଲା ଗସ୍ତ ନେଇ ପୁଣି ଥରେ ଜାରି ହେଲା ନିର୍ଦ୍ଦେଶନାମା। ସଚିବମାନେ କେବଳ ଲୋକସେବା ଭବନର ଶୀତତାପ ନିୟନ୍ତ୍ରିତ ଅଫିସରେ ବସି ସମୀକ୍ଷା କଲେ ଚଳିବ ନାହିଁ। ଦୁର୍ଗମ ଅଞ୍ଚଳକୁ ପାଦରେ ଚାଲି ଚାଲି ଯିବାକୁ ପଡ଼ିବ। ସେଠାରେ ଲୋକଙ୍କ ସହ ମିଶି ଯୋଜନାର ସଫଳତା ପରଖିବାକୁ ହେବ। ଏନେଇ ଆଜି ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂ ସାନି ନିର୍ଦ୍ଦେଶନାମା ଜାରି କରିବା ସହ ୩୦ ଜଣ ବରିଷ୍ଠ ଆଇଏଏସ ଅଫିସରଙ୍କୁ ୩ ମାସ ପାଇଁ ଜିଲ୍ଲା ଦାୟିତ୍ୱ ଦେଇଛନ୍ତି। ଜିଲ୍ଲା ଗସ୍ତରୁ ଫେରି ନିଜର ଗସ୍ତ ସୂଚନା ଓ ପ୍ରମୁଖ ତଥ୍ୟଗୁଡ଼ିକୁ 'ପାରଦର୍ଶିତା' ପୋର୍ଟାଲରେ ଅପଲୋଡ୍ କରିବା ➢ପୃଷ୍ଠା-୬


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

MANAGEMENT PROGRAMMES
- BBA
- MBA
- Integrated MBA
- MBA (Hospital Administration)
- MBA (Artificial Intelligence and Data Science)

APPROVAL & RECOGNITIONS
- Approved by UGC and AICTE
- Re-accredited by NAAC with A++ Grade
- Granted with Category-1 Graded Autonomy by UGC
- NBA Accredited Programmes

NIRF INDIA RANKINGS 2025
- 15th Best in University Category
- 66th Best in Management Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in


# ଯୋଗାଣ ବିଭାଗ ଯୋଗୁଁ ଅଡୁଆରେ ସରକାର

- ଆସୁନାହାନ୍ତି ମିଲର, ଉଠୁନି ଧାନ
- ମୁଣ୍ଡ ଉପରେ ପଞ୍ଚାୟତ ନିର୍ବାଚନ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଚାଷୀମାନଙ୍କ ଅମଳ ଧାନ ଠିକଣା ସମୟରେ ଉଠାଣ ଉପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁତ୍ୱ ଦେବା ସହିତ ବାରମ୍ବାର ସମୀକ୍ଷା ବୈଠକ କରୁଥିବାବେଳେ ବହୁ ଜିଲ୍ଲାରେ କିନ୍ତୁ ଧାନ ଉଠାଣ ଅତ୍ୟନ୍ତ ମନ୍ଥର ଗତିରେ ଚାଲିଛି। ଯୋଗାଣ ବିଭାଗ କଥାକୁ ମିଲରମାନେ ଖାତିର ନ କରି ଧରାଛୁଆଁ ଦେଉନଥିବାରୁ ଏଭଳି ସ୍ଥିତି ଉପୁଜୁଛି। ଏହା ଏବେ ସରକାରଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି।

ରାଜ୍ୟ ସରକାର ଧାନ କ୍ୱିଣ୍ଟାଲ ଉପରେ ୮୦୦ ଟଙ୍କାର ସହାୟତା ରାଶି ଦେବା ଫଳରେ ଧାନ କ୍ୱିଣ୍ଟାଲ ଦର ୩୧୦୦ ଟଙ୍କା ହୋଇଛି। ଅଧିକ ଲାଭ ଆଶାରେ ଚାଷୀମାନେ ଚଳିତବର୍ଷ ରେକର୍ଡ ପରିମାଣର ଧାନ ଉତ୍ପାଦନ କରିବା ସହ ଭଲ ଦି' ପଇସା ପାଇବେ ବୋଲି ଭାବିଥିଲେ। ମୁଖ୍ୟମନ୍ତ୍ରୀ ମଧ ଚାଷୀଙ୍କ ଧାନ ଠିକଣା ସମୟରେ ଉଠାଣ ସହିତ ସୋମନଙ୍କୁ ଅର୍ଥ ପ୍ରଦାନ ପାଇଁ ଗୁରୁତ୍ୱ ଦେଉଛନ୍ତି। ଧାନ ଉଠାଣର ତଦାରଖ କାର୍ଯ୍ୟ ହେଉଛି ଯୋଗାଣ ବିଭାଗର। ମିଲରମାନଙ୍କ ସହିତ ସମନ୍ୱୟ ରକ୍ଷାକରି ବିଭାଗ ଧାନ ଉଠାଣ ତ୍ୱରାନ୍ୱିତ କରିବା କଥା।

ହେଲେ ଯୋଗାଣ ବିଭାଗ କଥାକୁ ମିଲରମାନେ ଖାତିର କରୁନାହାନ୍ତି। ପଶ୍ଚିମଓଡିଶାର ବହୁ ସ୍ଥାନରେ ମଣ୍ଡିରେ ଧାନ ପଡି ରହିଛି। କିଛି ଚାଷୀଙ୍କ ନିକଟକୁ ଏବେ ବି ଟୋକନ ଆସିନାହିଁ। ଉପକୂଳରେ ବି ସମାନ ଅବସ୍ଥା। ନିକଟରେ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଯାଇଥିବାବେଳେ ଚାଷୀମାନେ ତାଙ୍କୁ ଘେରି ତୁରନ୍ତ ଧାନ ଉଠାଣ ପାଇଁ ଦାବି କରୁଛନ୍ତି। ଅନେକ ସ୍ଥାନରେ ବହୁ ଆଡମ୍ବରରେ ଖୋଲିଥିବା ମଣ୍ଡିରେ ଏବେ କାଉ ଉଡୁଛନ୍ତି। ମିଲରମାନଙ୍କ ଦେଖାଦର୍ଶନ ନଥିବାରୁ ସମବାୟ ସମିତିଗୁଡ଼ିକ ବି ଧାନ ସଂଗ୍ରହ କରୁନାହାନ୍ତି। ଯେଉଁଠାରେ ଧାନ ସଂଗ୍ରହ ହେଉଛି ସେଠାରେ କଟ୍‌ନି ଛଟ୍‌ନିର ଅଭିଯୋଗ। ➢ପୃଷ୍ଠା-୬

# ଯୁବ ସମାଜସେବୀ ସଂଗ୍ରାମ ସାମଲ ସମ୍ବର୍ଦ୍ଧିତ




**ପଟ୍ଟାମୁଣ୍ଡାଇ,୩୧।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ବାଛରା ପଞ୍ଚାୟତ ମଣ୍ଡପଡା ଗ୍ରାମର ଯୁବ ସମାଜସେବୀ ସଂଗ୍ରାମ ସାମଲ ନିଜର ନିସ୍ୱାର୍ଥପର ଜନସେବା ପାଇଁ ଦିଲ୍ଲୀ ପ୍ରବାସୀ ଓଡ଼ିଆମାନଙ୍କ ମଧରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛନ୍ତି। ମହାମାରୀ କରୋନା ସମୟରେ ଦୁସ୍ଥ ତଥା ଅସହାୟ ଲୋକଙ୍କ ପାଖରେ ଦେବଦୂତ ଭଳି ପହଂଚି ସହାୟତା ପ୍ରଦାନ କରିବା ଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ନିରନ୍ତର ଭାବେ ସମାଜର ବିଭିନ୍ନ ବର୍ଗର ଲୋକମାନଙ୍କୁ ସହାୟତା କରିଆସୁଛନ୍ତି। ନିକଟରେ ୱାର୍ଲଡ ଓଡିଶା ସୋସାଇଟି ପକ୍ଷରୁ ନୂଆଦିଲ୍ଲୀରେ ଆୟୋଜିତ ଉତ୍କଳ ଉତ୍ସବ ସମାରୋହରେ ଅନନ୍ୟ ସମାଜ ସେବା ପାଇଁ ଯୁବସମାଜ ସେବୀ ସଂଗ୍ରାମଙ୍କୁ "ରତ୍ନଶ୍ରୀ ପୁରସ୍କାର"ରେ ସମ୍ମାନିତ କରାଯାଇଛି। ୱାର୍ଲଡ ଓଡିଶା ସୋସାଇଟି ଅଧ୍ୟକ୍ଷ ବରିଷ୍ଠ ସାମ୍ବାଦିକ କିଶୋର ଦ୍ୱିବେଦୀଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍କଳ ଉତ୍ସବ ସମାରୋହରେ ଓଡିଶାର ପୂର୍ବତନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୁରମା ପାଢ଼ୀ, ଯାଜପୁର ସାଂସଦ ଡ଼ ରବୀନ୍ଦ୍ର ନାରାୟଣ ବେହେରା, ବିଧାୟକ ପ୍ରଶାନ୍ତ ଜଗଦେବ ଓ ପୂର୍ବତନ ବିଧାୟକ ପ୍ରସାଦ ହରିଚନ୍ଦନ ପ୍ରମୁଖଙ୍କ ଯୋଗ ଦେଇ ଯୁବସମାଜସେବୀ ସଂଗ୍ରାମ ସାମଲ ଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ।

ଶାଳଜଙ୍ଗା ମଠ ବିବାଦ

# ଅନାଦେଶ ପର୍ଯ୍ୟନ୍ତ ମଠରେ ପାଦ ଥାପିବେନି ବାବା ଗଦାଧର

## କୋଡ଼ିଏ ହଜାର ଟଙ୍କା ସିକ୍ୟୁରିଟି ବଣ୍ଡରେ ଛାଡ଼ ପାଇଲେ



**ପାରାଦୀପ,୩୧।୧ (ସଂଚାର ବ୍ୟୁରୋ):** ଶାଳଜଙ୍ଗା ମଠରେ ପବିତ୍ର ମାଘ ମେଳା ଚାଲୁଥିବା ବେଳେ ମହିମା ଅଲେଖ ଶରରେ ପ୍ରକମ୍ପିତ ହେଉଛି ମଠର ପରିବେଶ। ଲାଗିଛି ଅଖଣ୍ଡ ଝାଡ଼ ବତୀ, ଚାଲିଛି ଭଜନ କୀର୍ତ୍ତନ। ମଠରେ ଶ୍ରଦ୍ଧାଳୁଙ୍କ ପ୍ରତିବର୍ଷ ଭଳି ଚଳିତ ବର୍ଷ ଖଚାଖଚ ଭିଡ଼। କିନ୍ତୁ ଅନ୍ୟପଟେ ସିଦ୍ଧ ପୁରୁଷ ବାବା କୁଳମଣି ଦାସଙ୍କ ଦେହତ୍ୟାଗ ପରେ ମଠାଧୀସ ହୋଇଥିବା ବାବା ଗଦାଧର ଦାସ ନାଉଗାଁ ଥାନାରେ ରାତି କଟାଇ ଛଟପଟ ହେଉଛନ୍ତି। ଗତ କିଛି ଦିନ ଧରି ମଠରେ ଲାଗି ରହିଥିବା ଆର୍ଥିକ ଅନିୟମିତତା ଓ ଜମିବାଡ଼ି ତୋଷରପାତ ଗ୍ରାମବାସୀ ଓ ଅନ୍ତେବାସୀଙ୍କ ଦୃଷ୍ଟିକୁ ଆସିଲା ପରେ ଏହାକୁ ନେଇ ଆରମ୍ଭ ହୋଇଥିଲା ମଠରେ ବିବାଦ। ବାବା ଗଦାଧର ଦାସ ଓ ରାମା ମାତା ପ୍ରଶାସନ ଏବଂ ଲୋକଙ୍କ ପ୍ରଶ୍ନର ଉତ୍ତର ନ ଦେଇ ପାରି ମଠରୁ ରାତି ଅଧିଆ ପଳାୟନ କରିଥିଲେ। ଏହାପରେ ଗ୍ରାମବାସୀ ଓ ଅନ୍ତେବାସୀ ପ୍ରଶାସନର ଦ୍ୱାରସ୍ଥ ହୋଇ ମଠରେ ବାବା ଗଦାଧର ଦାସଙ୍କୁ ନ ପୁରେଇ ଦେବାକୁ ଲିଖିତ ନିବେଦନ ମଧ କରିଥିଲେ। କିନ୍ତୁ ମଠର ମାଘ ବୁଡ଼ର କିଛି ଘଣ୍ଟା ପୂର୍ବରୁ ବାବା ଗଦାଧର ଦାସ ମଠକୁ ପ୍ରବେଶ କରିବା ପାଇଁ ଆସୁଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ଅଧା ରାସ୍ତାରୁ ବାବାଙ୍କୁ ଉଠେଇ ନେଇଥିଲା ନାଉଗାଁ ପୋଲିସ। ଗତକାଲି ସାରାରାତି ବାବା ନାଉଗାଁ ଥାନାରେ କାଟିଥିଲା ବେଳେ ଆଜି ଏକ ୧୦୭ ମାମଲାରେ ତାଙ୍କୁ ନାଉଗାଁ ତହସିଲଦାରଙ୍କ ନିକଟରେ ହାଜର କରାଯାଇଥିଲା। ବାବା ସେଠାର ଏକ ୨୦୦୦୦ ଟଙ୍କା ଚୁକ୍ତି ବଣ୍ଡରେ ଅନାଦେଶ ପର୍ଯ୍ୟନ୍ତ ଶାଳଜଙ୍ଗା ମଠ ପରିସରରେ ପାଦ ଥାପିବେ ନାହିଁ ଓ କୌଣସି ଗଣ୍ଡଗୋଳ କିମ୍ବା କୌଣସି ଆଇନଶୃଙ୍ଖଳା ପରିସ୍ଥିତି ଭିଆଇବେ ନାହିଁ ବୋଲି ଲିଖିତ ଭାବେ ଦେବା ପରେ ତହସିଲରୁ ମୁକ୍ତ ପାଇଛନ୍ତି। କିନ୍ତୁ ବର୍ତ୍ତମାନ ପର୍ଯ୍ୟନ୍ତ ନାଉଗାଁ ଥାନାରେ ବାବା ଥିବା ବେଳେ ତାଙ୍କ ସମ୍ପର୍କୀୟ ଆସିଲେ ତାଙ୍କୁ ତାଙ୍କ ସହିତ ଛଡ଼ା ଯିବ ବୋଲି ଥାନା ଅଧିକାରୀ ପ୍ରଦୀପ୍ତ କୁମାର କାନୁନଗୋ ପ୍ରକାଶ କରିଛନ୍ତି।

# ଗହୀରମଥାରୁ ଟ୍ରଲର ଜବତ, ୯ ମସ୍ତ୍ୟଜୀବୀ ଗିରଫ

**ରାଜନଗର,୩୧।୧ (ସଂଚାର ବ୍ୟୁରୋ):** ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ବରୁଣେଇ ନିକଟରେ ବେଆଇନ ଭାବେ ମାଛ ଧରୁଥିବା ବେଳେ ବନବିଭାଗର ପାଟ୍ରୋଲିଂ ଟିମ ମା ନିଉ ସୋନାତାରିଣୀ-୧ ନାମକ ଟ୍ରଲରକୁ ଜବତ କରିବା ସହ ଏଥିରେ ଥିବା ୯ ଜଣ ମସ୍ତ୍ୟଜିବୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି । ଏସିଏଫ ମାନସ କୁମାର ଦାସଙ୍କ ନିର୍ଦ୍ଦେଶରେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ଫରେଷ୍ଟର ମହନ୍ତ କୁମାର ମଲ୍ଲିକ ଓ ବନ ବିଭାଗର କର୍ମଚାରୀ ମାନେ ଟ୍ରଲରଟିକୁ ଜବତ କରିଥିଲେ । ଜବତ ଟ୍ରଲରରୁ ୧ଟି ଜିପିଏସ, ୨ଟି ଭିଏଚଏଫ,୧ଟି ଫିସଫାଇଣ୍ଡର, ୧୦ ଟି ଟ୍ରଲିଂ ନେଟ ଓ ୧୮ କୁଇଣ୍ଟାଲ ୭ କିଲୋଗ୍ରାମ ସାମୁଦ୍ରିକ ମାଛକୁ ଜବତ କରିଛନ୍ତି । ଗିରଫ ମସ୍ତ୍ୟଜିବୀମାନେ ହେଲେ ଅକ୍ଷୟ ଜେନା, ବିଜୟ ସିଂ, ରାମ ନାରାୟଣ ମଣ୍ଡଳ,ଏସ କେ ନାସିର,ଭୋଳାନାଥ ମଣ୍ଡଳ,ଖଗେନ ବାର, ଶଙ୍କର ମାଇତି, କୃଷ୍ଣ ମିସ୍ତ୍ରୀ, ଖୋକନ ପ୍ରଧାନ। ସମସ୍ତ ମସ୍ତ୍ୟଜୀବୀଙ୍କୁ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଥିବା ନେଇ ବନ ବିଭାଗ ସୂଚନା ଦେଇଛନ୍ତି । ଗିରଫ ମସ୍ତ୍ୟଜୀବୀମାନେ କେନ୍ଦ୍ରାପଡା ଓ ଭଦ୍ରକ ଜିଲ୍ଲାର ବୋଲି ଜଣାପଡ଼ିଛି ।

# ଜାତୀୟ ପତାକା ଅବମାନନା ଘଟଣାରେ ପ୍ରଧାନ ଶିକ୍ଷୟିତ୍ରୀ ନିଲମ୍ବିତ

**ରାଜନଗର,୩୧।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ ଯୁଣୁପାଙ୍ଗରାସ୍ଥିତ ନିଗମାନନ୍ଦ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୭୭ତମ ସାଧାରଣତନ୍ତ୍ର ଦିବସ ଜାନୁଆରୀ ୨୬ ଅବସରରେ ସ୍କୁଲରେ ପତାକା ଉତ୍ତୋଳନ ହୋଇଥିଲା। ସୂର୍ଯ୍ୟାସ୍ତ ପୂର୍ବରୁ ଜାତୀୟ ପତାକାକୁ ଖୋଲାଯିବାର ନିୟମ ରହିଛି। ମାତ୍ର ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କା ପତାକା ଉତ୍ତୋଳନ କରି ଘରକୁ ଚାଲିଯାଇଥିଲେ। ୨୬ ତାରିଖ ସନ୍ଧ୍ୟା ପୂର୍ବରୁ ଜାତୀୟ ପତାକାକୁ ଅବତରଣ କରାଯାଇନଥିଲା। ୨୭ ତାରିଖ ଦିନ ୧୦ ଟା ବେଳେ ଜାତୀୟ ପତାକାକୁ ଅବତରଣ କରାଯାଇଥିଲା। ଜାତୀୟ ପତାକାକୁ ଅବମାନନା ଘଟଣାରେ ଗ୍ରାମବାସୀ ମାନେ ବ୍ଲକ ଶିକ୍ଷାଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ମନରଞ୍ଜନ ସେଠି ଅଭିଯୋଗ ପାଇବା ପରେ ସିଆରସିସି ସମରେନ୍ଦ୍ର ସାହୁ ଓ ଏବିଇଓ ଭକ୍ତିଲତା ବାରିକଙ୍କୁ ତଦନ୍ତ କରି ରିପୋର୍ଟ ଦେବାପାଇଁ ବିଦ୍ୟାଳୟକୁ ପଠାଇଥିଲେ। ସେଠାରେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଲେଙ୍କା ଏହାକୁ ଭୁଲ ହୋଇଥିବା ସ୍ୱୀକାର କରିଥିଲେ। ରାଜନଗର ବିଇଓ ମନୋରଞ୍ଜନ ସେଠି ଏ ଘଟଣାକୁ ନେଇ ଜିଲ୍ଲା ଶିକ୍ଷାଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଏବିଇଓ ଶ୍ରୀମତୀ ବାରିକ ତଦନ୍ତ ରିପୋର୍ଟ ପ୍ରଦାନ କରିବା ପରେ ବ୍ଲକ ଶିକ୍ଷାଧିକାରୀଙ୍କ ଚିଠି ନମ୍ବର ୨୧୭, ତା ୩୧/୦୧/୨୦୨୬ ରିଖରେ ପ୍ରଧାନ ଶିକ୍ଷୟିତ୍ରୀ ଡଲି ଲେଙ୍କାଙ୍କୁ ନିଲମ୍ବିତ କରିଛନ୍ତି।

# ପ୍ଲାଷ୍ଟିକ ମୁକ୍ତ ପାଇଁ ବନ ବିଭାଗର ସଚେତନତା




**ଆଳି,୩୧।୧(ସଂଚାର ବ୍ୟୁରୋ):** ଆଳିରେ ରାଜନଗର ବନ ବିଭାଗ ତରଫରୁ ଦେମାଳ ପଞ୍ଚାୟତର ବ୍ରଜସୁନ୍ଦର ଦେବ ବିଦ୍ୟାଳୟ ପରିସରରୁ ଏକ ପ୍ଲାଷ୍ଟିକ ମୁକ୍ତ ସମାଜ ଗଢ଼ିବା ଅବସରରେ ସଚେତନତା ଶୋଭାଯାତ୍ରା ଆରମ୍ଭ ହୋଇ ଆଳିର ଆରାଧ ଦେବତା ଲକ୍ଷ୍ମୀବାରହ ମନ୍ଦିର ନିକଟରେ ପହଞ୍ଚିଥିଲା। ବନ ଭୋଜି ସମୟରେ ପ୍ଲାଷ୍ଟିକ ବ୍ୟବହାର ନ କରିବା ଏପରିକି ପ୍ଲାଷ୍ଟିକ ବର୍ଜନ ନିମନ୍ତେ ଏହି ସଚେତନତାର ବାର୍ତା ପହଞ୍ଚାଇବାର ପ୍ରୟାସରେ ବନ ବିଭାଗର ରେଞ୍ଜର ଚିତ୍ତରଞ୍ଜନ ବେଉରା, ଫରେଷ୍ଟର ବିଜୟ ପାତ୍ର, ବନରକ୍ଷୀ ତ୍ରିଦିପି ପ୍ରଧାନ,ସବିତା ବେହେରା,ଲକ୍ଷ୍ମୀପ୍ରିୟା ଖଟୁଆ, ସଂଗୀତା ସ୍ୱାଇଁ, ମୁନୁ ସାହୁ, ସମସ୍ତ ଅଧିକାରୀ କର୍ମଚାରୀ ସହ ଆଳି ସରସ୍ୱତୀ ଶିଶୁମନ୍ଦିରର ଗୁରୁଜୀ ଗୁରୁମା ବ୍ରଜସୁନ୍ଦର ଦେବ ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟତ୍ରୀ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ବରାହ ଦ୍ୱାଦଶୀ ପର୍ବ ରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମରେ ପରିବେଶରେ ପଡ଼ିଥିବା ବର୍ଯ୍ୟବସ୍ତୁ ଆଦିକୁ ସମସ୍ତ ବନ ବିଭାଗର ଅଧିକାରୀ କର୍ମଚାରୀ ସଫେଇ କରିଥିଲେ।

# ଶୌଚାଳୟ ଆଗରେ ବାଡ଼ ପକାଇ ନିର୍ଯାତନା



**କେନ୍ଦ୍ରାପଡ଼ା,୩୧।୧(ସଂଚାର ବ୍ୟୁରୋ):** ସାହି ପଡିଶାଙ୍କ କଳହର ଉଗ୍ରରୂପ ଦୀର୍ଘ ୧୩ଦିନ ହେବ ୨ଟି ଶୌଚାଳୟ ଆଗରେ ବାଡ଼ ପକାଇ ଏକ ଅସହାୟ ପରିବାରଙ୍କ ଉପରେ ମାନସିକ ନିର୍ଯାତନା ସହ ଆକ୍ରମଣ ଘଟଣାକୁ ନେଇ ଅସନ୍ତୋଷ ଉଗ୍ରରୂପ ନେଉଛି।

## ହତାଶ ଅସହାୟ ପରିବାର

ସୂଚନା ଅନୁଯାଇ ମାର୍ଶାଘାଇ ଥାନା ହଳଦିଆ ଗ୍ରାମର ପ୍ରଦୀପ୍ତ ପ୍ରଧାନ ଜଣେ ଦିନ ମଜୁରିଆ ଅଟନ୍ତି ସରକାରଙ୍କ ଜନମଙ୍ଗଳକାରୀ ଯୋଜନା ସ୍ୱଚ୍ଛ ଭାରତ ଅଭିଯାନରେ ନିଜ ବାଡିରେ ପାଇଖାନା ନିର୍ମାଣ କରିଥିଲେ । ତେବେ ଉକ୍ତ ପାଇଖାନା ଓ ଗାଧୁଆ ଗୃହକୁ ସେହି ଗ୍ରାମର ପ୍ରଭାବ ଶାଳୀ ବ୍ୟକ୍ତି ସଞ୍ଜୟ ପ୍ରଧାନ ଓ ତାଙ୍କ ଭାଇ ମନୋଜ ପ୍ରଧାନଙ୍କ ପରିବାରଙ୍କ ସହ ପାରିବାରିକ କଳହ ପାଇଁ ଜୋର ଜବରଦସ୍ତ ପାଇଖାନା ଓ ଗାଧୁଆ ଗୃହ ଆଗରେ ବାଡ଼ ପକାଇ ନଜର ବନ୍ଦୀ କରିବା ପରେ ସଞ୍ଜୟ ଓ ତାଙ୍କ ଭାଇ ମନୋଜଙ୍କୁ ପ୍ରଦୀପ୍ତ ବାଡ଼ ଖୋଲିବା ପାଇଁ ଅନୁରୋଧ କରିଥିଲେ। ବାଡ଼ ନ ଖୋଲିବାରୁ ପ୍ରଦୀପ୍ତ ଓ ସଞ୍ଜୟଙ୍କ ପରିବାରଙ୍କ ମଧରେ ବଚସା ହୋଇଥିଲା ଶେଷରେ ନିରାଶ ହୋଇ ପ୍ରଦୀପ୍ତଙ୍କ ପରିବାର ଗତ ୧୮ ତାରିଖରେ ମାର୍ଶାଘାଇ ଥାନାରେ ଏତଲା ଦେଇଥିଲେ ।

ତେବେ ପୋଲିସ ଉଭୟଙ୍କୁ ଡାକି ତଦନ୍ତ କରିବା ସହ ପାଇଖାନା ଆଗରୁ ବାଡ଼ ହଟାଇବା ପାଇଁ ଥାନା ଅଧିକାରୀ ତପନ ନାୟକ ପରାମର୍ଶ ଦେଇଥିଲେ। କିନ୍ତୁ ବିଡ଼ମ୍ବନାର ବିଷୟ ୧୪ ଦିନ ବିତିଗଲା ଏପର୍ଯ୍ୟନ୍ତ ସଞ୍ଜୟଙ୍କ ପରିବାର ବାଡ଼ ହଟାଇଲେ ନାହିଁ । ତେବେ ଶୌଚ ହୋଇ ପାରୁନଥିବା ପ୍ରଦୀପ୍ତଙ୍କ ପରିବାରର ୫ଜଣ ମହିଳା ୨ଜଣ ବୃଦ୍ଧାଙ୍କ ସମେତ ଶିଶୁ ପୁତ୍ର ୧୯ବର୍ଷର କନ୍ୟା ଗାଧୁଆ ଝାଡା ପରିସ୍ରା ଯିବାପାଇଁ ନାନାଦି ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଯାହାପାଇଁ ମାନବ ଅଧିକାର କ୍ଷୀର୍ଣ୍ଣ ହେଉଛି । ଏହାକୁ ନେଇ ନ୍ୟାୟ ଦାବିରେ ମାନବ ଅଧିକାର କମିଶନଙ୍କ ନିକଟରେ ଅଭିଯୋଗ କରିଛନ୍ତି ଏହି ଅସହାୟ ପରିବାର ।

ଏହି ଘଟଣାରେ କେନ୍ଦ୍ରାପଡ଼ା ଏସପି ସିଦ୍ଧାର୍ଥ କଟାରିଆ କହିଛନ୍ତି ଏହା ଅତ୍ୟନ୍ତ ଅଶୋଭନିୟ କଥା । ତଦନ୍ତ କରାଯାଇ ନ୍ୟାୟ ଦିଆଯିବ ବୋଲି କହିଥିବା ବେଳେ ଅସହାୟ ସୁରକ୍ଷା ମଞ୍ଚର ସଭାନେତ୍ରୀ ଆଇନଜୀବୀ ସରୋଜିନୀ ମଲ୍ଲିକ, ସମାଜସେବୀ ମଧୁସ୍ମିତା ପ୍ରଧାନ କହିଛନ୍ତି ସୌଚ ପାଇଁ ମହିଳା ମାନଙ୍କୁ ଦିଆ ଯାଉଥିବା ନିର୍ଯାତନାକୁ ନେଇ ଆଇନମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବ ।

# ‘ବନ୍ଦେ ମାତରମ୍’ର ବାର୍ଷିକ ଉତ୍ସବ



**କେନ୍ଦ୍ରାପଡ଼ା,୩୧।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ପୌରସଂସ୍ଥା ତରଫରୁ ବନ୍ଦେ ମାତରମ୍‌ର ୧୫୦ ତମ ବାର୍ଷିକ ପୂର୍ତି ଉପଲକ୍ଷେ କୃତି ଛାତ୍ରଛାତ୍ରୀମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଜିଲ୍ଲା ସଂସ୍କୃତି ଭବନରେ ଅନୁଷ୍ଠିତ ହୋଇଯାଇଛି। ପୌର ଅଧକ୍ଷା ସରିତା ସାହୁ କାର୍ଯ୍ୟକ୍ରମ ରେ ସଭାପତିତ୍ୱ କରିଥିବା ବେଳେ ଏସଡିପିଓ ଜ୍ୟୋତି ରଂଜନ ଗୌଡ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପୌର ଉପାଧକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଅଜିତ ନାରାୟଣ ପ୍ରସାଦ ଗିରି ଓ ପୌର ସଦସ୍ୟ ଉମେଶ ଚନ୍ଦ୍ର ନାୟକ ଉପସ୍ଥିତ ରହି ଏହି ବନ୍ଦେ ମାତରମ୍ ର ଐତିହାସିକ ତଥ୍ୟ, ସ୍ୱାଧୀନତା ସଂଗ୍ରାମରେ ସଂଗ୍ରାମୀ ମାନଙ୍କର ପ୍ରେରଣାର ଉତ୍ସ ଭାବେ ସାହାସ ଓ ମନୋବଳ ବଢାଇଥିଲା ବୋଲି ଅଭିଭାଷଣ ପ୍ରଦାନ କରିଥିଲେ । ଏହି ଉପଲକ୍ଷେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା । ସଭାପତିଙ୍କ ଅନୁମତି କ୍ରମେ ସଭାକାର୍ଯ୍ୟ ଓ ମଂଚ ପରିଚାଳନା ବରିଷ୍ଠ କର୍ମଚାରୀ ଅଶୋକ କୁମାର ସାହୁ କରିଥିଲେ ।

# କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କରେ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦ୍ରାପଡ଼ା,୩୧।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋପରେଟିଭ ବ୍ୟାଙ୍କ ପକ୍ଷରୁ ଅବସର ଗ୍ରହଣ କରିଥିବା ସହକାରୀ ମ୍ୟାନେଜର ବ୍ରଜ କିଶୋର ମହାନ୍ତିଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ଏହି ଉପଲକ୍ଷେ ବ୍ୟାଙ୍କର ବ୍ୟାଙ୍କର ମୁଖ୍ୟ କାର୍ଯ୍ୟାଳୟରେ ସି.ଇ.ଓ ଭାଗ୍ୟଲକ୍ଷ୍ମୀ ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜେନେରାଲ ମ୍ୟାନେଜର ରାଜୀବ ଲୋଚନ ପଣ୍ଡା, ସୁରେଶ ଚନ୍ଦ୍ର ପରିଡା, ମ୍ୟାନେଜର ରିକଭରୀ ହିମାଂଶୁ ଶେଖର ଲେଙ୍କା, ମ୍ୟାନେଜର ଅଡିଟ୍ ଲଲାଟେନ୍ଦୁ କେଶରୀ ଦାସ, ସହକାରୀ ମ୍ୟାନେଜର ଭଞ୍ଜ କିଶୋର ଜେନା, ସୁକାନ୍ତ କୁମାର କର, ସଂଗୀତା ନାୟକ, ସସ୍ମିତା ବିଶ୍ୱାଳ, ମ୍ୟାନେଜର ଆଇ.ଟି. ଆଦିତ୍ୟ ଶତପଥି, ବ୍ୟାଙ୍କିଙ୍ଗ ଆସିଷ୍ଟା ସନ୍ତୋଷ କୁମାର ରାଉତ, ରେକଡ୍ କିପର ଉମ ଚରଣ ନାୟକ, ପ୍ରମିଳା ସେଠୀ, ବ୍ୟାଙ୍କ ଡ୍ରାଇଭର ତ୍ରିଲୋଚନ ମଲ୍ଲିକ ପ୍ରମୁଖ ସହକାରୀ ମ୍ୟାନେଜର ଶ୍ରୀ ମହାନ୍ତିଙ୍କୁ ଶ୍ରୀବଳଦେବଜୀଉଙ୍କ ଫଟୋଚିତ୍ର, ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଟ୍ରଲିବ୍ୟାଗ୍ ପ୍ରଦାନ ପୂର୍ବକ ବିଦାୟୀକାଳୀନ ସମ୍ବର୍ଦ୍ଧନା ଜଣାଇଥିଲେ ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟ ଦ୍ୱାରା ଆର୍ଥିକ ସାକ୍ଷରତା ପ୍ରଶିକ୍ଷଣ ଶିବିର



**କେନ୍ଦ୍ରାପଡ଼ା,୩୧।୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ବାଣିଜ୍ୟ ଓ ପରିଚାଳନା ବିଭାଗ ପକ୍ଷରୁ ବଡମୋହନପୁର ପାୟତ ଅନ୍ତର୍ଗତ ମଙ୍ଗଳପଡା ଗ୍ରାମର ମନ୍ଦିର ପ୍ରାଙ୍ଗଣରେ ସୁଭଦ୍ରା ଯୋଜନା ହିତାଧିକାରୀଙ୍କ ଆର୍ଥିକ ସାକ୍ଷରତା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି । ଅଧାପକ ବିକାଶ କୁମାର ନାୟକଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଶିବିରରେ ସୁଭଦ୍ରା ଯୋଜନା ଲାଭାନ୍ୱିତ ମହିଳାମାନଙ୍କୁ ଅର୍ଥର ଆୟବ୍ୟୟ ଓ ସୟ ସମ୍ବନ୍ଧୀୟ ସୂଚନା ଦେବା ସହ ଇରନେଟ୍ ମାଧମରେ ହେଉଥିବା ଠକେଇ ପ୍ରତି ସାବଧାନ କରାଯାଇଥିଲା । ଏଥିରେ ବିଭାଗୀୟ ମୁଖ୍ୟ ୱାଇ. ପଦ୍ମାବତୀ ଓ ଅଧାପକ ସୁରେଶ ଚନ୍ଦ୍ର ଦାଶ, ବାବୁଲା ବେହେରା, ଗିରୀଶ କୁମାର ସାହୁ, ରଜନୀକାନ୍ତ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ । ଏଥିରେ ୭୦ରୁ ଉର୍ଦ୍ଧ୍ୱ ଲାଭାର୍ଥୀ ମହିଳା ଯୋଗ ଦେଇଥିଲେ। ପରିଶେଷରେ ମହିଳାମାନଙ୍କୁ ସଚେତନତା ପୂର୍ବକ ଗ୍ରାମ ପରିକ୍ରମା କରାଯାଇ ଏସମ୍ବନ୍ଧୀୟ ଏକ ପଥପ୍ରାନ୍ତ ନାଟକ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମ ପରିଚାଳନାରେ ମନୋଜ ଲେଙ୍କା, ପ୍ରତିଭା ରାୟ, ରଶ୍ମୀଅଞ୍ଜନା ସାହୁ, ଶୁଭଙ୍କର ସିଂ, ଅବିନାଶ ନାଥ, ସୌମ୍ୟରଞ୍ଜନ ପରିଡା, ଭବାନୀଶଙ୍କର ପ୍ରଧାନ ପ୍ରମୁଖ ଛାତ୍ରଛାତ୍ରୀ ମାନେ ସହଯୋଗ କରିଥିଲେ । ଗ୍ରାମର ମୁରବୀମାନେ ଏପରି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ ।

# ମା’ ବନ୍ଧ ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ପାଳିତ



**କେନ୍ଦ୍ରାପଡ଼ା,୩୧।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ରାମନଗର ପାଟଣା ଗାଁର ଅଧିଷ୍ଠିତା ଦେବୀ ମା ବନ୍ଧ ମଙ୍ଗଳା ଦେବୀଙ୍କ ୫ମ ବାର୍ଷିକ ଉତ୍ସବ, ଶ୍ରଦ୍ଧା ଓ ଉତ୍ସାହର ସହିତ ପାଳିତ ହୋଇଯାଇଛି। ମା ବନ୍ଧ ମଙ୍ଗଳା ରାମନଗର ପାଟଣା ଅଧିଷ୍ଠିତା ଦେବୀ ଭାବେ ପରିଚିତ ଓ ଏହି ଅବସରରେ ଦୂରଦୂରାନ୍ତରୁ ହଜାର ହଜାର ଭକ୍ତ ମା’ଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ମନ୍ଦିର ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପାଞ୍ଚ ବର୍ଷ ଧରି ଏହି ଯଜ୍ଞ ଓ ବାର୍ଷିକ ଉତ୍ସବ ମହା ଆଡ଼ମ୍ବରରେ ଆୟୋଜିତ ହୋଇଆସୁଛି। ପ୍ରତିବର୍ଷ ପରି ଏହି ବର୍ଷ ମଧ ସକାଳ ୯ ଘଣ୍ଟିକା ସମୟରେ କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି କଳସ ଯାତ୍ରାରେ ୧୦୮ ଘଟ ଆସି ଘଟକୁ ପୂଜାର୍ଚ୍ଚନା ହୋଇ ଯଜ୍ଞ ମଣ୍ଡପରେ ସ୍ଥାପିତ କରାଯାଇଛି । ବହୁ ଧୁମଧାମରେ ଏହି କଳସ ଯାତ୍ରା ଆୟୋଜିତ ହୋଇଥିବାବେଳେ ବିଭିନ୍ନ ଗ୍ରାମର ଶ୍ରଦ୍ଧାଳୁ ଓ ମହିଳାମାନେ କଳସ ଯାତ୍ରାରେ ସାମିଲ ହୋଇଥିଲେ ।

# ତୁଳସୀ ମହିଳା ମହାବିଦ୍ୟାଳୟର ଅଧକ୍ଷଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




**କେନ୍ଦ୍ରାପଡା,୩୧।୧(ସଂଚାର ବ୍ୟୁରୋ):** ତୁଳସୀ ମହିଳା ମହା ବିଦ୍ୟାଳୟ ର ଅଧକ୍ଷ ଡ଼ଃ ମଥୁରୀ ଚରଣ ନାୟକ ଆଜି ଅବସର ଗ୍ରହଣ କରିଛନ୍ତି । ଏହି ଉପଲକ୍ଷେ କଲେଜର ଅଧାପକ, ଅଧାପିକା ମାନଙ୍କ ପକ୍ଷରୁ ଏକ ବିଦାୟ କାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ଇଂରାଜୀ ବିଭାଗର ବରିଷ୍ଠ ଅଧାପକ ତଥା ଭାରପ୍ରାପ୍ତ ଅଧକ୍ଷ ପ୍ରଫେସର ତପନ କୁମାର ଦାଶ ଅଧକ୍ଷତା କରିଥିବା ବେଳେ ବିଦାୟୀ ଅଧକ୍ଷ ଡ଼ଃ ନାୟକ ଓ ଗ୍ରନ୍ଥାଗାରିକ ରଶ୍ମିତା ପଟ୍ଟନାୟକଙ୍କୁ ବିଦାୟ ସମ୍ବର୍ଦ୍ଧନା ସହିତ ପୁଷ୍ପଗୁଚ୍ଛ, ଉତରୀୟ ପ୍ରଦାନ କରା ଯାଇଥିଲା । ଡ଼ଃ ନାୟକ କରିଲୋପାଟଣା ମହା ବିଦ୍ୟାଳୟ ରୁ ଅଧାପନା କାର୍ଯ୍ୟ ଆରମ୍ଭ କରି ଦୀର୍ଘ ବର୍ଷ ଧରି ନିଜର କାର୍ଯ୍ୟ ଦକ୍ଷତା ପାଇଁ ପ୍ରଶଂସା ଭାଜନ ହୋଇଥିଲେ । ୨୦୧୬ ରେ ତୁଳସୀ ମହିଳା ମହା ବିଦ୍ୟାଳୟ ରେ ଯୋଗ ଦେବା ପରେ ଏଠାରେ ବହୁ ଉନ୍ନୟନ ମୂଳକ କାର୍ଯ୍ୟ, ଶୈକ୍ଷିକ ଭୀତିଭୂମି ସୁଦୃଢ କରିବା ଓ ନୂତନ ଛାତ୍ରୀ ନିବାସ ନିର୍ମାଣ ଓ ଶ୍ରେଣୀଗୃହ ନିର୍ମାଣ ଆଦି ବହୁ ଉନ୍ୟନ ମୂଳକ କର୍ଯ୍ୟକରି ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛନ୍ତି । ଆଜିର ଏହି ବିଦାୟୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମାର୍ଶାଘାଇ ମହା ବିଦ୍ୟାଳୟ ର ଅଧକ୍ଷ ଡ଼ଃ ଶଶିକାନ୍ତ ନାୟକ, ପୂର୍ବତନ ଅଧକ୍ଷ ଅଜୟ ସାମଲ, ରଂଜିତ ରଂଜନ ସାହୁ, ସବିତା ଦାସ, ଡ଼ଃ ପଦ୍ମଜାକବି ଶତପଥୀ, ଡ଼ଃ ମମତା ସାହୁ ପ୍ରମୁଖ ମହା ବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଓ ସମସ୍ତ କର୍ମଚାରୀ ମାନେ ଉପସ୍ଥିତ ଥିଲେ ।

# ନବଗ୍ରହ ମନ୍ଦିରର ପ୍ରତିଷ୍ଠା ଦିବସ ପାଳନ



**ରାଜକନିକା,୩୧।୧ (ସଂଚାର ବ୍ୟୁରୋ):** ରାଜକନିକା ବ୍ଲକ ଅନ୍ତର୍ଗତ ବାଣିଜ୍ୟିକ ପେଣ୍ଠସ୍ଥଳୀ ଓଳାଭର ବଜାରର ନବଗ୍ରହ ମନ୍ଦିର ପ୍ରତିଷ୍ଠା ଉତ୍ସବ ଧୁମ୍ ଧାମରେ ତିନିଦିନ ଧରି ପାଳିତ ହୋଇଛି। ଏହି ଅବସରରେ ଗତ ଗୁରୁବାର ଦିନ ଆରମ୍ଭ ହୋଇଥିବା ଏହି ଭବ୍ୟ କାର୍ଯ୍ୟକ୍ରମରେ ପ୍ରଥମେ କଳସ ଶୋଭାଯାତ୍ରା ହୋଇ ଘଟ ସ୍ଥାପନ ହେବା ସହିତ ସୂର୍ଯ୍ୟପୂଜା, ଗୋପୂଜା, ଅଙ୍କୁରାରୋପଣ, ନାମ ସଙ୍କୀର୍ତ୍ତନ, ଆଦି କାର୍ଯ୍ୟକ୍ରମ ସମସ୍ତ ନିତିକାନ୍ତି ଅନୁସାରେ ହୋଇଥିଲା। ଏଥିରେ ମନ୍ଦିରର ପୂଜକ ପଣ୍ଡିତ ଦିଲିପ୍ ଶତପଥିଙ୍କ ସଂଯୋଜନାରେ ପଣ୍ଡିତ ଗୋପାଳ ଶତପଥି,ଅମୂଲ୍ୟ ପାଣି ପରିଚାଳନାରେ ସହଯୋଗ କରୁଥିବା ବେଳେ କର୍ତ୍ତାକର୍ତ୍ତୀ ଭାବେ ଅମର ପାଲ୍ ,ପଦ୍ମାବତୀ ପାଲ ଓ ସୁନାକର ସାହୁ, ବିନୋଦିନୀ ସାହୁ ଉପସ୍ଥିତ ରହି ସଙ୍କଳ୍ପରେ ଭାଗ ନେଇଥିଲେ। ଆଜି ସନ୍ଧ୍ୟାରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବଟିକୁ ଓଳାଭର ବଣିକ ସଂଘର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରୁଥିଲେ। ବଜାର ସହିତ ବଳରାମପୁର, ଓଳାଭର, ଦେଉଳସାହି, ଛଦେଶ, ଦେଓଗାଁ, ଡଙ୍କାରୀ, ସାତଘରିଆ ପ୍ରମୁଖ ଗ୍ରାମର ଶହ ଶହ ଶ୍ରଦ୍ଧାଳୁ ଯୋଗଦାନ କରିଥିଲେ।

# ନବନିଯୁକ୍ତ ସରକାରୀ ଓକିଲମାନଙ୍କୁ ପ୍ରଶିକ୍ଷଣ



**କେନ୍ଦ୍ରାପଡା,୩୧।୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ କୋର୍ଟ ମାନଙ୍କରେ ରାଜ୍ୟ ସରକାରଙ୍କ ଦ୍ୱାରା ନିଯୁକ୍ତ ହୋଇଥିବା ନୂତନ ସରକାରୀ ଓକିଲ ମାନଙ୍କୁ ତୃଟି ବିହିନ ମାମଲା ଓ ଦଣ୍ଡ ବୃଦ୍ଧିହାର ପରିଚାଳନା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଛି ।

କେନ୍ଦ୍ରାପଡା ଅଭିଯୋଜନା ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ବିରେନ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଏହି ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସହାୟକ ନିର୍ଦ୍ଦେଶକ ବିକାଶ କୁମାର ସେଠୀ, ଅଭିଯୋଜନା ଅଧିକାରୀ (ପିପି) ସୌଭାଗ୍ୟବତୀ ପଟ୍ଟନାୟକ, ବରିଷ୍ଠ ଆଇନଜିବୀ ଶାନ୍ତି ସ୍ୱରୂପ ଭୂୟାଁ, ନେହେରୁ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାର ବିଭିନ୍ନ କୋର୍ଟରୁ ଆସିଥିବା ସରକାରୀ ଓକିଲ ମାନଙ୍କୁ ତାଲିମ ପ୍ରଦାନରେ ସହାୟତା କରିଥିଲେ । ସରକାରଙ୍କ ଆଭିମୁଖ୍ୟ ଅନୁଯାଇ ତୃଟିଶୂନ୍ୟ ମାମଲା ପରିଚାଳନା ଓ ଅପରାଧିକ ମାମଲା ମାନଙ୍କରେ ଦଣ୍ଡବୃଦ୍ଧି ହାର ବଢାଇବା ପାଇଁ ସରକାରୀ ଓକିଲମାନେ ଅଧିକରୁ ଅଧିକ ଦକ୍ଷତାର ସହ ମାମଲା ପରିଚାଳନା କରିବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା ।

# ମହାପୁରୁଷଙ୍କ ଜନ୍ମପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ

**ନିଶ୍ଚିନ୍ତକୋଇଲି,୩୧।୧(ସଂଚାର ବ୍ୟୁରୋ):** ଭବିଷ୍ୟତ ମାଳିକା ରଚୟିତା ମହାପୁରୁଷ ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦଙ୍କ ଜନ୍ମପୀଠରେ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞ ମହାସମାରୋହରେ ଏକ ଆଧାତ୍ମିକ ପରିବେଶରେ ସମ୍ପର୍ଣ୍ଣ ହୋଇଛି। ମହାପୁରୁଷଙ୍କ ସାଧନା ପୀଠ ପଦ୍ମବନ ନେମାଳ ପାଖ କଟକ ଜିଲ୍ଲା ତିଳକଣା ପଞ୍ଚାୟତ ଭଗବାନପୁର ଗ୍ରାମ ଠାରେ ମହାପୁରୁଷଙ୍କ ଜନ୍ମପୀଠରେ ଇଂରାଜୀ ତା.୩୦.୦୧.୨୦୨୬ରିଖ ଶୁକ୍ରବାର ଅନୁଷ୍ଠିତ ଅଷ୍ଟପ୍ରହର ବ୍ୟାପୀ ନାମଯଜ୍ଞରେ ଆଖପାଖ ଅଞ୍ଚଳରୁ ବହୁ ପୁରୁଷ ଓ ମହିଳା ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇ ହରିନାମ ପରିବେଷଣ କରିଥିଲେ। ଶନିବାର ନଗର ଭ୍ରମଣରେ ଅଷ୍ଟପ୍ରହରୀର କର୍ତ୍ତା ଯଶୋବନ୍ତ ସାହୁ ପବିତ୍ର ଦଧିହାଣ୍ଡି ଜଳ ସିଞ୍ଚନ କରିଥିଲେ। ନାମଯଜ୍ଞରେ ହଜାର ହଜାର ସଂଖ୍ୟାରେ ମହିଳା, ପୁରୁଷ ଓ ଯୁବ ଗୋଷ୍ଠୀ ଯୋଗ ଦେଇ ହରିନାମ ଶ୍ରବଣ କରିବା ସହ ଆନନ୍ଦ ବଜାରରେ ପ୍ରସାଦ ସେବନ କରିଥିଲେ। ଅନୁଷ୍ଠିତ ଉକ୍ତ ଆଧାମିôକ କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ଅନିମାକର ଶରତ କର ଫାଉଣ୍ଡେସନ ଅଧକ୍ଷ ଶୋଭନ କର, କଟକ ଜିଲ୍ଲା କଂଗ୍ରେସ କମିଟି ସଭାପତି ପ୍ରଦିପ୍ତ କୁମାର ଦାସ, ମାହାଙ୍ଗା ବରିଷ୍ଠ କଂଗ୍ରେସ ନେତା ଦେବେନ୍ଦ୍ର କୁମାର ସାହୁ, ନିଶ୍ଚିନ୍ତକୋଇଲି ବ୍ଲକ କଂଗ୍ରେସ କମିଟି ପୂର୍ବତନ ସଭାପତି ରମାକାନ୍ତ ବେହେରା, ସମାଜସେବୀ ନୃସିଂହଚରଣ ମୁଦୁଲିଙ୍କ ସମେତ ବହୁ ରାଜନେତା ଓ ବିଶିଷ୍ଟ ବ୍ୟକ୍ତିମାନେ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ।

ମେଗା ପାନୀୟଜଳ ପ୍ରକଳ୍ପ ନେଇ ପଟ୍ଟାମୁଣ୍ଡାଇ ପଞ୍ଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ

# ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକୁ ନେଇ ଗର୍ଜିଲେ ପଞ୍ଚାୟତ ପ୍ରତିନିଧି




**ପଟ୍ଟାମୁଣ୍ଡାଇ,୩୧।୧(ସଂଚାର ବ୍ୟୁରୋ):** ଆଗାମୀ ଗ୍ରୀଷ୍ମ ଋତୁରେ ପାନୀୟ ଜଳର ଜରୁରୀ ଆବଶ୍ୟକତାକୁ ଗୁରୁତ୍ୱ ଦେଇ ମେଗା ପାନୀୟଜଳ ପ୍ରକଳ୍ପ କାର୍ଯ୍ୟର ସ୍ଥିତି ଅଗ୍ରଗତି ସମ୍ପର୍କରେ ସ୍ୱତନ୍ତ୍ର ସମୀକ୍ଷା ପାଇଁ ଆଜି ପଟ୍ଟାମୁଣ୍ଡାଇ ପଂଚାୟତ ସମିତିର ସ୍ୱତନ୍ତ୍ର ଅଧିବେଶନ ଆହ୍ୱାନ କରାଯାଇଥିଲା। ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ଅଧକ୍ଷ ପ୍ରଦ୍ୟୁମ୍ନ ସାମନ୍ତରାୟଙ୍କ ପୌରହିତ୍ୟରେ ଆୟୋଜିତ ସ୍ୱତନ୍ତ୍ର ବୈଠକରେ କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା ଓ ରାଜନଗର ବିଧାୟକ ଧ୍ରୁବ ସାହୁ ଯୋଗ ଦେଇ ପଟ୍ଟାମୁଣ୍ଡାଇ ପଂଚାୟତ ସମିତି ଅଧୀନରେ ଥିବା ୩୧ ଗୋଟି ପଂଚାୟତରେ ପ୍ରାୟ ୧୬୫ କୋଟି ଟଙ୍କା ବ୍ୟୟ ଅଟ୍ଟକଳରେ ଚାଲୁ ରହିଥିବା ମେଗା ପ୍ରକଳ୍ପ କାର୍ଯ୍ୟର ସବିଶେଷ ସ୍ଥିତି ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରିଥିଲେ ।

ତେବେ ଉଭୟ ବିଧାୟକ ଓ ପଂଚାୟତ ପ୍ରତିନିଧିମାନେ ପ୍ରକଳ୍ପ କାର୍ଯ୍ୟରେ ପାଇପ ବିଛାଇବା ପାଇଁ ପଂଚାୟତର ବିଭିନ୍ନ ରାସ୍ତା ଖୋଳାଯାଉଥିବା ଓ ପାଇପ ବିଛାଯିବା ପରେ ରାସ୍ତା ମରାମତି ନକରି ଠିକାଦାର ସେଠାରୁ ଛୁ ମାରିବା ଯୋଗୁଁ ସାଧାରଣ ଲୋକ ଯାତାୟାତ କ୍ଷେତ୍ରରେ ନାହିଁ ନଥିବା ଦୁର୍ଦଶା ଭୋଗ କରୁଥିବା ଓ ଭୂପୃଷ୍ଠରୁ ୩ ଫୁଟ ଗଭୀରରେ ପାଇପ ବିଛାଯିବା ପାଇଁ ବ୍ୟୟ ଅଟକଳ ଥିବା ବେଳେ ଠିକାଦାର ମାତ୍ର ୧ଫୁଟ, ୧. ୫ ଫୁଟ ଗଭୀର ରେ ପାଇପ ବିଛାଇବା ନେଇ ଅଭିଯୋଗ କରାଯିବା ସହିତ ପଂଚାୟତ ପ୍ରତିନିଧିମାନେ ନିର୍ମାଣ ଦାୟିତ୍ୱରେ କମ୍ପାନୀ ଅଧିକାରୀଙ୍କ ଗର୍ଜି ଥିଲେ । ଯାହାଫଳରେ ବୈଠକ ଉତ୍ତେଜନାପୂର୍ଣ୍ଣ ହୋଇପଡିଥିଲା। ପରିସ୍ଥିତିର ଗୁରୁତ୍ୱ ଉପଲବ୍ଧି କରି ସରକାରୀ ନିୟମ ଅନୁଯାୟୀ ପାଇପ ବିଛାଇବା ପରେ ତୁରନ୍ତ ରାସ୍ତା ମରାମତି କରିବା ଓ ଆକଳନ ଅନୁଯାୟୀ ୩ ଫୁଟ ଗଭୀରରେ ପାଇପ ବିଛାଇବା ପାଇଁ ଉଭୟ କେନ୍ଦ୍ରାପଡ଼ା ଓ ରାଜନଗର ବିଧାୟକ ଓ ପଟ୍ଟାମୁଣ୍ଡାଇ ବ୍ଲକ ଅଧକ୍ଷ ବିଭାଗୀୟ ଅଧିକାରୀ ଓ ଠିକା ସଂସ୍ଥାର କର୍ମକର୍ତ୍ତାଙ୍କୁ କଡା ନିର୍ଦ୍ଦେଶ ଦେଇଥିଲେ ।

# ସିଟି ଗୋଲ୍ଡ ପକ୍ଷରୁ ମ୍ୟୁଜିକ ଚେୟାର ପ୍ରତିଯୋଗିତା

**କେନ୍ଦ୍ରାପଡ଼ା,୩୧।୧(ସଂଚାର ବ୍ୟୁରୋ):** ତିନିମୁହାଣି ବଜାରରେ ଥିବା ସିଟି ଗୋଲଡ ପକ୍ଷରୁ ଜୁନିୟର ଓ ସିନିୟର୍ ମଧରେ ମ୍ୟୁଜିକ୍ ଚେୟାର ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ଷାଠିଏ ଜଣ ପ୍ରତିଯୋଗୀ ଭାଗ ନେଇଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ମାନଙ୍କୁ ୧୫୦୦୦ ଟଙ୍କା ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୧୦,୦୦୦ ଟଙ୍କା ତୃତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ୫୦୦୦ ଟଙ୍କା ଓ ୬ଜଣଙ୍କୁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ଖେଳରେ ମୁଖ୍ୟ ଅତିଥି ଭାବେ ଯୋଗଦାନ କରିଥିଲେ ସମାଜସେବୀ ରଞ୍ଜନ କୁମାର ବେହେରା ସମ୍ମାନିତ ଅତିଥି ଭାବେ ତିନିମୁହାଣି ବଜାର କମିଟିର ସଭାପତି ବିବେକାନନ୍ଦ ମହାରଣା, ରାଜୁକୁବେର ସିଟି ଗୋଲଡର ପ୍ରତିଷ୍ଠାତା ସୁଶାନ୍ତ କୁମାର ଦାଶ ଏବଂ ଦାଶ ପରିବାର ସମସ୍ତ ସଦସ୍ୟ ଓ ସଦସ୍ୟା ଉପସ୍ଥିତ ଥିଲେ।



# ଦିଲ୍ଲୀ ପରେଡ୍‌ରେ ଭାଗନେଇଥିବା ଏନ୍‌ସିସି ଦଳକୁ ଭେଟିଲେ ରାଜ୍ୟପାଳ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ବିକଶିତ ଭାରତ ଅଭିମୁଖେ ଭାରତର ଯାତ୍ରା କେବଳ ନୀତି ଓ ଯୋଜନା ଉପରେ ନିର୍ଭର କରେ ନାହିଁ, ବରଂ ଏହା ଦେଶର ଯୁବବର୍ଗଙ୍କ ଚରିତ୍ର, ଦକ୍ଷତା ଏବଂ ପ୍ରତିବଦ୍ଧତା ଉପରେ ନିର୍ଭର କରେ। ଏହି ପରିପ୍ରେକ୍ଷୀରେ ଦେଶ ନିର୍ମାଣରେ ଯୁବବର୍ଗଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼ ହରି ବାବୁ କମ୍ଭମପାଟି ନିକଟରେ ନୂଆଦିଲ୍ଲୀଠାରେ ଅନୁଷ୍ଠିତ ଗଣତନ୍ତ୍ର ଦିବସ ପରେଡ୍‌ରେ ଅଂଶଗ୍ରହଣ କରିଥିବା ଓଡ଼ିଶା ଏନ୍‌ସିସି କ୍ୟାଡେଟ୍‌ଙ୍କ ସହ ଲୋକ ଭବନର ନ୍ୟୁ ଅଭିଷେକ ହଲ୍‌ରେ 'ଆଟ-ହୋମ୍'ରେ ଭାବ ବିନିମୟ କରିବା ଅବସରରେ ମତ ଦେଇଛନ୍ତି। ରାଜ୍ୟପାଳ କହିଥିଲେ ଯେ ଏହା କ୍ୟାଡେଟ୍‌ମାନଙ୍କର ନିଷ୍ଠା, ଶିଷ୍ଟାଚାର ଓ ଜାତୀୟ ସେବା ପ୍ରତି ପ୍ରତିବଦ୍ଧତାର ପ୍ରତୀକ। ସେମାନଙ୍କର ସୁନ୍ଦର ପରିଧାନ, ନିର୍ଭୁଲ ଡ୍ରିଲ୍ ଏବଂ ଅଦମ୍ୟ ଉତ୍ସାହ କେବଳ ବ୍ୟକ୍ତିଗତ ଉତ୍କର୍ଷତା ନୁହେଁ, ବରଂ ଏନ୍‌ସିସିର ଚିରସ୍ଥାୟୀ ମୂଲ୍ୟବୋଧକୁ ପ୍ରଦର୍ଶନ କରିଥିଲା। ଏହି ଅବସରରେ ରାଜ୍ୟପାଳ ଏନ୍‌ସିସି କ୍ୟାଡେଟ୍‌ମାନଙ୍କର ଆକାଂକ୍ଷା ଯଥା ପ୍ରତିରକ୍ଷା ସେବାରେ ଯୋଗଦାନ, ସରକାରୀ ଚାକିରି ଓ ଉଚ୍ଚଶିକ୍ଷା ବିଷୟରେ ପଚାରି ବୁଝିଥିଲେ। ଏହି ଅବସରରେ ଓଡ଼ିଶା ଏନ୍‌ସିସି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ କମୋଡୋର ବିକ୍ରମ ସିଂ ମଧ ବକ୍ତବ୍ୟ ଦେଇଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ମଧ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

**କାଉନ୍‌ସିଲରଙ୍କ ଘରୁ ଲୁଟ୍**

# ଛୁରୀ ମୂନରେ ସୁନାଗହଣା ଲୁଟ୍

**ରାୟଗଡ଼ା,୩୧।୧(ସଂଚାର ବ୍ୟୁରୋ):** ରାୟଗଡ଼ା ସହର ରାମକୃଷ୍ଣ ନଗର ବାସିନ୍ଦା ତଥା ୪ନଂ ୱାର୍ଡ କାଉନସିଲର୍ ସୁକାନ୍ତ ପରିଙ୍କ ଘରେ ଏହି ଲୁଟ୍ ହୋଇଛି। ଲୁଟେରାମାନେ କାନଫୁଲ ଦୁଇ ହଳ, ମଙ୍ଗଳସୂତ୍ର ସମେତ ଦୁଇ ହଳ ରୁପା ପାଉଁଜି ଏବଂ ଛୋଟ ଝିଅର ୪ଟି ଖଡୁ ଚୋରି କରିନେଇଥିବା ସୁକାନ୍ତ କହିଛନ୍ତି। ସୁକାନ୍ତଙ୍କ କହିବାନୁସାରେ, ପ୍ରାୟ ୫ଟା ବେଳେ ମୁଖା ପିନ୍ଧା ଦୁଇ ଦୁର୍ବୃତ୍ତ ତାଙ୍କ ଘର ପଛପଟେ ପଶି ବର୍ଷକର ଝିଅ ବେକରେ ଛୁରୀ ଦେଖାଇ ତାଙ୍କ ପତ୍ନୀଙ୍କୁ ଘରେ ଥିବା ସୁନାଗହଣା ଦେବାକୁ କହିଥିଲେ। ଫଳରେ ସୁକାନ୍ତଙ୍କ ପତ୍ନୀ ଝିଅର ପ୍ରାଣ ବଞ୍ଚାଇବା ପାଇଁ ଘରେ ଥିବା ସମସ୍ତ ସୁନାଗହଣା ଦେଇ ଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ସେଠାରୁ ଚାଲିଯାଇଥିଲେ। ଦୁର୍ବୃତ୍ତମାନେ ଯିବା ପରେ ସୁକାନ୍ତଙ୍କ ପତ୍ନୀ ସୁକାନ୍ତଙ୍କୁ ଫୋନ କରି ସମସ୍ତ ବିଷୟ ଜଣାଇଥିଲେ। ସୂଚନା ପାଇ ପୁଲିସ ଅନୁସନ୍ଧାନୀ କୁକୁର ସହିତ ପହଞ୍ଚି ଘଟଣାର ତଦନ୍ତ କରୁଥିବା ଜଣାପଡ଼ିଛି।

# ପୁଣେ ଗଲେ ୨୦ ମହିଳା ଡ୍ରାଇଭର

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ସହରାଞ୍ଚଳ ପରିବହନରେ ମହିଳାମାନଙ୍କ ସହଭାଗୀତା ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ରାଜ୍ୟ ସରକାରଙ୍କ ପ୍ରମୁଖ ଓ ସବୁଠାରୁ ନିର୍ଭରଯୋଗ୍ୟ ଜନ ପରିବହନ ବ୍ୟବସ୍ଥା - କ୍ୟାପିଟାଲ ରିଜିଅନ୍ ଅର୍ବାନ୍ ଟ୍ରାନ୍ସପୋର୍ଟ (କ୍ରୁଟ୍) ଏହାର 'ଆମ ବସ୍' ସେବା ପାଇଁ ମହିଳା ଡ୍ରାଇଭରମାନଙ୍କୁ ସାମିଲ କରିବା ଆରମ୍ଭ କରିଛି।



**ନେବେ ଇଲେକ୍ଟ୍ରିକ୍ ବସ୍ ଚାଳନା ତାଲିମ୍**

ଏହି ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ପ୍ରଥମ ପର୍ଯ୍ୟାୟରେ, ପୁଣେରେ ଉଚ୍ଚ ମାନର ପ୍ରଶିକ୍ଷଣ ନେବା ପାଇଁ ଭାରୀ ମୋଟର ଯାନ (ଏଚ୍‌ଏମ୍‌ଭି) ଲାଇସେନ୍ସ ଥିବା ୨୦ ଜଣ ମହିଳା ଡ୍ରାଇଭରଙ୍କୁ ଚୟନ କରାଯାଇଛି। ଏହି ପ୍ରଶିକ୍ଷାର୍ଥୀମାନେ ଆଧୁନିକ ଇଲେକ୍ଟ୍ରିକ୍ ବସ୍ ପରିଚାଳନାରେ ସେମାନଙ୍କର ଦକ୍ଷତା ବୃଦ୍ଧି କରିବା ଉଦ୍ଦେଶ୍ୟରେ ସ୍ୱତନ୍ତ୍ର ତାଲିମ ନେବା ପାଇଁ ଆଜି ବିମାନ ଯୋଗେ ପୁଣେ ଅଭିମୁଖେ ଯାତ୍ରା କରିଛନ୍ତି। ପୁଣେ ଯିବା ପୂର୍ବରୁ ମହିଳା ଡ୍ରାଇଭରମାନଙ୍କୁ ମାନ୍ୟବର ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡକ୍ଟର କୃଷ୍ଣଚନ୍ଦ୍ର ମହାପାତ୍ର ଏବଂ ଗୃହ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢ଼ୀ ସମ୍ମାନିତ କରିଥିଲେ। ତାଲିମ କାର୍ଯ୍ୟକ୍ରମକୁ ସଫଳତାର ସହ ସମାପ୍ତ କରିବା ସହ ଜନ ପରିବହନ ସେବାରେ ଉଦାହରଣ ସୃଷ୍ଟି ପାଇଁ ସେମାନଙ୍କୁ ଉତ୍ସାହିତ କରିଥିଲେ।

ଆସନ୍ତା ୨ରୁ ଫେବୃଆରୀ ୧୫ ପର୍ଯ୍ୟନ୍ତ ସ୍ଥିର ହୋଇଥିବା ୧୪ଦିନିଆ ଉଚ୍ଚ ମାନର ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଜିଆଇଜେଡର ବୈଷୟିକ ସହାୟତାରେ ପୁଣେର ମୂଳ ଉପକରଣ ନିର୍ମାତା 'ଏକ୍କା ମୋବିଲିଟି' ପ୍ଲାଣ୍ଟରେ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମରେ ଇଲେକ୍ଟ୍ରିକ୍ ବସ୍ ପରିଚାଳନା, ଉନ୍ନତ ଡ୍ରାଇଭିଂ, ସୁରକ୍ଷା ପ୍ରୋଟୋକଲ୍ ଓ ପରିଚାଳନାଗତ ଉତ୍କର୍ଷତା ଉପରେ ଧ୍ୟାନ ଦିଆଯିବ। ପ୍ରଶିକ୍ଷାର୍ଥୀମାନେ ଆସନ୍ତା ୧୭ରେ ଫେରିବେ। ଖାରବେଳ ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ଉତ୍ସବରେ କ୍ରୁଟର ପରିଚାଳନା ନିର୍ଦ୍ଦେଶକ ସଞ୍ଜୟ ବିଶ୍ୱାଳ, ମହାପ୍ରବନ୍ଧକ ସହଦେବ ସମାଧିଆ ଓ ବିଭାଗର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ସେମାନେ ପ୍ରଶିକ୍ଷାର୍ଥୀମାନଙ୍କୁ ଉତ୍ସାହିତ କରିଥିଲେ ଓ ଦକ୍ଷତା ବିକାଶ, ମହିଳା ସଶକ୍ତିକରଣ ଓ ସହରାଞ୍ଚଳ ଜନ ପରିବହନ ସେବାକୁ ସୁଦୃଢ଼ କରିବା ପାଇଁ କ୍ରୁଟର ପ୍ରତିବଦ୍ଧତାକୁ ଦୋହରାଇଥିଲେ। ସହରାଞ୍ଚଳ ପରିବହନ କ୍ଷେତ୍ରରେ ମହିଳାମାନଙ୍କ ପାଇଁ ସ୍ଥାୟୀ ଜୀବିକା ସୁଯୋଗ ଏବଂ ନେତୃତ୍ୱ କୌଶଳର ବିକାଶ କରିବା ସହିତ ଏକ ସୁରକ୍ଷିତ, ସମାନତା ଆଧାରିତ ଓ ଭବିଷ୍ୟତ ପାଇଁ ପ୍ରସ୍ତୁତ ଜନ ପରିବହନ ବ୍ୟବସ୍ଥା ଗଠନକୁ ଓଡ଼ିଶା ସରକାର ପ୍ରାଧାନ୍ୟ ଦେଉଛନ୍ତି।

# ସୂଚନା ଓ ଲୋକସମ୍ପର୍କ ବିଭାଗରେ ବିଦାୟକାଳୀନ ସମ୍ବର୍ଦ୍ଧନା



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ସୂଚନା ଓ ଲୋକସମ୍ପର୍କ ବିଭାଗର ଅପରେସନ୍ ସୁପରଭାଇଜର୍ ପଞ୍ଚାନନ ସାହୁଙ୍କୁ ଆଜି ବିଭାଗର କର୍ମଚାରୀ କଲ୍ୟାଣ ସମିତି ପକ୍ଷରୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଲୋକସମ୍ପର୍କ ଭବନର ସମ୍ମିଳନୀ କକ୍ଷରେ ଆୟୋଜିତ ଏହି ସମ୍ବର୍ଦ୍ଧନା ସଭାରେ ଯୋଗଦେଇ ବିଭାଗୀୟ ନିର୍ଦ୍ଦେଶକ ଅନୂଜ କୁମାର ଦାସପଟ୍ଟନାୟକ ଶ୍ରୀ ସାହୁଙ୍କ କର୍ତ୍ତବ୍ୟ ନିଷ୍ଠା ଓ ସମୟାନୁବର୍ତ୍ତିତା ନିମନ୍ତେ ପ୍ରଶଂସା କରିବା ସହ ସୁସ୍ଥ ଓ ନିରାମୟ ଅବସରକାଳୀନ ଜୀବନ କାମନା କରିଥିଲେ। ନିର୍ଦ୍ଦେଶକ (ବୈଷୟିକ) ଗୁରୁବୀର ସିଂ ଅବସର ନେଉଥିବା ଶ୍ରୀ ସାହୁଙ୍କ କର୍ତ୍ତବ୍ୟ ପରାୟଣତା ପାଇଁ ତାଙ୍କୁ ପ୍ରଶଂସା କରିଥିଲେ। ଅପରେସନ୍ ସୁପରଭାଇଜର୍ ଶ୍ରୀ ସାହୁ ନିଜର ଚାକିରି କାଳର ଅଭିଜ୍ଞତା ବର୍ଣ୍ଣନା କରିବା ସହ ବିଭାଗର ସମସ୍ତ କର୍ମଚାରୀ ଏବଂ ଅଧିକାରୀମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ଶେଷରେ ନିର୍ଦ୍ଦେଶକ ଶ୍ରୀ ଦାସ ପଟ୍ଟନାୟକ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନପୂର୍ବକ ଶ୍ରୀ ସାହୁଙ୍କୁ ଶୁଭକାମନା ଜ୍ଞାପନ କରିଥିଲେ। ବିଭାଗୀୟ ଅତିରିକ୍ତ ଶାସନ ସଚିବ ଅଶୋକ ବେହୁରିଆ, ବିତ୍ତ ପରାମର୍ଶଦାତା ପୃଥ୍ୱୀରାଜ ପାଣିଙ୍କ ସମେତ ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବ୍ରାଉନସୁଗର ଜବତ, ୩ ଗିରଫ

**ଭଦ୍ରକ, ୩୧।୧(ସଂଚାର ବ୍ୟୁରୋ):** ଆଜି ଭଦ୍ରକ ସହରାଞ୍ଚଳ ଥାନା ଅଧୀନସ୍ଥ ଏଲଖାର ୩ ଜଣଙ୍କଠାରୁ ୨୧.୬୩ ଗ୍ରାମ ବ୍ରାଉନସୁଗର ଜବତ ହୋଇଛି। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ମନୋଜ ରାଉତଙ୍କ ନିର୍ଦ୍ଦେଶ କ୍ରମେ ଜିଲାର ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ତେବେ ଶ୍ରୀ ରାଉତଙ୍କ ନିର୍ଦ୍ଦେଶ କ୍ରମେ ସହରାଞ୍ଚଳ ଥାନାଧିକାରୀ ପ୍ରଭାଂଶୁ ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ଚଢାଉ ଜାରି ରହିଥିବା ବେଳେ ୧୩ନଂ ୱାର୍ଡ ଏଲଖାରୁ ଯାଜପୁର ଜିଲା ମାହାଙ୍ଗା ଥାନା ଛତିଆ ନିବାସୀ ବାବାଜୀ ଚରଣ ପରିଡାଙ୍କ ପୁଅ ଜଗଦୀଶ (୨୪), ଭଦ୍ରକ ସହରାଞ୍ଚଳ ଥାନା ଅପର୍ତିବିନ୍ଧାର ସେକ୍ ରେହମାନଙ୍କ ପୁତ୍ର ସେକ୍ ବାବୁଲା (୧୯) ଓ ସେକ୍ ରୋହନଙ୍କ ନିକଟରୁ ଏସଆଇ ଅଧିକାରୀ ପତିତ ପାବନ ମହାପାତ୍ର ଲକ୍ଷାଧିକ ଟଙ୍କାର ବ୍ରାଉନସୁଗର ଜବତ କରିଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି।

# କୋଟିଆ ସୀମାନ୍ତ ଗ୍ରାମରେ ପହଞ୍ଚିଲେ ପ୍ରଶାସନିକ ଅଧିକାରୀ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** କୋଟିଆ ସୀମାନ୍ତ ଅଞ୍ଚଳର ବାସିନ୍ଦାଙ୍କ ଅନ୍ତର୍ଭୁକ୍ତିମୂଳକ ବିକାଶ ଓ କଲ୍ୟାଣ ପ୍ରତି ରାଜ୍ୟ ସରକାରଙ୍କ କେନ୍ଦ୍ରିତ ଆଭିମୁଖ୍ୟକୁ ଜାରି ରଖି କୋଟିଆର ବିଭିନ୍ନ ସୀମାନ୍ତ ଗ୍ରାମରେ ଏକ ମିଳିତ କ୍ଷେତ୍ର ପରିଦର୍ଶନ କରାଯାଇଛି। ବ୍ଲକ ଉନ୍ନୟନ ଅଧିକାରୀ ରାମକୃଷ୍ଣ ନାୟକ, ପଟାଙ୍ଗୀ ତହସିଲଦାର ଦେବେନ୍ଦ୍ର ଧରୁଆ, ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ (ଓଏସଡି), କୋଟିଆ ସୌରଭ ଦାଶ ଓ କୋଟିଆ ପଞ୍ଚାୟତର ସରପଞ୍ଚ ଲିଡ଼ ଜେମେଲ ଏହି ପରିଦର୍ଶନ କରିଥିଲେ। ସେମାନଙ୍କ ପରିଦର୍ଶନ ସମୟରେ କୋଟିଆର ସରପଞ୍ଚ ନେରିଡିଭାଲସାରେ ଥିବା କମ୍ୟୁନିଟି ହଲ୍‌କୁ ଉଦ୍‌ଘାଟନ କରିଥିଲେ। ଏହି ସୁବିଧା ଏକ ଗୁରୁତ୍ୱପୂର୍ଣ୍ଣ ସାମୂହିକ ସମ୍ପତ୍ତି ଭାବେ କାର୍ଯ୍ୟ କରିବ।



**କମ୍ୟୁନିଟି ହଲ୍‌ର ଲୋକାର୍ପଣ କଲେ**

ପରିଦର୍ଶନ କରିଥିବା ଅଧିକାରୀମାନେ ନେରିଡିଭାଲସା, ଧୂଳିପଦର ଓ ଉପର ସେମ୍ବିରେ ଥିବା ସ୍କୁଲ ଏବଂ ଅଙ୍ଗନୱାଡି କେନ୍ଦ୍ରର ଛାତ୍ର ଓ ପିଲାମାନଙ୍କ ସହ ମଧ ଆଲୋଚନା କରିଥିଲେ। ସୀମାନ୍ତ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ରହୁଥିବା ପିଲାମାନଙ୍କ ଆବଶ୍ୟକତା ପ୍ରତି ବିଶେଷ ଧ୍ୟାନ ଦେଇ ଗୁଣାତ୍ମକ ଶିକ୍ଷା, ପୁଷ୍ଟିସାର, ସ୍ୱାସ୍ଥ୍ୟ ଏବଂ ସାମଗ୍ରିକ ଶିଶୁ ବିକାଶ ଉପରେ ଗୁରୁତ୍ୱ ଦିଆଯାଇଥିଲା। ଚ୍ୟାଲେଞ୍ଜିଂ ଭୌଗୋଳିକ ପରିସ୍ଥିତିରେ କାର୍ଯ୍ୟ କରୁଥିବା ଶିକ୍ଷକ ଓ ଅଙ୍ଗନୱାଡ଼ି କର୍ମୀଙ୍କ ପ୍ରୟାସକୁ ପ୍ରଶଂସା କରାଯାଇଥିଲା। ଏହି କ୍ଷେତ୍ର ପରିଦର୍ଶନ ଶେଷ ମାଇଲ ପର୍ଯ୍ୟନ୍ତ ସରକାରୀ ସେବା ଯୋଗାଣକୁ ସୁଦୃଢ଼ କରିବା, ସାର୍ବଜନୀନ ଭିତ୍ତିଭୂମିରେ ଉନ୍ନତି ଆଣିବା ଓ କୋଟିଆ ସୀମାନ୍ତ ଗ୍ରାମଗୁଡ଼ିକର ବାସିନ୍ଦାଙ୍କ ମଧ୍ୟରେ ବିଶ୍ୱାସ ବୃଦ୍ଧି କରିବା ପାଇଁ ଉଦ୍ଦିଷ୍ଟ ଥିଲା। ଆଗାମୀ ଦିନରେ ମଧ ଏହିପରି ଗସ୍ତ ଜାରି ରହିବ ବୋଲି କୁହାଯାଇଛି।

# ଓଏସଏପି ୭ମ ବାଟାଲିୟନରେ ପତାକା ଅବତରଣ ଉତ୍ସବ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଓଏସ୍‌ଏପି ୭ମ ବାଟାଲିୟନରେ ରାଜ୍ୟସ୍ତରୀୟ ପତାକା ଅବତରଣ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇଥିଲେ। ଏହି ଅବସରରେ ରାଜ୍ୟ ପୁଲିସର ବିଭିନ୍ନ ଜିଲ୍ଲା ଓ ବାଟାଲିୟନ ବ୍ୟାଣ୍ଡ ବାଦକମାନେ ଚିତ୍ତାକର୍ଷକ ବାଦ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଓଏସଏପିର ବାଦ୍ୟକାରମାନେ ବିଗୁଲ, ପାଇପ ବ୍ୟାଣ୍ଡ, ବ୍ରାସ୍ ବ୍ୟାଣ୍ଡ ଓ ଷ୍ଟ୍ରିଙ୍ଗ ବ୍ୟାଣ୍ଡ ପରିବେଷଣ ମାଧ୍ୟମରେ ସମଗ୍ର ପରିବେଶରେ ଉତ୍ସାହ ଭରିଦେଇଥିଲେ। 'ଜାତୀୟ ସଂଗୀତ','ବନ୍ଦେ ମାତରମ୍', 'ସାରେ ଜହାଁ ସେ ଅଚ୍ଛା', ଓଡ଼ିଶା ମୋ ଓଡ଼ିଶା'', ଫନ ଫେୟାର', 'ଭାରତ କି ଯବାନ', 'କଦମ କଦମ ବଢ଼ାଏ ଯା', 'ସ୍ତୁତି ଆରାଧନା' ଓ 'ପ୍ରଳମ୍ବ ବାଦ୍ୟ' ପରି ସଙ୍ଗୀତ ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ସୂର୍ଯ୍ୟାସ୍ତ ସମୟରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ଜାତୀୟ ପତାକାର ଅବତରଣ କରାଯାଇଥିଲା।

ପରେ ଓଏସଏପି ତୃତୀୟ ବାଟାଲିୟନ, କୋରାପୁଟର ଯବାନମାନଙ୍କ ଦ୍ୱାରା ପ୍ରଦର୍ଶିତ 'ଢେମସା' ନୃତ୍ୟ, ଓଏସଏପି ଦ୍ୱିତୀୟ ବାଟାଲିୟନ, ଝାରସୁଗୁଡାର ଯବାନ ଓ ସେମାନଙ୍କ ପରିବାରବର୍ଗଙ୍କ ଦ୍ୱାରା ଖୁକ୍ରି ନୃତ୍ୟ ଏବଂ ପଞ୍ଚମ ଆଇଆରବିଏନ, ବୌଦ୍ଧର ଯବାନମାନଙ୍କ ଦ୍ୱାରା ପ୍ରଦର୍ଶିତ ସମ୍ବଲପୁରୀ ନୃତ୍ୟ ଉପସ୍ଥିତ ଦର୍ଶକଙ୍କୁ ରୋମାଞ୍ଚିତ କରିଥିଲା। କାର୍ଯ୍ୟକ୍ରମରେ ଡିଜି ଯୋଗେଶ ବାହାଦୁର ଖୁରାନିଆ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ପୁଲିସ କମିଶନର ଏସ୍. ଦେବଦତ୍ତ ସିଂହ, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ପୁଲିସ କମିଶନର ନରସିଂହ ଭୋଳ, ଭୁବନେଶ୍ୱର ଡିସିପି ଜଗମୋହନ ମୀନାଙ୍କ ସମେତ ବହୁ ଅବସରପ୍ରାପ୍ତ ବରିଷ୍ଠ ପୁଲିସ ଅଧିକାରୀ ଓ ବିଶିଷ୍ଟ ବ୍ୟକ୍ତିବିଶେଷ ଯୋଗ ଦେଇଥିଲେ।

# ବାସୁଦେବପୁରରେ କଂଗ୍ରେସର ପ୍ରତିବାଦ ସମାବେଶ

**ଜନସାଧାରଣଙ୍କୁ ସ୍ୱର ଉତ୍ତୋଳନ କରିବାକୁ ଭକ୍ତଙ୍କ ଆହ୍ୱାନ**

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ମହାତ୍ମା ଗାନ୍ଧୀଙ୍କ ଅହିଂସା ସତ୍ୟ ଓ ନ୍ୟାୟର ଆଦର୍ଶକୁ ଆଧାର କରି ଗାନ୍ଧୀ ପଥେ ଓଡ଼ିଶା ପଦଯାତ୍ରାର ତୃତୀୟ ଦିବସରେ ଆଜି କଂଗ୍ରେସ ପକ୍ଷରୁ ଭଦ୍ରକର ଚାରିବାଟିଆରୁ ତିହିଡ଼ି ପର୍ଯ୍ୟନ୍ତ ଏକ ପଦଯାତ୍ରା ପରେ ପ୍ରତିବାଦ ସମାବେଶ ଆୟୋଜିତ ହୋଇଥିଲା। ଏଥିରେ ଯୋଗଦେଇ ପିସିସି ସଭାପତି ଭକ୍ତ ଚରଣ ଦାସ ରାଜ୍ୟ ସରକାରଙ୍କ ବିରୋଧରେ ଜନସାଧାରଣ ସ୍ୱର ଉତ୍ତୋଳନ କରିବାକୁ ଆହ୍ୱାନ ଦେଇଛନ୍ତି।



ସେ କହିଛନ୍ତି ଯେ ସ୍ଥାନୀୟ ଅଞ୍ଚଳର କଂଗ୍ରେସ ନେତା ନେତ୍ରାନନ୍ଦ ମଲ୍ଲିକ ନଦୀ କୂଳରେ ଏକ ଗାନ୍ଧୀ ମୂର୍ତ୍ତି ସ୍ଥାପନ କରିବା ଅନ୍ୟମାନଙ୍କ ପାଇଁ ପ୍ରେରଣାର। କଂଗ୍ରେସ ପକ୍ଷରୁ ଚାଲିଥିବା ଗାନ୍ଧୀ ପଥେ ଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ଶ୍ରୀ ମଲ୍ଲିକଙ୍କ ପରି ବର୍ଷିଆନ ଗାନ୍ଧୀବାଦୀ ବ୍ୟକ୍ତି ଓ ଗାନ୍ଧୀଙ୍କୁ ଅନୁସରଣ କରୁଥିବା ସମୁଦାୟଙ୍କୁ ସାମ୍ନାକୁ ଆଣିବା। ଏବେ ରାଜ୍ୟର ମହିଳାମାନେ ଅସୁରକ୍ଷିତ ହୋଇପଡ଼ିଛନ୍ତି। ସରକାର ମଧ ଚାଷୀଙ୍କ ପ୍ରତି ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ଡବଲ୍ ଇଞ୍ଜିନ୍ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) ବୃଦ୍ଧି ନେଇ ବାହାବା ନେବାକୁ ଉଦ୍ୟମ କରୁଥିଲେ ମଧ ବାସ୍ତବତା ଏହାଠାରୁ ପୂରାପୂରି ଭିନ୍ନ। କଟନୀ ଛଟନୀ ବାବଦରେ ସରକାର ଚାଷୀଙ୍କୁ ଲୁଟୁଛନ୍ତି। ନାନାଦି ଯନ୍ତ୍ରଣା ସତ୍ତ୍ୱେ ଚାଷୀମାନେ ମୁହଁ ଖୋଲୁନାହାନ୍ତି। କିନ୍ତୁ ନ୍ୟାୟ ପାଇବାକୁ ହେଲେ ସେମାନଙ୍କୁ ସ୍ୱର ଉତ୍ତୋଳନ କରିବାକୁ ପଡ଼ିବ। ସେମାନଙ୍କ ସହାୟତା ସକାଶେ କଂଗ୍ରେସ ପକ୍ଷରୁ ଏପରି ଅଭିଯାନ ଆରମ୍ଭ ହୋଇଛି। ତେଣୁ ବ୍ୟାପକ ମାତ୍ରାରେ ଚାଷୀ ଓ ଜନସାଧାରଣ ଏହି ଅଭିଯାନ ସହ ଯୋଡ଼ି ହେବାକୁ ଶ୍ରୀ ଦାସ ଆହ୍ୱାନ ଦେଇଛନ୍ତି। ଏହି ଅବସରରେ ସନ୍ଧ୍ୟାରେ ରାଜାଘର ପୋଖରୀଠାରେ ଶ୍ରୀ ଦାସ 'ଚାଏ ପେ ଚର୍ଚ୍ଚା' କାର୍ଯ୍ୟକ୍ରମରେ ଯୋଗଦେଇ ସରକାରଙ୍କ ବିଭିନ୍ନ ମାରଣ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପାଇଁ ଭାଗ ନେଇଥିବା ସାଧାରଣ ଜନତାଙ୍କୁ ନିବେଦନ କରିଥିଲେ।

**● ସରକାରଙ୍କ ଘେରିଲା ବିଜେଡି**

# ୧୮ ମାସରେ ଆଣିଲେଣି ୯୧ ହଜାର କୋଟି ଋଣ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ନିକଟରେ ବିଶ୍ୱ ବ୍ୟାଙ୍କ ସମୂହ ସଭାପତି ତାଙ୍କ ଟିମ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ମଧ୍ୟରେ ହୋଇଥିବା ବୈଠକକୁ ନେଇ ସରକାରଙ୍କୁ ଘେରିଛି ବିରୋଧୀ ବିଜେଡି। ଆଜି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ ଲେନିନ ମହାନ୍ତି କହିଛନ୍ତି ଯେ ଏହି ବୈଠକ କେବଳ ଅର୍ଥନୈତିକ କ୍ଷେତ୍ରରେ ଓଡ଼ିଶାର ସ୍ଥିତି ଓ ପ୍ରଗତି ସମ୍ବନ୍ଧରେ ଔପଚାରିକ ଆଲୋଚନା ନା ବିଶ୍ୱ ବ୍ୟାଙ୍କଠାରୁ ଓଡ଼ିଶା ଋଣ କରିବା ପାଇଁ ଉଦ୍ଦିଷ୍ଟ ଥିଲା।



ରାଜ୍ୟର ଅର୍ଥମନ୍ତ୍ରୀର ଦାୟିତ୍ୱ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ହାତରେ ଥିବା ବେଳେ ସେ ଏହାର ସ୍ପଷ୍ଟୀକରଣ ରାଜ୍ୟବାସୀଙ୍କ ଆଗରେ ରଖିବା ଉଚିତ। ରାଜ୍ୟର ବିତ୍ତୀୟ ନିଅଣ୍ଟ ୧.୭ରୁ ୩.୫ରେ ପହଞ୍ଚିଛି, ଯାହା ଏଫଆରବିଏମ ନିୟମକୁ ଉଲ୍ଲଂଘନ କରୁଛି। ରାଜ୍ୟରେ ବିଜେପି ସରକାର କ୍ଷମତାସୀନ ହେବା ପରେ ୨ଟି ବଜେଟରେ ୯୧ ହଜାର କୋଟି ଟଙ୍କା ଋଣ କରିଥିବା ବେଳେ ଏଥିରୁ ପ୍ରାୟ ୩୮ ପ୍ରତିଶତ ଖୋଲା ବଜାରରୁ ଉଠାଯାଇଛି। ତେବେ ବିଶ୍ୱ ବ୍ୟାଙ୍କ୍ ଟିମ୍‌କୁ ରାଜ୍ୟ ସରକାର ଏ ସମ୍ପର୍କରେ ଜଣାଇଛନ୍ତି ତ? ବିଜେପି ଶାସନ ସମୟରେ ରାଜ୍ୟର ଆର୍ଥିକ ସ୍ଥିତି ଦୁର୍ବଳ ହେଉଥିବା ବେଳେ ରାଜ୍ୟ ସରକାର ବିଶ୍ୱ ବ୍ୟାଙ୍କଠାରୁ ଋଣ ନେବା ପାଇଁ ଉଦ୍ୟମ କରୁଥିବା ଚର୍ଚ୍ଚା ହେଉଛି। ତେବେ ବିଜେଡି ଏକ ଦାୟିତ୍ୱସମ୍ପନ୍ନ ରାଜନୈତିକ ଦଳ ଭାବେ ଏନେଇ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟୀକରଣ ଦାବି କରୁଛି ବୋଲି ଡ. ମହାନ୍ତି କହିଛନ୍ତି।

# ନବୀନଙ୍କୁ ଭେଟିଲେ ୧୫ ପୌର ପରିଷଦ ଅଧ୍ୟକ୍ଷ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନାଙ୍କ ନେତୃତ୍ୱରେ ଓଡ଼ିଶା ରାଜ୍ୟ ପୌର ପରିଷଦ ମହାସଂଘ ପକ୍ଷରୁ ୧୫ଟି ପୌର ପରିଷଦର ଅଧ୍ୟକ୍ଷଅଧ୍ୟକ୍ଷା ଆଜି ପୂର୍ବାହ୍ନରେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଭେଟି ବିଭିନ୍ନ ବିକାଶ ଓ କଲ୍ୟାଣମୂଳକ କାର୍ଯ୍ୟକୁ କାର୍ଯ୍ୟକାରୀ କରିବାରେ ସେମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ବିଶେଷକରି ରାଜ୍ୟ ସରକାରଙ୍କ ନୂତନ ପ୍ରଶାସନିକ ନିର୍ଦ୍ଦେଶନାମା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଛନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁସାରେ, ବିଭିନ୍ନ ପୌର ଅଧ୍ୟକ୍ଷଙ୍କ କ୍ଷମତା ସଙ୍କୁଚିତ କରାଯାଇଥିବାରୁ ଲୋକଙ୍କ ଆଶାଆକାଂକ୍ଷା ପୂରଣରେ ସେମାନେ କିପରି ଅସୁବିଧାର ସମ୍ମୁଖୀନ ହେଉଛନ୍ତି, ସେ ବିଷୟରେ ଶ୍ରୀ ପଟ୍ଟନାୟକଙ୍କୁ ଅବଗତ କରିଥିଲେ। ଏଥିସହ ନିର୍ବାଚିତ ପୌର ପ୍ରତିନିଧିମାନଙ୍କ କ୍ଷମତାକୁ ପ୍ରଶାସନିକ ଆଦେଶ ବଳରେ ରାଜନୈତିକ ସୁବିଧା ପାଇଁ କ୍ଷୁଣ୍ଣ କରିବା ପାଇଁ ସରକାରଙ୍କ ନିଷ୍ପତ୍ତିକୁ ଶ୍ରୀ ପଟ୍ଟନାୟକ ନାପସନ୍ଦ କରିଥିଲେ। ସମଗ୍ର ପ୍ରତିକୂଳ ପରିସ୍ଥିତିରେ ଲୋକଙ୍କ ସହ ରହି ସେମାନଙ୍କ କାମ ଜାରି ରଖିବା ପାଇଁ ମଧ ସେ ପରାମର୍ଶ ଦେଇଛନ୍ତି।

**ଓଏଚ୍‌ଆର୍‌ସିଙ୍କ ଐତିହାସିକ ଓ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ**

# 'ଡାହାଣୀ' ଶବ୍ଦ ଉଚ୍ଚାରଣ ଅପରାଧ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଏଣିକି 'ଡାହାଣୀ' ଶବ୍ଦ ଉଚ୍ଚାରଣ କରିବା ଅପରାଧ। କିଛି ଏଭଳି କଡ଼ା ନିର୍ଦ୍ଦେଶ ଦେଇଛନ୍ତି ଓଡ଼ିଶା ମାନବାଧିକାର କମିଶନ (ଓଏଚ୍‌ଆର୍‌ସି)। ୨୦୧୮ର ଏକ ମାମଲାର ଶୁଣାଣି କରି ଏଭଳି ନିର୍ଦ୍ଦେଶ ଦେଇଛନ୍ତି କମିଶନ୍। ଆବେଦନକାରୀଙ୍କ ଆବେଦନକୁ ବିଚାର ପାଇଁ ଗ୍ରହଣ କରି କମିଶନ୍ 'ଓଡ଼ିଶା ଡାହାଣୀ ଶିକାର ନିବାରଣ ଆଇନ–୨୦୧୩' ଓ ଏହାର ପରିପାଳନ ପାଇଁ ୨୦୧୪ ମସିହାରେ ସୂଚିତ କମ୍ପୋଜିଟ୍ ଆକ୍ସନ୍ ପ୍ଲାନ୍‌ର ସମ୍ପୂର୍ଣ୍ଣ ସମୀକ୍ଷା କରିଛନ୍ତି। ଡାହାଣୀ ଶିକାର ଭଳି କୁସଂସ୍କାରମୂଳକ ପ୍ରଥାକୁ ସମୂଳେ ନଷ୍ଟ କରିବା ପାଇଁ ବର୍ତ୍ତମାନ ଆଇନରେ ସ୍ପଷ୍ଟ ଓ ପ୍ରଭାବଶାଳୀ ବ୍ୟବସ୍ଥାର ଅଭାବ ରହିଛି। ବିଶେଷକରି ଡାହାଣୀ ଅଭିଯୋଗ ଆଧାରରେ ସାମାଜିକ ବହିଷ୍କାର ଓ ଅମାନବୀୟ ଆଚରଣକୁ ରୋକିବା ପାଇଁ ଆଇନରେ ସ୍ପଷ୍ଟ ପ୍ରତିରୋଧମୂଳକ ବ୍ୟବସ୍ଥା ନାହିଁ।

# ଜାତୀୟ ଆଲୋଚନାଚକ୍ର ଉଦ୍‌ଯାପିତ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟଠାରେ ଆୟୋଜିତ ହେଉଥିବା ଜାତୀୟ ଆଲୋଚନାଚକ୍ର କାର୍ଯ୍ୟକ୍ରମ ଆଜି ଉଦ୍‌ଯାପିତ ହୋଇଛି। ଉଦ୍‌ଯାପନୀ ସମାରୋହରେ ବିଶିଷ୍ଟ ବଂଶୀ ବାଦକ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପ୍ରଫେସର ଡ. ଜବାହର ମିଶ୍ର, ନାଟ୍ୟକାର ଗୁରୁ ନବୀନ କୁମାର ପରିଡ଼ା, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବିଜୟ କୁମାର ଜେନା ଉପସ୍ଥିତ ଥିଲେ। ଗୁରୁ ଡ. ମିଶ୍ର ବଂଶୀର ଉତ୍ପତ୍ତି, ଗଠନ ଶୈଳୀ ଓ ବଂଶୀ ବାଦନ ଶୈଳୀ ଉପରେ ଆଲୋକପାତ କରିଥିବା ବେଳେ ଗୁରୁ ଶ୍ରୀ ପରିଡ଼ା ନାଟକ ପରିବେଷଣ ଶୈଳୀ, ଅଭିନୟର ପ୍ରକାର ଭେଦ ଉପରେ ଆଲୋଚନା କରିଥିଲେ। ଗତ ୨୮ରୁ ଆରମ୍ଭ ହୋଇଥିବା ଏହି ଆଲୋଚନାଚକ୍ରରେ ଓଡ଼ିଶୀ କଣ୍ଠ ସଙ୍ଗୀତ ଓ ଓଡ଼ିଶୀ ନୃତ୍ୟ, ଛଉ ନୃତ୍ୟ, ବଂଶୀ ବାଦନ, ନାଟକ ପରିବେଷଣ ଆଦି ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ୪ ଦିନ ଧରି ଆୟୋଜିତ ହୋଇଥିଲା।



**ଓଡ଼ିଶା ପରବ-୨୦୨୬ ଉଦ୍‌ଘାଟିତ**

# ଗୌହାଟୀରେ ଓଡ଼ିଆ ସାଂସ୍କୃତିକ ବୈଭବ ପ୍ରଦର୍ଶିତ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଓଡ଼ିଶା ପରବ-୨୦୨୬ ଆସାମର ଗୌହାଟୀରେ ଉଦ୍‌ଘାଟିତ ହୋଇଛି। ପର୍ଯ୍ୟଟନ ବିଭାଗ ଓ ସହଯୋଗୀ ସଂସ୍ଥା ଫିକି ଆନୁକୂଲ୍ୟରେ ଏହି ପରବ ତିନିଦିନ ଧରି ଚାଲିବ। ଏଥିରେ ରାଜ୍ୟର ସମୃଦ୍ଧ ଐତିହ୍ୟ, ପରମ୍ପରା, ହସ୍ତଶିଳ୍ପ, ହସ୍ତକଳା, ଖାଦ୍ୟ ଓ ପର୍ଯ୍ୟଟନ ଅଭିଜ୍ଞତା ଏବଂ ଓଡ଼ିଶା ଓ ଆସାମ ମଧ୍ୟରେ ଥିବା ସମ୍ପର୍କ ପ୍ରଦର୍ଶିତ ହେଉଛି। ଏହି ପରବକୁ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି, ପର୍ଯ୍ୟଟନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଉଦ୍‌ଘାଟନ କରି କହିଲେ ଯେ ଏହି ଅଭିଯାନ ମାଧ୍ୟମରେ ଓଡ଼ିଶାର ସାଂସ୍କୃତିକ ବୈଭବ ଅନ୍ୟ ରାଜ୍ୟରେ ପ୍ରଦର୍ଶିତ ହେଉଥିବା ଅତ୍ୟନ୍ତ ଗର୍ବର କଥା। ଏହାଦ୍ୱାରା ପାରସ୍ପରିକ ରାଜ୍ୟ ଓ ଲୋକଙ୍କ ମଧ୍ୟରେ ସମ୍ପର୍କ ଦୃଢ଼ ହୋଇପାରିବା ସହ ଆଧୁନିକ ପର୍ଯ୍ୟଟନ ଭିତ୍ତିଭୂମିର ବିକାଶ ଆହୁରି ସୁଦୃଢ଼ ହୋଇପାରିବ।




ଏହି ପରବର ଉଦ୍‌ଘାଟନୀ ଉତ୍ସବରେ ଆସାମ ପର୍ଯ୍ୟଟନ ବିଭାଗ ଶାସନ ସଚିବ ଦିଗନ୍ତ ବରାହ ଯୋଗଦେଇ ଉଭୟ ରାଜ୍ୟ ମଧ୍ୟରେ ପର୍ଯ୍ୟଟନର ପ୍ରୋତ୍ସାହନ ଓ ଏକ୍ଷେତ୍ରରେ ଓଡ଼ିଶାର ପ୍ରୟାସକୁ ପ୍ରଶଂସା କରିବା ସହ ଦୁଇ ରାଜ୍ୟ ମଧ୍ୟରେ ଥିବା ଘନିଷ୍ଠତା ଉପରେ ମଧ ଆଲୋକପାତ କରିଥିଲେ। ଏହି ଓଡ଼ିଶା ପରବ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ହସ୍ତଶିଳ୍ପ, ବୟନ ଓ ହସ୍ତତନ୍ତ ବିଭାଗ, ଓର୍‌ମାସ୍ ଓ ମିଶନ ଶକ୍ତି ବିଭାଗ ସହଯୋଗରେ ଆୟୋଜିତ ହେଉଛି। ଏହା ଆସନ୍ତାକାଲି ଉଦ୍‌ଯାପିତ ହେବ। ଆଜିର ଉଦ୍‌ଘାଟନୀ ଉତ୍ସବରେ ପର୍ଯ୍ୟଟନ ବିଭାଗ ଶାସନ ସଚିବ ବଲୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ବରିଷ୍ଠ ଅଧିକାରୀ, ଅଂଶୀଦାର, ଶିଳ୍ପପତି, ପ୍ରବାସୀ ଓଡ଼ିଆ ଓ ନିମନ୍ତ୍ରିତ ଅତିଥି ଯୋଗଦେଇଥିଲେ। ଏହି ପରବ ମାଧ୍ୟମରେ ଶିଳ୍ପୀ-କାରିଗର, ଟୁର୍ ଅପରେଟର ଓ ସମ୍ପୃକ୍ତ ଅଂଶୀଦାରମାନଙ୍କ ସହ ଗୋଟିଏ ସ୍ଥାନରେ ଭାବବିନିମୟ ସୁଯୋଗ ମିଳୁଛି।

# ୨୧ ବଙ୍ଗୀୟ ଚୋରଙ୍କୁ ବାନ୍ଧିଲା ଭଞ୍ଜନଗର ପୁଲିସ

**ଭଞ୍ଜନଗର,୩୧।୧(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲା ଭଞ୍ଜନଗର ପୁଲିସ ଆଜି ଏକ ବଡ଼ ଧରଣର ଆନ୍ତଃରାଜ୍ୟ ଚୋର ଗ୍ୟାଙ୍ଗର ୨୧ ଜଣ ସଦସ୍ୟଙ୍କୁ ଗିରଫ କରିଛି। ଏଥିସହ ସେମାନଙ୍କଠାରୁ ୧୦୬୬ଟି ମୋବାଇଲ, ୧୨୭୫ଟି ବ୍ୟାଟେରି, ୪୨୫ ଫୋନ୍‌ର ମଦର୍ ବୋର୍ଡ, ୫ଟି ଟାବଲେଟ, ନକଲି ଗହଣା ସହ ନଗଦ ୧୦ ହଜାର ଟଙ୍କା ଜବତ କରାଯାଇଛି। ଗିରଫ ସମସ୍ତ ଅଭିଯୁକ୍ତଙ୍କ ଘର ପଶ୍ଚିମବଙ୍ଗରେ ବୋଲି ଜଣାପଡ଼ିଛି। ଏନେଇ ଆଜି ଭଞ୍ଜନଗର ଥାନାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏଏସ୍‌ପି ରଞ୍ଜନ କୁମାର ଦେ' ସବିଶେଷ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇଥିବା ଏସ୍‌ଡିପିଓ ଡ. ଦୀପକ କୁମାର ମିଶ୍ର କହିଛନ୍ତି ଏହି ଅଭିଯୁକ୍ତମାନଙ୍କର ବିଦେଶ ଲିଙ୍କ୍ ଅଛି କି ନାହିଁ, ସେନେଇ ଖୋଳତାଡ଼ ହେବ। ଏଥିସହ ସେ ଜନସାଧାରଣଙ୍କୁ ପରାମର୍ଶ ଦେଇ କହିଛନ୍ତି ଯେ କେହି ବି ନିଜର ପୁରୁଣା ମୋବାଇଲ କାହାକୁ ବିକ୍ରି କରିବା ଅନୁଚିତ। ମୋବାଇଲ ଖରାପ ହୋଇଗଲେ ତାହାକୁ ନଷ୍ଟ କରିଦେବା ଉଚିତ। କଦାପି କୌଣସି ବୁଲା ବ୍ୟବସାୟୀଙ୍କୁ ଏହା ବିକ୍ରି କରନ୍ତୁ ନାହିଁ। କାରଣ ସେମାନେ ତାହାକୁ ନେଇ ବେଆଇନ କାର୍ଯ୍ୟରେ ଲଗାଇବାର ଯଥେଷ୍ଟ ଆଶଙ୍କା ରହିଛି ବୋଲି ଡ. ମିଶ୍ର କହିଛନ୍ତି। ଏଥିସହ ଗିରଫ ହୋଇଥିବା ଅଭିଯୁକ୍ତମାନେ ସେମାନଙ୍କଠାରୁ ଜବତ ମୋବାଇଲ୍‌ର କାଗଜପତ୍ର ଦେଖାଇପାରିନାହାନ୍ତି। ତେଣୁ ପୁଲିସ୍ ସେମାନଙ୍କୁ ଗିରଫ କରିଛି।

**ବିଦେଶୀ ଲିଙ୍କ୍‌ର ହେବ ଖୋଳତାଡ଼**



ଜବତ ହୋଇଥିବା ମୋବାଇଲଗୁଡ଼ିକୁ ଆଗାମୀ ଦିନରେ ଅସଲ ମାଲିକମାନଙ୍କୁ ଫେରାଇବା ପାଇଁ ଥାନା ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି। ସେହିପରି ଗିରଫଦାରୀ ପରେ ଭଞ୍ଜନଗର ଥାନାରେ ୯୨/୨୬ରେ ଏକ ମାମଲା ରୁଜୁ କରାଯାଇଛି। ପୁଲିସ ଘଟଣାର ଅଧିକ ତଦନ୍ତ ଚଳାଇଥିବା ବେଳେ ଗିରଫ ହୋଇଥିବା ଅଭିଯୁକ୍ତମାନେ ସାଇକେଲ ଏବଂ ବାଇକରେ ବୁଲି ବୁଲି ବ୍ୟବସାୟ କରୁଥିବା ବେଳେ ସେମାନଙ୍କ ଚାଲିଚଳଣି ଉପରେ ସନ୍ଦେହ କରି ଅନେକ ଅଭିଯୋଗ ରୁଜୁ ହୋଇଥିଲା। ଅଭିଯୋଗ ପାଇବା ପରେ ପୁଲିସ ସେମାନଙ୍କ ଗତିବିଧି ଉପରେ ନଜର ରଖିଥିଲା। ଗତକାଲି ଅଭିଯୁକ୍ତମାନେ ଗୋଟିଏ ସ୍ଥାନରେ ଏକାଠି ହୋଇଥିବା ବେଳେ ପୁଲିସ ସେମାନଙ୍କୁ ଥାନାକୁ ନେଇ ପଚରାଉଚରା କରିବା ପରେ ଚୋରି ସମ୍ପର୍କରେ ଜାଣିବାକୁ ପାଇଥିଲା।

### ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

## ସମ୍ପାଦକୀୟ



# ଯୁଦ୍ଧ ମୁହଁରେ ଆମେରିକା ଓ ଇରାନ



ବର୍ତ୍ତମାନର ଆନ୍ତର୍ଜାତୀୟ ରାଜନୀତିରେ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ଏକ ବିସ୍ଫୋରକ ରୂପ ନେଇଛି। ୨୦୨୬ ଜାନୁଆରୀ ଶେଷରେ, ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନ ବିରୁଦ୍ଧରେ ସାମରିକ କାର୍ଯ୍ୟାନୁଷ୍ଠାନର ଧମକ ଦେଇଛନ୍ତି, ଯାହା ଏକ ପୂର୍ଣ୍ଣାଙ୍ଗ ଯୁଦ୍ଧର ସମ୍ଭାବନାକୁ ବଢ଼ାଇଛି। ଟ୍ରମ୍ପ କହିଛନ୍ତି ଯେ ଏକ "ବିଶାଳ ଆର୍ମାଡା" ଇରାନ ଆଡ଼କୁ ଯାଉଛି, ଏବଂ ଇରାନ ଯଦି ତାହାର ପରମାଣୁ କାର୍ଯ୍ୟକ୍ରମକୁ ବନ୍ଦ ନକରେ ଏବଂ ବିରୋଧୀମାନଙ୍କୁ ହତ୍ୟା ନକରେ, ତେବେ ଆମେରିକା ଆକ୍ରମଣ କରିବ। ଏହି ଉତ୍ତେଜନା ୨୦୨୫ ଜୁନରେ ହୋଇଥିବା "ଅପରେସନ୍ ମିଡନାଇଟ୍ ହ୍ୟାମର୍" ଆକ୍ରମଣର ପରିଣାମ, ଯେଉଁଥିରେ ଆମେରିକା ଇରାନ୍ର ପରମାଣୁ ସ୍ଥଳଗୁଡ଼ିକୁ ଧ୍ୱଂସ କରିଥିଲା।

ଇରାନ ପକ୍ଷରୁ, ସର୍ବୋଚ୍ଚ ନେତା ଆଲି ଖାମେନେଇ ଏବଂ ବିଦେଶ ମନ୍ତ୍ରୀ ଆବ୍ବାସ ଆରାଘଚି କହିଛନ୍ତି ଯେ ସେମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ, କିନ୍ତୁ ଆଲୋଚନା ପାଇଁ ମଧ ଖୋଲା। ଇରାନରେ ଚାଲିଥିବା ବିରୋଧ ପ୍ରଦର୍ଶନଗୁଡ଼ିକ ସରକାରକୁ ଦୁର୍ବଳ କରିଛି, ଏବଂ ଆମେରିକା ଏହାକୁ ଏକ ସୁଯୋଗ ଭାବରେ ଦେଖୁଛି ଯାହା ଦ୍ୱାରା ସରକାର ପରିବର୍ତ୍ତନ ହୋଇପାରିବ। ଇସ୍ରାଏଲ୍ ମଧ ଇରାନର ମିସାଇଲ୍ ଏବଂ ପରମାଣୁ କାର୍ଯ୍ୟକ୍ରମକୁ ବିରୋଧ କରୁଛି, ଏବଂ ଟ୍ରମ୍ପ ସରକାର ଇସ୍ରାଏଲର ସମର୍ଥନରେ ଅଧିକ ସାମରିକ ବଳ ପଠାଇଛି।

ଏହି ସଂଘର୍ଷର କାରଣଗୁଡ଼ିକ ବହୁମୁଖୀ। ପ୍ରଥମେ, ଇରାନର ପରମାଣୁ କାର୍ଯ୍ୟକ୍ରମ ଆମେରିକା ଏବଂ ଇସ୍ରାଏଲ୍ ପାଇଁ ଏକ ବଡ଼ ଚିନ୍ତା। ଟ୍ରମ୍ପ କହିଛନ୍ତି ଯେ ଇରାନ୍ ପରମାଣୁ ଅସ୍ତ୍ର ନିର୍ମାଣ କରିବାକୁ ଚେଷ୍ଟା କରୁଛି, ଯାହା କ୍ଷେତ୍ରୀୟ ସ୍ଥିରତାକୁ ବିପଦରେ ପକାଇବ। ଦ୍ୱିତୀୟରେ, ଇରାନରେ ଚାଲିଥିବା ବିରୋଧ ପ୍ରଦର୍ଶନଗୁଡ଼ିକରେ ସରକାରର ଦମନକାରୀ କାର୍ଯ୍ୟାନୁଷ୍ଠାନ ଆନ୍ତର୍ଜାତୀୟ ସମାଲୋଚନାକୁ ଆମନ୍ତ୍ରଣ କରିଛି। ଆମେରିକା କହୁଛି ଯେ ଏହା ବିରୋଧୀମାନଙ୍କୁ ରକ୍ଷା କରିବ। ତୃତୀୟରେ, କ୍ଷେତ୍ରୀୟ ଶକ୍ତି ସନ୍ତୁଳନ ଏବଂ ଇରାନର ପ୍ରକ୍ସି ଗୋଷ୍ଠୀଗୁଡ଼ିକ ଯେପରିକି ହେଜବୋଲ୍ଲାହ ଏହି ଉତ୍ତେଜନାକୁ ବଢ଼ାଉଛି।

ଯଦି ଯୁଦ୍ଧ ହୁଏ, ତାହାର ପରିଣାମ ବିପର୍ଯ୍ୟୟକାରୀ ହେବ। ମଧ୍ୟପ୍ରାଚ୍ୟରେ ଏକ ବଡ଼ ଯୁଦ୍ଧ ହୋଇପାରେ, ଯାହା ଇସ୍ରାଏଲ୍, ସାଉଦି ଆରବ, ଏବଂ ଅନ୍ୟାନ୍ୟ ଦେଶକୁ ଟାଣିଆଣିବ। ତେଲ ମୂଲ୍ୟ ଆକାଶଛୁଆଁ ହୋଇଯିବ, ଯାହା ବିଶ୍ୱ ଅର୍ଥନୀତିକୁ ପ୍ରଭାବିତ କରିବ, ବିଶେଷକରି ଭାରତ ପରି ଦେଶଗୁଡ଼ିକୁ ଯେଉଁମାନେ ମଧ୍ୟପ୍ରାଚ୍ୟରୁ ତେଲ ଆମଦାନୀ କରନ୍ତି। ଭାରତର ଅର୍ଥନୀତିରେ ମୁଦ୍ରାସ୍ଫୀତି ବଢ଼ିବ, ଏବଂ କ୍ଷେତ୍ରୀୟ ଅସ୍ଥିରତା ଆତଙ୍କବାଦୀ କାର୍ଯ୍ୟକଳାପକୁ ବଢ଼ାଇବ। ଏହା ଛଡ଼ା, ମାନବୀୟ ସଙ୍କଟ ସୃଷ୍ଟି ହୋଇପାରେ, ଲକ୍ଷ ଲକ୍ଷ ଲୋକଙ୍କର ଜୀବନ ବିପଦରେ ପଡ଼ିବ। ଏହି ପରିସ୍ଥିତିରେ, ଆଲୋଚନା ଏବଂ କୂଟନୈତିକ ପ୍ରୟାସ ହିଁ ଏକମାତ୍ର ବିକଳ୍ପ। ରୁଷିଆ ମଧ୍ୟସ୍ଥତା କରିବାକୁ ପ୍ରସ୍ତାବ ଦେଇଛି, ଯାହା ଏକ ସକାରାତ୍ମକ ପଦକ୍ଷେପ। ଭାରତ, ଏକ ଅହିଂସାବାଦୀ ଦେଶ ଭାବରେ, ଉଭୟ ପକ୍ଷକୁ ସଂଯମ ରକ୍ଷା କରିବାକୁ ଆହ୍ୱାନ ଦେବା ଉଚିତ। ଆନ୍ତର୍ଜାତୀୟ ସମୁଦାୟ, ବିଶେଷକରି ରାଷ୍ଟ୍ରସଂଘ, ଏହି ସଙ୍କଟରେ ହସ୍ତକ୍ଷେପ କରି ଶାନ୍ତି ପ୍ରତିଷ୍ଠା କରିବା ଆବଶ୍ୟକ। ଯୁଦ୍ଧ କେବଳ ବିନାଶ ଆଣିବ, କିନ୍ତୁ ଆଲୋଚନା ଦ୍ୱାରା ଏକ ସ୍ଥାୟୀ ସମାଧାନ ସମ୍ଭବ।

ଶେଷରେ, ଏହି ଉତ୍ତେଜନା ଆମକୁ ସ୍ମରଣ କରାଉଛି ଯେ ବିଶ୍ୱରେ ଶାନ୍ତି ରକ୍ଷା ପାଇଁ ସମସ୍ତ ଦେଶର ସହଯୋଗ ଆବଶ୍ୟକ। ଆମେରିକା ଏବଂ ଇରାନ ଉଭୟ ପକ୍ଷ ନିଜ ଅହଂକାରକୁ ଛାଡ଼ି ଆଲୋଚନାର ଟେବୁଲରେ ବସିବା ଉଚିତ। କେବଳ ଏହିପରି ହିଁ ଏକ ବଡ଼ ବିପର୍ଯ୍ୟୟକୁ ରୋକାଯାଇପାରିବ।

# ସାରସ୍ୱତ ସାଧନାର ଅନନ୍ୟ ପୀଠ: ସାରଳା ସାହିତ୍ୟ ସଂସଦ



**ଇନ୍ଦୁ ଭୂଷଣ ଭୂୟାଁ (ବାଦଲ)**

ହଜାର ବର୍ଷର ଗୌରବାମୟ ସହର ହେଉଛି କଟକ ସହର। ଏହି ମାଟିରେ ଅନେକ କାଳଜୟୀ, କୃତୀ ଓଡ଼ିଆ ଓ ଗୌରବପୂର୍ଣ୍ଣ କଟକିଆଙ୍କ ସ୍ମୃତି ମଧ ପରିପୂର୍ଣ୍ଣ। ସହରର ଦୁଇପଟରେ ମହାନଦୀ ଓ କାଠଯୋଡ଼ି ଏହାର ଭୌଗୋଳିକ ଅବସ୍ଥିତିକୁ ଅତି ସୁନ୍ଦର ଭାବେ ଗଢ଼ି ତୋଳିଛି। ଭାଷା, ସାହିତ୍ୟ, ସଂସ୍କୃତି କ୍ଷେତ୍ରରେ ସମଗ୍ର ଓଡ଼ିଶାରେ କଟକ ସହରର ସ୍ଥାନ ସ୍ୱତନ୍ତ୍ର। କଟକରେ ଅନେକ କାଳଜୟୀ ଲେଖକ ଓ ସାରସ୍ୱତ ସାଧକଙ୍କ ଘର ରହିଛି, ସେମାନଙ୍କ ସାଧନାର ସ୍ମୃତି ରହିଛି। ସେହିପରି ସାରସ୍ୱତ ସାଧକ ମାନଙ୍କୁ ପ୍ରେରଣା ଯୋଗାଇବା ପାଇଁ ଅନେକ ସାରସ୍ୱତ ସଂଗଠନ ମଧ ରହିଛି। ଓଡ଼ିଆ ଭାଷାର ପ୍ରଚାର, ସାହିତ୍ୟ ସାଧକଙ୍କୁ ପ୍ରୋତ୍ସାହନ, ପ୍ରତିଭା ପୂଜା ପାଇଁ ସମର୍ପିତ କାର୍ଯ୍ୟ କରୁଥିବା ସାରସ୍ୱତ ଅନୁଷ୍ଠାନ ମାନଙ୍କ ମଧ୍ୟରେ 'ସାରଳା ସାହିତ୍ୟ ସଂସଦ'ର ସ୍ଥାନ ସର୍ବାଗ୍ରେ। ୪୫ ବର୍ଷ ତଳେ କଟକ ସହରରେ ଏହି ଅନୁଷ୍ଠାନ ଗଢ଼ା ହୋଇଥିଲା। କିନ୍ତୁ ବାସ୍ତବରେ ଏହି ଅନୁଷ୍ଠାନର ବୀଜ ବପନ ହୋଇଥିଲା ଜଗତସିଂହପୁର ଝଙ୍କଡ଼ସ୍ଥିତ ମୁନିଗୋସାଇଁ ପୀଠରୁ।

କଟକ ସହରରେ ଏପରି ଏକ ଅନୁଷ୍ଠାନ ଗଠନ କରିବା କମ ବଡ଼ ଆହ୍ୱାନ ନଥିଲା। ଝଙ୍କଡ଼ ମୁନିଗୋସାଇଁ ପୀଠରେ ପ୍ରତିବର୍ଷ ଆଦିକବି ସାରଳା ଦାସଙ୍କ ପୁଣ୍ୟ ତିଥି ପାଳନ ଉତ୍ସବରୁ ସଂସଦର ସଭାପତି ଡକ୍ଟର ଇଞ୍ଜିନିୟର ପ୍ରଭାକର ସ୍ୱାଇଁ ସାହିତ୍ୟ ଲେଖିବା ଓ ପଢ଼ିବା ପାଇଁ ପ୍ରେରଣା ପାଇଥିଲେ। ୧୯୭ରେ ଡକ୍ଟର ସ୍ୱାଇଁ ରାଉରକେଲା ଏନଆଇଟି ଛାତ୍ର ଥିବା ଅବସ୍ଥାରେ ଅନ୍ୟ ଛାତ୍ର ମାନଙ୍କୁ ଧରି ଏକ ଅନୁଷ୍ଠାନ ଗଢ଼ି ସାରଳା ଦାସଙ୍କ ପୁଣ୍ୟତିଥ ପାଳନ ଆରମ୍ଭ କରିଥିଲେ। ୧୯୮୧ରେ ଡକ୍ଟର ସ୍ୱାଇଁ ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଯନ୍ତ୍ରୀ ଭାବେ କଟକରେ ଅବସ୍ଥାପିତ ହେଲେ। ସେହି ୧୯୮୧, ଡିସେମ୍ବର ମାସରେ କିଛି ସାହିତ୍ୟିକଙ୍କୁ ଏକାଠି କରି ଡକ୍ଟର ପାଇଁ କଟକରେ ସାରଳା ସାହିତ୍ୟ ସଂସଦ ଗଢ଼ିଲେ। ପ୍ରଖ୍ୟାତ ସାହିତ୍ୟିକ କାଳିନ୍ଦୀ ଚରଣ ପାଣିଗ୍ରାହୀ ହେଲେ ପ୍ରଥମ ସଭାପତି ଓ ଡକ୍ଟର ସ୍ୱାଇଁ ହେଲେ ପ୍ରଥମ ସମ୍ପାଦକ। ପଦ୍ମଶ୍ରୀ ପ୍ରତିଭା ରାୟ, ଡାକ୍ତର ନିରଦ କୁମାର ଗଚ୍ଛାୟତ, ଡକ୍ଟର ମହେଶ୍ୱର ମହାନ୍ତିଙ୍କ ଭଳି ବିଶିଷ୍ଟ ସାହିତ୍ୟିକ ସଭ୍ୟ ହେଲେ। ୧୯୮୨ ମସିହା ଜାନୁଆରୀ ୨୯ରେ ସାରଳା ସାହିତ୍ୟ ସଂସଦ ଆନୁଷ୍ଠାନିକ ଭାବେ ଉଦଘାଟନ ହେଲା। ସଭାଗୃହ ନଥିବାରୁ ଅନୁଷ୍ଠାନର ପ୍ରଥମ ସଭା ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହେଲା। ଏହି ସଭାରେ କାଳିନ୍ଦୀ ଚରଣ ପାଣିଗ୍ରାହୀ, ରାଧାନାଥ ରଥ, ପଠାଣି ପଟ୍ଟନାୟକ ଅତିଥି ଭାବେ ଯୋଗ ଦେଇଥିଲେ। ୧୯୮୩ରୁ ଅନୁଷ୍ଠାନ ପ୍ରତିଭାବାନ ସାହିତ୍ୟିକଙ୍କ ଉଦ୍ଦେଶ୍ୟରେ 'ସାରଳା ସମ୍ମାନ' ଦେବା ଆରମ୍ଭ କଲା।

ବିଶିଷ୍ଟ ସାହିତ୍ୟିକ ଡକ୍ଟର କୃଷ୍ଣଚନ୍ଦ୍ର ପାଣିଗ୍ରାହୀ ପ୍ରଥମ ସାରଳା ସମ୍ମାନ ପାଇଥିଲେ। ପରେ ପରେ ସୁରେନ୍ଦ୍ର ମହାନ୍ତି, ମନୋଜ ଦାସ ସୀତାକାନ୍ତ ମହାପାତ୍ର, ରମାକାନ୍ତ ରଥ, ପ୍ରତିଭା ରାୟ ପ୍ରମୁଖ ଏହି ସମ୍ମାନର ଅଧିକାରୀ ହେଲେ। ୧୯୯୬ରେ ସାରଳା ସାହିତ୍ୟ ସଂସଦ କଟକର ବିଜୁ ପଟ୍ଟନାୟକ ଛକରେ ନିଜସ୍ୱ କାର୍ଯ୍ୟାଳୟ ଓ ସଭାଗୃହ ସାରଳା ଭବନ ନିର୍ମାଣ କରିଛି। ୨୦୦୭ ମସିହାର ସାରଳା ସାହିତ୍ୟ ସଂସଦ ଜାତୀୟ ତଥା ଆନ୍ତର୍ଜାତିକ କ୍ଷେତ୍ରରେ ପ୍ରତିଷ୍ଠା ଅର୍ଜନ କରିଥିବା ଜଣେ ଓଡ଼ିଆଙ୍କୁ 'କଳିଙ୍ଗ ରତ୍ନ ସମ୍ମାନ' ପ୍ରଦାନ କରିବାକୁ ନିଷ୍ପତ୍ତି ନେଲା। ୨୦୦୭ରେ ପ୍ରଥମ ଥର ଜଷ୍ଟିସ ରଙ୍ଗନାଥ ମିଶ୍ର କଳିଙ୍ଗ ରତ୍ନ ସମ୍ମାନ ଲାଭ କଲେ। ପରକୁ ପର ପୂର୍ବତନ ବାଚସ୍ପତି ରବି ରାୟ, ଜଷ୍ଟିସ ଅରଜିତ ପଶାୟତ, ରମାକାନ୍ତ ରଥ, ତୁଳସୀ ମୁଣ୍ଡା, ଜଷ୍ଟିସ ଅନଙ୍ଗ କୁମାର ପଟ୍ଟନାୟକଙ୍କ ଭଳି ବ୍ୟକ୍ତି ଏହି ସମ୍ମାନ ଲାଭ କରିଛନ୍ତି। ଏବେ ସଂସଦ ୧୦୦ରୁ ଅଧିକ ଗ୍ରନ୍ଥ ପ୍ରକାଶନ କରିବା ସହ ବହୁସ୍ଥାନରେ ଶାଖା ଖୋଲିଛି। ଏପରିକି ଦିଲ୍ଲୀ, କୋଲକାତା, ମୁମ୍ବାଇରେ ଅନୁଷ୍ଠାନର ଶାଖା ଖୋଲି ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାରର କରିଚାଲିଛି। ଏହି ଅନୁଷ୍ଠାନ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ 'ସାରଳା ମହାଭାରତ'ର ୧୮ଟି ପର୍ବ ପ୍ରକାଶ କରିଛି। ମହାନଦୀ ରିଂରୋଡ଼ରୁ ପୁରୁଣା ଡିଅର ପାର୍କ ହୋଇ ବିଜୁ ବାବୁଙ୍କ ଆନନ୍ଦ ଭବନ ବାସ ଭବନ ସନ୍ନିକଟ ଅଞ୍ଚଳରେ ରହିଛି ସାରଳା ସାହିତ୍ୟ ସଂସଦ ଯାହାକି ବିଜୁ ପଟ୍ଟନାୟକ ଛକ ଅଞ୍ଚଳ ଅନ୍ତର୍ଭୁକ୍ତ। ଅନେକ ସାରସ୍ୱତ ସଂଗଠନ ଓ ସାରସ୍ୱତ ସାଧକଙ୍କ କାର୍ଯ୍ୟକ୍ରମ ଏପରି ଏକ ମନୋଜ୍ଞ ଅନୁଷ୍ଠାନରେ ନିୟମିତ ଭାବେ ଆୟୋଜିତ ହେଉଛି। ଓଡ଼ିଶାର ଅନ୍ୟଏକ ସାରସ୍ୱତ ସାଧନାର ଅନନ୍ୟ ଓ ଶ୍ରେଷ୍ଠତମ ପୀଠ କହିଲେ ଏହି ସାରଳା ସାହିତ୍ୟ ସଂସଦକୁ ଏହା ଅତ୍ୟୁକ୍ତି ହେବନାହିଁ।


**ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର, ମୋବାଇଲ୍: ୭୪୮୮୯୯୮୫୩୨**


# କେନ୍ଦ୍ରୀୟ ବଜେଟରୁ ଭାରତୀୟଙ୍କ ଆଶା

**ଅବିନାଶ ମହାପାତ୍ର**



ଆଜି ରବିବାର, କିନ୍ତୁ ବଜେଟ ଉପସ୍ଥାପନର ଧାରା ଭାଙ୍ଗିଲେନି ସରକାର। କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ ରବିବାରରେ ମଧ ନିଜର ନବମ କ୍ରମାଗତ ବଜେଟ୍ ଉପସ୍ଥାପନ କରିବାକୁ ଯାଉଛନ୍ତି। ଏହା ଚଳିତ ମୋଦି ସରକାରରେ ଏକ ଐତିହାସିକ ଘଟଣା ହେବାକୁ ଯାଉଛି, କାରଣ ସମ୍ପ୍ରତି ବର୍ଷଗୁଡ଼ିକରେ ଏହି ତାରିଖରେ ବଜେଟ୍ ପ୍ରସ୍ତୁତ ହେବା ବିରଳ। ଏଥିରୁ ପ୍ରତୀୟମାନ ହେଉଛି ଯେ କେନ୍ଦ୍ର ସରକାର ଏକ ନିର୍ଦ୍ଦିଷ୍ଟ ତାରିଖରେ ହେଉଥିବା ବଜେଟ ଉପସ୍ଥାପନର ଧାରାକୁ ଭାଙ୍ଗିବାକୁ ଚାହୁଁ ନାହାନ୍ତି। ଭାରତ ଏବେ ବିକଶିତ ଭାରତ (VIKSIT BHARAT) ଲକ୍ଷ୍ୟ ଆଡ଼କୁ ଦ୍ରୁତ ଗତିରେ ଅଗ୍ରସର ହେଉଛି, ଯାହା ୨୦୪୭ ସୁଦ୍ଧା ଏକ ବିକଶିତ ରାଷ୍ଟ୍ର ହେବାର ସ୍ୱପ୍ନକୁ ସାକାର କରିବାକୁ ଅଗ୍ରସର। ଏହି ପରିପ୍ରେକ୍ଷୀରେ ୨୦୨୬-୨୭ ବର୍ଷର କେନ୍ଦ୍ରୀୟ ବଜେଟ୍ ଅର୍ଥନୈତିକ ସ୍ଥିରତା, ଉତ୍ପାଦନଶୀଳତା ବୃଦ୍ଧି ଓ ସମାବେଶୀ ବିକାଶର ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହେବ।

ଅର୍ଥନୈତିକ ସର୍ଭେ ୨୦୨୬ ଅନୁଯାୟୀ, ଆଗାମୀ ଆର୍ଥିକ ବର୍ଷ ଅର୍ଥାତ୍ ୨୦୨୬-୨୭ ଆର୍ଥିକ ବର୍ଷରେ ଭାରତର ଜିଡିପି ବୃଦ୍ଧି ୬.୮ରୁ ୭.୨% ମଧ୍ୟରେ ରହିବାର ଆଶା ରହିଛି। ଘରୋଇ ଚାହିଦା ମଜବୁତ୍ ରହିଛି, ମୁଦ୍ରାସ୍ଫୀତି ନିୟନ୍ତ୍ରଣରେ ରହିଛି, କିନ୍ତୁ ବିଶ୍ୱବ୍ୟାପୀ ଅନିଶ୍ଚିତତା, ଆମେରିକାର ଟ୍ୟାରିଫ୍ ନୀତି (ବିଶେଷକରି ଟେକ୍ସଟାଇଲ୍, ଚର୍ମ ଓ ଯୋତା କ୍ଷେତ୍ରରେ), ଟଙ୍କାର ମୂଲ୍ୟହ୍ରାସ ଓ ବିଦେଶୀ ନିବେଶକଙ୍କ ପ୍ରସ୍ଥାନ ଭଳି ଚ୍ୟାଲେଞ୍ଜ ମଧ ଭାରତୀୟ ଅର୍ଥନୀତି ସାମ୍ନାରେ ରହିଛି। ଏହି ପରିସ୍ଥିତିରେ ବଜେଟ୍ ଚାହିଦା-ଆଧାରିତ ବୃଦ୍ଧିରୁ *ଉତ୍ପାଦନଶୀଳତା-ଆଧାରିତ ବୃଦ୍ଧି* ଆଡ଼କୁ ସ୍ଥାନାନ୍ତର କରିବାକୁ ଚେଷ୍ଟା କରିପାରନ୍ତି ଅର୍ଥମନ୍ତ୍ରୀ। ଭାରତର ମୁଖ୍ୟ ଆଶାଗୁଡ଼ିକ ସମ୍ପର୍କରେ ଆଲୋଚନା କରିବା

### ଆର୍ଥିକ ଅନୁଶାସନ ଓ ବିତ୍ତୀୟ ନିଅଣ୍ଟ

ବିଶେଷଜ୍ଞମାନେ ଆଶା କରୁଛନ୍ତି ଯେ ୨୦୨୭ ଆର୍ଥିକ ବର୍ଷ ପାଇଁ ବିତ୍ତୀୟ ନିଅଣ୍ଟ ଲକ୍ଷ୍ୟ ମୋଟ ଘରୋଇ ଉତ୍ପାଦର ୪.୩% ପର୍ଯ୍ୟନ୍ତ ରହିବ, ଯାହା ୨୦୨୬ ଆର୍ଥିକ ବର୍ଷରେ ୪.୪ ପ୍ରତିଶତ ଠାରୁ କମ୍। ଏହା FY19 ପରଠାରୁ ସର୍ବନିମ୍ନ ହେବ। ଋଣ-ଜିଡିପି ଅନୁପାତକୁ ୫୦% ପର୍ଯ୍ୟନ୍ତ ହ୍ରାସ କରିବାର ଦୀର୍ଘମିଆଦୀ ପଥ ଜାରି ରହିବ। ସରକାର ଉଚ୍ଚମାନର ପୁଞ୍ଜିଗତ ବ୍ୟୟ ବା କ୍ୟାପେକ୍ସ ଉପରେ ଗୁରୁତ୍ୱ ଦେବେ, ଯାହା ଅର୍ଥନୀତିରେ ଦୀର୍ଘକାଳୀନ ଉତ୍ପାଦନଶୀଳତା ବୃଦ୍ଧି କରିବ। ଏହା ପରୋକ୍ଷରେ ରାଜକୋଷ ପାଇଁ ଆୟ ବୃଦ୍ଧିର ମାଧ୍ୟମ ହେବ।





### ମଧ୍ୟବର୍ଗ ପାଇଁ ଆୟକର ରିହାତି

ମଧ୍ୟବର୍ଗୀୟ ପରିବାରଗୁଡ଼ିକ ମୁଦ୍ରାସ୍ଫୀତିର ପ୍ରଭାବରୁ ରକ୍ଷା ପାଇବାକୁ ଆଶା କରୁଛନ୍ତି। ମୁଖ୍ୟ ଦାବିଗୁଡ଼ିକ ହେଉଛି:

- ନୂଆ ଟ୍ୟାକ୍ସ ରେଜିମ୍‌ରେ ଷ୍ଟାଣ୍ଡାର୍ଡ ଡିଡକ୍ସନ୍‌କୁ ₹୭୫,୦୦୦ରୁ ₹୧ ଲକ୍ଷ କରିବା
- ଦୀର୍ଘକାଳୀନ ପୁଞ୍ଜିଗତ ଲାଭ (LTCG) ମୁକ୍ତି ସୀମାକୁ ₹୨ ଲକ୍ଷ ପର୍ଯ୍ୟନ୍ତ ବଢ଼ାଇବା
- ସ୍ୱାସ୍ଥ୍ୟ ବୀମା ପାଇଁ ଧାରା ୮୦ଡି ଅଧିକ ରିହାତି ଓ ଏହାକୁ ନୂଆ ରେଜିମ୍‌ରେ ଅନ୍ତର୍ଭୁକ୍ତ କରିବା।
- ହୋମ୍ ଲୋନ୍ ସୁଧ ଓ ମୂଳଧନ ପାଇଁ ଅଧିକ ରିହାତି, ବରିଷ୍ଠ ନାଗରିକଙ୍କ ପାଇଁ ବିଶେଷ ସୁବିଧା।
- ସମ୍ପ୍ରତି ବଜେଟ୍‌ଗୁଡ଼ିକରେ ଟ୍ୟାକ୍ସ ସ୍ଲାବ୍ ସରଳୀକରଣ ହୋଇଥିବାରୁ ବଡ଼ ପରିବର୍ତ୍ତନ ଅସମ୍ଭବ, କିନ୍ତୁ ମଧ୍ୟମ ରିହାତି ମାଧ୍ୟମରେ ଘରୋଇ ଖର୍ଚ୍ଚ ବୃଦ୍ଧି ପାଇବ।

### ଅବସଂରଚନା ଓ ପୁଞ୍ଜିଗତ ବ୍ୟୟରେ ବୃଦ୍ଧି

ସରକାରୀ CAPEX ଜାରି ରହିବା ଓ ବୃଦ୍ଧି ପାଇବା ଆଶା କରାଯାଉଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମେଟ୍ରୋ, ରେଳପଥ ଓ ନଗର ବିକାଶ ପ୍ରକଳ୍ପଗୁଡ଼ିକୁ ଅଧିକ ଅର୍ଥ ମିଳିବ। ବେସରକାରୀ ନିବେଶକୁ ଆକର୍ଷଣ କରିବା ପାଇଁ ପ୍ରୋତ୍ସାହନ ରହିବ।

### ଏମଏସ୍ଏମ୍ଇ, ଉତ୍ପାଦନ ଓ ରପ୍ତାନି ସମର୍ଥନ

କ୍ରେଡିଟ୍ ଗ୍ୟାରେଣ୍ଟି ବୃଦ୍ଧି, PLI ଯୋଜନା ଜାରି ରଖିବା, GST ସରଳୀକରଣ ଓ ବ୍ୟବସାୟ ସହଜତା ବୃଦ୍ଧି ଆଶା କରାଯାଉଛି। ଆମେରିକା ଟ୍ୟାରିଫ୍‌ରେ ପ୍ରଭାବିତ ଶ୍ରମ-ନିର୍ଭର କ୍ଷେତ୍ର ଯଥା ଟେକ୍ସଟାଇଲ୍, ଫୁଟୱେର୍, ଚର୍ମ ପାଇଁ ବିଶେଷ ଯୋଜନା ଆସିପାରେ। ମେକ୍ ଇନ୍ ଇଣ୍ଡିଆ, କମ୍ପୋନେଣ୍ଟ୍ R&D ଓ କ୍ଲଷ୍ଟର୍ ବିକାଶ ଉପରେ ଗୁରୁତ୍ୱ ଦିଆଯିବ।

### କ୍ଷେତ୍ରଭିତ୍ତିକ ଅଗ୍ରାଧିକାର

- **ରକ୍ଷା:** ଆତ୍ମନିର୍ଭରତା ପାଇଁ ଅଧିକ ବ୍ୟୟ।
- **ସବୁଜ ଶକ୍ତି:** EV, ନବୀକରଣଯୋଗ୍ୟ ଶକ୍ତି ଓ ଜଳବାୟୁ ପ୍ରତିରୋଧକ ପଦକ୍ଷେପ।
- **କୃଷି ଓ ଗ୍ରାମୀଣ ଅର୍ଥନୀତି:** ଡାଲି, କପା ଉତ୍ପାଦନ ବୃଦ୍ଧି, ଉନ୍ନତ ବୀଜ, KCC ସୁଧାର।
- **ଟେକ୍ନୋଲୋଜି ଓ ଏଆଇ:** ସ୍କିଲିଙ୍ଗ୍, ଏଆଇ ସେଣ୍ଟର୍, ଡିଜିଟାଲ୍ ଅବସଂରଚନା।
- **ସ୍ୱାସ୍ଥ୍ୟ ଓ ଶିକ୍ଷା:** GDPର ୨.୫% ସ୍ୱାସ୍ଥ୍ୟ ବ୍ୟୟ, ପ୍ରତିରୋଧକ ସ୍ୱାସ୍ଥ୍ୟ, NEP ୨୦୨୦ କାର୍ଯ୍ୟକାରୀ।
- **ବ୍ୟୟ ଓ ଆବାସ:** ଟ୍ୟାକ୍ସ ରିହାତି ଓ ସବସିଡି ମାଧ୍ୟମରେ ମଧ୍ୟବର୍ଗ ଖର୍ଚ୍ଚ ବୃଦ୍ଧି।

### ବ୍ୟାପକ ସୁଧାର

ଆୟକର ଆଇନ୍ ସରଳୀକରଣ (ଇନ୍‌କମ୍-ଟ୍ୟାକ୍ସ ବିଲ୍ ୨୦୨୫ ଆଧାରରେ), ବିବାଦ ଦ୍ରୁତ ନିଷ୍ପତ୍ତି, ବ୍ୟବସାୟ ସହଜତା, ଗିଗ୍ କର୍ମଚାରୀ ସମର୍ଥନ। ବଜେଟ୍ "ଗରିବ, ଯୁବା, ଅନ୍ନଦାତା ଓ ନାରୀ" ମାନଙ୍କ ପାଇଁ ନିଯୁକ୍ତି ସୃଷ୍ଟି ଓ ସମାବେଶୀ ବିକାଶ ଉପରେ ଗୁରୁତ୍ୱ ଦେବାର ସମ୍ଭାବନା ଅଧିକ।

### ବଜେଟ୍‌ରେ ମୁଖ୍ୟ ଫୋକସ୍ କ୍ଷେତ୍ର

ବିଶ୍ୱବ୍ୟାପୀ ଅନିଶ୍ଚୟତା ମଧ୍ୟରେ ଏହି ବଜେଟ୍ ଜନପ୍ରିୟ ପଦକ୍ଷେପ ଅପେକ୍ଷା ଗଠନମୂଳକ ସୁଧାର ଉପରେ ଗୁରୁତ୍ୱ ଦେବା ଉଚିତ୍। ମୁଖ୍ୟ ଫୋକସରେ ଆମର ଉତ୍ପାଦନ ବୃଦ୍ଧି ଓ ରୋଜଗାର ଏବଂ ଦକ୍ଷତା ବୃଦ୍ଧି ଉପରେ ଗୁରୁତ୍ୱ ଦେବା ଉଚିତ୍।

- **ଉତ୍ପାଦନଶୀଳତା ଓ ଯୋଗାଣ ଦକ୍ଷତା:** ଅବସଂରଚନା ଉନ୍ନୟନ, ଆଇଏଆଇ ଓ ଡିଜିଟାଲ୍ ଗ୍ରହଣ।
- **ନିଯୁକ୍ତି ଓ ଦକ୍ଷତା ବିକାଶ:** ଯୁବକ, ଏମଏସ୍ଏମ୍ଇ ଓ ଶ୍ରମ-ନିର୍ଭର କ୍ଷେତ୍ର ପାଇଁ ଲକ୍ଷ୍ୟଭିତ୍ତିକ କାର୍ଯ୍ୟକ୍ରମ।
- **ସମାବେଶୀ ବିକାଶକୁ ଗୁରୁତ୍ୱ:** ସ୍ୱାସ୍ଥ୍ୟ, ଶିକ୍ଷା, କୃଷି ଓ ସବୁଜ ଉଦ୍ୟମରେ ନିବେଶ ହିଁ ଆର୍ଥିକ ଅଭିବୃଦ୍ଧିରେ ପ୍ରମୁଖ ଉପାଦାନ ଭାବେ ଗ୍ରହଣୀୟ।
- **ବିଶ୍ୱବ୍ୟାପୀ ବିପଦ ପ୍ରତିରୋଧ:** ରପ୍ତାନି ବିବିଧକରଣ, ଟ୍ୟାରିଫ୍ ସୁରକ୍ଷା ଓ ଘରୋଇ ଚାହିଦା ଉତ୍ସାହ।
- **ମଧ୍ୟବର୍ଗ ସଶକ୍ତିକରଣ:** ଟ୍ୟାକ୍ସ ଓ ସୁବିଧା ମାଧ୍ୟମରେ ଖର୍ଚ୍ଚ ଶକ୍ତି ବୃଦ୍ଧି।

୨୦୨୬ କେନ୍ଦ୍ରୀୟ ବଜେଟ୍ ଭାରତର ମଜବୁତ୍ ଆର୍ଥିକ ମୂଳଦୁଆ ଯେପରିକି ଘରୋଇ ଚାହିଦା, ସ୍ଥିର ମ୍ୟାକ୍ରୋ ଓ ସୁଧାର ଗତିକୁ ଆହୁରି ମଜବୁତ୍ କରିବ। ଏହା ଅନିଶ୍ଚିତ ବିଶ୍ୱରେ ଉଚ୍ଚ ବୃଦ୍ଧି, ପ୍ରତିଯୋଗିତା ଓ ସମାବେଶୀତାର ପଥ ପ୍ରଶସ୍ତ କରିବ। ୧ ଫେବୃଆରୀର ଘୋଷଣା ୨୦୨୭ ଆର୍ଥିକ ବର୍ଷ ଓ ତା'ପରେ ଭାରତର ଅର୍ଥନୈତିକ ଯାତ୍ରାର ଦିଗ ମଧ ନିର୍ଦ୍ଧାରିତ କରିବ। ବିଭିନ୍ନ ରାଜ୍ୟରେ ଏହି ବର୍ଷ ନିର୍ବାଚନ ଦୃଷ୍ଟିରୁ ସେ ସବୁ ରାଜ୍ୟକୁ ଅଧିକ ଫୋକସ ମଧ ସରକାର କରିପାରନ୍ତି। ତେବେ ସବୁ ବର୍ଷ ଭଳି ରାଜସ୍ୱ ବୃଦ୍ଧି ପାଇଁ ନୂଆ ଯୋଜନା ଏବଂ ଲୋକଙ୍କ ହିତରେ ଜନ କଲ୍ୟାଣ କରି ନୂଆ କାର୍ଯ୍ୟକ୍ରମ ଘୋଷଣା ଉପରେ ରହିବ ସମସ୍ତଙ୍କ ନଜର।

# ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଓ ତାଙ୍କ ଗ୍ରନ୍ଥାବଳୀ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ପଞ୍ଚଦଶ ଶତାବ୍ଦୀର ମଧ ଭାଗରୁ ଷୋଡଶ ଶତାବ୍ଦୀର ସତୁରୀ ଦଶକ ପର୍ଯ୍ୟନ୍ତ ପଞ୍ଚସଖା ସନ୍ଥ ମାନେ ଅର୍ଥାତ୍ ଅଚ୍ୟୁତାନନ୍ଦ ଦାସ, ବଳରାମ ଦାସ, ଜଗନ୍ନାଥ ଦାସ, ଅନନ୍ତ ଦାସ ଓ ଯଶୋବନ୍ତ ଦାସ ଓଡ଼ିଶାରେ ପ୍ରାଚୀନ ସନାତନ ଧର୍ମର ଗୁଢ଼ ଆଧାତ୍ମିକ ତତ୍ତ୍ୱକୁ ଅତ୍ୟନ୍ତ ସହଜ, ସରଳ ତଥା ପ୍ରାଞ୍ଜଳ ଭାଷାରେ ବିଭିନ୍ନ ପୋଥି, ମାଳିକା, ଟୀକା, ଗୀତା ଓ ସହିଂତା ରଚନା ମାଧ୍ୟମରେ ସାଧାରଣ ଜନଜୀବନକୁ ପ୍ରଭାବିତ କରିଥିଲେ । ଏହି ପଞ୍ଚସଖା ସନ୍ଥ ମାନଙ୍କ ମଧ୍ୟରେ ଶ୍ରୀ ଅଚ୍ୟୁତାନନ୍ଦ ଦାସ ଥିଲେ ଅନ୍ୟତମ । ସେ ୧୫୧୦ ମସିହା ମାଘ ଶୁକ୍ଳ ଏକାଦଶୀ ତିଥିରେ କଟକ ଜିଲ୍ଲା ତିଳକଣା ଗ୍ରାମରେ ଜନ୍ମଗ୍ରହଣ କରିଥିଲେ । କେହି କେହି ତାଙ୍କୁ ଅବତାରୀ ପୁରୁଷ ବୋଲି ବର୍ଣ୍ଣନା କରିଥିବା ବେଳେ ତାଙ୍କର ଜନ୍ମ ବୃତ୍ତାନ୍ତକୁ ନେଇ ଭିନ୍ନ ଭିନ୍ନ ମତ ରହିଛି । କେହି ତାଙ୍କୁ ଗୋପାଳ ବଂଶଜ ବୋଲି ଗ୍ରହଣ କରନ୍ତି ତ, କେହି କ୍ଷତ୍ରିୟ କୁଳ ର ବୋଲି କହନ୍ତି । ଐତିହାସିକ, ଓଡ଼ିଆ ସାହିତ୍ୟ ଗବେଷକ ସ୍ୱର୍ଗତ ଡଃ ଆର୍ତ୍ତବଲ୍ଲଭ ମହାନ୍ତିଙ୍କ ଭିନ୍ନ ମତ ରହିଛି । କିନ୍ତୁ, ଚୈତନ୍ୟ ଭାଗବତ ରେ କୁହାଯାଇଛି : "ସୁଦାମା ଅଚ୍ୟୁତ ହୋଇଣ, ଜନ୍ମିଲେ ମହାନ୍ତି କୁଳେଣ।" ଅର୍ଥାତ୍, ଅଚ୍ୟୁତାନନ୍ଦ କରଣ କୂଳରେ ଜନ୍ମ ନେଇଥିଲେ । ତେବେ ଯାହା ହେଉନା କାହିଁକି, ପତିତ ଓ ଅବହେଳିତ ବର୍ଗ ର ଲୋକଙ୍କ ସାମାଜିକ ଉତ୍ଥାନ ପାଇଁ ସେ ଉଦ୍ୟମ କରିଥିବା ତାଙ୍କ ରଚନା ମାନଙ୍କରୁ ସ୍ପଷ୍ଟ ଜଣା ପଡ଼େ । ତନ୍ମଧ୍ୟରୁ ତାଙ୍କ ରଚିତ "ଗୋପାଳଙ୍କ ଓଗାଳ" ଓ "କୈବର୍ତ୍ତ ଗୀତା" ଅନ୍ୟତମ ଉଦାହରଣ ବୋଲି କୁହାଯାଇପାରେ । ମହାପୁରୁଷ ଅଚ୍ୟୁତାନନ୍ଦ ଦାସ ଷୋଡ଼ଶ ଶତାବ୍ଦୀର ପ୍ରମୁଖ ଓଡ଼ିଆ ସନ୍ଥ, କବି, ଦାର୍ଶନିକ ଏବଂ ତତ୍କାଳୀନ ପଞ୍ଚସଖାଙ୍କ ମଧ୍ୟରୁ ଅନ୍ୟତମ । ସେ ଆନୁମାନିକ ୧୬ଶ ଶତାବ୍ଦୀ ପ୍ରାରମ୍ଭରେ ଓଡ଼ିଆ ଭାଷାରେ ଯୋଗ, ପୁରାଣ ଓ ଆଗତ ଭବିଷ୍ୟ ଉପରେ ଆଧାରିତ ୩୬ଟି ସଂହିତା, ୭୮ଟି ଗୀତା, ୧୦୦ଟି ମାଳିକା, ଅନେକ ଭଜନ, ଚଉପଦୀ ଏବଂ ଜଣାଣ ଏହିପରି ପାଖାପାଖି ୧୬୦,୦୦୦ ପଦ୍ୟାବଳୀ ସେ ରଚନା କରିଯାଇଛନ୍ତି । ଯୋଗ, ଜ୍ୟୋତିଷ, ଦର୍ଶନ, ବାସ୍ତୁ, ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଆୟୁର୍ବେଦ ତଥା ଏହିପରି ଅନେକ ବିଷୟ ଏବଂ ବିଦ୍ୟାରେ ତାଙ୍କର ପାରଦର୍ଶିତା ଥିବାରୁ ତାଙ୍କୁ ଓଡ଼ିଶାର ପୁରପଲ୍ଲୀରେ 'ମହାପୁରୁଷ' ଭାବେ ଲୋକେ ଅଭିହିତ କରନ୍ତି ।



ଅଚ୍ୟୁତାନନ୍ଦ ଦାସ ଓଡ଼ିଶାର କଟକ ଜିଲ୍ଲାସ୍ଥିତ ନେମାଳ ପାଖରେ ଥିବା ତିଳକଣା ଗାଁରେ ମାତା ପଦ୍ମାବତୀ ଓ ପିତା ଦୀନବନ୍ଧୁ ଖୁଣ୍ଟିଆଙ୍କ ଔରସରୁ କରଣ ପରିବାରରେ ଜନ୍ମଲାଭ କରିଥିଲେ L ତାଙ୍କ ପୂର୍ବ ପୁରୁଷଙ୍କ ସଂଜ୍ଞା ମହାନ୍ତି ଥିଲା କିନ୍ତୁ ତାଙ୍କ ପିତା ଦୀନବନ୍ଧୁ ମହାନ୍ତି ଗଜପତି ପ୍ରତାରୁଦ୍ର ଦେବଙ୍କ ଶାସନରେ ଖୁଣ୍ଟିଆ ପାହ୍ୟାରେ କାର୍ଯ୍ୟରତ ଥିବାରୁ ତାଙ୍କ ପିତାଙ୍କୁ ଖୁଣ୍ଟିଆ ସଂଜ୍ଞା ମିଳିଥିଲା। ଅଚ୍ୟୁତାନନ୍ଦ ଦାସ ତାଙ୍କ ବଂଶ ବିଷୟରେ ବର୍ଣ୍ଣନା କରିବାବେଳେ ଉଲ୍ଲେଖ କରିଛନ୍ତି ଯେ ତାଙ୍କ ପିତା ପୁରୀର ଜଗନ୍ନାଥ ମନ୍ଦିରରେ ନିୟୋଜିତ କରଣ ସେବାୟତ ହୋଇଥିବାବେଳେ ତାଙ୍କ ଜେଜେବାପା ଗୋପୀନାଥ ମହାନ୍ତି ଗଜପତି ରାଜାମାନଙ୍କର ମୁଖ୍ୟ ଉପଦେଶକାର "ଛାମୁ କରଣ" ଭାବରେ କାର୍ଯ୍ୟରତ ଥିଲେ। ଅଚ୍ୟୁତାନନ୍ଦ ତାଙ୍କ ସମୟର ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମଗ୍ରହଣ କରିଥିବା ସତ୍ତ୍ୱେ ସେ କେଉଟ ଏବଂ ଗୌଡ଼ ପରି ସମ୍ପ୍ରଦାୟ ସହ ଜଡିତ ଥିଲେ ଏବଂ ଓଡ଼ିଆ ସମାଜରେ ସେମାନଙ୍କର ସାମାଜିକ ସ୍ଥିତିକୁ ସୁଧାରିବା ପାଇଁ ସେମାନଙ୍କ ସମ୍ପ୍ରଦାୟ ପାଇଁ ଅନେକ ଗ୍ରନ୍ଥ ଲେଖିଥିଲେ। ଉପରୋକ୍ତ ସମ୍ପ୍ରଦାୟଗୁଡ଼ିକ ଅଚ୍ୟୁତାନନ୍ଦ ଦାସଙ୍କୁ ସେମାନଙ୍କ ପୃଷ୍ଠପୋଷକ ଭାବେ ବିବେଚନା କରନ୍ତି। ସେ ନିଜ ରଚନା ଶୂନ୍ୟସଂହିତାରେ ସେ ପୂର୍ବ ଜନ୍ମରେ ସୁଦାମା ହୋଇଥିବାର ଉଲ୍ଲେଖ କରିଛନ୍ତି। ତାଙ୍କ ନିଜ ଲେଖାରୁ ତାଙ୍କର ଚୈତନ୍ୟଙ୍କ ସହ କିପରି ଭେଟ ହୋଇଥିଲା ବର୍ଣ୍ଣନା ରହିଛି।ସେ ଲେଖିଛନ୍ତି - "ଚୈତନ୍ୟ ଗୋସାଇଁ ବିଜେ କରିଛନ୍ତି ବଡ଼ଦାଣ୍ଡରେ ଯେ ଆସି / ପିତାଙ୍କ ସଙ୍ଗରେ ଦର୍ଶନ କଲି ମୁଁ ଚରଣେ ପଡ଼ିଲି ଝାସି" ।

ଅଚ୍ୟୁତାନନ୍ଦଙ୍କ ୩୦୦୦ ଭକ୍ତ ବା ଶିଷ୍ୟ ଥିଲେ । ଏହି ଭିତରୁ ଉତ୍ତମ ଶିଷ୍ୟ ୫୦୦ । ପ୍ରାଚୀକୂଳରେ ଅଚ୍ୟୁତଙ୍କ ୧,୦୦୦ ଭକ୍ତ ଥିଲେ । ଅନନ୍ତପୁର ଶାସନର ଶର୍ମା ଦ୍ୱିଜବର, ପ୍ରାଚୀ କୂଳର ଦାସ ମହାପାତ୍ର, ଗଣେଶ ପତି, ଗଣକକୁଳ କାହ୍ନୁଙ୍କ ପୁତ ପରୀକ୍ଷିତ, ଯାଜପୁର ବନ୍ଧୁ ମହାନ୍ତି ଆଦି ଦାସଙ୍କ ପ୍ରମୁଖ ଶିଷ୍ୟ ଥିଲେ । ସେତେବେଳେ ଗଜପତି ପ୍ରତାପରୁଦ୍ର ଦେବ ଓଡ଼ିଶାର ରାଜା ଥିଲେ । ଦାସଙ୍କ ଶୂନ୍ୟଭଜନ କଥା ରାଜା ଶୁଣିପାରିଲେ ଓ ଶୂନ୍ୟଭଜନ କି ପ୍ରକାର ତାହା ଜାଣିବା ଲାଗି ଅଚ୍ୟୁତଙ୍କ ସହ ଅନେକ କଟାଳ କଲେ । ବ୍ରାହ୍ମଣମାନେ ଏହା ଶୁଣି ଉପହାସ କଲେ । ଦାସଙ୍କର ଉପହାସ ପ୍ରତି ଭୃକ୍ଷେପ ନ ଥିଲା । ଦାସେ ରାଜାଙ୍କ ଆଜ୍ଞା ପାଇ ସଙ୍କଟରେ ପଡ଼ିଲେ ମାତ୍ର ଶେଷକୁ ପରୀକ୍ଷା ହେବା ସ୍ଥିର କରାଗଲା । ପୁରୀ ସହରର ବାଙ୍କି ମୁହାଁଣ ନିକଟସ୍ଥ ଶୂନ୍ୟ ବାଙ୍ଖିଠାରେ ପରୀକ୍ଷା ହେଲା । ପରୀକ୍ଷା ପରେ ରାଜା ସନ୍ତୁଷ୍ଟ ହୋଇ ଓ ସେହି ସ୍ଥାନରେ ବାସ କରିବା ଲାଗି ଅଚ୍ୟୁତଙ୍କୁ ଆଜ୍ଞା ଦେଲେ । ଅଦ୍ୟାବଧି ଏହି ସ୍ଥାନରେ ଗୋଟିଏ ମଠ ରହିଛି ଯାହାର ନାମ ଗୋପାଳ ମଠ । ଅଚ୍ୟୁତାନନ୍ଦ ଶରୀରତତ୍ତ୍ୱ ଭଳି କଠିନ ଦାର୍ଶନିକ ବିଷୟଗୁଡ଼ିକୁ ସରଳ ଓଡ଼ିଆ ଭାଷାରେ ଲେଖିଛନ୍ତି । ଅଚ୍ୟୁତାନନ୍ଦ ନିରାକାର ଭଜନର ମହତ୍ତ୍ୱ ବିଷୟରେ ବାରମ୍ବାର ଲେଖିଛନ୍ତି । "ମୋହ ଶପଥ ତୋତେ ଆହୋ ବାବୁ / ଏ ଭଜନ ସୂତ୍ର ସୂତ୍ରେ ଭଜିବୁ ।। କିଏ କାହାର ମିଥ୍ୟା ଯେ ସଂସାର / ଆପେ ତରିଲେ ଆଉ କେ କାହାର ।।

ଆପକୁ ଆପେ ଚିହ୍ନିଲେରେ ବାବୁ । କାଳେ କାଳେ ଅଜାମର ହୋଇବୁ ।। ସୁଖେ ପାରିହେବୁ ଭବସାଗର / ବୁଲିଗଲା ପ୍ରାୟେ ଯିବ ଶରୀର ।।" ଅଚ୍ୟୁତାନନ୍ଦ ଜାତିଭେଦରେ ବିଶ୍ୱାସ ରଖୁନଥିଲେ । ସେଥିପାଇଁ ସେ ଲେଖିଥିଲେ -" ହେଲେ ଜାତି ହୀନ ନାହିଁ ତହିଁ ମାନ ଶ୍ରୀକୃଷ୍ଣ ବାସନା ଥାଏ / କଲିକତରା ଯେ ପଙ୍କରେ ବୁଡ଼ିଲେ ପଙ୍କ ନ ଲାଗଇ ଦେହେ ।।"

ଶ୍ରୀ ଶ୍ରୀ ଅଚ୍ୟୁତାନନ୍ଦ ଦାସଙ୍କ ସଂଖ୍ୟାଧିକ ରଚନାବଳୀ ମଧ୍ୟରେ ୩୬ଟି ସଂହିତା, ୭୮ଟି ଗୀତା, ୨୭ଟି ହରିବଂଶାଦି ଚରିତ, ୧୨ଟି ଉପବଂଶ ଚରିତ, ୧୦୦ଟି ପୁରାଣ ବା ମାଳିକା ଲେଖିଛନ୍ତି । ଏହା ସହିତ ସେ ଅନେକ ଭଜନ ଚୌପଦୀ ଲେଖିଛନ୍ତି । ପୂରଣ ମଧ୍ୟରେ ହରିବଂଶ, ମାଳିକା, ଆଗତ-ଭବିଷ୍ୟ ମାଳିକା, ଜାଈଫୁଲ ମାଳିକା, ଦଶପଟଳ ମାଳିକା, କଳିଯୁଗ ମାଳିକା, ଗୀତା, ଗୁରୁଭକ୍ତି ଗୀତା, ବ୍ରହ୍ମ ଏକାକ୍ଷର ଗୀତା, ଶୂନ୍ୟ ଗୀତା, କୈବର୍ତ୍ତ ଗୀତା, କଳିଯୁଗ ଗୀତା, ଗରୁଡ଼ ଗୀତା, ଉପଦେଶଚକ୍ର ଗୀତା, ମଣିବନ୍ଧ ଗୀତା. ଆଦିବ୍ରହ୍ମ ଗୀତା, ଆଦିଲିଳା ଗୀତା, ଭକ୍ତଲୀଳା ଗୀତା, ଶୂନ୍ୟ ସଂହିତା, ଅଣାକାର ସଂହିତା, ବଟ ସଂହିତା, ଅମରଜୁମର ସଂହିତା, ଛାୟା ସଂହିତା, ଅବାଡ଼ ସଂହିତା, ଜ୍ୟୋତି ସଂହିତା,, ଅନାହତ ସଂହିତା, ବୀଜ ସଂହିତା, ବ୍ରହ୍ମ ସଂହିତା, ନିତ୍ୟ ରାହାସ, ମହାନିତ୍ୟ ରାହାସ, ଶୂନ୍ୟ ରାହାସ, ଠୁଳଶୂନ୍ୟ ରାହାସ, ରାଧା ରାସ, ଦୂତୀ ରାହାସ, ବୃନ୍ଦା ରାହାସ, ପରମ ରାହାସ, ଅନନ୍ତ ରାସ, ପଦ୍ମବନ ରାସ, ବର୍ଣ୍ଣ ଟୀକା, କଳ୍ପ ଟୀକା, ଚନ୍ଦ୍ରକଳ୍ପ ଟୀକା, ପଦ୍ମକଳ୍ପ ଟୀକା, ଛୟାଳିଶ ପଟଳ, ଚବିଶ ପଟଳ, ଷୋଡ଼ଶ ପଟଳ, ଅଷ୍ଟ ଗୁଜ୍ଜର, ନବ ଗୁଜ୍ଜର ଆଦି ବହୁ ସଂଖ୍ୟାରେ ଅନେକ କିଛି ରଚନା କରି ଯାଇଛନ୍ତି ଯାହାକି ଏବେବି ପତିତ ମାନବର ଉଦ୍ଧରଣ ପାଇଁ ମାର୍ଗ ଦର୍ଶନ କରିଚାଲିଛି।


**ଅରଙ୍ଗାବାଦ ବରୀ ଯାଜପୁର**
**ମୋବାଇଲ: ୮୨୪୯୫୦୨୭୭୬**

# ଉପମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଲେ ସୁନେତ୍ରା



### ମହାରାଷ୍ଟ୍ରକୁ ମିଳିଲା ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ

### କ୍ରୀଡ଼ା ଓ ଅବକାରୀ ବିଭାଗର ଦାୟିତ୍ୱ ତୁଲାଇବେ

ମୁମ୍ବାଇ,୩୧ା୧ : ଅଜିତ ପାୱାରଙ୍କ ମୃତ୍ୟୁ ପରେ ତାଙ୍କ ପତ୍ନୀ ସୁନେତ୍ରା ପାୱାର ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଭାବରେ ଆଜି ଶପଥ ଗ୍ରହଣ କରିଛନ୍ତି। ତାଙ୍କୁ କ୍ରୀଡ଼ା ଓ ଅବକାରୀ ବିଭାଗ ମିଳିଛି। ମୁଖ୍ୟମନ୍ତ୍ରୀ ନିଜ ପାଖରେ ଫାଇନାନ୍ସ ଓ ଯୋଜନା ବିଭାଗ ରଖିଛନ୍ତି। ନୂତନ ଦାୟିତ୍ୱ ସହିତ ସୁନେତ୍ରା ଏକ ନୂତନ ରେକର୍ଡ ମଧ ସ୍ଥାପନ କରିଛନ୍ତି। ସେ ରାଜ୍ୟର ପ୍ରଥମ ମହିଳା ଉପମୁଖ୍ୟମନ୍ତ୍ରୀ ହୋଇଛନ୍ତି। ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତ ତାଙ୍କୁ ଶପଥ ପାଠ କରାଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନବୀସ୍ ଏବଂ ଉପମୁଖ୍ୟମନ୍ତ୍ରୀ ଏକନାଥ ସିନ୍ଦେ ମଧ ଉପସ୍ଥିତ ଥିଲେ। ପୂର୍ବରୁ ଦଳୀୟ ନେତାମାନେ ସୁନେତ୍ରା ପାୱାରଙ୍କୁ ସେମାନଙ୍କର ନେତା ଭାବରେ ନିର୍ବାଚିତ କରିଥିଲେ ଏବଂ ସେ ତାଙ୍କ ରାଜ୍ୟସଭା ସଦସ୍ୟତାରୁ ଇସ୍ତଫା ଦେଇଥିଲେ। ସେ ରାଜ୍ୟସଭା ଉପାଧକ୍ଷ ଏବଂ ଅଧକ୍ଷ ସି.ପି. ରାଧାକୃଷ୍ଣନଙ୍କୁ ତାଙ୍କର ଇସ୍ତଫାପତ୍ର ପ୍ରଦାନ କରିଥିଲେ। ଆଜି ଦଳୀୟ ବିଧାୟକମାନଙ୍କ ଏକ ବୈଠକରେ ରାଜ୍ୟ ସଭାପତି ସୁନୀଲ ତଟକରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଅଜିତ ପାୱାରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦିଲୀପ ୱାଲସେ ପାଟିଲ ସୁନେତ୍ରା ପାୱାରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଛଗନ ଭୁଜବଳ ଏହାକୁ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ବିଧାୟକମାନେ ସୁନେତ୍ରାଙ୍କୁ ବିଧାୟକ ନେତା ଭାବରେ ସମର୍ଥନ କରିଥିଲେ। ବୈଠକରେ ଦୁଇଟି ପ୍ରସ୍ତାବ ଆଗତ ହୋଇଥିଲା। ପ୍ରଥମ ପ୍ରସ୍ତାବରେ ସୁନେତ୍ରାଙ୍କୁ ଦଳୀୟ ନେତା ଭାବରେ ନିର୍ବାଚନ କରିବାକୁ କୁହାଯାଇଥିଲା। ଦ୍ୱିତୀୟ ପ୍ରସ୍ତାବରେ ସୁନେତ୍ରାଙ୍କ ସମସ୍ତ ଦଳୀୟ ନିଷ୍ପତ୍ତି ନେବାର ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉଭୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି।ସେପଟେ ଶରଦ ପାୱାର ଶନିବାର ସକାଳେ ଏକ ସାମ୍ବାଦିକ ସମ୍ମିଳନୀରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତ୍ତି ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କୁ ଶପଥ ଗ୍ରହଣ ଉତ୍ସବ ବିଷୟରେ କୌଣସି ସୂଚନା ନାହିଁ ଏବଂ ତାଙ୍କ ସହିତ କୌଣସି ଆଲୋଚନା ହୋଇନାହିଁ। ଶରଦ ପାୱାର ଏହି ସାମ୍ବାଦିକ ସମ୍ମିଳନୀରେ ଏହା ମଧ ଦାବି କରିଛନ୍ତି ଯେ, ଦୁଇ ରାଷ୍ଟ୍ରବାଦୀ ଦଳ ୧୨ ତାରିଖରେ ଏକାଠି ହେବେ।

# ବଜେଟ୍ ପାଇଁ ବିଜେପିର ବଡ଼ ଯୋଜନା



### ୧୫୦ ସ୍ଥାନରେ ହେବ ସାମ୍ବାଦିକ ସମ୍ମିଳନୀ

### ସୋସିଆଲ ମିଡିଆ ଇନଫ୍ଲୁଏନ୍ସର ନିୟୋଜିତ

ନୂଆଦିଲ୍ଲୀ,୩୧ା୧ଃ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଫେବୃଆରି ୧ରେ ଲଗାତାର ନବମ ଥର ପାଇଁ ବଜେଟ୍ ଉପସ୍ଥାପନ କରିବେ। ୨୦୨୬-୨୭ ବଜେଟ୍‌ରେ ହୋଇଥିବା ଘୋଷଣାଗୁଡ଼ିକୁ ସାଧାରଣ ଲୋକଙ୍କ ପାଖରେ ପହଞ୍ଚାଇବା ପାଇଁ ବିଜେପି ଫେବୃଆରି ୧ ରୁ ୧୫ ପର୍ଯ୍ୟନ୍ତ ଏକ ଅଭିଯାନ ଯୋଜନା କରିଛି। ବଜେଟର ପ୍ରମୁଖ ଘୋଷଣାଗୁଡ଼ିକୁ ସାଧାରଣ ଲୋକଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବିଜେପି ସାମ୍ବାଦିକ ସମ୍ମିଳନୀ ଆୟୋଜନ କରିବ। ଏହି ସମୟ ମଧରେ, ସମସ୍ତ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ମୁଖ୍ୟମନ୍ତ୍ରୀ ଓ ଦଳର ବରିଷ୍ଠ ନେତାମାନେ ବଜେଟର ପ୍ରମୁଖ ମୁଖ୍ୟାଂଶଗୁଡ଼ିକୁ ଜନସାଧାରଣଙ୍କ ସମ୍ମୁଖରେ ଉପସ୍ଥାପନ କରିବା ପାଇଁ ବିଭିନ୍ନ ସ୍ଥାନରେ ସାମ୍ବାଦିକ ସମ୍ମିଳନୀ କରିବେ। ବିଜେପି ଦେଶର ପ୍ରାୟ ୧୫୦ ସ୍ଥାନରେ ସାମ୍ବାଦିକ ସମ୍ମିଳନୀର ଯୋଜନା କରିଛି। ଏହି କାର୍ଯ୍ୟକ୍ରମଗୁଡ଼ିକ ମାଧମରେ ସରକାର ବଜେଟର ମୁଖ୍ୟାଂଶ ଓ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ଆଲୋକପାତ କରିବେ।

ଶାସକ ଦଳ ଏହି ବଜେଟ୍ ପାଇଁ ଏକ ବ୍ୟାପକ ପ୍ରଚାର ଅଭିଯାନ ଯୋଜନା କରିସାରିଛି। ଯାହା ଦ୍ୱାରା ବଜେଟ୍ ଘୋଷଣା ଓ ନୀତିଗୁଡ଼ିକୁ ସିଧାସଳଖ ଜନସାଧାରଣଙ୍କ ନିକଟରେ ପହଞ୍ଚାଯାଇପାରିବ। ଭାରତୀୟ ଜନତା ପାର୍ଟି ବଜେଟ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଏଭଳି ଏକ ବିସ୍ତୃତ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିଛି। ଏହା ସହିତ, ସୋସିଆଲ ମିଡିଆକୁ ଏହି ଅଭିଯାନର ଏକ ପ୍ରମୁଖ ଅଂଶ କରାଯାଇଛି। ବଜେଟ୍‌ର ମୁଖ୍ୟ ବିଷୟଗୁଡ଼ିକୁ ସୋସିଆଲ ମିଡିଆ ପ୍ଲାଟଫର୍ମରେ ପ୍ରଚାର କରାଯିବ। ଏହି ପଦକ୍ଷେପକୁ ପ୍ରୋତ୍ସାହିତ କରିବା ପାଇଁ ସୋସିଆଲ ମିଡିଆ ଇନଫ୍ଲୁଏନ୍ସରଙ୍କୁ ନିୟୋଜିତ କରାଯିବ। ବଜେଟ୍ ସମ୍ବନ୍ଧୀୟ ସୂଚନାକୁ ରିଲ୍ ମାଧମରେ ସରଳ ଓ ଆକର୍ଷଣୀୟ ଭାବରେ ଉପସ୍ଥାପନ କରାଯିବ। ଯୁବପିଢ଼ିଙ୍କ ନିକଟରେ ବଜେଟର ବାର୍ତ୍ତାକୁ ପ୍ରଭାବଶାଳୀ ଭାବରେ ପହଞ୍ଚାଇବା ପାଇଁ ମଧ ଦଳ ଲକ୍ଷ୍ୟ ରଖାଯାଇଛି। ସମ୍ପୂର୍ଣ୍ଣ ବଜେଟ୍ ଅଭିଯାନର ଦାୟିତ୍ୱ ବିଜେପି ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ତରୁଣ ଚୁଘଙ୍କ ନେତୃତ୍ୱରେ ଏକ ଦଳକୁ ଦିଆଯାଇଛି। ଏହି ଦଳରେ ସରୋଜ ପାଣ୍ଡେ, ଶ୍ରୀକାନ୍ତ ଶର୍ମା, ନରେନ୍ଦ୍ର ରୈନା, ଜିଭିଏଲ ନରସିଂହ ରାଓ, ଗୋପାଳ କୃଷ୍ଣ ଅଗ୍ରୱାଲ, ଅନିଲ ଆଣ୍ଟୋନି, ସଞ୍ଜୟ ଟଣ୍ଡନ ଓ ଗୁରୁ ପ୍ରକାଶ ପାଶୱାନ ଅଛନ୍ତି।

## ମଧ୍ୟାହ୍ନଭୋଜନ ଖାଇ ୪୫ ଛାତ୍ରଛାତ୍ରୀ ଅସୁସ୍ଥ



ତେଲଙ୍ଗାନା,୩୧ା୧ : ତେଲଙ୍ଗାନାର କୋନିଜେରଲା ମଣ୍ଡଳରେ ବୋଡିୟାଥାଣ୍ଡା ସରକାରୀ ପ୍ରାଇମେରୀ ସ୍କୁଲରେ ୪୫ ଜଣ ଖାଦ୍ୟ ବିଷାକ୍ତ ହେବାରୁ ହସ୍‌ପିଟାଲରେ ଭର୍ତ୍ତି ହୋଇଛନ୍ତି। ଏମାନଙ୍କ ଭିତରେ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଘଟଣା ସଙ୍ଗାରେଡ୍ଡୀ ଜିଲ୍ଲାର ସରକାରୀ ପ୍ରାଇମେରୀ ସ୍କୁଲରେ ଘଟିଛି।

ଛାତ୍ରମାନେ ବାନ୍ତି, ଝାଡା ଓ ପେଟ ଯନ୍ତ୍ରଣାରେ ଛଟପଟ ହେଉଥିଲେ। ଖବର ଜଣାପଡିବା ପରେ ମାତା ପିତା ଏବଂ ସ୍କୁଲ ଷ୍ଟାଫ ତୁରନ୍ତ ପ୍ରଭାବିତ ଛାତ୍ରଙ୍କୁ ସରକାରୀ ହସପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ସମସ୍ତଙ୍କ ଚିକିତ୍ସା ଜାରି ରହିଛି। ତେବେ କାହିଁକି ପିଲାମାନେ ଅସୁସ୍ଥ ହୋଇଛନ୍ତି, ତାହା ଜଣାପଡିନାହିଁ। ଏହାର ତଦନ୍ତ କରାଯାଉଛି। ସରକାରୀ ପ୍ରାଇମେରୀ ସ୍କୁଲରେ ମିଡ ଡେ ମିଲ ଯୋଜନା ରହିଛି। ଏହା ଅଧୀନରେ ପିଲାମାନେ ଦ୍ୱିପହରର ଖାଇବା ସ୍କୁଲରେ ଖାଇଥାନ୍ତି। ଏହା ସ୍କୁଲ ତରଫରୁ ସଂପୂର୍ଣ୍ଣ ମାଗଣାରେ ମିଳିଥାଏ। ପ୍ରତିଦିନ ଏହି ଖାଦ୍ୟ ସ୍କୁଲରେ ରୋଷେଇ କରାଯାଏ। ଆଉ ଏହି ଖାଦ୍ୟରେ ନିୟମାନୁସାରେ ପୁଷ୍ଟିକରୀ ଏବଂ ସର୍ବନିମ୍ନ କ୍ୟାଲୋରୀ, ପ୍ରୋଟିନ ଏବଂ ଭିଟାମିନ ରହିଥାଏ। ଏହାର ମୁଖ୍ୟ ଉଦ୍ଦେଶ୍ୟ ପିଲାଙ୍କ ମଧରେ କୁପୋଷଣା ଦୂର କରିବା। ଆଉ ସ୍କୁଲରେ ପିଲାଙ୍କ ଉପସ୍ଥିତି ବଢାଇବା। ହେଲେ ପିଲା ଅସୁସ୍ଥ ହେବା ପରେ ତଦନ୍ତ ଆରମ୍ଭ ହୋଇଥିବା ଜଣାପଡ଼ିଛି।

## ପୁଅ ହେଲାନି ବୋଲି ସ୍ତ୍ରୀକୁ ମାରିଦେଲା



ପାଟନା,୩୧ା୧ : ପୁଅ ପାଇଁ ପତ୍ନୀଙ୍କୁ ହତ୍ୟା କଲା ସ୍ୱାମୀ । ବିହାରର ମୁଜାଫରପୁର ଜିଲ୍ଲାରୁ ଏକ ହୃଦୟ ବିଦାରକ ଘଟଣା ସାମ୍ନାକୁ ଆସିଛି। ସିକନ୍ଦରପୁର ଥାନା ଅଞ୍ଚଳର ୧୭ ନମ୍ବର ୱାର୍ଡର ବାଲୁଘାଟ ଗଳି ନମ୍ବର ୩ରେ ପୁଅ ନ ଥିବାରୁ ରାଗରେ ସ୍ୱାମୀ ତାଙ୍କ ଭାଇମାନଙ୍କ ସହିତ ମିଶି ତାଙ୍କ ସ୍ତ୍ରୀଙ୍କୁ ହତ୍ୟା କରିଛି । ମୃତକଙ୍କ ନାମ ଫୁଲୋ ଦେବୀ। ହତ୍ୟା ପରେ ମୃତଦେହକୁ ଏକ ବସ୍ତାରେ ଭର୍ତ୍ତି କରି ଆଶ୍ରମ ଘାଟ ନିକଟରେ ବୁଢି ଗଣ୍ଡକ ନଦୀର ଏକ ନାଳ ମୁହଁରେ ଫିଙ୍ଗି ଦିଆଯାଇଥିଲା। ଶୁକ୍ରବାର ଦିନ ନଦୀ କୂଳରେ କ୍ରିକେଟ ଖେଳୁଥିବା ପିଲାମାନେ ଏକ ବସ୍ତା ଦେଖିଥିଲେ। ଆଉ କୁକୁରମାନେ ସେ ବସ୍ତାକୁ ଧରି ଟାଣିଓଟାରୁ ଥିବା ଦେଖିବାକୁ ମିଳିଥିଲା। ସୂଚନା ପାଇ ସିକନ୍ଦରପୁର ଥାନା ପୁଲିସ, ସିଟି ଏସପି, ସିଟି ଏଏସପି ଏବଂ ଅନ୍ୟାନ୍ୟ ଅଧିକାରୀମାନେ ମଧ ଘଟଣାସ୍ଥଳରେ ପହଞ୍ଚିଥିଲେ।

ଜାନୁଆରୀ ୨୫ ତାରିଖରେ ସିକନ୍ଦରପୁର ଥାନାରେ ଏକ ଅଭିଯୋଗ ହୋଇଥିଲା। ଜଣେ ମହିଳା ୨୨ ଜାନୁଆରୀରୁ ନିଖୋଜ ଥିବା ଏତଲା ଦିଆଯାଇଥିଲା। ଏହାପରେ ପୁଲିସ ମହିଳାଙ୍କ ଠିକଣା ଖୋଜି ଖବର ଦେଇଥିଲା। ମୃତ ମହିଳାଙ୍କ ଭାଇ ଶିବନାଥ ଶାହ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ। ଫୁଲୋ ଦେବୀଙ୍କ ଭାଇ ଥାନାରେ ପୂର୍ବରୁ ମହିଳାଙ୍କ ସ୍ୱାମୀ ସନ୍ତୋଷ ଶାହ ଏବଂ ତାଙ୍କ ତିନି ଭାଇଙ୍କ ବିରୋଧରେ ଏକ ଏଫଆଇଆର ରୁଜୁ କରିଥିଲେ। ପରିବାର ଅଭିଯୋଗ କରିଛନ୍ତି ଯେ, ମାମଲା ରୁଜୁ କରିବା ପରେ ମଧ ପୁଲିସ କୌଣସି ଆକ୍ସନ ନେଇନଥିଲା। ମୃତକଙ୍କ ଭାଇ ଅଭିଯୋଗ କରିଛନ୍ତି ଯେ, ସନ୍ତୋଷ ଏବଂ ତାଙ୍କ ପରିବାର ଭଉଣୀର ପୁଅ ନଥିବାରୁ ତାଙ୍କୁ ନିରନ୍ତର ହଇରାଣ କରୁଥିଲେ, ଯେଉଁଥିପାଇଁ ତାଙ୍କୁ ହତ୍ୟା କରାଯାଇଛି। ପୁଲିସ ଘଟଣା ସ୍ଥଳରେ ପହଞ୍ଚି ମୃତଦେହକୁ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି।

## ବାରାମତି ବିମାନ ଦୁର୍ଘଟଣା ଘଟଣା

# ତଦନ୍ତ କରିବ ସିଆଇଡି



ମୁମ୍ବାଇ, ୩୧।୧; ଜାନୁଆରୀ ୨୮ ତାରିଖ ଦିନ ବାରାମତି ଅଞ୍ଚଳରେ ମହାରାଷ୍ଟ୍ରର ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ବିମାନ ଦୁର୍ଘଟଣାରେମୃତ୍ୟୁ ହୋଇଥିଲା। ତାଙ୍କ ମୃତ୍ୟୁର ତଦନ୍ତ ଏବେ ରାଜ୍ୟ ଅପରାଧ ତଦନ୍ତ ବିଭାଗ (ସିଆଇଡି) ଦ୍ୱାରା କରାଯିବ। ବାରାମତି ବିମାନବନ୍ଦରରେ ଅବତରଣ କରିବାକୁ ପ୍ରସ୍ତୁତ ହେଉଥିବା ସମୟରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଅଜିତ ପାୱାରଙ୍କ ସହିତ ପାଇଲଟ୍ ସୁମିତ କପୁର, ସହ-ପାଇଲଟ୍ ଶାମ୍ଭବୀ ପାଠକ, ପିଙ୍କି ମାଲି ଏବଂ ଅଜିତ ପାୱାରଙ୍କ ସୁରକ୍ଷାକର୍ମୀ ବିଦୀପ ଜାଧବଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ, ବାରାମତୀ ପୁଲିସ ଷ୍ଟେସନରେ ଦୁର୍ଘଟଣାଜନିତ ମୃତ୍ୟୁ ଏବଂ ବିମାନ ଦୁର୍ଘଟଣାର ଏକ ମାମଲା ରୁଜୁ କରାଯାଇଛି।

ତଦନ୍ତ ଏବେ ରାଜ୍ୟ ଅପରାଧ ତଦନ୍ତ ବିଭାଗ ଦ୍ୱାରା ପରିଚାଳିତ ହେବ। ଏହି ସୂଚନା ସିଆଇଡି ଅତିରିକ୍ତ ପୁଲିସ ମହା ନିର୍ଦ୍ଦେଶକ ସୁନୀଲ ରାମାନନ୍ଦ ପ୍ରଦାନ କରିଛନ୍ତି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଦ୍ୱାରା ମଧ ବିମାନ ଦୁର୍ଘଟଣାର ଏକ ସମାନ୍ତରାଳ ତଦନ୍ତ ଆରମ୍ଭ କରାଯାଇଛି। ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ବିମାନ ଦୁର୍ଘଟଣା ତଦନ୍ତ ବ୍ୟୁରୋ ମଧ ଦୁର୍ଘଟଣାର ତଦନ୍ତ କରୁଛି। ଦିଲ୍ଲୀରୁ ତିନି ଜଣ ଅଧିକାରୀଙ୍କ ଏକ ଦଳ ଏବଂ ଡିଜିସିଏ ମୁମ୍ବାଇ ଆଞ୍ଚଳିକ କାର୍ଯ୍ୟାଳୟରୁ ତିନିଜଣ ଅଧିକାରୀଙ୍କ ଅନ୍ୟ ଏକ ଦଳ ଜାନୁଆରୀ ୨୮ ତାରିଖରେ ଦୁର୍ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାଗ୍ରସ୍ତ ବିମାନର ବ୍ଲାକ ବାକ୍ସ ଉଦ୍ଧାର କରାଯାଇଛି।

# ଯୋଧପୁର ଏମ୍ସରେ ସୋନମ ୱାଙ୍ଗଚୁକ୍

## ଲେହ ହିଂସା ମାମଲାରେ ଅଟକ ଥିଲେ



ଜୟପୁର,୩୧ା୧ଃ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିବେଶ କର୍ମୀ ତଥା ବୈଜ୍ଞାନିକ ସୋନମ୍ ୱାଙ୍ଗଚୁକ୍‌ଙ୍କୁ ଯୋଧପୁର ଏମ୍ସରେ ଭର୍ତ୍ତି କରାଯାଇଛି। ନ୍ୟାୟିକ ହେପାଜତରେ ଥିବା ସମୟରେ ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଯାଇଥିଲା। ଶନିବାର ସକାଳ ପ୍ରାୟ ୬ଟା ୩୦ ମିନିଟରେ ୱାଙ୍ଗଚୁକ୍‌ଙ୍କୁ ପୁଲିସ ଯୋଧପୁର ସେଣ୍ଟ୍ରାଲ ଜେଲରୁ ଏମ୍ସର ଜରୁରୀକାଳୀନ ୱାର୍ଡ଼ରେ ଭର୍ତ୍ତି କରିଥିଲା। ତାଙ୍କୁ ପ୍ରାୟ ଦେଢ଼ ଘଣ୍ଟାଧରି ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜିଷ୍ଟମାନେ ନିରୀକ୍ଷଣରେ ରଖିଥିଲେ। ଏମ୍ସ ସୂଚନା ଅନୁଯାୟୀ ସୋନମ୍‌ଙ୍କର ପାକସ୍ଥଳୀ ଜନିତ ସମସ୍ୟା ରହିଛି। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଯନ୍ତ୍ରଣା ହେଉଥିବା ମଧ ସେ ଅଭିଯୋଗ କରୁଛନ୍ତି। ଦିନକ ପୂର୍ବରୁ ତାଙ୍କୁ ଏମ୍ସକୁ ପରୀକ୍ଷଣ ପାଇଁ ନିଆଯାଇଥିଲା। ପରେ କଡ଼ା ସୁରକ୍ଷା ମଧରେ ପୁଣି ଥରେ ଯୋଧପୁର ସେଣ୍ଟ୍ରାଲ ଜେଲ୍‌କୁ ପଠାଇ ଦିଆଯାଇଥିଲା। ସୋନମ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥା ନେଇ ତାଙ୍କ ପତ୍ନୀ ଚିନ୍ତା ପ୍ରକଟ କରିବା ସହିତ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଗୁରୁବାର ଜଷ୍ଟିସ ଅରବିନ୍ଦ କୁମାର ଓ ପିଭି ବରଲେଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ଆବେଦନ ଉପରେ ଶୁଣାଣି କରି ସରକାରୀ ଡାକ୍ତରଖାନାରେ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ୱାଙ୍ଗଚୁକ୍‌ଙ୍କ ସ୍ୱାସ୍ଥ୍ୟାବସ୍ଥାର ପରୀକ୍ଷା କରିଥିଲେ। ୱାଙ୍ଗଚୁକ୍‌ଙ୍କ ପକ୍ଷ ରଖି ବରିଷ୍ଠ ଓକିଲ କପିଲ ସିବଲ କୋର୍ଟଙ୍କୁ କହିଥିଲେ ଯେ, ୱାଙ୍ଗଚୁକ୍‌ଙ୍କୁ ଜେଲରେ ଦିଆଯାଉଥିବା ପାଣି ଯୋଗୁ ତାଙ୍କଠାରେ ପାକସ୍ଥଳୀ ସମସ୍ୟା ଦେଖାଯାଉଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କୌଣସି ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ତାଙ୍କର ଚିକିତ୍ସା କରାଯାଉନାହିଁ। ସୁପ୍ରିମକୋର୍ଟ ୱାଙ୍ଗଚୁକ୍‌ଙ୍କ ମେଡିକାଲ ରିପୋର୍ଟ ଫେବୃଆରି ୨ ତାରିଖ ସୁଦ୍ଧା ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଲଦାଖକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନ ଦାବିରେ ଗତବର୍ଷ ସେପ୍ଟେମ୍ବରରେ ଲେହରେ ହିଂସା ଦେଖାଯାଇଥିଲା। ଏଥିରେ ୪ ଜଣଙ୍କର ମୃତ୍ୟୁ ହୋଇଥିଲା। ଏହି ଘଟଣା ପରେ ୱାଙ୍ଗଚୁକ୍‌ଙ୍କୁ ଜାତୀୟ ନିରାପତ୍ତା ଆଇନ ବଳରେ ଅଟକ ରଖାଯାଇଛି।



# ପରମାଣୁ ଘାଟି ପୁନଃନିର୍ମାଣ କରୁଛି ଇରାନ୍

### ସାଟେଲାଇନରୁ ସତ ଧରାପଡ଼ିଲା

ତେହେରାନ, ୩୧ା୧ଃ ଆମେରିକାର ଧମକକୁ ବେଖାତିର। ପରମାଣୁ ଶକ୍ତି ଗଢୁଛି ଇରାନ। ଗତବର୍ଷ ଆମେରିକା ଦ୍ୱାରା ହୋଇଥିବା ଏୟାରଷ୍ଟ୍ରାଇକ୍ ପରେ ଇରାନର ପରମାଣୁ ଘାଟିଗୁଡ଼ିକରେ କାର୍ଯ୍ୟକଳାପ ପୁଣି ଥରେ ସ୍ପଷ୍ଟ ହୋଇଛି। ସାଟେଲାଇଟ୍ ଚିତ୍ରଗୁଡ଼ିକ ଦର୍ଶାଉଛି ଯେ, ଇରାନ ଏହାର ଦୁଇଟି ପ୍ରମୁଖ ପରମାଣୁ ଘାଟି ଇସଫାହାନ ଏବଂ ନାଟାଞ୍ଜରେ କ୍ଷତିଗ୍ରସ୍ତ ପ୍ରତିଷ୍ଠାନ ଉପରେ ନୂତନ ଛାତ ନିର୍ମାଣ କରିଛି।

ପ୍ଲାନେଟ୍ ଲ୍ୟାବ୍ସ ପିବିସି ଦ୍ୱାରା ପ୍ରକାଶିତ ସାଟେଲାଇଟ୍ ଚିତ୍ରଗୁଡ଼ିକ ଅନ୍ତର୍ଜାତୀୟ ସମୁଦାୟକୁ ଚିନ୍ତାରେ ପକାଇଛି। ଆକ୍ରମଣ ପରେ ତେହେରାନ ଛାଡିଯାଇଥିବା ସମ୍ବେଦନଶୀଳ ପରମାଣୁ ସମ୍ପଦଗୁଡ଼ିକୁ ଲୁଚାଇବା କିମ୍ବା ପୁନରୁଦ୍ଧାର କରିବାକୁ ଚେଷ୍ଟା କରିପାରେ। ଜୁନ୍ ମାସରେ ଇସ୍ରାଏଲ ଏବଂ ଇରାନ ମଧରେ ହୋଇଥିବା ୧୨-ଦିନିଆ ଯୁଦ୍ଧ ପରେ ଏହା କୌଣସି ବୋମା ବିଧ୍ୱସ୍ତ ପରମାଣୁ ଘାଟିରେ ଦେଖାଯାଇଥିବା ପ୍ରଥମ ପ୍ରମୁଖ ନିର୍ମାଣ କାର୍ଯ୍ୟକଳାପ। ନୂଆ ଛାତ ଆବରଣ ଯୋଗୁଁ କାର୍ଯ୍ୟକଳାପ ଦେଖିବା ସାଟେଲାଇଟ ପାଇଁ କଷ୍ଟକର। ଇରାନ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ନିରୀକ୍ଷକମାନଙ୍କୁ ଦେଶରେ ପ୍ରବେଶ କରିବାକୁ ଅନୁମତି ଦେଇନାହିଁ। ତେଣୁ ଦୂରବର୍ତ୍ତୀ ନିରୀକ୍ଷଣ ହେଉଛି ନିରୀକ୍ଷଣର ଏକମାତ୍ର ଉପାୟ।

ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ, ଏହି ଛାତଗୁଡ଼ିକର ଉଦ୍ଦେଶ୍ୟ ନୂତନ ପରମାଣୁ ନିର୍ମାଣ ଅପେକ୍ଷା ସମ୍ବେଦନଶୀଳ ଉପକରଣ ଏବଂ ଭଗ୍ନାବଶେଷ ତଳେ ପୋତା ଯାଇଥିବା ୟୁରାନିୟମ ଭଣ୍ଡାରକୁ ଉଦ୍ଧାର କରିବା ହୋଇପାରେ। ଡେମୋକ୍ରାସିଜର ଫାଉଣ୍ଡେସନର ଆଣ୍ଡ୍ରିଆ ଷ୍ଟ୍ରିକରଙ୍କ ଅନୁଯାୟୀ, ଇରାନ ନିଶ୍ଚିତ କରିବାକୁ ଚାହୁଁଛି ଯେ, ଇସ୍ରାଏଲ ଏବଂ ଆମେରିକା ସେମାନଙ୍କର ଆକ୍ରମଣର ଅବଶିଷ୍ଟାଂଶ ଦେଖିପାରିବେ ନାହିଁ। ତେହେରାନରୁ ପ୍ରାୟ ୨୨୦ କିଲୋମିଟର ଦୂର ନାଟାଞ୍ଜ ଇରାନର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ୟୁରାନିୟମ ସମୃଦ୍ଧି କେନ୍ଦ୍ର ଥିଲା। ଯାହା ୬୦% ପର୍ଯ୍ୟନ୍ତ ସମୃଦ୍ଧ ୟୁରାନିୟମ ଉତ୍ପାଦନ କରୁଥିଲା। ଜୁନ୍ ମାସରେ, ଇସ୍ରାଏଲ ମୁଖ୍ୟ ଭୂମି ଉପର ୟୁନିଟ୍ ନଷ୍ଟ କରିଦେଇଥିଲା। ଯେତେବେଳେ ଆମେରିକା ପରେ ବଙ୍କର-ବଷ୍ଟର ବୋମା ସହିତ ଭୂମିଗତ ଅଂଶ ଉପରେ ଆକ୍ରମଣ କରିଥିଲା। ଜାନୁଆରୀ ଆରମ୍ଭରେ ଇସ୍ଫାହାନରେ ଛାତ ନିର୍ମାଣ କରାଯାଇଥିଲା। ଇସ୍ରାଏଲୀ ସେନା କହିଛି ଯେ, ଆକ୍ରମଣ ସେଣ୍ଟ୍ରିଫ୍ୟୁଜ୍ ଉତ୍ପାଦନ ସୁବିଧାଗୁଡ଼ିକୁ ଟାର୍ଗେଟ କରିଥିଲା। ଏହା ବ୍ୟତୀତ, କିଛି ସୁଡ଼ଙ୍ଗ ମାଟିରେ ପୂର୍ଣ୍ଣ ହୋଇଥିବା ଦେଖାଯାଇଥିଲା ଏବଂ ଗୋଟିଏ ସୁଡ଼ଙ୍ଗକୁ ମଜବୁତ କରାଯାଇଥିଲା। ଚିତ୍ରଗୁଡ଼ିକ ନାଟାଞ୍ଜ ନିକଟସ୍ଥ ପିକାକ୍ସ ପର୍ବତରେ ଚାଲୁଥିବା ଖନନ ମଧ ଦର୍ଶାଉଛି, ଯେଉଁଠାରେ ବିଶ୍ଳେଷକମାନେ ବିଶ୍ୱାସ କରନ୍ତି ଯେ, ଇରାନ ଏକ ନୂତନ ଭୂମିଗତ ପରମାଣୁ ସୁବିଧା ନିର୍ମାଣ କରୁଥିବ। ଇରାନ ନିରନ୍ତର ଭାବରେ କହିଛି ଯେ, ଏହାର ପରମାଣୁ କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ।

## ମମତାଙ୍କୁ ରାବଣ ସହ ତୁଳନା କଲେ ଶାହ

# ୨୦୨୬ରେ ବଙ୍ଗଳାରେ ବିଜେପି ସରକାର

### କ୍ଷମତାକୁ ଆସିବାର ୪୫ ଦିନରେ ସୀମାରେ ବାଡ଼ ନିର୍ମାଣ

### ଅବୈଧ ପ୍ରବେଶ ସମଗ୍ର ଦେଶର ସୁରକ୍ଷା ପାଇଁ ବିପଦ



କୋଲକାତା, ୩୧ା୧ଃ ମମତାଙ୍କ ଗଡ଼ରେ ଗର୍ଜିଲେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ। ଶନିବାର ପଶ୍ଚିମବଙ୍ଗରେ ଆୟୋଜିତ ଏକ ସାଧାରଣ ସଭାରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ତାଙ୍କ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରିଛନ୍ତି। ଅମିତ ଶାହ ମମତାଙ୍କୁ ରାବଣ ସହ ତୁଳନା କରି କହିଛନ୍ତି, ଯେତେବେଳେ ପ୍ରଭୁ ଶ୍ରୀ ରାମ ରାମ ସେତୁ ନିର୍ମାଣ କରିଥିଲେ, ସେତେବେଳେ ରାବଣ ମଧ ଭାବିଥିଲା ଯେ ସେ ଅଜୟ, କିନ୍ତୁ ଶେଷରେ ସତ୍ୟର ବିଜୟ ହୋଇଥିଲା। ସେହିପରି, ବଙ୍ଗଳାରେ ପରିବର୍ତ୍ତନ ଅନିବାର୍ଯ୍ୟ। ୨୦୨୬ରେ ଟିଏମସିକୁ ବିଦାୟ ଦିଆଯିବ ଏବଂ ବିଜେପି ରାଜ୍ୟରେ ସରକାର ଗଠନ କରିବ। ଶାହ କହିଛନ୍ତି, ଏଥର ବଙ୍ଗଳାରେ ସରକାର ଗଠନ କେବଳ ରାଜ୍ୟ ପାଇଁ ନୁହେଁ, ବରଂ ସମଗ୍ର ଦେଶର ସୁରକ୍ଷା ଓ ଭବିଷ୍ୟତ ପାଇଁ ଗୁରୁତ୍ୱପୂର୍ଣ୍ଣ। ଶେଷରେ, ସେ କର୍ମୀମାନଙ୍କୁ ଏକଜୁଟ ହୋଇ ବଙ୍ଗଳାରେ ପରିବର୍ତ୍ତନ ଆଣିବା ପାଇଁ ନିର୍ବାଚନୀ ମଇଦାନରେ ପ୍ରବେଶ କରିବାକୁ ଆହ୍ୱାନ ଦେଇଛନ୍ତି।

ଅନୁପ୍ରବେଶ ପ୍ରସଙ୍ଗରେ ଗୃହମନ୍ତ୍ରୀ କହିଛନ୍ତି, ବଙ୍ଗଳାରେ ଅବୈଧ ପ୍ରବେଶ କେବଳ ରାଜ୍ୟ ନୁହେଁ ବରଂ ସମଗ୍ର ଦେଶର ସୁରକ୍ଷା ପାଇଁ ବିପଦ ସୃଷ୍ଟି କରୁଛି। ସେ ଅଭିଯୋଗ କରିଛନ୍ତି ଯେ, ରାଜ୍ୟ ସରକାର ସୀମାରେ ବାଡ଼ ଦେବା ପାଇଁ ଜମି ଯୋଗାଇ ଦେଉନାହାନ୍ତି, ଯାହା ସୀମା ସୁରକ୍ଷା ବାହିନୀ (ବିଏସଏଫ୍)କୁ ତା'ର କାର୍ଯ୍ୟ କରିବାରେ ବାଧା ସୃଷ୍ଟି କରୁଛି। ହାଇକୋର୍ଟ ଏହି ମାମଲାରେ ବିଏସଏଫ ସପକ୍ଷରେ ରାୟ ଦେଇଛନ୍ତି, କିନ୍ତୁ ଏହା ସତ୍ତ୍ୱେ, ଜମି ଯୋଗାଇ ଦିଆଯାଉନାହିଁ କାରଣ ଅନୁପ୍ରବେଶକାରୀମାନେ ଶାସକ ଦଳର ଭୋଟ ବ୍ୟାଙ୍କ। ଶାହ ଦାବି କରିଛନ୍ତି, ବିଜେପି କ୍ଷମତାକୁ ଆସିବା ପରେ, ୪୫ ଦିନ ମଧରେ ସୀମାରେ ବାଡ଼ ନିର୍ମାଣ ସମାପ୍ତ ହେବ ଏବଂ ସୁରକ୍ଷାକୁ ସୁଦୃଢ଼ କରାଯିବ।

## ❑ ଖୋଲିଲା ଏପଷ୍ଟିନ ଫାଇଲ

# ଟ୍ରମ୍ପଙ୍କ ବିରୋଧରେ ବିସ୍ଫୋରକ ତଥ୍ୟ

### ନାବାଳିକାକୁ ଦୁଷ୍କର୍ମ, ନବଜାତ ଶିଶୁକୁ ହତ୍ୟା ଅଭିଯୋଗ

**ୱାଶିଂଟନ, ୩୧ା୧:** ଆମେରିକାର ନ୍ୟାୟ ବିଭାଗ ପକ୍ଷରୁ ପ୍ରକାଶିତ ଏକ ନୂତନ ଡକ୍ୟୁମେଣ୍ଟକୁ ନେଇ ହଇଚଇ ସୃଷ୍ଟି ହୋଇଛି। ଜଣେ ୧୩ ବର୍ଷୀୟା ଝିଅଙ୍କୁ ଦୁଷ୍କର୍ମ କରିଥିବା ଅଭିଯୋଗ ନେଇ ଡୋନାଲ୍ଡ ଟ୍ରମ୍ପଙ୍କ ବିରୋଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଶୁକ୍ରବାର ପ୍ରକାଶିତ ଏପଷ୍ଟିନ ଫାଇଲରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏବଂ ଦୋଷୀ ସାବ୍ୟସ୍ତ ଯୌନ ଅପରାଧୀ ଜେଫ୍ରି ଏପଷ୍ଟାଇନଙ୍କ ସହିତ ତାଙ୍କର ଅତୀତର ସମ୍ପର୍କକୁ ନେଇ ବିବାଦ ସୃଷ୍ଟି କରିଛି। ଏପଷ୍ଟିନ ଫାଇଲଗୁଡ଼ିକ ମଧ୍ୟରେ ଏକ ୧୩ ବର୍ଷୀୟା ବାଳିକା ସହିତ ଜଡିତ ଏକ ବିସ୍ଫୋରକ ତଥ୍ୟ ସାମନାକୁ ଆସିଛି। ଯାହା ଗତ ଅଗଷ୍ଟ ମାସରେ ଏକ ଏଫବିଆଇ ଟିପ୍ ସିଟ୍‌ରେ ରେକର୍ଡ କରାଯାଇଥିଲା। ଏହି ଦାବିଟି ସାଧାରଣ ଲୋକଙ୍କ ଦ୍ୱାରା ଏଫ୍‌ବିଆଇକୁ ଦାଖଲ କରାଯାଇଥିବା ବେଳେ ଯାଞ୍ଚ ହୋଇନଥିବା ରିପୋର୍ଟଗୁଡ଼ିକର ଏକ ବଡ଼ ଡାଟାବେସର ଅଂଶ। ଏହି ଡକ୍ୟୁମେଣ୍ଟ ଏଫବିଆଇ ୱେବ୍‌ସାଇଟରୁ ଆସିଛି ଯାହା ଆଲେକଜାଣ୍ଡର ଭାଇମାନଙ୍କ ତଦନ୍ତ ସହିତ ଜଡିତ। ଫ୍ଲୋରିଡାର ଏହି ଧନୀ ଭାଇମାନଙ୍କ ବିରୋଧରେ ଯୌନ ଚାଲାଣ ଅଭିଯୋଗର ସମ୍ମୁଖୀନ ହେଉଛନ୍ତି। ଜଣେ ମହିଳା ଦାବି କରିଛନ୍ତି ଯେ, ତାଙ୍କ ବନ୍ଧୁ ପ୍ରାୟ ୩୫ ବର୍ଷ ପୂର୍ବେ ନ୍ୟୁ ଜର୍ସିରେ ଟ୍ରମ୍ପଙ୍କ ସହ ଯୌନ ସମ୍ପର୍କ ରଖିବାକୁ ବାଧ୍ୟ ହୋଇଥିଲେ। ଯେତେବେଳେ ତାଙ୍କୁ ୧୩ କିମ୍ବା ୧୪ ବର୍ଷ ବୟସ ହୋଇଥିଲା। ଝିଅଟି ମଧ୍ୟ ଏପଷ୍ଟାଇନଙ୍କ ଦ୍ୱାରା ନିର୍ଯାତିତ ହୋଇଥିଲା। ସେ ଏକ ନବଜାତ ଶିଶୁର ହତ୍ୟାରେ ସମ୍ପୃକ୍ତ ଥିଲେ। ହ୍ୱାଇଟ୍ ହାଉସ୍ ଦୁଷ୍କର୍ମ ଅଭିଯୋଗକୁ ତଥ୍ୟଭିତ୍ତିକ ନୁହେଁ ବୋଲି କହିଛି। ଟ୍ରମ୍ପ୍ ଏପଷ୍ଟାଇନ୍ ସହ ଜଡିତ କୌଣସି ଭୁଲ କାର୍ଯ୍ୟକୁ ନିରନ୍ତର ଅସ୍ୱୀକାର କରିଆସୁଛନ୍ତି।

# ରୁଷ-ୟୁକ୍ରେନ ଯୁଦ୍ଧ ବିରତି: ରବିବାର ଯାଏ ଆକ୍ରମଣ ବନ୍ଦ

### ଅବୁଧାବିରେ ଦୁଇ ଦେଶ ମଧରେ ଆଲୋଚନା

### ଟ୍ରମ୍ପଙ୍କୁ ଧନ୍ୟବାଦ ଦେଲେ ଜେଲେନସ୍କି



ୱାଶିଂଟନ, ୩୧ା୧ଃ ଦୀର୍ଘ ୧୪୭୩ ଦିନ ଧରି ଚାଲିଥିବା ରୁଷ-ୟୁକ୍ରେନ ଯୁଦ୍ଧରେ ଲାଗିଛି ସାମରିକ ବ୍ରେକ। ଆସନ୍ତା ରବିବାର ଯାଏ ଦୁଇ ଦେଶ ପରସ୍ପର ଉପରେ ଆକ୍ରମଣ କରିବେ ନାହିଁ ବୋଲି ଗୁରୁବାର ଠାରୁ ରାଜି ହୋଇଛନ୍ତି। ସେହିପରି ଦୁଇ ଦେଶ ମଧରେ ଚାଲିଥିବା ଭୟଙ୍କର ଯୁଦ୍ଧର ସ୍ଥାୟୀ ସାମଧାନ ଉପରେ ମଧ ଆଲୋଚନା ଆରମ୍ଭ ହୋଇଛି। ଅବୁଧାବିରେ ଦୁଇ ଦେଶ ଆଲୋଚନା ମଧରେ ଯୁଦ୍ଧ ବନ୍ଦ କରିବାକୁ ପଦକ୍ଷେପ ନେବେ ବୋଲି ଜଣାପଡ଼ିଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ, ତାଙ୍କ ରୁଷ ପ୍ରତିପକ୍ଷ ଭ୍ଲାଦିମିର ପୁଟିନ ସପ୍ତାହେ ଧରି ୟୁକ୍ରେନର କୌଣସି ବଡ଼ ସହର ଉପରେ ଆକ୍ରମଣ ନ କରିବାକୁ ରାଜି ହୋଇଛନ୍ତି। ଏହା ମଧରେ ରାଜଧାନୀ କିଭ ମଧ ରହିଛି। କିଭ ବର୍ତ୍ତମାନ ତୁଷାର ପାତର ସମ୍ମୁଖୀନ ହେଉଥିବା ବେଳେ ଏପରି ଖବର ସମସ୍ତଙ୍କୁ ଆଶ୍ୱସ୍ତ କରିଛି। ଟ୍ରମ୍ପଙ୍କ ଏହି ଦାବିକୁ ରୁଷ ପକ୍ଷରୁ ଆଂଶିକ ଭାବେ ସ୍ୱୀକାର କରାଯାଇଛି।

କ୍ରେମଲିନ ମୁଖପାତ୍ର ଡିମିତ୍ରୀ ପେସ୍କୋଭ କହିଛନ୍ତି ଯେ, ଟ୍ରମ୍ପଙ୍କ ଗୋଟିଏ ବ୍ୟକ୍ତିଗତ ଅନୁରୋଧକ୍ରମେ ରବିବାର ଯାଏ କିଭରେ ଆକ୍ରମଣ ବନ୍ଦ କରିବାକୁ ମସ୍କୋ ରାଜି ହୋଇଛି। ଆମେରିକା ରାଷ୍ଟ୍ରପତିଙ୍କ ଅନୁରୋଧ ବୁଝାମଣା ପାଇଁ ଗୋଟିଏ ସକାରାତ୍ମକ ପରିବେଶ ସୃଷ୍ଟି କରିଥିବା ପେସ୍କୋଭ କହିଛନ୍ତି। ତେବେ ପୁଟିନଙ୍କ ସହ ଟ୍ରମ୍ପ କ'ଣ ସବୁ ଆଲୋଚନା କରିଛନ୍ତି, ସେକଥା ସାର୍ବଜନୀନ ହୋଇନି। ଗୁରୁବାର କ୍ୟାବିନେଟ ମିଟିଂ ବେଳେ ଟ୍ରମ୍ପ କହିଥିଲେ ଯେ, ସେ ବ୍ୟକ୍ତିଗତ ଭାବେ ରାଷ୍ଟ୍ରପତି ପୁଟିନକୁ ସପ୍ତାହେ ଧରି କିଭ କିମ୍ବା କୌଣସି ସହର ଉପରେ ଆକ୍ରମଣ ନ କରିବାକୁ ଅନୁରୋଧ କରିଥିଲେ। ୟୁକ୍ରେନ ପ୍ରବଳ ଥଣ୍ଡାର ସମ୍ମୁଖୀନ ହେଉଥିବାରୁ ପୁଟିନ ମଧ ଆକ୍ରମଣ ନ କରିବା କଥାରେ ରାଜି ହୋଇଥିଲେ ବୋଲି ଟ୍ରମ୍ପ ସୂଚନା ଦେଇଥିଲେ। ଯୁଦ୍ଧ ବିରତି ଖବର ସାମ୍ନାକୁ ଆସିବା ପରେ ୟୁକ୍ରେନ ରାଷ୍ଟ୍ରପତି ଭ୍ଲୋଡମିର ଜେଲେନସ୍କି ତାଙ୍କ ଆମେରିକା ପ୍ରତିପକ୍ଷ ଟ୍ରମ୍ପଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଅତ୍ୟନ୍ତ ଥଣ୍ଡା ମଧରେ ଅସ୍ଥାୟୀ ଯୁଦ୍ଧ ବିରତି ନିଶ୍ଚିତ ଭାବେ ୟୁକ୍ରେନର ଗୁରୁତ୍ୱପୂର୍ଣ୍ଣ ଶକ୍ତି ଭିତ୍ତିଭୂମିର ସୁରକ୍ଷାରେ ସହାୟତା କରିବ ବୋଲି ମଧ ଜେଲେନସ୍କି କହିଛନ୍ତି।

## ବଲୁଚିସ୍ତାନରେ ସିରିଜ୍ ହମଲା

# ୧୦ ପାକିସ୍ତାନୀ ସୁରକ୍ଷାକର୍ମୀ ନିହତ

ଇସଲାମାବାଦ, ୩୧ା୧ଃ ପାକିସ୍ତାନର ଦକ୍ଷିଣ ପଶ୍ଚିମ ବଲୁଚିସ୍ତାନ ପ୍ରଦେଶର ଅନେକ ସହରରେ ହୋଇଛି ସିରିଜ୍ ହମଲା। ସନ୍ଦିଗ୍ଧ ବଲୁଚ ବିଦ୍ରୋହୀଙ୍କ ଦ୍ୱାରା ହମଲାରେ ୧୦ ଜଣ ପାକିସ୍ତାନୀ ସୁରକ୍ଷାକର୍ମୀ ନିହତ ହୋଇଛନ୍ତି। ଅନେକ ଆହତ ମଧ ହୋଇଛନ୍ତି। ପ୍ରାନ୍ତୀୟ ରାଜଧାନୀ କ୍ୱେଟାର ଗତ ରବିବାର ଅନେକ ପୁଲିସ ଷ୍ଟେସନକୁ ବନ୍ଧୁକଧାରୀ ଟାର୍ଗେଟ୍ କରିଥିଲେ। ପାକିସ୍ତାନର କିଛି ଗଣମାଧମ ଅନୁଯାୟୀ, ୫୦ରୁ ଅଧିକ ପାକିସ୍ତାନୀ ସୁରକ୍ଷାକର୍ମୀଙ୍କ ଏହି ଆକ୍ରମଣରେ ମୃତ୍ୟୁ ଘଟିଛି। ଅନ୍ୟପଟେ ପାକିସ୍ତାନୀ ସେନାଙ୍କ କାର୍ଯ୍ୟାନୁଷ୍ଠାନରେ ୫୮ ବଲୁଚ ବିଦ୍ରୋହୀ ନିହତ ହୋଇଛନ୍ତି। ଏକ୍ସରେ ଅନେକ ଦାବି କରିଛନ୍ତି ଯେ, ବଲୁଚ ବିଦ୍ରାହୋଙ୍କ ହମଲାରେ ପାକିସ୍ତାନ ସୁରକ୍ଷାକର୍ମୀଙ୍କ ମୃତ୍ୟୁ ସଂଖ୍ୟା ୧୫୦ ଛୁଇଁଛି। ତେବେ ଆନୁଷ୍ଠାନିକ ଭାବେ ମୃତକଙ୍କ ସଂଖ୍ୟା ସ୍ପଷ୍ଟ ହୋଇନାହିଁ। ପାକିସ୍ତାନରେ ଦଶନ୍ଧି ଧରି ବଲୁଚିସ୍ତାନରେ ବିଚ୍ଛିନ୍ନତାବାଦୀ ଆନ୍ଦୋଳନ ଜାରି ରହିଛି। ଏଠାରେ ବିଦ୍ରୋହୀ ବଲୁଚ ଦ୍ୱାରା ଆଫଗାନିସ୍ତାନ ଓ ଇରାନ ସୀମା ସଂଲଗ୍ନ ଖଣିଜରେ ଭରପୂର ଦକ୍ଷିଣ-ପଶ୍ଚିମ ପ୍ରାନ୍ତରେ ସରକାରୀ ବଳ, ବିଦେଶୀ ନାଗରିକ ଓ ଅଣ ସ୍ଥାନୀୟ ଲୋକଙ୍କୁ ଟାର୍ଗେଟ୍ କରାଯାଉଛି। କ୍ୱେଟାରେ ଥିବା ଜଣେ ବରିଷ୍ଠ ସୁରକ୍ଷା ଅଧିକାରୀ କହିଛନ୍ତି, ପୂରା ବଲୁଚିସ୍ତାନରେ ଏକ ସଙ୍ଗେ ବନ୍ଧୁକଧାରୀ ଓ ଆତ୍ମଘାତୀ ହମଲା କରିଛନ୍ତି। ଉଲ୍ଲେଖନୀୟ ବଲୁଚସ୍ତାନ ପାକିସ୍ତାନର ସବୁଠୁ ଗରୀବ ରାଜ୍ୟ। ଏଠାରେ ଭରପୂର ପ୍ରାକୃତିକ ସମ୍ବଳ ରହିଛି, ଯାହାର ସଠିକ ବ୍ୟବହାର ଏ ପର୍ଯ୍ୟନ୍ତ ହୋଇପାରି ନାହିଁ। ନିକଟ ବର୍ଷରେ ବଲୁଚ ବିଦ୍ରୋହୀ ପଡ଼ୋଶୀ ରାଜ୍ୟରୁ ଆସି ଏହି ଅଞ୍ଚଳରେ କାମ କରୁଥିବା ପାକିସ୍ତାନୀଙ୍କ ଉପରେ ଆକ୍ରମଣ ଜୋରଦାର କରିଛନ୍ତି।



# ପ୍ରସିଦ୍ଧ ଯୋରନ୍ଦା ମାଘମେଳା ଆରମ୍ଭ

**❖ଝାଡ଼ଦୀପ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ❖୫ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାବେଶ**

**ଢେଙ୍କାନାଳ, ୩୧।୧(ସଂଚାର ବ୍ୟୁରୋ):** ମହିମା ଧର୍ମର ପୀଠ ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ଠାରେ ଆରମ୍ଭ ହୋଇଛି ମାଘମେଳା। ସନ୍ଧ୍ୟା ସମୟରେ ଝାଡଦୀପ ଦେଖିବା ପାଇଁ ପ୍ରାୟତଃ ପାଞ୍ଚଲକ୍ଷରୁ ଅଧିକ ଶ୍ରଦ୍ଧାଳୁଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏଥିରେ ରାଜ୍ୟର ବିଭିନ୍ନ ଅଞ୍ଚଳ ସମେତ ନେପାଳ,ଗୁଜୁରାଟ,ଆସାମ,ଝାଡଖଣ୍ଡ,ଛତିଶଗଡ଼, ଆନ୍ଧ୍ର ପ୍ରଦେଶ ଆଦି ରାଜ୍ୟରୁ ମହିମା ସାଧୁ ସନ୍ନ୍ୟାସୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଛି। ଚଳିତବର୍ଷ ମାଘମେଳା ୧୫୩ ବର୍ଷରେ ପହଞ୍ଚିଛି। ସେହିପରି ମହିମା ସ୍ୱାମୀଙ୍କ ଆବିର୍ଭାବର ୨୦୦ ବର୍ଷ ପୂର୍ତ୍ତି ହୋଇଥିବା ବେଳେ ପ୍ରସିଦ୍ଧ ମାଘ ମେଳା ଅବସରରେ ମହିମା ପୀଠରେ ଗାଦି ମନ୍ଦିର ବଟି ମନ୍ଦିର,ଧୁନୀ ମନ୍ଦିର ଓ ଶୂନ୍ୟ ମନ୍ଦିର ଆଦିରେ ଝାଡଦୀପ ପ୍ରଜ୍ୱଳିତ ହୋଇଛି। ସମଗ୍ର ବିଶ୍ୱ ଓ ଜୀବଜଗତର ମଙ୍ଗଳ କାମନା ପାଇଁ ମହିମା ସାଧୁ ସନ୍ୟାସୀ ଓ ଶ୍ରଦ୍ଧାଳୁମାନେ ଘୃତାହୃତି କରିଛନ୍ତି। ମାଘମେଳା ସାଙ୍ଗକୁ ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନେଇ ପ୍ରଶାସନ ପକ୍ଷରୁ ବ୍ୟାପକ ତତ୍ପରତା ପ୍ରକାଶ ପାଇଛି । ଏଥିରେ ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ, ଏସ୍ପି ଅଭିନବ ସୋନକର ଯୋରନ୍ଦାରେ ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମର ତଦାରଖ କରୁଛନ୍ତି। ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଚଳିତ ବର୍ଷ ବ୍ୟାପକ ପୁଲିସ ମୃତୟନ କରାଯାଇଛି। ଏସିପିଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ୨ଜଣ ଅତିରିକ୍ତ ଏସପି, ୫ଜଣ ଡିଏସପି,୧୬ ଜଣ ଇନ୍ସପେକ୍ଟର, ଏସ୍ଆଇ ଓ ଏଏସ୍ଆଇ ମିଶି ୬୦ ଜଣ ଏବଂ ୧୪ ପ୍ଲାଟୁନ ପୁଲିସ ଫୋର୍ସ ମେଳା ପାଇଁ ମୃତୟନ ହୋଇଛନ୍ତି। ସେହିପରି ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ନଜରରେ ରଖି ୧୫ ପ୍ଲାଟୁନ ସଶସ୍ତ୍ର ପୁଲିସ ଫୋର୍ସ ଅଛନ୍ତି, ଏତଦବ୍ୟତୀତ ମେଳାରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ସନ୍ଧାନୀ କୁକୁର, ମେଟାଲ ଡ଼ିଟେକ୍ଟର ଓ ସିସିଟିଭି କ୍ୟାମେରା ବ୍ୟବସ୍ଥା ସମେତ ଆଣ୍ଟି ଡକାୟତି ସ୍କ୍ୱାଡ ମଧ ମୃତୟନ ଅଛନ୍ତି ବୋଲି ଏସ୍ପି ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ ପାଇଁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା

**ପୁଲିସ ପକ୍ଷରୁ ହୋଟେଲ ଓ ଲଜିଂରେ ଚେକିଂ**

**ପୁରୀ, ୩୧।୧(ସଂଚାର ବ୍ୟୁରୋ):** ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପୁରୀ ଗସ୍ତ ଅବସରରେ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ପାଇଁ ପୁରୀ ପୁଲିସ ପକ୍ଷରୁ ବ୍ୟାପକ ରାତ୍ରିକାଳୀନ ଚେକିଂ ଓ ସତର୍କତା ଅଭିଯାନ ଶନିବାର ରାତିରୁ ଚାଲୁରହିଛି। ସହରର ସମସ୍ତ ଗୁରୁତ୍ୱପୂର୍ଣ୍ଣ ସ୍ଥାନ, ବିଶେଷକରି ହୋଟେଲ ଓ ଲଜ୍ ଗୁଡ଼ିକୁ ନଜରରେ ରଖି ପୁଲିସ ଚେକିଂ କାର୍ଯ୍ୟ ସଂପାଦନ କରିଛନ୍ତି। ଏହି ବିଶେଷ ଅଭିଯାନଟି ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ରଙ୍କ ନେତୃତ୍ୱରେ ଚାଲିଥିଲା। ତାଙ୍କ ସହ ସମନ୍ୱୟରେ ସି ବିଚ ଥାନା ଆଇଆଇସି, ବାଲିଆପାଣ୍ଡା ଥାନା ଆଇଆଇସି, ଟାଉନ ଥାନା ଆଇଆଇସି, ବାସେଳୀସାହି ଥାନା ଆଇଆଇସି ଏବଂ କୁମ୍ଭାରପଡା ଥାନା ଆଇଆଇସି ଓ ସେମାନଙ୍କର ପୁଲିସ ଷ୍ଟାଫ ରାତି ସମୟରେ ବିଭିନ୍ନ ହୋଟେଲରେ ଅଚାନକ ଚେକିଂ କରିଥିଲେ। ଚେକିଂର ଉଦ୍ଦେଶ୍ୟ ରାଷ୍ଟ୍ରପତିଙ୍କ ଗସ୍ତ ସମୟରେ ସହରର ସୁରକ୍ଷା ସ୍ଥିତି ସର୍ବୋଚ୍ଚ ସ୍ତରରେ ରହିବା ନିଶ୍ଚିତ କରିବା ହେଉଛି ଏହି ଅଭିଯାନର ପ୍ରମୁଖ ଲକ୍ଷ୍ୟ। ପୁଲିସ ପକ୍ଷରୁ ସହରରେ ନିୟମିତ ପାଟ୍ରୋଲିଂ, ଚେକ୍ ପୋଷ୍ଟ ତଦନ୍ତ, ଡଗ୍ ସ୍କ୍ୱାଡ଼ ଓ ବମ୍ବ ସ୍କ୍ୱାଡ଼ ମୁତୟନ, ସହିତ ଇଣ୍ଟେଲିଜେନ୍ସ ନଜରଦାରୀକୁ ଆହୁରି ଜୋରଦାର କରାଯାଇଛି। ପୁଲିସ ସମ୍ପୂର୍ଣ୍ଣ ସଜାଗ ଓ ପ୍ରତିବଦ୍ଧ ଅଛି।

# ସେବକଙ୍କ ହାତରେ ମହାପ୍ରଭୁ ପଠାଇଲେ ଖଣ୍ଡୁଆ

**ଯାଜପୁର,୩୧।୧(ସଂଚାର ବ୍ୟୁରୋ):** ସେ ତ ଭକତ ଭାବରେ ବନ୍ଧାରେ ସେ ତ ଭକତ ଜୀବନ ଧନ'। ଏହା କେବଳ ଗୋଟିଏ ଭଜନ ଭିତରେ ସୀମିତ ନୁହେଁ, ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କ ଏହା ହୃଦୟର ଆସ୍ଥା ଓ ବିଶ୍ୱାସର ଭାଷା। ଏହି ଆସ୍ଥା ଓ ବିଶ୍ୱାସ ଅଧାରରେ ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଅନ୍ତର୍ଗତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବରେ ଘଣ୍ଟ ସେବକଙ୍କ ଜରିଆରେ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆ ପାଟ ପହଞ୍ଚିଥିଲା। ଶ୍ରୀ ମନ୍ଦିରର ଘୋଷଯାତ୍ରାରେ ଭଛିମୁଣ୍ଡାର ଘଣ୍ଟବାଦ୍ୟ ଏକ ପ୍ରମୁଖ ଓ ପ୍ରଧାନ ସେବା। ଏହି ଘଣ୍ଟବାଦ୍ୟ ଦଳର ମୁଣ୍ଡରେ ପଗଡ଼ି ବନ୍ଧା ହେଲେ ଆରମ୍ଭ ହୁଏ ମହାପ୍ରଭୁଙ୍କ ପହଣ୍ଡି ବିଜେ। ଏହି ଘଣ୍ଟ ସେବକମାନେ ଯାଜପୁର ଜିଲ୍ଲା ଧର୍ମଶାଳାର ଭୁବନପୁରରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବରେ ପହଞ୍ଚି ମହୋତ୍ସବର ଆବାହକ ସତୀଶ ବିଶ୍ୱାଳଙ୍କୁ ଶ୍ରୀ ଜଗନ୍ନାଥଙ୍କ ଖଣ୍ଡୁଆପାଟ ପ୍ରଦାନ କରିଥିଲେ। ଏଥିସହ ଏଠାରେ ପୂଜା ପାଉଥିବା ପରମ ଆରାଧ ଦେବ ଶ୍ରୀଶ୍ରୀ ରାଧାକୃଷ୍ଣ ମହାପ୍ରଭୁଙ୍କ ପାଇଁ ଘଣ୍ଟ ଦାନ କରିଥିଲେ। ଜୟ ଜଗନ୍ନାଥ ମହୋତ୍ସବ କମିଟିର ସଭ୍ୟମାନଙ୍କୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ବିଭିନ୍ନ ସାମଗ୍ରୀ ଓ ମହାପ୍ରସାଦ, ଭୋଗ ଦାନ କରିଥିଲେ। ଆବାହକ ସତୀଶ ବିଶ୍ୱାଳ ଘଣ୍ଟସେବା ଅନୁଷ୍ଠାନ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବ ଦେଇଥିଲେ। ସତୀଶ କହିଥିଲେ ଯେ ମୋ ପରି ମହାପ୍ରଭୁଙ୍କ ଦାସାନୁଦାସ ଘଣ୍ଟବାଦ୍ୟ ଅନୁଷ୍ଠାନ ପାଇଁ କାର୍ଯ୍ୟ କରିବାକୁ ପ୍ରସ୍ତାବରେ ଧନ୍ୟ ହୋଇଛି। ମହାପ୍ରଭୁଙ୍କ ଏହି ଅଦ୍ଭୁତ ଲୀଳା ଭକ୍ତମାନଙ୍କ ପାଇଁ କେବଳ, ଭକତ ଭାବରେ ଭଗବାନ ବନ୍ଧାର ଆଉ ଏକ ଅପୂର୍ବ ଦୃଷ୍ଟାନ୍ତ।

## ସୀମାରେଖା ନିକଟରେ ପାକିସ୍ତାନୀ ଡ୍ରୋନ

**ଶ୍ରୀନଗର,୩୧।୧:** ସୁଧୁରୁନି ପାକିସ୍ତାନ। ପୁଣି ଜମ୍ମୁ-କଶ୍ମୀରର ଅନ୍ତର୍ଜାତୀୟ ସୀମାରେଖା ନିକଟରେ ଉଡ଼ିଲା ସନ୍ଦିଗ୍ଧ ପାକିସ୍ତାନୀ ଡ୍ରୋନ୍। ଏହାକୁ ନେଇ ଭାରତୀୟ ସୁରକ୍ଷାବାହିନୀ ସକ୍ରିୟ ହୋଇପଡ଼ିଥିଲା। ସୁରକ୍ଷାକର୍ମୀମାନେ ସର୍ଚ୍ଚ ଅପରେଶନ ଆରମ୍ଭ କରିଥିଲା। ତେବେ ଡ୍ରୋନ୍‌ଟି ପୁଣିଥରେ ପାକିସ୍ତାନ ଆଡକୁ ଚାଲି ଯାଇଥିଲା। ଏହି ଘଟଣା ପରେ ପୁଲିସ ଓ ସୁରକ୍ଷା କର୍ମୀମାନେ ଗ୍ରାମ ଏବଂ ଆଖପାଖ ଅଞ୍ଚଳରେ ବ୍ୟାପକ ତଲାସୀ ଅଭିଯାନ ଚଳାଇଛନ୍ତି। ଅଧିକାରୀଙ୍କ ମତରେ ଡ୍ରୋନ ମାଧମରେ ହତିଆର କିମ୍ବା ମାଦକ ଦ୍ରବ୍ୟ ତସ୍କରୀର ଆଶଙ୍କା ଥିବାରୁ ସୀମାନ୍ତ ଅଞ୍ଚଳର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଛି। ଏହି ମାସରେ ନିୟନ୍ତ୍ରଣ ରେଖା ଓ ଅନ୍ତରାଷ୍ଟ୍ରୀୟ ସୀମା ନିକଟରେ ଏପରି ବହୁ ସନ୍ଦିଗ୍ଧ ଡ୍ରୋନ ଦେଖାଯାଇଛି, ଯାହାଦ୍ୱାରା ଆଣ୍ଟି-ଡ୍ରୋନ ସିଷ୍ଟମ୍‌କୁ ସକ୍ରିୟ କରାଯାଇଛି। ତେବେ ସୀମାନ୍ତ ଅଞ୍ଚଳରେ ବୃଦ୍ଧି ପାଉଥିବା ଏହି ଡ୍ରୋନ ଗତିବିଧି ସୁରକ୍ଷା ଏଜେନ୍ସିମାନଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି ଏବଂ ସେମାନେ ସତର୍କ ରହିଛନ୍ତି।

● ଆନନ୍ଦପୁର ଅଗ୍ନିକାଣ୍ଡ ଘଟଣା

## ପୁଣି ୨ ମୃତଦେହ ମିଳିଲା, ସଂଖ୍ୟା ୨୭କୁ ବୃଦ୍ଧି

**କୋଲକାତା,୩୧।୧(ସଂଚାର ବ୍ୟୁରୋ):** ଶନିବାର ନରେନ୍ଦ୍ରପୁର ଥାନା ପକ୍ଷରୁ ମୋଟ ୨୫ଟି ମୃତଦେହ ପୋଷ୍ଟମର୍ଟମ ପାଇଁ ପଠାଯାଇଛି। ଶନିବାର ଭୋରରୁ ଆଉ ଦୁଇଟି ମୃତଦେହ ଉଦ୍ଧାର କରାଯାଇଛି। ତେବେ, ସେହି ଦୁଇଟି ମୃତଦେହ ଏପର୍ଯ୍ୟନ୍ତ ପୋଷ୍ଟମର୍ଟମ ପାଇଁ ପଠାଯାଇନାହିଁ। ଆନନ୍ଦପୁର ଅଗ୍ନିକାଣ୍ଡ ଘଟଣାରେ ନିଖୋଜ ୨୭ ଜଣଙ୍କ ପରିବାର ନରେନ୍ଦ୍ରପୁର ଥାନାରେ ଏକ ଡାଏରୀ ଦାଖଲ କରିଛନ୍ତି। ଶନିବାର ପର୍ଯ୍ୟନ୍ତ ଭୟଙ୍କର ଅଗ୍ନିକାଣ୍ଡର ଭଗ୍ନାବଶେଷରୁ ମୋଟ ୨୭ ଜଣଙ୍କ ମୃତଦେହ ଉଦ୍ଧାର କରାଯାଇଛି। ପୁଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଖୁବଶୀଘ୍ର ଉଦ୍ଧାର କାର୍ଯ୍ୟ ସମାପ୍ତ ହେବ ବୋଲି ସେମାନେ ବିଶ୍ୱାସ କରନ୍ତି। ଭୟଙ୍କର ଅଗ୍ନିକାଣ୍ଡ ପରେ ଆନନ୍ଦପୁରରେ ପୋଡ଼ିଯାଇଥିବା ଗୋଦାମର ଭଗ୍ନାବଶେଷ ହଟାଯାଉଥିବା ବେଳେ ଗୋଟିଏ ପରେ ଗୋଟିଏ ଦେହାଂଶ ବାହାରୁଛି।

## ଟିଏମ୍‌ସି ନେତାଙ୍କ ଗାଡ଼ିରେ ବିସ୍ଫୋରଣ

**କୋଲକାତା,୩୧।୧(ସଂଚାର ବ୍ୟୁରୋ):** ବଙ୍ଗଳାରେ ବିଧାନସଭା ନିର୍ବାଚନ ପାଇଁ ଆଉ ଶହେ ଦିନରୁ କମ୍ ସମୟ ବାକି ଅଛି। ଏହା ପୂର୍ବରୁ ରାଜନୈତିକ ହିଂସା ବୃଦ୍ଧି ପାଇବ କି? ଶନିବାର ଦକ୍ଷିଣ ୨୪ ପ୍ରଗଣାର କୁଲପିରେ ଜଣେ ତୃଣମୂଳ ନେତାଙ୍କ ଗାଡିରେ ବିସ୍ଫୋରଣ ପରେ ଏହି ପ୍ରଶ୍ନ ଉଠିଛି। ଶୁକ୍ରବାର ମଧରାତ୍ରିରେ ଏକ ଭୟଙ୍କର ବିସ୍ଫୋରଣରେ ତୃଣମୂଳ ନେତାଙ୍କ ଗାଡି କ୍ଷତବିକ୍ଷତ ହୋଇଯାଇଛି। ଏକ ଆଜବେଷ୍ଟସ୍ ଛାତ ମଧ ଭାଙ୍ଗି ପଡ଼ି ନଷ୍ଟ ହୋଇଯାଇଛି। ଦକ୍ଷିଣ ୨୪ ପ୍ରଗଣାର କୁଲପିର ଗାଜିପୁର ପଞ୍ଚାୟତର ଚାମନାବୁନି ଗାଁରେ ଆତଙ୍କ ଖେଳିଯାଇଛି। ଶନିବାର ସକାଳେ ମଧ ଅଞ୍ଚଳ ଶାନ୍ତ ଥିଲା। ବିରୋଧୀ ଦଳ ବୋମା ବିସ୍ଫୋରଣ କରିଥିବା ତୃଣମୂଳ ଅଭିଯୋଗ କରିଛି। ଅନ୍ୟପକ୍ଷରେ, ଆଇଏସ୍ଏଫ୍ ଦାବି କରିଛି ଯେ, ତୃଣମୂଳ ନେତା ବୋମା ମହଜୁତ କରି ରଖିଥିଲେ। ସେଥିପାଇଁ ବିସ୍ଫୋରଣ ଘଟିଛି।

## 'ନୀଳଚକ୍ର' ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧବାର୍ଷିକୀ

**କୋଲକାତା,୩୧।୧(ସଂଚାର ବ୍ୟୁରୋ):** ବିଶିଷ୍ଟ ଆଇନଜୀବୀ, ପୂର୍ବତନ ସାଂସଦ, ଓଡିଶା ମାଟିର ସୁଯୋଗ୍ୟ ସନ୍ତାନ ତଥା ଓଡିଆ ଭଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା ଅନୁଷ୍ଠାନ 'ନୀଳଚକ୍ର'ର ପ୍ରାଣ ପ୍ରତିଷ୍ଠାତା ସ୍ୱର୍ଗତ ବ୍ରହ୍ମାନନ୍ଦ ପଣ୍ଡାଙ୍କ ୧୬ତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ସଂଧ୍ୟାରେ କୋଲକାତାର ବୌବଜାର ସ୍ଥିତ ନୀଳଚକ୍ର ପଶ୍ଚିମବଙ୍ଗ ଶାଖା କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି। ଏହି ଅବସରରେ ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ପୂଣ୍ୟତିଥିରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାହୁଏ। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ଉପଦେଷ୍ଟା ପରିବେଶବିତ୍ କୃତ୍ତିବାସ ମହାପାତ୍ର ସଭାପତିତ୍ୱ କରି ସ୍ୱର୍ଗତ ପଣ୍ଡାଙ୍କ ଆଲୋକପାତ କରିଥିଲେ। ନୀଳଚକ୍ରର ସଂପାଦକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

# ବିଦ୍ୟୁତ ଦର କମାଇବା ପାଇଁ ମହାସଂଘର ଦାବି

**ସ୍ମାର୍ଟମିଟର୍ ବସାଇବା ବିରୋଧରେ ମହାସଂଘ**



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ବର୍ତ୍ତମାନ ପ୍ରଚଳିତ ବିଦ୍ୟୁତ ଦର ୟୁନିଟ ପିଛା ୧ ଟଙ୍କା ୨୦ ପଇସା ହ୍ରାସ କରାଯାଉ। ଏଥିସହ କମ୍ପାନୀ ତରଫରୁ ଜବରଦସ୍ତ ସ୍ମାର୍ଟମିଟର ବସାଇବା ବନ୍ଦ କରାଯାଉ। ବଳପୂର୍ବକ ସ୍ମାର୍ଟମିଟର ଲଗାଗଲେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବ ବୋଲି ଆଜି ଏକ ସମ୍ବାଦିକ ସମ୍ମିଳନୀରେ ରାଜ୍ୟ ବିଦ୍ୟୁତ ଉପଭୋକ୍ତା ମହାସଂଘ ସଭାପତି ପଞ୍ଚାନନ କାନୁନଗୋ ଚେତାଇ ଦେଇଛନ୍ତି।

ସାମ୍ବାଦିକ ସମ୍ମିଳନୀରେ ମହାସଂଘର ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ରବି ଦାସଙ୍କ ସମେତ ଉପଭୋକ୍ତା ମହାସଂଘର ଆନ୍ଦୋଳନ ସହିତ ସମ୍ପର୍କିତ ସମସ୍ତ ରାଜନୈତିକ ଦଳମାନେ ଉପସ୍ଥିତ ଥିଲେ। ଏହି ଅବସରରେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ ନିକଟରେ ମହାସଂଘ ତରଫରୁ ଦିଆଯାଇଥିବା ଆବେଦନ ସଂପର୍କରେ ଅବଗତ କରାଯାଇଥିଲା। ଏହି ନିଷ୍ପତ୍ତି ଅନୁସାରେ କୁହାଯାଇଛି ଯେ, ସ୍ମାର୍ଟମିଟର୍ ବସାଇବା ବିରୋଧରେ ମହାସଂଘ ସମଗ୍ର ରାଜ୍ୟରେ ଜନଆନ୍ଦୋଳନ ଗଡ଼ିତୋଳିବ, ରାଜ୍ୟ ସରକାର ଅତି ଲଜ୍ଜାହୀନ ଭାବରେ କରଦାତାଙ୍କ ଅର୍ଥବ୍ୟୟ କରି କମ୍ପାନୀର ଇଚ୍ଛା ପୂରଣ କରିବା ପଛରେ କି ରହସ୍ୟ ଅଛି ବୋଲି ମହାସଂଘ ପ୍ରଶ୍ନ କରିଛି। ରାଜ୍ୟସରକାର ଏଥିପାଇଁ ଯେଉଁ ଅର୍ଥ ବ୍ୟୟ କରିବେ ତାହା ପକ୍ଷାନ୍ତରେ ସେହିସବୁ ଉପଭୋକ୍ତାଙ୍କର ଟିକସବାବଦ ଦେୟରୁ ହିଁ ସଂଗ୍ରହ କରାଯାଇଛି ବୋଲି ସେ କହିଥିଲେ । ବିଦ୍ୟୁତ ଏକ ଅତ୍ୟାବଶକୀୟ ପଦାର୍ଥ ଓ ପ୍ରତ୍ୟେକ ନାଗରିକର ମୌଳିକ ଅଧିକାର । ସେହି ପରିପ୍ରେକ୍ଷୀରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥା ସଂସ୍କାର ସମୟର ଘୋଷଣା ଅନୁଯାୟୀ ନିରବଚ୍ଛିନ୍ନ ଓ ପୂର୍ଣ୍ଣଗୁଣାତ୍ମକ ହେବା ଆବଶ୍ୟକ, ତାହା ହେଉନାହିଁ। ଉପଭୋକ୍ତାଙ୍କ ଠାରୁ ଆଦାୟ କରାଯାଉଥିବା ଫିକ୍ସଡ୍ ଏନର୍ଜି ଚାର୍ଜେସ୍ କିଲୋୱାଟ୍ ପିଛା ୨୦ ଟଙ୍କା ଧାର୍ଯ୍ୟ କରାନଯାଇ ମୋଟାମୋଟି ଭାବେ ଅତି ବେଶୀରେ ସମସ୍ତଙ୍କ ଉପରେ ୨୫ଟଙ୍କା ଧାର୍ଯ୍ୟ କରାଯାଉ । ଏଥିସହ ପ୍ରତ୍ୟେକ ଉପଭୋକ୍ତାଙ୍କୁ ମାସକୁ ୩୦୦ ୟୁନିଟ୍ ବିଦ୍ୟୁତ ଛାଡ଼, ଚାଷୀମାନଙ୍କୁ ସମସ୍ତ ବିଦ୍ୟୁତ ଦେୟ ଛାଡ଼, ଅଣୁ ଓ କ୍ଷୁଦ୍ର ବ୍ୟବସାୟୀମାନଙ୍କୁ ୫୦ ପ୍ରତିଶତ ବିଦ୍ୟୁତ୍ ରିହାତିରେ ଯୋଗାଇବା, ଶୀତଳଭଣ୍ଡାର ପାଇଁ ୫୦ ପ୍ରତିଶତ ରିହାତିରେ ବିଦ୍ୟୁତ ଯୋଗାଣ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ବ୍ୟବହାର ହେଉଥିବା ବିଦ୍ୟୁତ୍ ଦେୟ ଅନ୍ତତଃ ୫ବର୍ଷ ପାଇଁ ୫୦ପ୍ରତିଶତ ଛାଡ଼ କରିବା ପାଇଁ ଦାବି କରାଯାଇଛି ।

● ଓଡ଼ିଶା କପ୍ ୨୦୨୫ର ୧୨ତମ ସଂସ୍କରଣ

# ସଫଳତାର ସହ ଗ୍ରାଣ୍ଡ ଫାଇନାଲ ଆୟୋଜିତ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଓଡ଼ିଶା କପ୍ ସ୍ପୋର୍ଟସ୍ ଆସୋସିଏସନ୍ ଅଫ୍ ୟୁଏଇ ଆଜମାନ୍‌ର ଦ ସେଭେନ ଡିଷ୍ଟ୍ରିକ୍ଟ କ୍ଲବରେ ଓଡ଼ିଶା କପ୍ ୨୦୨୫ ର ୧୨ତମ ସଂସ୍କରଣର ଗ୍ରାଣ୍ଡ ଫିନାଲେ ସଫଳତାର ସହିତ ଆୟୋଜନ କରିଥିଲେ, ଯେଉଁଠାରେ ପ୍ରବାସୀ ଓଡ଼ିଆ ସମୁଦାୟ କ୍ରିକେଟ୍, ସଂସ୍କୃତି ଓ ଏକତାର ଅଦ୍ଭୁତ ଉତ୍ସବକୁ ପାଳନ କରିଥିଲେ। ଫାଇନାଲ ମ୍ୟାଚ୍ କଳିଙ୍ଗ ୱାରିଅର୍ସ ଓ ଉତ୍କଳ ରାଇଜିଂ ଷ୍ଟାର୍ସ ମଧ୍ୟରେ ଯୁଏଇର ବିଭିନ୍ନ ଅଞ୍ଚଳରୁ ଆସିଥିବା ପରିବାର ଓ ସମର୍ଥକମାନଙ୍କର ଉତ୍ସାହଭରା ଉପସ୍ଥିତିରେ ଖେଳାଯାଇଥିଲା। ଉତ୍କଳ ରାଇଜିଂ ଷ୍ଟାର୍ସ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ୨୦ ଓଭରରେ ୧୨୭ ରନ୍ କରିଥିଲେ। ଜବାବରେ କଳିଙ୍ଗ ୱାରିଅର୍ସ ଦୃଢ଼ ପ୍ରୟାସ କରିଥିଲା, କିନ୍ତୁ ଲକ୍ଷ୍ୟ ପ୍ରାପ୍ତ କରିବାରେ ବିଫଳ ହୋଇ ୯ ଉଇକେଟ୍ ହାରି ୧୦୨ ରନ୍ ସଂଗ୍ରହ କରିଥିଲେ। ରାଜେନ୍ଦ୍ର ପଲ୍ଲାଇ ୪ ଓଭରରେ କେବଳ ୧୬ ରନ୍ ଦେଇ ୪ଟି ମୂଲ୍ୟବାନ ଉଇକେଟ୍ ନେଇଥିବାରୁ ତାଙ୍କୁ 'ପ୍ଲେୟର୍ ଅଫ୍ ଦି ମ୍ୟାଚ୍' ଘୋଷଣା କରାଯାଇଥିଲା। ଏହି ଗ୍ରାଣ୍ଡ ଫାଇନାଲରେ ପ୍ରସିଦ୍ଧ ଓଲିଉଡ୍ ଅଭିନେତ୍ରୀ ମିସ୍ ଶିବାନୀ ସଙ୍ଗୀତା ମୁଖ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ ଓ ଦୁଇଟି ଦଳକୁ ଉତ୍ସାହିତ କରିଥିଲେ। ଓଡ଼ିଶା କପ୍ ଉପଦେଷ୍ଟା ଓ ବରିଷ୍ଠ ବ୍ୟବସାୟ ପରିଚାଳକ ପ୍ରିୟଦର୍ଶୀ ପାଣିଗ୍ରାହୀ ଏହି ଆୟୋଜନକୁ ମଧ୍ୟପୂର୍ବ ଓ ଉତ୍ତର ଆଫ୍ରିକାରେ ପ୍ରବାସୀ ଓଡ଼ିଆମାନଙ୍କର ସବୁଠାରୁ ବଡ଼ ସାକ୍ଷାତ୍ ସମାଗମ ବୋଲି ବର୍ଣ୍ଣନା କରିଥିଲେ ଓ ଏହା କିପରି କ୍ରୀଡାମନୋଭାବ, ସଂସ୍କୃତିକ ଉତ୍ସବ ଓ ସମୁଦାୟିକ ଏକତାର ମଞ୍ଚ ହୋଇଉଠିଛି ବୋଲି ଉଲ୍ଲେଖ କରିଥିଲେ। ଏହି ବର୍ଷ ଓଡ଼ିଶା କପ୍‌ରେ ୟୁଏଇର ସମସ୍ତ ଏମିରେଟ୍‌ରୁ ୧୮ଟି ଦଳର ଅଭୂତପୂର୍ବ ଅଂଶଗ୍ରହଣ ହୋଇଥିଲା।

# କେ. ମୁରୁଗେସନ ହେଲେ ନୂଆ ପିସିସିଏଫ୍

● ଚିତ୍ରାଙ୍କୁ ଗୋପବନ୍ଧୁ ପ୍ରଶାସନିକ ଏକାଡେମୀର ଅତିରିକ୍ତ ଦାୟିତ୍ୱ

● ୪ ବରିଷ୍ଠ ପ୍ରଶାସକଙ୍କୁ ଏସିଏସ ପାହ୍ୟାକୁ ପଦୋନ୍ନତି





**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଆଜି ବରିଷ୍ଠ ପ୍ରଶାସନିକ ସ୍ତରରେ କେତେକ ଅଦଳବଦଳ କରିବା ସହ ୧୯୯୬ ବ୍ୟାଚର ୪ଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ବରିଷ୍ଠ ଆଇଏଫଏସ୍ ଅଫିସର କେ ମୁରୁଗେସନଙ୍କୁ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ(ପିସିସିଏଫ) ଭାବେ ନିଯୁକ୍ତି ମିଳିଥିବାବେଳେ ବରିଷ୍ଠ ଆଇଏଏସ ଚିତ୍ରା ଅରୁଗୁମଙ୍କୁ ଗୋପବନ୍ଧୁ ପ୍ରଶାସନିକ ପ୍ରଶିକ୍ଷଣ ଏକାଡେମୀର ନିର୍ଦ୍ଦେଶକ ଜେନେରାଲ (ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ କରାଯାଇଛି । ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ଜାରି ହୋଇଛି । ୧୯୯୫ ବ୍ୟାଚର ବରିଷ୍ଠ ଆଇଏଏସ୍ ତଥା ଶ୍ରମ ଓ ରାଜ୍ୟ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ପ୍ରଶିକ୍ଷଣ ଏକାଡେମୀର ନିର୍ଦ୍ଦେଶକ ଜେନେରାଲ(ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେଠାରେ ଥିବା ବରିଷ୍ଠ ଆଇଏଏସ ଜି. ମାଥିଭାଥାନନ ଆଜି ଅବସର ନେବା ପରେ ଏହି ଦାୟିତ୍ୱ ଚିତ୍ରାଙ୍କୁ ନ୍ୟସ୍ତ ହୋଇଛି । ସେହିପରି ରାଜ୍ୟ ସରକାର ୧୯୯୬ ବ୍ୟାଚର ୪ଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି । ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ସଚିବ ବିଶାଳ କୁମାର ଦେବ ଓ ନଗର ଉନ୍ନୟନ ଉଷା ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି। କେନ୍ଦ୍ରୀୟ ଡେପୁଟେସନରେ ଥିବା ବୀରବିକ୍ରମ ଯାଦବଙ୍କୁ ମଧ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସମବାୟ...

ପୁନରୁଦ୍ଧାର, ଆଧୁନିକୀକରଣ ଏବଂ ବିବିଧୀକରଣ ପାଇଁ ବିଭାଗର ସମସ୍ତ ନିର୍ଦ୍ଦେଶାଳୟ, ଶୀର୍ଷ ଅନୁଷ୍ଠାନ, କ୍ଷେତ୍ର ଅଧିକାରୀ, ବରିଷ୍ଠ ସମବାୟବିତ, ଶିକ୍ଷାବିତ ଓ ସାଧାରଣ ଲୋକଙ୍କ ମତାମତରେ ଏକ ଦୀର୍ଘକାଳୀନ ରୋଡମ୍ୟାପ ପ୍ରସ୍ତୁତ କରିବାକୁ ରାଜ୍ୟ ସମବାୟ ନୀତି-୨୦୨୬ ପ୍ରସ୍ତୁତ କରିଛି। ରାଜ୍ୟ ସମବାୟ ନୀତିର ଲକ୍ଷ୍ୟ ହେଉଛି ପ୍ରାଥମିକ କୃଷି ସମବାୟ ସମିତି (ପାକ୍ସ), ଲ୍ୟାମ୍ପସ, ସମବାୟ ବ୍ୟାଙ୍କ, ସମବାୟ ବିପଣନ ଓ ପ୍ରକ୍ରିୟାକରଣ ସମିତି, ଦୁଗ୍ଧ, ଆଦିବାସୀ, ହସ୍ତତନ୍ତ, ମତ୍ସ୍ୟ ଏବଂ ଗୃହ ନିର୍ମାଣ ସମବାୟ ସମିତିଗୁଡ଼ିକୁ ସଶକ୍ତ କରିବା, ଯାହାଦ୍ୱାରା ସମବାୟ ମାଧ୍ୟମରେ ସେବା ପ୍ରଦାନ ସହଜ ହୋଇପାରିବ। ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ର ସଂଶୋଧନ ପ୍ରସ୍ତାବକୁ ମଧ କ୍ୟାବିନେଟ ଅନୁମୋଦନ ମିଳିଛି। ପୂର୍ବରୁ, ୧୦ ଗୋଟି ବିଭିନ୍ନ ପଦବୀ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ର ସିଡ୍ୟୁଲ-୧ରେ ଅନ୍ତର୍ଭୁକ୍ତ କରାଯାଇଅଛି। ବର୍ତ୍ତମାନ ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ, ୨୦୨୨ର ନିୟମ-୩ରେ ବ୍ୟବସ୍ଥା ଅନୁଯାୟୀ, ସିଡ୍ୟୁଲ-୧ରେ ଆଉ ୧୦ଟି ବିଭିନ୍ନ ପଦବୀକୁ ସାମିଲ କରାଯାଇଛି। କ୍ଷୁଦ୍ର ଜଳସେଚନ ସଂସ୍ଥାରେ ଥିବା ପ୍ରାୟ ୧୧୩୩ ନଦୀବନ୍ଧ ଓ ୨ଟି ବ୍ୟାରେଜ ମଧ୍ୟରୁ ୭୦ ପ୍ରତିଶତ ଡାଇଭର୍ସନ ୱେୟାରଗୁଡ଼ିକ ୩୦ ବର୍ଷରୁ ଅଧିକ ବର୍ଷ ପୁରୁଣା ହୋଇଯାଇଥିବାରୁ ଏହାର ମରାମତି ଓ ଉନ୍ନତିକରଣ ଜରୁରୀ ହୋଇପଡ଼ିଛି। ଏହି ସମସ୍ୟାର ସମାଧାନ ପାଇଁ ରାଜ୍ୟ କ୍ୟାବିନେଟ୍ ଆଜି ଡାଇଭର୍ସନ୍ ୱେୟାର ସୁଧାର ଯୋଜନାକୁ ଯୋଜନା ଅନୁମୋଦନ କରିଛନ୍ତି। ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ ଏବାବଦରେ ଆଗାମୀ ୩ ବର୍ଷ ପାଇଁ ୩୬୨ କୋଟି ଟଙ୍କା ବ୍ୟୟ କରାଯିବ। ଆସନ୍ତା ଫେବୃଆରୀ ୧୭ରୁ ଆରମ୍ଭ ହେବାକୁ ଥିବା ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନକୁ ମଧ ଆଜି ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛି।

## ଦୁବାଇ...

ଗୁରୁତ୍ୱପୂର୍ଣ୍ଣ ସହଭାଗୀ। ଏହି ରୁଟଗୁଡ଼ିକ ରାଜ୍ୟକୁ ଆଞ୍ଚଳିକ ବିମାନ ହବ ଭାବେ ଗଢ଼ିବାରେ ସହାୟକ ହେବ। ତେଣୁ ଏହି ଦୁଇଟି ରୁଟ ପାଇଁ ୬ ମାସର ଭିଜିଏଫ ସହାୟତା ବାବଦରେ ପ୍ରାୟ ୨୬.୮୭ କୋଟି ଟଙ୍କା ପ୍ରଦାନ କରାଯିବ। ଏହି ଅର୍ଥ ୧,୦୬୦ କୋଟିର ବି-ମାନ ବଜେଟରୁ ଖର୍ଚ୍ଚ କରାଯିବ।

## ଦୁଇ...

ବୋଝେଇ ଟ୍ରକ୍ ସହର ଭିତରକୁ ରଙ୍ଗ ସାଇଡ୍‌ରେ ଆସି ପ୍ରବେଶ କରୁଥିଲା। ତେବେ ଟ୍ରକ ଚାଳକ ଜଣଙ୍କ ବେପାରୁଆ ଭାବେ ଗାଡ଼ି ଚାଳନା କରି ଆଗ ପଛ ହୋଇଯାଉଥିବା ଦୁଇଟି ବାଇକ ଉପରେ ମାଡ଼ି ଯାଇଥିଲା। ଟ୍ରକ୍‌ର ବେଗ ଯଥେଷ୍ଟ ଅଧିକ ଥିବାରୁ ଏହା ଉକ୍ତ ବାଇକ୍ ଦୁଇଟିକୁ ପାଖାପାଖି ୨୦୦ ମିଟର ଦୂର ପର୍ଯ୍ୟନ୍ତ ଘୋଷାଡ଼ି ନେଇଥିଲା। ଫଳରେ ଉଭୟ ବାଇକ୍‌ର ଚାଳକଙ୍କ ସହ ସେଥିରେ ବସିଥିବା ଯୁବକମାନେ ଚାପି ହୋଇଯାଇଥିଲେ। ଦୁଇ ବାଇକ୍ ମଧ୍ୟରୁ ଗୋଟିଏ ଟ୍ରକ୍ ତଳେ ପଶିଯାଇଥିବା ବେଳେ ଆଉ ଗୋଟିଏ ଦୂରକୁ ଛିଟ୍‌କି ପଡ଼ିଛି। ଅନ୍ୟପଟରେ ଟ୍ରକ୍‌ଟି ଉଭୟ ବାଇକ୍‌କୁ ଧକ୍କା ଦେବା ପରେ ବ୍ରିଜ୍ ସହ ପିଟି ହୋଇ ଅଟକି ଯାଇଥିଲା। ଘଟଣାସ୍ଥଳରେ ୫ ଜଣ ଯୁବକ ପ୍ରାଣ ହରାଇଥିବା ବେଳେ ଗୁରୁତର ଭାବେ ଆହତ ହୋଇଥିବା ଅନ୍ୟ ଯୁବକଙ୍କୁ ଏମ୍‌କେସିଜିକୁ ପଠାଯାଇଛି। ଏହି ଦୁର୍ଘଟଣା ଘଟାଇବା ପରେ ସମ୍ପୃକ୍ତ ଟ୍ରକ୍ ଚାଳକ ଫେରାର୍ ହୋଇଯାଇଥିବା ବେଳେ ଗୋସାଇଁ ନୂଆଗାଁ ପୁଲିସ୍ ତାକୁ ଧରିବା ସକାଶେ ଉଦ୍ୟମ ଚଳାଇଛି। ଏହି ଦୁର୍ଘଟଣା କାରଣରୁ ଉକ୍ତ ରାସ୍ତାରେ ଗାଡ଼ି ମୋଟର ଜାମ୍ ହୋଇଯାଇଥିଲା। ଫଳରେ ଦୀର୍ଘ ସମୟ ଧରି ଉକ୍ତ ରାସ୍ତାରେ ଗାଡ଼ି ମୋଟର ଚଳାଚଳ ବନ୍ଦ ହୋଇଯାଇଥିଲା। ତେବେ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣ କରିବା ସହ ଯାନବାହନ ଚଳାଚଳକୁ ସ୍ୱାଭାବିକ କରିଥିଲେ। ମୃତ୍ୟୁବରଣ କରିଥିବା ଯୁବକମାନେ ହେଲେ କନିଷ୍ଠି ବ୍ଲକ୍‌ର ଫୁଲ୍‌ଟା ଗ୍ରାମର ଜଗନ ନାହାକ (୨୦) ଓ ରାକେଶ ନାହାକ (୨୦), ବ୍ରହ୍ମପୁର ଅଯୋଧ୍ୟା ନଗରର ସୂର୍ଯ୍ୟ ନାରାୟଣ ପଣ୍ଡା (୨୫), ପାତ୍ରପୁର ବ୍ଲକ୍‌ର ଶିବରାମ ପଣ୍ଡା ଓ ଗଞ୍ଜାମ ଜିଲ୍ଲା ଅନ୍ତର୍ଗତ ସମାସିଙ୍ଗିର ସତ୍ୟ ବେଜ। ଏହି ଦୁର୍ଘଟଣାର ତଦନ୍ତ ଆରମ୍ଭ ହୋଇଥିବା ନେଇ ଗଞ୍ଜାମ ଜିଲ୍ଲା ପରିବହନ ଅଧିକାରୀ ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। ସେହିପରି ଦକ୍ଷିଣାଞ୍ଚଳ ରେଞ୍ଜ୍ ଡିଆଇଜି ନୀତି ଶେଖର ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟର ତଦାରଖ କରିଥିଲେ। ଏପରି ଏକ ଅଘଟଣ ନେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି। ଏଥିସହ ସେ ଅମର ଆତ୍ମାର ସଦ୍‌ଗତି କାମନା କରିବା ସଙ୍ଗେ ସଙ୍ଗେ ଆହତଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହାଛଡ଼ା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ମଧ ଏହି ଦୁର୍ଘଟଣା ସମ୍ପର୍କରେ ଜାଣିବା ପରେ ମର୍ମାହତ ହୋଇଛନ୍ତି। ସେ ମଧ ମୃତକଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଅପରପକ୍ଷରେ ମୃତ୍ୟୁ ଖବର ପାଇବା ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୋସିଆଲ୍ ମିଡିଆ ମାଧ୍ୟମରେ ପ୍ରଭାବିତ ପରିବାର ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପା ମୂଳକ ସହାୟତା ଘୋଷଣା କରିବା ସଙ୍ଗେ ସଙ୍ଗେ ସମବେଦନା ଜଣାଇଛନ୍ତି।

## ଆଜି...

ଶ୍ରୀମତୀ ସୀତାରମଣ ଆସନ୍ତାକାଲି ପୂର୍ବାହ୍ନ ୧୧ଟା ବେଳେ ତାଙ୍କର ବଜେଟ୍ ଅଭିଭାଷଣ ଆରମ୍ଭ କରିବେ। ସାଧାରଣ ବଜେଟ୍ ସହ ଅର୍ଥ ମନ୍ତ୍ରୀ ରେଲୱେ ବଜେଟ୍ ମଧ ଉପସ୍ଥାପନ କରିବେ। ଏଥିରେ ରେଳ ଯାତ୍ରୀଙ୍କ ସୁରକ୍ଷା, ଯାତ୍ରା ଅନୁକୂଳ ପଦକ୍ଷେପ ଓ ବିଭିନ୍ନ ରେଳଗାଡ଼ିର କ୍ଷମତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇପାରେ। ଏହାଛଡ଼ା ବରିଷ୍ଠ ନାଗରିକଙ୍କ ପାଇଁ ଅଧିକ ସୁବିଧା ଏବଂ ଅତ୍ୟାଧୁନିକ ଟ୍ରେନ୍ ସେବା ଆରମ୍ଭ ନେଇ ଅର୍ଥ ମନ୍ତ୍ରୀ ଘୋଷଣା କରିବେ ବୋଲି ଆଶା କରାଯାଉଛି। ବିଶେଷକରି ଗତ ୨୦୧୯ କୋଭିଡ୍ ସମୟରେ ବରିଷ୍ଠ ନାଗରିକଙ୍କୁ ମିଳୁଥିବା ଟିକେଟ ରିହାତି ପ୍ରତ୍ୟାବର୍ତ୍ତନ ସମ୍ଭାବନା ରହିଛି। ସେହିପରି ଯାତ୍ରୀ ସୁରକ୍ଷା ପାଇଁ କବଚ ୪.୦ ଉପରେ ଅର୍ଥ ମନ୍ତ୍ରୀ ବିଶେଷ ଧ୍ୟାନ ଦେଇପାରନ୍ତି। ରେଳଗାଡ଼ିରେ ଗହଳି କମାଇବା ସକାଶେ ଅଧିକ ଅଣ-ଶୀତତାପ ନିୟନ୍ତ୍ରିତ ବଗି ସଂଯୋଗ ଉପରେ ବି ଗୁରୁତ୍ୱ ଦିଆଯିବାର ସମ୍ଭାବନା ରହିଛି।

ସେହିପରି ବଜେଟ୍‌ର ୭୫ ବର୍ଷର ଇତିହାସକୁ ଆସନ୍ତାକାଲି ଶ୍ରୀମତୀ ସୀତାରମଣ ପରିବର୍ତ୍ତନ କରିବାର ସମ୍ଭାବନା ରହିଛି। ପୂର୍ବରୁ ସାଧାରଣତଃ ବଜେଟ୍ ଅଭିଭାଷଣର ପ୍ରାରମ୍ଭରେ ପାର୍ଟ-୧କୁ ପ୍ରଥମେ ପଢ଼ାଯାଉଥିଲେ ହେଁ ଆସନ୍ତାକାଲି ଅର୍ଥ ମନ୍ତ୍ରୀ ପାର୍ଟ-୨କୁ ଆଗେ ପଢ଼ିବେ। କାରଣ ପୂର୍ବରୁ ପାର୍ଟ-୧ରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହୁଥିଲା। କିନ୍ତୁ ଏଥର ବଜେଟ୍ କାଗଜପତ୍ରରେ ସାମାନ୍ୟ ପରିବର୍ତ୍ତନ କରାଯାଇଛି। ପାର୍ଟ-୨ରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଥିବା ବେଳେ ପାର୍ଟ-୧ରେ ଟିକସ ଓ ପଲିସି ଆଦି ସଂକ୍ରାନ୍ତ ଘୋଷଣା ସ୍ଥାନ ପାଇଛି ବୋଲି କେତେକ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ସେହିପରି ବଜେଟ୍ ଇତିହାସରେ ପ୍ରଥମ ଥର ପାଇଁ ଆସନ୍ତାକାଲି ରବିବାର କେନ୍ଦ୍ର ଅର୍ଥ ମନ୍ତ୍ରୀ ବର୍ଷର ଆର୍ଥିକ ନୀତିନିୟମ ନେଇ ସୂଚନା ଦେବେ। ଏହାଛଡ଼ା ଗତ ୨୦୧୯ରେ ସେ ଲେଦର୍ ବ୍ରିଫ୍‌କେସ୍‌ରେ ବଜେଟ୍ ସାମଗ୍ରୀ ଧରି ସଂସଦରେ ପହଞ୍ଚିବା ପରମ୍ପରା ବଦଳାଇଥିଲେ। ୨୦୧୯ରେ ସେ ଏକ ଲାଲ୍ କପଡ଼ାରେ ଗୁଡ଼ାହୋଇଥିବା ବହି-ଖାତା ଧରି ସଂସଦରେ ପହଞ୍ଚିଥିଲେ। ଅଧିକନ୍ତୁ ଚଳିତ ବର୍ଷର ବଜେଟ୍ ପୂରାପୂରି କାଗଜଶୂନ୍ୟ ହେବ, ଯାହାକି ଗତ ୪ ବର୍ଷ ଧରି ହୋଇଆସିଛି। ସେହିପରି ରବିବାର ବଜେଟ୍ ଉପସ୍ଥାପନ ହେଉଥିବାରୁ ଉକ୍ତ ଦିନ ଛୁଟି ସତ୍ତ୍ୱେ ଦେଶର ଷ୍ଟକ୍ ମାର୍କେଟ୍ ବି ସ୍ୱାଭାବିକ ଚାଲିବ।

## ୨୦୦ରୁ...

ପରିମାଣର ଉଦ୍ଧାର ସରଞ୍ଜାମ ନ ଥିବା ବେଳେ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ଉକ୍ତ ଖଣିଟି ରହିଥିବାରୁ ସେମାନେ ତ୍ୱରିତ ବେଗରେ କୌଣସି ସାହାଯ୍ୟ କି ରିଲିଫ୍ ସାମଗ୍ରୀ ପହଞ୍ଚିପାରୁନାହାଁ।

## ଓଡ଼ିଆ...

ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେ ବିଭିନ୍ନ ପ୍ରକଳ୍ପ ନେଇ କହିଛନ୍ତି ଯେ ନିକଟରେ 'ସୁଶାସନ ଦିବସ' ଅବସରରେ ଅଞ୍ଚଳରେ ୨୪୫ କୋଟିରୁ ଅଧିକ ମୂଲ୍ୟର ବିଭିନ୍ନ ପ୍ରକଳ୍ପ ଭେଟି ଦିଆଯାଇଛି। ଉକ୍ତ ଅଞ୍ଚଳରେ ସବ୍-ଡିଭିଜନାଲ ହସ୍ପିଟାଲର ନୂତନ ଭବନ ଓ ୨୪ଘଣ୍ଟିଆ ଜରୁରୀକାଳୀନ ସେବା ପାଇଁ 'ଟ୍ରମା କେୟାର ସେଣ୍ଟର' ପ୍ରତିଷ୍ଠା ହେବ। ୫୫ ନମ୍ବର ଜାତୀୟ ରାଜପଥରେ ଟ୍ରାଫିକ ସମସ୍ୟାର ସମାଧାନ ପାଇଁ ରେଢାଖୋଲରେ ଏକ ବାଇପାସ ନିର୍ମାଣ ନିମନ୍ତେ କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀଙ୍କୁ ନିବେଦନ କରାଯାଇଛି ବୋଲି କେନ୍ଦ୍ର ମନ୍ତ୍ରୀ କହିଛନ୍ତି।ଛାତ୍ରଛାତ୍ରୀଙ୍କୁ ଆଧୁନିକ ଭାରତର 'ବିଶ୍ୱକର୍ମା' ଭାବେ ସମ୍ବୋଧିତ କରି ମନ୍ତ୍ରୀ ସେମାନଙ୍କୁ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମମାଟି ଖିଣ୍ଡା, କୁଦୋପାଲି ଏବଂ ରେଢାଖୋଲର 'ଭୀମ ମଣ୍ଡଳୀ' ପରିଦର୍ଶନ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ଐତିହାସିକ ସ୍ଥାନରୁ ପ୍ରେରଣା ନେଇ ଏକ 'ବିକଶିତ ରେଢାଖୋଲ' ଓ 'ବିକଶିତ ଓଡ଼ିଶା' ଗଠନରେ ସାମୂହିକ ସହଯୋଗ କରିବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ପୁଣି...

ସହ ମୁଖ୍ୟ ସଚିବ ଓ ଉନ୍ନୟନ କମିଶନରଙ୍କ ନିକଟକୁ ମଧ ଏହାର ନକଲ ପଠାଇବାକୁ କୁହାଯାଇଛି। ଉନ୍ନୟନ କମିଶନର ୧୪ଟି ଦିଗ ପ୍ରତି ଦୃଷ୍ଟି ରଖିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଫିସରମାନେ ନିଜ ନିଜ ଜିଲ୍ଲାକୁ ଜାନୁଆରୀରୁ ମାର୍ଚ୍ଚ ମଧ୍ୟରେ ଅତି କମରେ ଦୁଇରୁ ତିନିଦିନିଆ ଗସ୍ତରେ ଯିବେ। ଗସ୍ତ ସମୟରେ ଜିଲ୍ଲା କିମ୍ବା ସବଡିଭିଜନାଲ୍ ହେଡକ୍ୱାର୍ଟର୍ସରେ ଅତି କମରେ ଗୋଟିଏ ରାତି ବିତାଇବେ। ଗସ୍ତ ସମୟରେ ସେମାନେ କୌଣସି ଗୋଟିଏ ଗ୍ରାମପଞ୍ଚାୟତକୁ ଯାଇ ସେଠାରେ ସରକାରୀ ଯୋଜନା କେତେ ସଫଳ ହୋଇଛି, ତା'ର ସମ୍ପୂର୍ଣ୍ଣ ତଦାରଖ ବି କରିବେ। ବିଶେଷକରି ରାଜ୍ୟରେ ଦୀର୍ଘଦିନ ଧରି ଅଧାପନ୍ତରିଆ ଅବସ୍ଥାରେ ପଡ଼ିରହିଥିବା ମେଗା ପାନୀୟ ଜଳ ପ୍ରକଳ୍ପକୁ ଅନୁଧ୍ୟାନ କରିବା ସହ ଏହାକୁ ଶୀଘ୍ର ସାରିବା ଉପରେ ଗୁରୁତ୍ୱ ଦେବେ। ପ୍ରଧାନମନ୍ତ୍ରୀ ଏସବୁ ପ୍ରକଳ୍ପଗୁଡ଼ିକର ବିଳମ୍ବକୁ ନେଇ ଉଦବେଗ ପ୍ରକାଶ କରିଥିବାରୁ ସଚିବମାନେ ଜିଲ୍ଲା ଗସ୍ତ ବେଳେ ଏହାର କାରଣ ଖୋଜିବା ସହ ଶୀଘ୍ର ଶେଷ କରିବାକୁ ରୋଡମ୍ୟାପ୍ ପ୍ରସ୍ତୁତ କରିବେ। ଜିଲ୍ଲା ଗସ୍ତ ବେଳେ ଏହି ଅଫିସରମାନେ କେବଳ ସହରରେ ସୀମିତ ନ ରହି ଅତି ଦୁର୍ଗମ, ଆଦିବାସୀବହୁଳ ଓ ଆଦିମ ଜନଜାତିଙ୍କ ବସତିକୁ ବି ଯିବେ। ଆବଶ୍ୟକ ପଡ଼ିଲେ ସେମାନେ ପାଦରେ ଚାଲି ଚାଲି ମଧ ଯିବା ପାଇଁ କୁହାଯାଇଛି। ତା'ଛଡ଼ା ଗସ୍ତ ସମୟରେ ଅଫିସରମାନେ ନିଜେ ଟଙ୍କା ଦେଇ ଯେକୌଣସି ଏସସି-ଏସଟି ହଷ୍ଟେଲ, ମଧ୍ୟାହ୍ନଭୋଜନ କେନ୍ଦ୍ର, ଅନାଥାଶ୍ରମ କିମ୍ବା ଆହାର କେନ୍ଦ୍ରରେ ଅତି କମରେ ଗୋଟିଏ ଥର ଭୋଜନ କରି ଖାଦ୍ୟର ଗୁଣବତ୍ତା ପରଖିବେ ବୋଲି ମଧ କୁହାଯାଇଛି। ଶକ୍ତି ସଚିବ ବିଶାଳ କୁମାର ଦେବଙ୍କୁ ସମ୍ବଲପୁର ଜିଲ୍ଲା ଆବଣ୍ଟିତ ହୋଇଥିବା ବେଳେ କଟକ- ଉଷା ପାଢ଼ୀ, ପୁରୀ- ସଞ୍ଜୀବ କୁମାର ମିଶ୍ର, ଜଗତସିଂହପୁର- ସଞ୍ଜୟ କୁମାର ସିଂହ, ଯାଜପୁର- ସୁରେଶ କୁମାର ବଶିଷ୍ଠ, ଅନୁଗୁଳ- ଶୁଭା ଶର୍ମା, ସୁନ୍ଦରଗଡ଼- ଏନବିଏସ ରାଜପୁତ, ନୟାଗଡ଼- ଭାସ୍କର ଜ୍ୟୋତି ଶର୍ମା, ଢେଙ୍କାନାଳ- ଟି ଆପାଙ୍ଗ ଆଓ, ମୟୂରଭଞ୍ଜ- ଗିରୀଶ ଏସ.ଏନ, ବଲାଙ୍ଗୀର- ଅଶ୍ୱତି ଏସ୍ , କେନ୍ଦୁଝର- ପାଟିଲ ରାଜେଶ ପ୍ରଭାକର, ଗଞ୍ଜାମ- ଅରବିନ୍ଦ ଅଗ୍ରୱାଲ, କନ୍ଧମାଳ- ବଲବନ୍ତ ସିଂହ, ବାଲେଶ୍ୱର- ଭୂପେନ୍ଦ୍ର ଏସ. ପୁନିଆ, ଖୋର୍ଦ୍ଧା- ଯାମିନୀ ଷଡ଼ଙ୍ଗୀ, ସୋନପୁର- ବି. ପରମେଶ୍ୱରନ୍, ଭଦ୍ରକ- ଗୁହା ପୁନମ ତାପସ କୁମାର, ବୌଦ୍ଧ- ବିଜୟ କେତନ ଉପାଧ୍ୟାୟ, ଦେବଗଡ଼- ପ୍ରଶାନ୍ତ କୁମାର ରେଡ୍ଡୀ , ରାୟଗଡ଼ା- ଏନ. ତିରୁମାଲା ନାଏକ, ବରଗଡ଼- ସୁଧାଂଶୁ ମୋହନ ସାମଲ, କେନ୍ଦ୍ରାପଡ଼ା- ରଶ୍ମିତା ପଣ୍ଡା, ଗଜପତି- ବୃନ୍ଦା ଡି, ନବରଙ୍ଗପୁର- ସାଦ୍ଦିକ ଆଲାମ୍, କଳାହାଣ୍ଡି- ମାନସୀ ନିମ୍ଭାଲ, କୋରାପୁଟ- ପ୍ରେମଚନ୍ଦ୍ର ଚୌଧୁରୀ, ଝାରସୁଗୁଡ଼ା- ଅରିନ୍ଦମ ଡାକୁଆ, ନୂଆପଡ଼ା- କେ. ସୁଦର୍ଶନ ଚକ୍ରବର୍ତ୍ତୀ ଓ ମାଲକାନଗିରି ଜିଲ୍ଲା ପାଇଁ ବିନୀତ ଭରଦ୍ୱାଜଙ୍କୁ ଦାୟିତ୍ୱ ନ୍ୟସ୍ତ ହୋଇଛି।

## ଯୋଗାଣ...

ବିରୋଧୀ ଦଳଗୁଡିକ ଆସନ୍ତାବର୍ଷ ହେବାକୁ ଥିବା ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଥିବାବେଳେ ଧାନ ବିକ୍ରି ସମସ୍ୟା ଏବେ ସେମାନଙ୍କ ହାତରେ ବଡ ଅସ୍ତ୍ର ହେବାରେ ଲାଗିଛି। ଧାନ ବିକ୍ରିରେ ସମସ୍ୟା ପାଇଁ ସେମାନେ ସିଧାସଳଖ ସରକାରଙ୍କୁ ଦୋଷ ଦେଉଛନ୍ତି। ବିରୋଧିଦଳର ବିଧାୟକମାନେ ନିଜ ନିଜ ଅଞ୍ଚଳର ଧାନ ମଣ୍ଡି ବୁଲିବା ବି ଦେଖିବାକୁ ମିଳୁଛି। ଶାସକଦଳର ବିଧାୟକମାନେ କିନ୍ତୁ ଚାଷୀଙ୍କ ପ୍ରଶ୍ନବାଣର ସମ୍ମୁଖୀନ ହେଉଥିବାରୁ ମଣ୍ଡିକୁ ଆସୁନାହାନ୍ତି। ସରକାରଙ୍କ ବିରୁଦ୍ଧରେ ଚାଷୀଙ୍କର ବଢୁଥିବା ଏଭଳି ରୋଷ ପାଇଁ ଏବେ ଯୋଗାଣ ବିଭାଗକୁ ଦାୟୀ କରାଯାଉଛି। ବିଭାଗୀୟ ମନ୍ତ୍ରୀ ବାରମ୍ବାର ବୈଠକ କରି ସମସ୍ତ ଧାନ କିଣାହେବ ବୋଲି ଦମ୍ଭୋକ୍ତି ଦେଖାଉଥିବାବେଳେ ମିଲରମାନେ କ'ଣ ପାଇଁ ମଣ୍ଡିରୁ ଧାନ ଉଠାଉ ନାହାନ୍ତି ତାହା ବଡ ପ୍ରଶ୍ନବାଚୀ ହୋଇଛି। ମିଲରମାନେ ସରକାରଙ୍କୁ ଅଡୁଆରେ ପକାଇବାପାଇଁ ଏଭଳି ଯୋଜନା କରୁଥିବାବେଳେ ଯୋଗାଣ ବିଭାଗ କ'ଣ ନିରବତା ଅବଲମ୍ବନ କରୁଛି ବୋଲି ଏବେ ଆଲୋଚନା ଜୋର ଧରିଲାଣି। ଗାଁ ଗାଁରେ ଧାନ ଧରି ବସିଥିବା ଚାଷୀମାନେ ଯେଭଳି ଚଳିତବର୍ଷ ଟୋକନ ଠାରୁ ଅଖା ପାଇବା ପର୍ଯ୍ୟନ୍ତ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ତାହା ବିରୋଧିଦଳ ପାଇଁ ସୁଯୋଗ ଆଣି ଦେଇଥିବା ବେଳେ ଯୋଗାଣ ବିଭାଗର ଅପାରଗତା ଯୋଗୁଁ ସରକାର କେବଳ ବଦନାମ ହେବା ସାର ହେଉଛି ବୋଲି ସରକାରୀ ଦଳର କର୍ମୀମାନେ ବି ଆଲୋଚନା କଲେଣି।

# ଗଞ୍ଜାମ ନୂତନ ପିଏଚ୍‌ସି ଓପିଡି ନିର୍ମାଣ ବିଳମ୍ବ



## ଠିକାଦାର ଅବହେଳା ଓ ନିରୀକ୍ଷଣ ଅଭାବରେ ପ୍ରକଳ୍ପ ବିଳମ୍ବିତ

## ବିନା ସୂଚନା ଫଳକରେ ଚାଲିଛି କାମ

**ଛତ୍ରପୁର,୩୧।୧ (ସଂଚାର ବ୍ୟୁରୋ):** ପୂର୍ତ୍ତ ବିଭାଗ ଦ୍ୱାରା ଅନୁମୋଦିତ ଗଞ୍ଜାମ ପି.ଏଚ.ସି (ନୂତନ) ଅନ୍ତର୍ଗତ ଓପିଡି ଭବନ ନିର୍ମାଣ କାମକୁ ଦୁଇ ବର୍ଷରୁ ଅଧିକ ସମୟ ବିତିଯାଇଥିବା ସତ୍ତ୍ୱେ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଠିକାଦାରଙ୍କ ଅବହେଳା ସହ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଢ଼ ନିରୀକ୍ଷଣ ଅଭାବ ଯୋଗୁଁ ଏହି ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ପ୍ରକଳ୍ପ ଦୀର୍ଘଦିନ ଧରି ଅଟକି ରହିଥିବା ନେଇ ଅଭିଯୋଗ ହେଉଛି।

ସୂଚନା ଅନୁଯାୟୀ, ପ୍ରାୟ ୧ କୋଟି ୩୯ ଲକ୍ଷ ୯୯ ହଜାର ୬୦୮ ଟଙ୍କା ବ୍ୟୟରେ ଏହି ଓପିଡି ଭବନ ନିର୍ମାଣ କାମ ୧ ମଇ ୨୦୨୩ ତାରିଖରେ ଆରମ୍ଭ ହୋଇ ୩୦ ନଭେମ୍ବର ୨୦୨୩ ମଧ୍ୟରେ ସମାପ୍ତ ହେବାର ଥିଲା। କିନ୍ତୁ ନିର୍ଦ୍ଧାରିତ ସମୟସୀମା ଶେଷ ହୋଇଯାଇଥିବା ସତ୍ତ୍ୱେ ମଧ କାମ ଏପର୍ଯ୍ୟନ୍ତ ଅଧୁରା ରହିଛି, ଯାହା ବିଭାଗୀୟ କାର୍ଯ୍ୟପ୍ରଣାଳୀ ଓ ଦାୟିତ୍ୱବୋଧ ଉପରେ ଗଭୀର ପ୍ରଶ୍ନ ଉଠାଉଛି।

ଓପିଡି ଭବନ ନିର୍ମାଣ ଅଧୁରା ରହିଥିବାରୁ ପ୍ରତିଦିନ ଶତାଧିକ ରୋଗୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୀମିତ ଘରୋଇ ବ୍ୟବସ୍ଥାରେ ଚିକିତ୍ସା ସେବା ଚାଲିଥିବାରୁ ନା ରୋଗୀଙ୍କୁ ଯଥୋଚିତ ସୁବିଧା ମିଳୁଛି, ନା ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସୁରକ୍ଷିତ ଓ ସୁବିଧାଜନକ କାର୍ଯ୍ୟ ପରିବେଶ ରହିପାରୁଛି। ଏତେ ଦୀର୍ଘ ସମୟ ଧରି କାର୍ଯ୍ୟ ବିଳମ୍ବ ହେଉଥିବା ସତ୍ତ୍ୱେ ନିୟୋଜିତ ଠିକାଦାରଙ୍କ ବିରୋଧରେ କୌଣସି କାରଣ ଦର୍ଶାଅ ନୋଟିସ କିମ୍ବା ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ନ ହେବା ଘଟଣା ଗଭୀର ସନ୍ଦେହ ସୃଷ୍ଟି କରୁଛି। ଏହା ସହ, ନିର୍ମାଣ କାମ ବିନା ସୂଚନା ଫଳକରେ ଚାଲିଥିବାରୁ ପ୍ରକଳ୍ପ ସମ୍ପର୍କିତ ମୂଳ ତଥ୍ୟ- ପ୍ରକଳ୍ପର ମୂଲ୍ୟ, କାର୍ଯ୍ୟ ଆରମ୍ଭ ଓ ସମାପ୍ତି ସମୟସୀମା, ଠିକାଦାରଙ୍କ ନାମ ଆଦି ସାଧାରଣ ଲୋକଙ୍କୁ ଜଣାପଡୁନଥିବା ଅଭିଯୋଗ ହେଉଛି। ଏହା ସରକାରୀ ନିୟମର ସ୍ପଷ୍ଟ ଉଲ୍ଲଂଘନ ହେବା ସହ ପ୍ରକଳ୍ପର ପାରଦର୍ଶିତା ଉପରେ ଗଭୀର ପ୍ରଶ୍ନ ଉଠାଇଛି। ଏହି ବିଷୟରେ ବିଭାଗୀୟ ଅଧିକାରୀଙ୍କ ସହ ଯୋଗାଯୋଗ ସମ୍ଭବ ହୋଇ ପାରିନାହିଁ।

# ଦେବୀ ନଦୀରେ ବୁଲୁଛି କୁମ୍ଭୀର

- ଅଣକଣା ନିକଟରେ କୁମ୍ଭୀର ଆତଙ୍କ
- ସ୍ଥାନୀୟ ଲୋକେ ଆତଙ୍କିତ



**କାକଟପୁର/ଅସ୍ତରଙ୍ଗ,୩୧।୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଅଞ୍ଚଳରେ କୁମ୍ଭୀର ଆତଙ୍କ। କିଛି ଦିନ ପୂର୍ବେ ଜାହାନିଆ, ପରେ ଦେବୀନଦୀ ପୁନର୍ବାର ଶନିବାର ମଧ୍ୟାହ୍ନରେ ଅଣକଣା ସମୁଦ୍ର ନିକଟରେ କୁମ୍ଭୀର ଦେଖିବାକୁ ମିଳିଛି। ଶନିବାର ମଧ୍ୟାହ୍ନରେ ଅସ୍ତରଙ୍ଗ ବ୍ଲକ ଅଣକଣା ସମୁଦ୍ର ନିକଟରେ ସ୍ଥାନୀୟ ଅଞ୍ଚଳ କିଛି ଯୁବକ ମାଛ ଧରିବାକୁ ଯାଉଥିବା ବେଳେ ହଠାତ ମଧ୍ୟାହ୍ନ ସମୟରେ କୂଳକୁ ଆସି ଏକ କୁମ୍ଭୀର ଶୋଇଥିବାର ଦେଖିବାକୁ ମିଳିଥିଲା। ସ୍ଥାନୀୟ ଲୋକ ନିଜ ଫୋନରେ ଭିଡ଼ିଓ ସୁଟିଂ କରିଥିଲେ। ଯାହାକୁ ନେଇ ଆତଙ୍କିତ ଅବସ୍ଥାରେ ସ୍ଥାନୀୟ ବାସିନ୍ଦା। ସ୍ଥାନୀୟ ଅଂଚଳରେ କୁମ୍ଭୀର ବାରମ୍ବାର ଦେଖା ଯାଉଥିବା ବେଳେ ବନବିଭାଗ ପକ୍ଷରୁ କେବଳ ପୀରଜାହାନିଆ ନିକଟରେ କେବଳ ସଚେତନତା କରି କାମ ସାରି ଦେଇଛି ବନ ବିଭାଗ। କୌଣସି ପଦକ୍ଷେପ ଗ୍ରହଣ କରାଯାଉନଥିବା ଅଭିଯୋଗ ହୋଇଛି। କିନ୍ତୁ ସମୁଦ୍ରର ଲୁଣି ପାଣିରେ କୁମ୍ଭୀର ଏଭଳି ବିଚରଣ ସ୍ଥାନୀୟ ଲୋକେ ଭୟଭୀତ। ଯାହାକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି ସ୍ଥାନୀୟ ଅଂଚଳବାସୀ ଓ ଦୂର ଦୁରାନ୍ତ ପର୍ଯ୍ୟଟକ। ଯଥାଶୀଘ୍ର ବନବିଭାଗ ପକ୍ଷରୁ କୁମ୍ଭୀରଟିକୁ ଧରିବା ପାଇଁ ଲୋକମାନେ ଦାବି କରିଛନ୍ତି ।

# ଧାମନଗରରେ ୨ଟି ମୃତଦେହ ଉଦ୍ଧାର

- ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ, ତଦନ୍ତ ଜାରି




**ଧାମନଗର,୩୧।୧ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅନ୍ତର୍ଗତ ଗୁହାଳିଆ ଗ୍ରାମରେ ଜଣେ ବିବାହିତା ମହିଳାଙ୍କ ଶବ ପାଇଖାନା ଘରେ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ଜାନୁଆରୀ ୨୮ ତାରିଖରେ ସ୍ୱାମୀ ଅକ୍ଷୟ ଘରକୁ ଆସି ଝିଅର ଜନ୍ମଦିନ ପାଳନ କରିଥିଲେ। କିନ୍ତୁ ପରଦିନ ପୂର୍ବ ଘଟଣାକୁ ନେଇ ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଛି ବୋଲି ମୃତକଙ୍କ ବାପଘର ଲୋକେ ଅଭିଯୋଗ କରିଛନ୍ତି। ପରିବାର ଲୋକେ ରଞ୍ଜିତାଙ୍କୁ ହତ୍ୟା କରି ପାଇଖାନା ଘରେ ଟାଙ୍ଗିଦେଇ ଘଟଣାକୁ ଅନ୍ୟ ରୂପ ଦେବାକୁ ଚେଷ୍ଟା କରାଯାଇଛି ବୋଲି ଅଭିଯୋଗ ହୋଇଛି। ଘଟଣା ସମ୍ପର୍କରେ ଖବର ପାଇ ଶୁକ୍ରବାର ସକାଳୁ ଧାମନଗର ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରିବା ସହ ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ଡାକ୍ତରଖାନାକୁ ପଠାଇ ହତ୍ୟା ଅଭିଯୋଗରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ସେପଟେ ଘଟଣା ପରେ ଶଶୁର ଘର ପକ୍ଷରୁ ସମସ୍ତେ ଫେରାର ଥିବା ଜଣାପଡ଼ିଛି।

ସେହିପରି ଧାମନଗର ଏନ ଏ ସି ଅନ୍ତର୍ଗତ ୧ ନମ୍ବର୍ ୱାର୍ଡ ଅଧିନ ଯୋରାଗଡିଆ ଗ୍ରାମର ରବୀନ୍ଦ୍ର ପ୍ରଧାନଙ୍କ ପୁଅ ରାଜେନ୍ଦ୍ର ପ୍ରଧାନ ଶୁକ୍ରବାର ସକାଳେ ନିଜ ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ନିଜର ସ୍ତ୍ରୀ ଧାମନଗର ଥାନାରେ ଅଭିଯୋଗ କରିଛନ୍ତି। ରାଜେନ୍ଦ୍ର ଓ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ମନମାଳିନ ଥିବାରୁ ସ୍ତ୍ରୀ ବାପାଙ୍କ ଘରେ ନିଜର ପୁଅକୁ ନେଇ ରହୁଥିଲେ। ଶବ ବ୍ୟବଚ୍ଛେଦ ପାଇଁ ଭଦ୍ରକ ମେଡିକାଲକୁ ପଠାଇ ଥିବା ବେଳେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ କରୁଛି।

# ସାହସିକତା ପାଇଁ ଭାଲୁ କବଳରୁ ଅଳ୍ପକେ ବର୍ତ୍ତିଲେ ନାବାଳକ

**ନୀଳଗିରି,୩୧।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଜଡ଼ିଦା ଗ୍ରାମ ପଞ୍ଚାୟତ ଅଧିନ ଜଗନ୍ନାଥପୁର ଗ୍ରାମର ଧିରେନ୍ଦ୍ର ପାତ୍ରଙ୍କ ୧୩ ବର୍ଷୀୟ ନାବାଳକ ପୁତ୍ର ପ୍ରଭାତ ଆଜି ସକାଳ ପ୍ରାୟ ୯ ଘଟିକା ସମୟରେ ଘରୁ ଚାଲିଚାଲି ପୋଡ଼ଶୂଳ ବଜାରକୁ ଯାଉଥିବା ବେଳେ ହଠାତ ବୁଦା ଆଢୁଆଳରୁ ଏକ ଭାଲୁ ବାହାରି ପ୍ରଭାତକୁ



ଆକ୍ରମଣ କରିଥିଲା। ତେବେ ପ୍ରଭାତ ସାହସର ସହିତ ଭାଲୁ ସହିତ ଲଢେଇ କରିବାରୁ ଭାଲୁଟି ବିଲ ଭିତରକୁ ଦୌଡ଼ି ପଳାଇଥିଲା। ଭାଲୁ ଆକ୍ରମଣରେ ତାଙ୍କର ପେଟ ଏବଂ ଡାହାଣ ଗୋଡ଼ ଜଙ୍ଘରେ ସାମାନ୍ୟ କ୍ଷତ ହୋଇଥିଲା। ସଙ୍ଗେ ସଙ୍ଗେ ନୀଳଗିରି ମେଡ଼ିକାଲରେ ଭର୍ତ୍ତିକରି ଚିକିତ୍ସା କରାଯାଇଥିବା ବେଳେ ନୀଳଗିରି ବନ ବିଭାଗ ଫରେଷ୍ଟର ରାମଚନ୍ଦ୍ର ଲେଙ୍କା ମେଡିକାଲରେ ପହଞ୍ଚି ଘଟଣା ସମ୍ପର୍କରେ ପଚାରିବୁଝିବା ସହିତ ଆସୁ ଆରୋଗ୍ୟ କାମନା କରିଥିଲେ।

# ରାସ୍ତାସାରା ଖାଲଖମା

**ଅଧିକାରୀଙ୍କ ଦୃଷ୍ଟି ପଡ଼ିବ କେବେ?**



**ହିଞ୍ଜିଳିକାଟୁ,୩୧।୧ (ସଂଚାର ବ୍ୟୁରୋ):** ମାସେ କି ଦୁଇମାସର ଯନ୍ତ୍ରଣାନୁହେଁ, ଦୀର୍ଘ ୬ମାସର ଏ ଯନ୍ତ୍ରଣା ଭୋଗୁଛନ୍ତି ସାହି ବାସିନ୍ଦା। ମୁଖ୍ୟ ରାସ୍ତାରେ ଫେବର ପଡ଼ିଥିବା ବେଳେ ତାହା ଦବିଯାଇ ଖାଲ ସୃଷ୍ଟି ଯୋଗୁଁ ଗତ କିଛି ଦିନ ହେଲା ଛୋଟ ବଡ଼ ଦୁର୍ଘଟଣା ଘଟୁଥିବା ନଜିର ରହିଛି। ଏହି ଦୃଶ୍ୟ ଦେଖିବାକୁ ମିଳିଛି ହିଞ୍ଜିଳିକାଟୁ ପୌରାଞ୍ଚଳ ଅନ୍ତର୍ଗତ ୧୦ ନଂ ୱାର୍ଡ଼ ଉପର ରେଗିଡ଼ି ସାହିର। ଉକ୍ତ ରାସ୍ତା ଦେଇ ନୂଆଁଗଡ,ମୋହନ କଲୋନୀ ଓ ରେଗିଡ଼ି ସାହି ବାସିନ୍ଦା ମୁଖ୍ୟ ବଜାରକୁ ଯାତାୟାତ କରୁଥିବାରୁ ଅସୁବିଧା ଭୋଗିବାକୁ ପଡୁଛି। ଅନ୍ୟପଟେ ବିଦ୍ୟାଳୟ ସମ୍ମୁଖରେ ଦୁଇପଟ ହମ୍ପସ ନିର୍ମାଣ ପାଇଁ ପୂର୍ବରୁ ଦାବି ହୋଇ ଆସୁଥିଲେ ବି ଅଧିକାରୀ କର୍ଣ୍ଣପାତ କରୁ ନ ଥିବା ଅଭିଯୋଗ ଆସିଛି। ସମସ୍ୟାର ସମାଧାନ ପାଇଁ ସାଧାରଣରେ ଦାବି ହୋଇଛି।

**ଟ୍ରକ ଚକା ତଳେ ଜୀବନ ଯିବା ଘଟଣା**

# ପରିବାରକୁ କ୍ଷତିପୂରଣ ପରେ ସମାଧାନ

**ରାଇଘର, ୩୧।୧ (ସଂଚାର ବ୍ୟୁରୋ):** ଶୁକ୍ରବାର ହୋଇଥିବା ଦୁର୍ଘଟଣାର ସମାଧାନ ରାଇଘର ଥାନାରେ ହୋଇଥିବା ଜଣାପଡିଛି। ପ୍ରାପ୍ତ ସୂଚନା ଅନୁଯାୟୀ ମୃତକ ଦୁଇ ପରିବାରକୁ ପରିବାର ପିଛା ଏକ ଲକ୍ଷ ପଚାଶ ହଜାର ଟଙ୍କା ବୋରୱେଲ ଗାଡି ମାଲିକ ଦେବା ସହ ହରିଶ୍ଚନ୍ଦ୍ର ଯୋଜନାରେ ତିନି ହଜାର ଟଙ୍କା ପ୍ରଦାନ କରାଯାଇଥିବା ପୋଲିସ ପ୍ରକାଶ କରିଛି। ଏହାପରେ ଉତ୍ତେଜିତ ଗ୍ରାମବାସୀ ନିଜ ଜିଦ୍‌ରୁ ଓହରିଥିଲେ। ଏହାପରେ ମୃତ ଶରୀରକୁ ବ୍ୟବଚ୍ଛେଦ ପାଇଁ ପୁଲିସ ପଠାଇଥିଲା। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତ ଶରୀର ହସ୍ତାନ୍ତର କରାଯାଇଛି। ପ୍ରକାଶ ଥାଉକି ଶୁକ୍ରବାର ଦିନ ପ୍ରାୟ ଚାରିଟା ସମୟରେ ମୁଣ୍ଡିବେଡା ପଞ୍ଚାୟତର ଖାଡିପାଣି ଗ୍ରାମର ଲମ୍ବୁ ଗଣ୍ଡ, ସୁରଜ ହରିଜନ ଏବଂ ଟିଂଗର ମାଝୀ ତିନିଜଣ ରାଇଘର ଆସିବା ସମୟରେ ନୂଆପାରା ପଲକାଡଙ୍ଗରି ଛକ ନିକଟରେ ବୋରୱେଲ ଗାଡି ସହ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ।

# ଦୁଇ ଦିନ ଗଲାନି, ପିଠାପରି ପିଚୁ ଉଠିଗଲା

**ଆନନ୍ଦପୁର,୩୧।୧(ସଂଚାର ବ୍ୟୁରୋ):** କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଉପଖଣ୍ଡ ଧକୋଠା ପଂଚାୟତର ୨୦ନଂ ଜାତୀୟ ରାଜପଥ ଠାରୁ ମାର୍ଶାପାଳ ପର୍ଯ୍ୟନ୍ତ ୨.୬୦୦ ମିଟର ଲମ୍ବର ପିଚ ରାସ୍ତା ନିର୍ମାଣ ଆନନ୍ଦପୁର ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ଦୁଇ ଦିନ ପୂର୍ବରୁ ପଡିଥିବା ପିଚୁ ପିଠା ପରି ଉଠିଗଲା। ନିମ୍ନମାନରେ

## ଠିକାଦାର ଲାଇସେନ୍ସ ରଦ୍ଦ ଦାବି



କାମ କରି ଠିକାଦାର ଯନ୍ତ୍ରୀ ମାଲେମାଲ ହେବା ପାଇଁ ଦିନ ଦ୍ୱିପ୍ରହରରେ ଦେଖୁଥିବା ଦିବା ସ୍ୱପ୍ନ ଗ୍ରାମବାସୀ ଭାଙ୍ଗି ରୁଜି ଚୁରମାର୍ କରିଦେଲେ। ଏନେଇ ଅଞ୍ଚଳବାସୀ ଅସନ୍ତୋଷ ପ୍ରକାଶ କରିବା ସହ ଠିକାଦାର ଯନ୍ତ୍ରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ହେଉଥିବା ପିଚୁ କାର୍ଯ୍ୟରେ ସୂଚନା ଫଳକ ନଥିବାରୁ କାମକୁ ନେଇ ଗ୍ରାମବାସୀଙ୍କ ସନ୍ଦେହ ସୃଷ୍ଟି ହୋଇଥିଲା। ପିଚ ନିମ୍ନମାନର ହେଉଥିବା ନେଇ ଗ୍ରାମବାସୀ ଅଭିଯୋଗ ଆଣିଲେ ହେଁ ଆଦିବାସୀ ଲୋକ ବୋଲି ଠିକାଦାର ତାଙ୍କୁ ଧମକ ଦେଇ କହିଛି ମୁଁ ଫଲ୍ସ ବିଲ୍ କରି ଦେବୀ ମୋର କଣ କରିବ କର। ଏଠାରେ ପ୍ରଶ୍ନ ଉଠେ କୋଉ ଅଦୃଶ୍ୟ ଶକ୍ତିର ସାହସରେ ଠିକାଦାର ଏମିତି ଫୁଟାଣି ମାରୁଚି? ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କିଭଳି ହେଲା ପିଚ କାମ? ଏଭଳି ଠିକାଦାରକୁ ଲାଇସେନ୍ସ କିଏ ଦେଲା? ଯିଏ ଲାଇସେନ୍ସ ଦେଇଛି ସେ କଣ ପାଠ ପଢ଼ି ନାହିଁ କି ବୋଲି ପ୍ରଶ୍ନ ଉଠୁଛି? ତେବେ ପୁର୍ନବାର ଆଉ ଥରେ ପିଚ ପକାଯାଉ ବୋଲି ଗାଁ ମୁଖିଆଙ୍କ ସମେତ ଗ୍ରାମବାସୀ ଦାବି କରିଛନ୍ତି। ତେବେ ଦେଖିବାକୁ ବାକି ରହିଲା ଆନନ୍ଦପୁର ପ୍ରଶାସନ ଏହି ଠିକାଦାର ଏବଂ କାର୍ଯ୍ୟ ତଦାରଖରେ ଥିବା ଯନ୍ତ୍ରୀଙ୍କ ବିରୁଦ୍ଧରେ କି ପ୍ରକାରର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଛନ୍ତି।

# କିନ୍ନର ସମାଜ ପକ୍ଷରୁ କମ୍ବଳ ବଣ୍ଟନ




**ଉମରକୋଟ,୩୧।୧ (ସଂଚାର ବ୍ୟୁରୋ):** ନବରଙ୍ଗପୁର ଜିଲ୍ଲା ଉମରକୋଟ ପୌର ପରିଷଦ ଅନ୍ତର୍ଗତ ୱାର୍ଡ ନଂ ୮କେନାଲ ସାହି ଖେଳ ପଡିଆ ଠାରେ କିନ୍ନର ସମାଜ ତରଫରୁ ଅସହାୟ ବୃଦ୍ଧା, ବିଧବାଙ୍କୁ କମ୍ବଳ ଓ ଗରିବ ପିଲାଙ୍କୁ ଖାତା କଲମ ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଉପଜିଲାପାଳ ବାବୁଲାଲ ସାମଲ, ବରଣ୍ୟ ଅତିଥି ସରକାରୀ ଅଧ୍ୟକ୍ଷ ପ୍ରଦୀପ କୁମାର ପଟ୍ଟନାୟକ, ମୁଖ୍ୟ ବକ୍ତା ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦେବେନ୍ଦ୍ର କୁମାର ବାଗ, ସନମାନିତ ଅତିଥି ଭାବେ ଆମ୍ବେଦକର ବିଚରାମଞ୍ଚ ଜିଲ୍ଲା ଅଧକ୍ଷ ଧୀମାନ ଶରତ ପାଣିଗ୍ରାହୀ, କିନ୍ନର ସମାଜ ସଭାପତି ଦେବୋଲିନା ପ୍ରମୁଖ ଯୋଗଦେଇ ବଣ୍ଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିବାନୀ, ରିବା, ଟୁମୁକି, ପିଙ୍କି, ପ୍ରଭା, ସୁହାନି, ଶୁଭ, ପ୍ରମୁଖ ଯୋଗଦେଇଥିଲେ।

# ବିଧାନସଭା ଷ୍ଟାଣ୍ଡିଂ କମିଟିର ବୋରିଗୁମ୍ମା ଗସ୍ତ



## ନିର୍ମାଣାଧୀନ ପାନୀୟ ଜଳ ପ୍ରକଳ୍ପ ପରିଦର୍ଶନ କଲେ

## ନିର୍ଦ୍ଧାରିତ ସମୟରେ ସାରିବାକୁ ନିର୍ଦ୍ଦେଶ

**ବୋରିଗୁମ୍ମା,୩୧।୧(ସଂଚାର ବ୍ୟୁରୋ):** ବିଧାନସଭା ଷ୍ଟାଣ୍ଡିଂ କମିଟି ସଦସ୍ୟଙ୍କ କୋରାପୁଟ ଜିଲ୍ଲା ବୋରିଗୁମ୍ମା ବ୍ଲକ ସ୍ଥିତ ମୁରାନ ଡ୍ୟାମରୁ ବୋରିଗୁମ୍ମା, ଜୟପୁର ଓ କୋଟପାଡ଼ ବ୍ଲକର ଗ୍ରାମାଞ୍ଚଳକୁ ମେଗା ପାନୀୟ ଜଳଯୋଗାଣ ହୋଇପାରିନାହିଁ। ତେଣୁ ଏନେଇ କୋରାପୁଟ ଜିଲ୍ଲାର ୩ ମେଗା ପାନୀୟ ଜଳ ପ୍ରକଳ୍ପକୁ ପରିଦର୍ଶନ ନିମନ୍ତେ ଗସ୍ତ କରିଥିବା ଜଣାଯାଇଛି। ଆଜି ସକାଳ ୧୧ ଟା ସମୟରେ ଏହି ପାଞ୍ଚ ଜଣିଆ ବିଧାନସଭା ଷ୍ଟାଡିଂ କମିଟି ବୋରିଗୁମ୍ମା ବ୍ଲକ ମୁରାନ ଜଳଭଣ୍ଡାରରେ ନିର୍ମାଣାଧୀନ ମେଗା ପାନୀୟଜଳ ପ୍ରକଳ୍ପ ପରିଦର୍ଶନରେ ଆସି ଅନୁଧାନ କରିଥିଲେ ଏବଂ ପଞ୍ଚାୟତରାଜ, ପାନୀୟ ଜଳ ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା କରାଯାଇଛି। ଏଥିରେ ଷ୍ଟାଣ୍ଡିଙ୍ଗ କମିଟି ଅଧକ୍ଷ ସୋନାତନ ବିଜୁଳିଙ୍କ ନେତୃତ୍ୱରେ ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର, ବାଙ୍କୀ ବିଧାୟକ ଦେବି ରଞ୍ଜନ ତ୍ରିପାଠୀ, ସୋରଡ଼ା ବିଧାୟକ ନୀଳମଣି ବିଶୋଇ, କରଞ୍ଜିଆ ବିଧାୟକ ପଦ୍ମ ଚରଣ ହରିବୁରୁ, କୋରାପୁଟ ବିଧାୟକ ରଘୁରାମ ମାଛ ଉପସ୍ଥିତ ଥିଲେ।

ଏହି ସମୀକ୍ଷା ବୈଠକରେ ସିଡିଓ ବେଣୁଧର ଶବର, ବୋରିଗୁମ୍ମା ବ୍ଲକ ବିଡ଼ିଓ ସୁକାନ୍ତ କୁମାର ପଟନାୟକ, ତହସିଲଦାର ଶୋଭନ କୁମାର ବେହେରା ଏବଂ ବିଭାଗୀୟ ଅଧିକାରୀ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବିଶେଷ କରି ମେଗା ପାନୀୟ ଜଳ ପ୍ରକଳ୍ପ କିପରି ଅତି ଶୀଘ୍ର କାମ ସାରିବ, ଲୋକେ ପାଣି ପାଇବେ ସେ ନେଇ ଅଧିକ ଗୁରୁତ୍ୱ ଦିଆଯାଇଛି। ସେହିପରି ପଞ୍ଚାୟତିରାଜ ବିଭାଗର ବିଭିନ୍ନ ଯୋଜନା ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର କାର୍ଯ୍ୟ ସୁଚାରୁ ରୂପେ କିପରି କରାଯିବ ସେ ନେଇ ଆଜି କମିଟି ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି।

# ଜିଲ୍ଲା ପ୍ରଶାସନ ପକ୍ଷରୁ ଦିଶା ବୈଠକ




**କଟକ,୩୧।୧ (ସଂଚାର ବ୍ୟୁରୋ):** ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ବର୍ଷର ପ୍ରଥମ ବିକାଶ ସମନ୍ୱୟ ଏବଂ ତଦାରଖ କମିଟି (ଦିଶା) ବୈଠକ ଆଜି ପୂର୍ବାହ୍ନରେ କଟକ ଜିଲ୍ଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଡମଡମଣି ପୀଠ ପରିସରରେ ମାନ୍ୟବର ସାଂସଦ, କଟକ ଶ୍ରୀ ଭର୍ତ୍ତୃହରି ମହତାବଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମାନ୍ୟବର ବିଧାୟକ ଆଠଗଡ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମାନ୍ୟବର ବିଧାୟକ, ସାଲେପୁର ପ୍ରଶାନ୍ତ ବେହେରା, ବିଧାୟିକା, ବାରବାଟୀ-କଟକ, ଇଂ ସୋଫିଆ ଫିରଦୋସ, ବିଧାୟକ, କଟକ-ସଦର ଇଂ ପ୍ରକାଶ ଚନ୍ଦ୍ର ସେଠୀ, ମାନ୍ୟବର ବିଧାୟକ ବଡ଼ମ୍ବା ଶ୍ରୀ ବିଜୟ କୁମାର ଦଳବେହେରା, ଜିଲ୍ଲା ପରିଷଦ ଷ୍ଟାଣ୍ଡିଂ କମିଟି ଅଧକ୍ଷ ଶ୍ରୀ ଆଶିଷ କୁମାର ସାହୁ ପ୍ରମୁଖ ଉପସ୍ଥିତ ରହି ବୈଠକରେ ଆଲୋଚନା କରିଥିଲେ।

ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ନିର୍ଦ୍ଦେଶ କ୍ରମେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ସଂଯୋଜନାରେ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଆଜିର ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପ୍ରାରମ୍ଭରେ ଚତୁର୍ଥ ଦିଶା ବୈଠକର ଆଲୋଚନା ହୋଇଥିବା ପ୍ରସ୍ତାବିତ କାର୍ଯ୍ୟସୂଚୀ ଅନୁଯାୟୀ ଗ୍ରହଣ କରାଯାଇଥିବା ସମସ୍ତ କାର୍ଯ୍ୟର ଅଗ୍ରଗତି, କାର୍ଯ୍ୟାନୁଷ୍ଠାନ ଆଦି ସମ୍ପର୍କରେ ଜନ ପ୍ରତିନିଧମାନଙ୍କୁ ବୈଠକରେ ଉପସ୍ଥିତ ହୋଇଥିବା ସଂପୃକ୍ତ ଅଧିକାରୀମାନଙ୍କ ଦ୍ୱାରା ଅବଗତ କରାଯାଇଥିଲା ।

# ନିର୍ମାଣ ଶ୍ରମିକଙ୍କୁ ୭୨ ଲକ୍ଷରୁ ଅଧିକ ଆର୍ଥିକ ସହାୟତା



**ଯାଜପୁର,୩୧।୧ (ସଂଚାର ବ୍ୟୁରୋ):** ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ଯାଜପୁର ଜିଲ୍ଲାରେ ଆଜି ବଡ଼ ପଦକ୍ଷେପ ନିଆଯାଇଛି। ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅନୁମୋଦନ କ୍ରମେ ଯାଜପୁର ଜିଲ୍ଲା ଶ୍ରମ କାର୍ଯ୍ୟାଳୟ ପ୍ରାଙ୍ଗଣରେ ନିର୍ମାଣ ଶ୍ରମିକମାନଙ୍କୁ ଆର୍ଥିକ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ଅବସରରେ ଯାଜପୁର ରେଞ୍ଜ ଯୁଗ୍ମ ଶ୍ରମ କମିଶନର ଶ୍ରୀ ଶିବ ଶଙ୍କର ମିଶ୍ର ଓ ଜିଲ୍ଲା ପ୍ରଭାଗୀୟ ଶ୍ରମ କମିଶନର ଶ୍ରୀ ସତ୍ୟନାରାୟଣ ଆଚାର୍ଯ୍ୟ ଲାଭାର୍ଥୀମାନଙ୍କୁ ଡମି ଚେକ ମାଧମରେ ସହାୟତା ପ୍ରଦାନ କରିଥିଲେ। ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ଅଧୀନରେ ଶିକ୍ଷା ସହାୟତା: ୯୮ ଜଣଙ୍କୁ ୮,୩୪,୮୦୦ ଟଙ୍କା, ବିବାହ ସହାୟତା: ୧୨୮ ଜଣଙ୍କୁ ୬୩,୫୦,୦୦୦, ପ୍ରସୂତୀ କାଳୀନ ସହାୟତା: ୯ ଜଣଙ୍କୁ ୯୦,୦୦୦ ଟଙ୍କା ଏଭଳି ମୋଟ ୨୩୫ ଜଣ ହିତାଧିକାରୀଙ୍କୁ ୭୨,୭୪,୮୦୦ ଟଙ୍କା ସହାୟତା ରାଶି ମଞ୍ଜୁର ହୋଇଥିବା ବେଳେ, ସମ୍ପୂର୍ଣ୍ଣ ରାଶି ହିତାଧିକାରୀମାନଙ୍କ ବ୍ୟାଙ୍କ ଖାତାକୁ ପ୍ରେରଣ କରାଯାଇଛି ବୋଲି ସୂଚନା ମିଳିଛି। ଉଲ୍ଲେଖନୀୟ ଯେ, ଚଳିତ ଆର୍ଥିକ ବର୍ଷରେ ଏପର୍ଯ୍ୟନ୍ତ ଯାଜପୁର ଜିଲ୍ଲାରେ ନିର୍ମାଣ ଶ୍ରମିକମାନଙ୍କ କଲ୍ୟାଣ ପାଇଁ ୧୧ କୋଟି ଟଙ୍କାରୁ ଅଧିକ ସହାୟତା ରାଶି ବଣ୍ଟନ କରାଯାଇସାରିଛି।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ବାଲିଅନ୍ତା,୩୧।୧ (ସଂଚାର ବ୍ୟୁରୋ):** ବାଲିଅନ୍ତା ବ୍ଲକ ଅନ୍ତର୍ଗତ ବେଣ୍ଟପୁରରେ ଅବସ୍ଥିତ ଓଡିଶା ଆଦର୍ଶ ବିଦ୍ୟାଳୟ ଚତୁର୍ଥ ବାର୍ଷିକ ଉତ୍ସବ 'ଆଭା' ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବିଦ୍ୟାଳୟର ଅଧକ୍ଷ ସତ୍ୟବ୍ରତ ସାମଲଙ୍କ ଦ୍ୱାରା ବାର୍ଷିକ ବିବରଣୀ ପାଠ କରାଯିବା ସହ ମୁଖ୍ୟ ଅତିଥି ତଥା ମୁଖ୍ୟ ବକ୍ତା ସରୋଜ କୁମାର ସାମଲ ସମ୍ମାନିତ ଅତିଥି ଭାବରେ, ବୈଜ୍ଞାନିକ



ଡ଼. ସୋମା ଚଟୋପାଧ୍ୟାୟ, ପ୍ରଫେସର ପ୍ରଦ୍ୟୁମ୍ନ କୁମାର ଦାସ, ରମେଶ ଚନ୍ଦ୍ର ଜେନା,(ଏ.ଡି.ଓ) ଅତିରିକ୍ତ ଜିଲ୍ଲାପାଳ ରଶ୍ମିତା ନାଥ, ବିଡିଓ ସନ୍ତୋଷ କୁମାର ମହାପାତ୍ର ଓଡିଶା ଆଦର୍ଶ ବିଦ୍ୟାଳୟ, ବାଲିପାଟଣା ଭାକର ସାହିର ଅଧକ୍ଷ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିମାନେ ଛାତ୍ରଛାତ୍ରୀମାନଙ୍କୁ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ପରିଶେଷରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

# ବାଲନ୍ଦାପଡା ସରପଞ୍ଚଙ୍କ ବହିଷ୍କାର ଆଦେଶ ତୁରନ୍ତ କାର୍ଯ୍ୟକାରୀ ପାଇଁ ଜିଲାପାଳଙ୍କ ନିର୍ଦ୍ଦେଶ

**ଫୁଲବାଣୀ,୩୧।୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା ବାଲନ୍ଦାପଡା ସରପଞ୍ଚଙ୍କ ପଦଚ୍ୟୁତ ଆଦେଶକୁ ତୁରନ୍ତ କାର୍ଯ୍ୟକାରୀ କରିବା ନିର୍ଦ୍ଦେଶ ଦେଇଛନ୍ତି କନ୍ଧମାଳ ଜିଲାପାଳ ବେଦଭୂଷଣ। ଏଥି ସହିତ ଏ ଆଦେଶ କାହିଁକି ଆଜି ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇନାହିଁ, ସେ ନେଇ ଫିରିଙ୍ଗିଆ ବିଡିଓଙ୍କୁ କୌଫିୟତ ତଲବ କରିଛନ୍ତି ଜିଲାପାଳ।

ସୂଚନାଯୋଗ୍ୟ, ଗତ ପଞ୍ଚାୟତ ନିର୍ବାଚନରେ ନିରାକାର ନାୟକ ବାଲନ୍ଦାପଡା ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ତେବେ ତାଙ୍କର ଦୁଇରୁ ଅଧିକ ସନ୍ତାନ ଥିବା ଅଭିଯୋଗ କରି ପ୍ରତିଦ୍ୱନ୍ଦୀ ପ୍ରଦୀପ ନାୟକ ତାଙ୍କୁ ଅଯୋଗ୍ୟ ଘୋଷିତ କରିବା ପାଇଁ ଫୁଲବାଣୀ ଦେୱାନୀ ଅଦାଲତରେ ମାମଲା ଦାଏର କରିଥିଲେ।। ଦେୱାନୀ ଅଦାଲତ ଏହାର ବିଚାର କରି ୧୧.୧୨.୨୦୨୪ରେ ନିରାକାରଙ୍କ ନିର୍ବାଚନକୁ ଅସିଦ୍ଧ ଘୋଷଣା କରିଥିଲେ। ତଦନୁଯାୟୀ, କନ୍ଧମାଳ ଜିଲାପାଳ ୧.୧.୨୦୨୫ରେ ନିରାକାରଙ୍କୁ ପଦଚ୍ୟୁତ କରିବା ପାଇଁ ଅଧିସୂଚନା ଜାରୀ କରିଥିଲେ। ତେବେ ନିରାକାର ନିମ୍ନ ଅଦାଲତଙ୍କ ଆଦେଶ ବିରୋଧରେ ଜିଲ୍ଲା କୋର୍ଟର ଦ୍ୱାରସ୍ଥ ହୋଇଥିଲେ। କିନ୍ତୁ ଜିଲ୍ଲା ଜଜ୍ ମଧ ଦେୱାନୀ ଅଦାଲତଙ୍କ ଆଦେଶକୁ କାଏମ ରଖିବା ଯୋଗୁଁ ନିରାକାର ଏହା ବିରୋଧରେ ଉଚ୍ଚ ନ୍ୟାୟାଳୟରେ ଏକ ରିଟ ପିଟିସନ ଦାଖଲ କରିଥିଲେ। ଉଚ୍ଚ ନ୍ୟାୟାଳୟ ଏହାର ଶୁଣାଣୀ କରି ୨୫.୧୧.୨୦୨୫ରେ ରିଟ ପିଟିସନକୁ ଖାରଜ କରିବା ସହିତ ନିମ୍ନ ଅଦାଲତଙ୍କ ଆଦେଶ କାଏମ ରଖିଛନ୍ତି। ହାଇକୋର୍ଟଙ୍କ ରାୟ ମୁତାବକ ନିରାକାରଙ୍କୁ ତୁରନ୍ତ ପଦଚ୍ୟୁତ କରିବା ପାଇଁ କନ୍ଧମାଳ ଜିଲାପାଳ ଫିରିଙ୍ଗିଆ ବିଡ଼ିଓଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# କୁଷ୍ଠରୋଗର ଆରୋଗ୍ୟ ସମ୍ଭବ, ଲାଞ୍ଛନା ବିରୁଦ୍ଧରେ ଲଢ଼େଇ ଆବଶ୍ୟକ: ବିଶେଷଜ୍ଞ

**ଭୁବନେଶ୍ୱର,୩୧।୧ (ସଂଚାର ବ୍ୟୁରୋ):** ଯଦିଓ ଭୟସଙ୍କୁଳ ତଥାପି କୁଷ୍ଠରୋଗ ଏଭଳି ଏକ ବ୍ୟାଧି ଯେଉଁଥିରୁ ସମ୍ପୂର୍ଣ୍ଣ ଭାବେ ଆରୋଗ୍ୟ ହେବାର ସମ୍ଭାବନା ରହିଛି। ତେବେ ଏଥି ନିମନ୍ତେ ଆଗୁଆ ରୋଗ ଚିହ୍ନଟ ଏବଂ ନିୟମିତ ଭାବେ ରୋଗୀକୁ ମଲ୍ଟିଡ୍ରଗ ଥେରାପି ଚିକିତ୍ସାର ଆବଶ୍ୟକତା ରହିଛି ବୋଲି ବିଶେଷଜ୍ଞ ସୂଚନା ଦେଇଛନ୍ତି। ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ ହସ୍ପିଟାଲ୍-୧ ପକ୍ଷରୁ ବିଶ୍ୱ କୁଷ୍ଠରୋଗ ଦିବସ ପାଳନ ଅବସରରେ ଶୁକ୍ରବାର ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞ ଏହି ସୂଚନା ଦେଇଛନ୍ତି।



କୁଷ୍ଠରୋଗର ଆଗୁଆ ପରୀକ୍ଷଣ ଏବଂ ଉପଯୁକ୍ତ ଚିକିତ୍ସା ଦ୍ୱାରା ରୋଗୀ କେବଳ ଆରୋଗ୍ୟ ଲାଭ କରେ ନାହିଁ ବରଂ ଅକର୍ମଣ୍ୟ ହେବାରୁ ମଧ ମୁକ୍ତି ପାଇଥାଏ। ଏହି ବାର୍ତ୍ତା ସମାଜରେ ପହଞ୍ଚାଇବା ଆମର ଲକ୍ଷ୍ୟ। ସେହିପରି ଏହି ରୋଗକୁ ନେଇ ଯେଉଁ କ୍ରୁର ମନୋଭାବ ରହିଛି ତାକୁ ମଧ ବିରୋଧ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି ହସ୍ପିଟାଲ୍‌ର ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର।

ଏହି ଅବସରରେ ସମ ହସ୍ପିଟାଲ୍ ପକ୍ଷରୁ ଆୟୋଜିତ ଏକ ୱାକାଥନ୍‌ରେ ଖୋର୍ଦ୍ଧା ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡକ୍ଟର ସଞ୍ଜୟ ରାୟ, ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ରାଜେନ୍ଦ୍ର ମଲ୍ଲିକ ଏବଂ ଜିଲ୍ଲା କୁଷ୍ଠରୋଗ ଉପଦେଷ୍ଟା ଡକ୍ଟର ସୌମ୍ୟକାନ୍ତ ଯୋଗ ଦେଇଥିଲେ। ଆଇଏମଏସ୍ ଆଣ୍ଡ ସମ ହସ୍ପିଟାଲ୍‌ର ଇନ୍‌ଫେକ୍ସିୟସ୍ ଡିଜିଜେସ୍ ବିଭାଗ ଏବଂ ସ୍କିନ୍, ଭେନେରୋଲୋଜି ଆଣ୍ଡ ଡର୍ମାଟୋଲୋଜି ବିଭାଗ ପକ୍ଷରୁ ମିଳିତ ଭାବେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ଡାକ୍ତର, ନର୍ସ ଓ ଚିକିତ୍ସିତ ହେଉଥିବା ରୋଗୀମାନେ ଯୋଗ ଦେଇଥିଲେ।

ଏହି ଅବସରରେ ଡାକ୍ତର ରାୟ ସମସ୍ତଙ୍କୁ ଏକତ୍ରିତ ହୋଇ କୁଷ୍ଠରୋଗ ବିରୁଦ୍ଧରେ ଲଢ଼େଇ କରି ରୋଗର ନିରାକରଣର ଲକ୍ଷ୍ୟ ପୂରଣ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ସରକାରଙ୍କ ପକ୍ଷରୁ କୁଷ୍ଠରୋଗ ନିରାକରଣ ନେଇ ମାଗଣା ଏମ୍‌ଡିଟି ଔଷଧ ପ୍ରଦାନ କରାଯାଉଥିବା ସେ କହିଥିଲେ।

# ହୀରାପୁର ୟୁଜିପି ବିଦ୍ୟାଳୟରେ କିଶୋରୀ ମେଳା



**ବାଲିଅନ୍ତା,୩୧।୧ (ସଂଚାର ବ୍ୟୁରୋ):** ଭୁବନେଶ୍ୱର ଉପକଣ୍ଠ ବାଲିଅନ୍ତା ବ୍ଲକର ଉମାଦେଇ ବ୍ରହ୍ମପୁର ଗ୍ରାମ ପଞ୍ଚାୟତର ହୀରାପୁର ୟୁଜିପି ବିଦ୍ୟାଳୟରେ ଶୁକ୍ରବାର ପୂର୍ବାହ୍ନ ୧୦ ଘଟିକା ସମୟରେ ବାଲିଅନ୍ତା ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀଙ୍କ ପକ୍ଷରୁ ପଂଚାୟତ ସ୍ତରୀୟ କିଶୋରୀ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମୋଟ ୮ ଗୋଟି ଅଙ୍ଗନୱାଡ଼ି କେନ୍ଦ୍ରର ୧୫ ବର୍ଷରୁ ୧୯ ବର୍ଷର କିଶୋରୀମାନେ ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ଥିବା କଳା ସଂସ୍କୃତି ଓ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କରିବା ପ୍ରତିଭାକୁ ଜନମାନସରେ ପରିଚିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ । ଏଥିରେ ଦୁଇ ଗୋଟି ପ୍ରତିଯୋଗିତା କରାଯାଇଥିଲା । ଗୋଟିଏ ଚିତ୍ରାଙ୍କନ ଓ ଅନ୍ୟଟି ନୃତ୍ୟ ପ୍ରତିଯୋଗିତା। ଚିତ୍ରାଙ୍କନରେ ପ୍ରଥମ ସ୍ଥାନ ମାମା ମହାନ୍ତି, ଦ୍ୱିତୀୟ ସୋନାଲି ଭୋଇ ଓ ତୃତୀୟ ସସ୍ମିତା ଦାସ ହୋଇଥିବା ବେଳେ ନୃତ୍ୟ ପ୍ରତିଯୋଗୀତାରେ ପ୍ରଥମ ରେଶ୍ମା ଦାସ, ଦ୍ୱିତୀୟ ଅମିତ ବିଶୋଇ ଓ ତୃତୀୟ ସୁସ୍ମିତା ଦାସ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ବାଲକାଟି ସେକ୍ଟରର କ୍ଷେତ୍ର ପରିଦର୍ଶିକା ସୌମ୍ୟା ସୁଚରିତା ଅଧକ୍ଷତା କରିଥିଲେ । ଅତିଥି ମାନଙ୍କ ଦ୍ୱାରା ପ୍ରତିଯୋଗୀ ମାନଙ୍କୁ ଟ୍ରଫି ସହ ପ୍ରମାଣ ପତ୍ର ପ୍ରଦାନ କରାଯାଇଥିଲା । ଏଥିରେ ସମସ୍ତ ଅଙ୍ଗନୱାଡୀ କର୍ମୀ ଉପସ୍ଥିତ ଥିଲେ ।

# ଓଡ଼ିଆରେ ଏକାଦଶ ଶ୍ରେଣୀ ବିଜ୍ଞାନ ସନ୍ଦର୍ଭ ପୁସ୍ତକ ଉନ୍ମୋଚିତ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଆ ଭାଷାରେ ପ୍ରସ୍ତୁତ ଏକାଦଶ ଶ୍ରେଣୀ ବିଜ୍ଞାନ ଛାତ୍ରଛାତ୍ରୀଙ୍କ ପାଇଁ ସନ୍ଦର୍ଭ ପୁସ୍ତକଗୁଡିକ ଉନ୍ମୋଚନ କରିଛନ୍ତି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରସ୍ତୁତ ଏହି ପୁସ୍ତକ ଗୁଡିକ ମଧ୍ୟରେ ଗଣିତ, ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଜୀବ ବିଜ୍ଞାନ ଆଜି ମୁଖ୍ୟମନ୍ତ୍ରୀ ଉନ୍ମୋଚନ କରିଛନ୍ତି।

ସୂଚନାଯୋଗ୍ୟ ଯେ, ଓଡ଼ିଆ ଭାଷାରେ ଏହିଭଳି ବହି ଆଗରୁ ନଥିବାରୁ ରାଜ୍ୟ ସରକାର ପ୍ରତ୍ୟେକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ୧୦ ରୁ ୨୦ ଟି ବହି ଯୋଗାଇଦେବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଉଚ୍ଚ ଶିକ୍ଷା ବିଦ୍ୟାଳୟର ଗ୍ରନ୍ଥାଳୟରେ ଏହି ବହି ଉପଲବ୍ଧ ହେବ ଓ ପିଲାମାନେ ଏହାକୁ ପଢ଼ି ପାରିବେ। ଏହି ପୁସ୍ତକ ଗୁଡ଼ିକ ପ୍ରତ୍ୟେକ ଜିଲ୍ଲାର ସଦର ମହକୁମାରେ ବିଭିନ୍ନ ଦୋକାନରେ ଉପଲବ୍ଧ ହେବା ପାଇଁ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥା ପ୍ରଚେଷ୍ଟା କରିବ। ଏହି ପୁସ୍ତକ ସମୁଦାୟ ୭୦୦ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୧,୨୦,୦୦୦ ଛାତ୍ରଛାତ୍ରୀଙ୍କ ପାଇଁ ଉପଲବ୍ଧ ହେବ ବୋଲି ସୂଚନା ମିଳିଛି।

## ପ୍ରତ୍ୟେକ ଜିଲ୍ଲା ସଦର ମହକୁମା ବହି ଦୋକାନରେ ଉପଲବ୍ଧ ହେବ

ପରବର୍ତ୍ତୀ ପର୍ଯ୍ୟାୟରେ ଦ୍ୱାଦଶ ଶ୍ରେଣୀ ପାଇଁ ମଧ ଓଡ଼ିଆ ଭାଷାରେ ବିଜ୍ଞାନ ପୁସ୍ତକ ପ୍ରସ୍ତୁତ କରିବାର ଯୋଜନା ରହିଛି। ଏହାଫଳରେ ପ୍ରାଥମିକ ଶିକ୍ଷାରୁ ଉଚ୍ଚ ବୈଷୟିକ ଶିକ୍ଷା ପର୍ଯ୍ୟନ୍ତ ପ୍ରତ୍ୟେକ ସ୍ତରର ଛାତ୍ରଛାତ୍ରୀମାନଙ୍କ ପାଇଁ ଓଡ଼ିଆ ଭାଷାରେ ସନ୍ଦର୍ଭ ପୁସ୍ତକ ଉପଲବ୍ଧ କରିବା ପାଇଁ ଏକ ବଳିଷ୍ଠ ପଦକ୍ଷେପ ହେବ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ଆଇନ, ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ବାଣିଜ୍ୟ ଓ ପରିବହନ, ଇସ୍ପାତ ଓ ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡ. କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂହ ଖୁଣ୍ଟିଆ, ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ, ଶିଳ୍ପ, ଦକ୍ଷତା ବିକାଶ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ଉଚ୍ଚଶିକ୍ଷା ତଥା ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡିକେ ସିଂହ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଏନ୍ ଥିରୁମାଲା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

---

ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବରେ ରାଜ୍ୟପାଳ

# ପ୍ରକୃତ ସଫଳତା ସାଧୁତା, ନମ୍ରତା ଓ ସେବାରେ ଥାଏ



**ଭୁବନେଶ୍ୱର, ୩୧।୧(ସଂଚାର ବ୍ୟୁରୋ):** ଜୀବନରେ ପ୍ରକୃତ ସଫଳତା ପଦବୀ, କ୍ଷମତା କିମ୍ବା ସମ୍ପତ୍ତିରେ ନୁହେଁ, ବରଂ ସାଧୁତା, କରୁଣା, ନମ୍ରତା ଏବଂ ସେବାରେ ନିହିତ । ଜଣେ ଭଲ ମଣିଷ ହେବା ସର୍ବୋଚ୍ଚ ସଫଳତା ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି । ଶନିବାର କଟକ ଟାଙ୍ଗୀଠାରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ଦ୍ୱିତୀୟ ସମାବର୍ତ୍ତନ ଉତ୍ସବକୁ ସମ୍ବୋଧିତ କରି ରାଜ୍ୟପାଳ ଏହା କହିଛନ୍ତି ।

ଏହି ସମାରୋହରେ ଉଦବୋଧନ ଦେଇ ସ୍ନାତକମାନେ ଚରିତ୍ର ଏବଂ ଶୈକ୍ଷିକ ଉତ୍କର୍ଷତାକୁ ସମାନ ଗୁରୁତ୍ୱ ଦେବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଥିଲେ। ରାଜ୍ୟପାଳ କହିଥିଲେ ଯେ, ମୂଲ୍ୟବୋଧ ବିନା ଜ୍ଞାନ ଅସମ୍ପୂର୍ଣ୍ଣ। ସଚ୍ଚୋଟତା, ସହାନୁଭୂତି ଏବଂ ଦାୟିତ୍ୱବୋଧକୁ ନିଜ ବ୍ୟକ୍ତିଗତ ଏବଂ ବୃତ୍ତିଗତ ଜୀବନରେ ଆପାଣେଇବା ଉପରେ ରାଜ୍ୟପାଳ ଗୁରୁତ୍ୱ ଆରୋପ କରିଥିଲେ । ସ୍ନାତକମାନଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ ଏହି ସମାବର୍ତ୍ତନ ଉତ୍ସବକୁ ସଫଳତା, ପ୍ରତିଫଳନ ଏବଂ ନୂତନ ଆରମ୍ଭର ଏକ ମୁହୂର୍ତ୍ତ ଭାବରେ ବର୍ଣ୍ଣନା କରିଥିଲେ। ରାଜ୍ୟପାଳ କହିଥିଲେ ଯେ, ଏହି ସମାରୋହ ମାର୍ଗଦର୍ଶିତ ଶିକ୍ଷାରୁ ସ୍ୱାଧୀନ ଦାୟିତ୍ୱ ଏବଂ ଛାତ୍ର ଜୀବନରୁ ବୃତ୍ତିଗତ ଏବଂ ନାଗରିକ ଜୀବନକୁ ପରିବର୍ତ୍ତନର ସୂଚନା ଦିଏ। ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଭାରତର ପୂର୍ବତନ ବୈଦେଶିକ ସଚିବ ଡକ୍ଟର ଲଳିତ ମାନସିଂହଙ୍କ ଉପସ୍ଥିତି ପାଇଁ ରାଜ୍ୟପାଳ ଆନନ୍ଦ ପ୍ରକାଶ କରିଥିଲେ ପଦ୍ମଶ୍ରୀ ପୁରସ୍କାରପ୍ରାପ୍ତ ତୁଳସୀ ମୁଣ୍ଡା ଏବଂ ଦମୟନ୍ତୀ ବେଶ୍ରାଙ୍କୁ ସମ୍ମାନଜନକ ଡିଗ୍ରୀ ପ୍ରଦାନ କରାଯାଇଥିବାରୁ ରାଜ୍ୟପାଳ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସେମାନେ ସେବା, ଶିକ୍ଷା, ସାମାଜିକ ସଂସ୍କାର ଏବଂ ଆଦିବାସୀ ସଂସ୍କୃତି ଏବଂ ପରିଚୟର ସଂରକ୍ଷଣର ପ୍ରେରଣାଦାୟକ ପ୍ରତୀକ ବୋଲି କହିଥିଲେ। ଜାତୀୟ ଶିକ୍ଷା ନୀତି ୨୦୨୦କୁ ଆପଣେଇଥିବାରୁ ଡ୍ରିମ୍ସ ବିଶ୍ୱବିଦ୍ୟାଳୟକୁ ପ୍ରଶଂସା କରି ଏକକ ଇଞ୍ଜିନିୟରିଂ କାର୍ଯ୍ୟକ୍ରମରୁ ଏକ ପ୍ରତିଷ୍ଠିତ ବହୁମୁଖୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଏହାର ଯାତ୍ରାକୁ ରାଜ୍ୟପାଳ ପ୍ରଶଂସା କରିଥିଲେ।

---

# ସମୁଦ୍ରରେ ଭାସିଗଲେ ମା'-ପୁଅ

**ପୁରୀ, ୩୧।୧(ସଂଚାର ବ୍ୟୁରୋ):** ପୁଣି ପୁରୀ ସମୁଦ୍ରରେ ଅଘଟଣ। ସମୁଦ୍ରରେ ସ୍ନାନ କରୁଥିବା ବେଳେ ରିପ୍ କରେଣ୍ଟ ନେଇଗଲା ମା'-ପୁଅଙ୍କ ଜୀବନ। ମୃତ ମା'-ପୁଅ ହେଉଛନ୍ତି ଝାଡ଼ଖଣ୍ଡ ରାଞ୍ଚି ଅଞ୍ଚଳର କୁସୁମ ଓ ଅଙ୍କିତ ଗୁପ୍ତା। ମା'-ପୁଅଙ୍କ ମୃତ୍ୟୁକୁ ନେଇ ପୁରୀ ହସ୍ପିଟାଲରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସୂଚନାଯୋଗ୍ୟ ଯେ, ଶନିବାର ସକାଳେ କୁସୁମ ଓ ଅଙ୍କିତ ପରିବାର ଲୋକଙ୍କ ସହ ପୁରୀ ଚକ୍ରତୀର୍ଥ ରୋଡ୍ ପିଙ୍କ୍ ହାଉସ୍ ନିକଟ ବେଳାଭୂମିରେ ସମୁଦ୍ର ସ୍ନାନର ମଜା ନେଉଥିଲେ। ଏକ ବଡ଼ ଲହଡ଼ି ସାଙ୍ଗକୁ ରିପ୍ କରେଣ୍ଟରେ ପଡ଼ି କୁସୁମ ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ମା'ଙ୍କୁ ବଞ୍ଚାଇବାକୁ ଯାଇ ପୁଅ ଅଙ୍କିତ ସମୁଦ୍ର ଭିତରକୁ ଯିବାରୁ ସେ ମଧ ରିପ୍ କରେଣ୍ଟରେ ପଡ଼ି ଗଭୀର ସମୁଦ୍ର ଭିତରକୁ ଚାଲି ଯାଇଥିଲେ। ପରିବାରର ଅନ୍ୟ ସଦସ୍ୟମାନେ ଚିତ୍କାର କରିବାରୁ ସେଠାରେ ଉପସ୍ଥିତ ଥିବା ପ୍ରାଇଭେଟ୍ ଲାଇଫ ଗାର୍ଡ ଓ ମତ୍ସ୍ୟଜୀବୀ ସମୁଦ୍ର ଭିତରକୁ ଯାଇ ମା'-ପୁଅଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ହସ୍ପିଟାଲରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚକ୍ରତୀର୍ଥ ବେଳାଭୂମି ପଟେ ଲାଇଫ୍ ଗାର୍ଡ ମୁତୟନ ହୋଇ ନଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

- ୨ ମୃତକ ରାଞ୍ଚିର ବାସିନ୍ଦା
- କାଳହେଲା ରିପ୍ କରେଣ୍ଟ

---

ଜଗତପୁର ପରେ ନୀଳଗିରି

# ଭାଲୁ ସହ ଲଢ଼ି ଜୀବନ ବଞ୍ଚାଇଲେ ନବମ ଛାତ୍ର

**ନୀଳଗିରି, ୩୧।୧(ସଂଚାର ବ୍ୟୁରୋ):** ଚାଲିଛି ପଶୁ-ମଣିଷ ଲଢେଇ। ସାହସର ସହ ଲଢ଼ିଲେ ପ୍ରଭାତ। ଆଉ ଲଢ଼ି ଲଢ଼ି ଜିତିଛନ୍ତି। ଜିତିଥିବା ପିଲାଟି ହେଉଛନ୍ତି ନବମ ଶ୍ରେଣୀର ଛାତ୍ର। ଭାଲୁ ଆକ୍ରମଣରେ ଗୁରୁତର ପ୍ରଭାତଙ୍କ ଏବେ ହସ୍ପିଟାଲରେ ଚାଲିଛି ଚିକିତ୍ସା। ବାଲେଶ୍ୱର ଜିଲ୍ଲା ନୀଳଗିରି ଥାନା ପୋଡ଼ାଶୂଳ ଗାଁରେ ଏଭଳି ଘଟଣା ଘଟିଛି। ସୂଚନା ଥାଉକି, ରାତିରେ ଖାଦ୍ୟ ଅନ୍ୱେଷଣରେ ସ୍ୱର୍ଣ୍ଣଚୁଡ଼ ଜଙ୍ଗଲରୁ ଆସିଥିଲେ ଦୁଇଟି ଭାଲୁ। ତେବେ ରାସ୍ତା ନପାଇ ବାଟବଣା ହୋଇ ଫେରି ପାରିନଥିଲେ ଭାଲୁମାନେ। ଏମିତିକି ଗାଁରେ ପଶି ଉପଦ୍ରବ ଜାରି ରଖିଥିଲେ। ଗାଁରେ ଆତଙ୍କ ଖେଳାଇବା ବେଳେ ଜଣେ ନବମ ଶ୍ରେଣୀ ଛାତ୍ର ପ୍ରଭାତ ପାତ୍ର ପଡିଯାଇଥିଲେ ଭାଲୁ ହାବୁଡ଼ରେ। ଏତେ ନିକଟରୁ ବିରାଟକାୟ ପଶୁକୁ ଦେଖି ଡରି ନଥିଲେ ପ୍ରଭାତ। ନିଜର ଉପସ୍ଥିତି ବୁଦ୍ଧି ଖଟାଇ ସାହସର ସହ ଲଢ଼ିଥିଲେ ପ୍ରଭାତ। ଶେଷରେ ଭାଲୁ କବଳରୁ ନିଜକୁ ରକ୍ଷା କରି ନୂଆ ଜୀବନ ପାଇଛନ୍ତି ସେ। ଗୁରୁତର ଭାବେ ନିଳଗିରି ମେଡ଼ିକାଲରେ ଭର୍ତ୍ତି ହୋଇଛନ୍ତି। ଗତ କିଛିଦିନ ତଳେ କଟକ ଜଗତପୁର ଅଞ୍ଚଳରେ ଜଣେ ଯୁବକ ବି ବାଘ ସହ ଲଢ଼ି ବଞ୍ଚାଇଥିଲେ ଜୀବନ। ଏମିତିକି ନିଜେ ବାଘକୁ ମାରିଦେଇଥିଲେ। ଘଟଣାକୁ ନେଇ ସବୁଠି ଚର୍ଚ୍ଚା ହୋଇଥିଲା। ବାଘ ସହ ଦୀର୍ଘ ସମୟ ଫିଲ୍ମ ଷ୍ଟାଇଲ୍‌ରେ ଲଢ଼ି ଜୀବନ ରକ୍ଷା କରିଥିଲେ।

---

ମାଓବାଦୀଙ୍କୁ ଡିଜିପିଙ୍କ ଆହ୍ୱାନ

# ତୁରନ୍ତ ସୁରକ୍ଷାକର୍ମୀଙ୍କ ନିକଟରେ ଆତ୍ମସମର୍ପଣ କର



ଅଡିଓ ବାର୍ତ୍ତାରେ ଜାରିକଲେ ଟେଲିଫୋନ ନମ୍ବର

**ମାଲକାନଗିରି,୩୧।୧ (ସଂଚାର ବ୍ୟୁରୋ):** ମାଓବାଦୀଙ୍କୁ ପୁଲିସ ଡିଜିପି ୱାଇ.ବି. ଖୁରାନିଆଙ୍କ ଅଲଟିମେଟମ। ଏକ ଅଡିଓ ବାର୍ତ୍ତା ଜରିଆରେ ସେ ସୁରକ୍ଷାକର୍ମୀଙ୍କ ନିକଟରେ ମାଓବାଦୀମାନେ ତୁରନ୍ତ ଆତ୍ମସମର୍ପଣ କରିବାକୁ ତାଗିଦ କରିଛନ୍ତି। ଓଡ଼ିଶା ପୁଲିସ ଡିଜିପିଙ୍କ ପକ୍ଷରୁ ଜାରି ଅଡିଓ ଟେପ ଜରିଆରେ ଆତ୍ମସମର୍ପଣ ପାଇଁ ଆହ୍ୱାନ କରିଛନ୍ତି ଡିଜିପି।

ସେ କହିଛନ୍ତି ଯେ, ହିଂସାକୁ ଛାଡ଼ି ସମାଜର ମୁଖ୍ୟ ସ୍ରୋତରେ ସାମିଲ ହୁଅନ୍ତୁ ମାଓବାଦୀ। ରାଜ୍ୟ ସରକାର ଆପଣଙ୍କ ପାଇଁ ବହୁତ ଭଲ ଆତ୍ମସମର୍ପଣ ପଲିସି ଲାଗୁ କରିଛନ୍ତି। ଆପଣମାନେ ଯଦି ସରେଣ୍ଡର କରିବାକୁ ଚାହୁଁଛନ୍ତି, ତାହେଲେ ସମସ୍ତ ପ୍ରକାର ସୁବିଧା ଆଉ ସୁରକ୍ଷା ଯୋଗାଇ ଦେବାକୁ ମୁଁ ଆଶ୍ୱାସନା ଦେଉଛି। ଆପଣଙ୍କୁ ସମାଜର ମୁଖ୍ୟସ୍ରୋତରେ ସ୍ୱାଗତ କରୁଛି। ଯେଉଁମାନେ ସରେଣ୍ଡର ପାଇଁ ଆଗ୍ରହୀ, ସେମାନେ ୯୪୩୭୬୪୩୮୮୩୯ରେ ଯୋଗାଯୋଗ କରନ୍ତୁ। ତାପରେ ଆମେ ସମସ୍ତ ବ୍ୟବସ୍ଥା କରିଦେବୁ। ମାଓ ସଂଗଠନର ନେତ୍ରୀ ନିତୁ ପରେ ଅନ୍ୟ ମାଓବାଦୀଙ୍କୁ ମଧ ଆତ୍ମସମର୍ପଣ ପାଇଁ ଆହ୍ୱାନ ଦେଇଛନ୍ତି। ଆତ୍ମସମର୍ପଣ ପରେ ସମସ୍ତ ପ୍ରକାର ସହାୟତା ଦିଆଯିବ। ଏବେ ଆଉ ପୂର୍ବଭଳି ମାଓ ସଂଗଠନ ଦୃଢ଼ ନାହିଁ। ଅନେକ ସରଣ୍ଡେର କଲେଣି। ଆଉ କିଛି ସଂଗଠନରେ ନେତା ରହିଛନ୍ତି। ସେମାନେ ବି ଖୁବଶୀଘ୍ର ଆତ୍ମସମର୍ପଣ କରିବେ ବୋଲି ଜଣାପଡିଛି।

---

ସ୍କୁଲରେ ବାର୍ଷିକୋତ୍ସବ ଚାଲିଥିବା ବେଳେ ଆକ୍ରମଣ

# ନବମ ଶ୍ରେଣୀ ଛାତ୍ରଙ୍କୁ ଖଣ୍ଡାରେ ହାଣିଲା ଦଶମ ଛାତ୍ର

**ବାଲେଶ୍ୱର, ୩୧।୧(ସଂଚାର ବ୍ୟୁରୋ):** ନବମ ଶ୍ରେଣୀ ଛାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଛି ଦଶମ ଶ୍ରେଣୀ ଛାତ୍ର। ବାଲେଶ୍ୱର ଜିଲ୍ଲା ରେମୁଣା ଉଚ୍ଚ ବିଦ୍ୟାଳୟରେ ଘଟିଛି ଏହି ଘଟଣା। ଆଜି ସ୍କୁଲର ବାର୍ଷିକ ଉତ୍ସବ ଥିଲା। କାର୍ଯ୍ୟକ୍ରମ ଚାଲିଥିବା ବେଳେ ଜଣେ ଦଶମ ଶ୍ରେଣୀ ଛାତ୍ର ଜଣେ ନବମ ଶ୍ରେଣୀ ଛାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲା। ନବମ ଶ୍ରେଣୀ ଛାତ୍ରଙ୍କ ମୁଣ୍ଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ତାଙ୍କୁ ବାଲେଶ୍ୱର ସ୍ଥିତ ଫକୀର ମୋହନ ମେଡିକାଲ କଲେଜ ଓ ହସ୍‌ପିଟାଲରେ ଭର୍ତ୍ତି କରାଯାଇଛି।

ଏଭଳି ଏକ ଅପ୍ରତ୍ୟାଶିତ କାଣ୍ଡ ଭିଆଇବା ପରେ ଦଶମ ଶ୍ରେଣୀ ଛାତ୍ର ଜଣଙ୍କ ଥାନାକୁ ଯାଇ ଆତ୍ମସମର୍ପଣ କରିଥିଲା। ତାଙ୍କଠାରୁ ରେମୁଣା ଥାନା ପୁଲିସ ଆକ୍ରମଣରେ ବ୍ୟବହୃତ ଖଣ୍ଡାଟିକୁ ଜବତ କରିଛି। ଦଶମ ଶ୍ରେଣୀ ଛାତ୍ର ଜଣଙ୍କ କାହିଁକି ନବମ ଶ୍ରେଣୀ ଛାତ୍ରଙ୍କୁ ଆକ୍ରମଣ କଲେ, ତାହା ସ୍ପଷ୍ଟ ହୋଇନି। ମିଳିଥିବା ସୂଚନା ଅନୁଯାୟୀ, ଦଶମ ଶ୍ରେଣୀ ଛାତ୍ର ଜଣଙ୍କ ନବମ ଶ୍ରେଣୀର ଜଣେ ଛାତ୍ରୀଙ୍କୁ ଭଲ ପାଉଥିଲେ। ହେଲେ ପରବର୍ତ୍ତୀ ସମୟରେ ସେମାନଙ୍କ ମଧ୍ୟରେ ମନୋମାଳିନ୍ୟ ଘଟିଥିଲା। ପ୍ରେମ ବ୍ୟାପାରକୁ ନେଇ ଦଶମ ଶ୍ରେଣୀ ଛାତ୍ର ଜଣକ ନବମ ଶ୍ରେଣୀର ଛାତ୍ରଙ୍କୁ ଖଣ୍ଡାରେ ଆକ୍ରମଣ କରିଥିବା କୁହାଯାଉଛି।

---

ବନ ବିଭାଗର ବିଫଳ ଉଦ୍ୟମ

# ମାଙ୍କଡ଼ ଆକ୍ରମଣରେ ୫ରୁ ଉର୍ଦ୍ଧ୍ୱ ଆହତ



**ଆଠଗଡ଼, ୩୧।୧(ସଂଚାର ବ୍ୟୁରୋ):** ଥମୁନି ମାଙ୍କଡ଼ ଦୌରାତ୍ମ୍ୟ। ଚତୁର୍ଥ ଦିନରେ ଟ୍ରାଙ୍କୁଲାଇଜ୍ କରିବାରେ ବିଫଳ ହୋଇଛି ବନ ବିଭାଗ। କଟକ ତିଗିରିଆ ଥାନା ଅନ୍ତର୍ଗତ ବଡନାଉପୁଟ ପଞ୍ଚାୟତରେ ମାଙ୍କଡ଼ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ପଡିଲେଣି ଗ୍ରାମବାସୀ। ଗାଁ ସାରା ଘୁରିବୁଲି ଜଣଙ୍କ ପରେ ଜଣଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଛି। ମାଙ୍କଡକୁ ତୁରନ୍ତ ଅଞ୍ଚଳରୁ ଘଉଡାଇବା ପାଇଁ ଦାବି ହେବା ପରେ ବନ ବିଭାଗ ପକ୍ଷରୁ ଚତୁର୍ଥ ଥର ଉଦ୍ୟମ କରାଯାଇଛି। କିନ୍ତୁ ବନ କର୍ମଚାରୀ ମାଙ୍କଡଟିକୁ କାବୁ କରିବାରେ ବିଫଳ ହୋଇଛନ୍ତି। ମାଙ୍କଡ଼ ଆକ୍ରମଣରେ ଖଣ୍ଡହତା ଏବଂ ବଉଳାଙ୍ଗ ଗ୍ରାମର ୫ରୁ ଉର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ ମାଙ୍କଡ଼କୁ ଧରିବାକୁ ଚେଷ୍ଟା କରାଯାଉଛି। ଆଉ କୌଣସି ଅଘଟଣ ଘଟିବା ପୂର୍ବରୁ ଉକ୍ତ ମାଙ୍କଡ଼କୁ ବନ ବିଭାଗ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

---

ଝାରସୁଗୁଡ଼ାରୁ ରାଜସ୍ଥାନ ଚାଲାଣ ହେଉଥିଲା

# ଗୋରୁବୋଝେଇ ଟ୍ରେଲର୍ ଜବତ: ୨୬ ଗୋରୁ ଉଦ୍ଧାର

**ସୁନ୍ଦରଗଡ଼,୩୧।୧(ସଂଚାର ବ୍ୟୁରୋ):** ଆଜି ଭୋର୍ ୩ଟାରେ ବଜରଙ୍ଗ ଦଳ କର୍ମୀଙ୍କ ସହାୟତାରେ ସଦର ଥାନା ପୁଲିସ ସବଡେଗା ରାସ୍ତାର ପଞ୍ଚ ମହଲା ନିକଟରୁ ଏକ ଗୋରୁ ବୋଝେଇ ଟ୍ରେଲର୍ ଜବତ କରିଛି। ଗାଡ଼ିରୁ ୨୫ଟି ବଳଦ ଓ ଗୋଟିଏ ଗାଈକୁ ଉଦ୍ଧାର କରିବା ସହ ଜଣକୁ ଗିରଫ କରିଥିବା ବେଳେ ଚାଳକ ଫେରାର ହୋଇଯାଇଛି। ଗିରଫ ବ୍ୟକ୍ତି ହେଲେ ରାଜସ୍ଥାନ ଜୟପୁର ଏସ୍. ମହମ୍ମଦ। ଗାଡ଼ିଟି (ୟୁପି ୮୦ ସିଟି ୫୭୫୦) ରେ ଝାରସୁଗୁଡ଼ା ଅଞ୍ଚଳରୁ ଗୋରୁ ବୋଝେଇ କରି ରାଜସ୍ଥାନ ଜୟପୁର ଚାଲାଣ କରୁଥିଲେ। ଭଷ୍ମା ମସ୍ନିକାନି ଟୋଲଗେଟ୍ ର ଏକ ଗେଟ୍ ଭାଙ୍ଗି ଦ୍ରୁତଗତିରେ ସୁନ୍ଦରଗଡ଼ ଆଡ଼କୁ ଯାଇଥିଲା। ବଜରଙ୍ଗ ଦଳ ପଛରୁ ଗୋଡ଼ାଇ ମଧ୍ୟରାତ୍ରରେ ସବଡେଗା ପଞ୍ଚମହଲା ନିକଟରେ ଧରିଥିଲେ। ଏହି ସମୟରେ ଚାଳକ ଫେରାର ହୋଇ ଯାଇଛି।

---

# ସଲ୍‌ମାନ ଓ ହ୍ରିତିକଙ୍କ ବିରୋଧରେ ମାମଲା



- କଳାହାଣ୍ଡି ଖାଉଟି ଅଦାଲତରେ ଓଡ଼ିଆ ଆଇନଜୀବୀଙ୍କ ଅଭିଯୋଗ
- ସିନେ ଷ୍ଟାର ସଫ୍ଟ ଡ୍ରିଙ୍କସ ନେଇ ମିଛ ପ୍ରଚାର କରୁଛନ୍ତି

**ଭବାନୀପାଟଣା,୩୧।୧ (ସଂଚାର ବ୍ୟୁରୋ):** ସିନେ ଷ୍ଟାରମାନେ ବିଭିନ୍ନ ବ୍ରାଣ୍ଡର ସଫ୍ଟ ଡ୍ରିଙ୍କ୍ସ ବାବଦରେ ମିଛ ବିଜ୍ଞାପନ କରୁଛନ୍ତି। ଏହା ଛୋଟ ପିଲାଙ୍କ ମାନସିକତାକୁ ପ୍ରଭାବିତ କରୁଛି। ଶିକ୍ଷାର୍ଥୀମାନେ ସେମାନଙ୍କ ବିଜ୍ଞାପନରେ ପ୍ରଭାବିତ ହେଉଛନ୍ତି। ଆଇନଜୀବୀ ଦୀପକ ଦୁବେ କଳାହାଣ୍ଡି ଖାଉଟି ଅଦାଲତର ଦ୍ୱାରସ୍ଥ ହେବା ସହ ପ୍ରତିକାତ୍ମକ ଭାବେ ୧ ଟଙ୍କା କ୍ଷତିପୂରଣ ଓ କ୍ଷମାପ୍ରାର୍ଥନା ଦାବି କରିଛନ୍ତି। ଏଥିସହ ବିଜ୍ଞାପନ ସଂସ୍ଥାଗୁଡିକ ଉପରେ ଏଭଳି ବିଜ୍ଞାପନ ପ୍ରସାରଣ ନେଇ କଟକଣା କରିବାକୁ ଦାବି କରିଛନ୍ତି।

କଳାହାଣ୍ଡି ଖାଉଟି ଅଦାଲତରେ ସେ ବଲିଉଡର ଦୁଇ ସୁପରଷ୍ଟାର ସଲମାନ ଖାନ ଓ ହ୍ରିତିକ ରୋସନଙ୍କ ସହ ପେପସି କମ୍ପାନୀ ଓ ଆଡଭର୍ଟାଇଜମେଣ୍ଟ ଷ୍ଟାଣ୍ଡାର୍ଡସ କାଉନସିଲ ଅଫ ଇଣ୍ଡିଆ ବିରୋଧରେ ମାମଲା କରିଛନ୍ତି ଆଇନଜୀବୀ ଦୀପକ। ସେ ଅଭିଯୋଗ କରିଛନ୍ତି ଯେ, ଏହି ଦୁଇ ସୁପରଷ୍ଟାର ମାଉଣ୍ଟେନ ଡ୍ୟୁ ସଫ୍ଟ ଡ୍ରିଙ୍କସର ବିଜ୍ଞାପନ କରୁଛନ୍ତି। ଏହି ବିଜ୍ଞାପନରେ ମାଉଣ୍ଟେନ ଡ୍ୟୁ ପିଇ ଦୁଇ ସୁପରଷ୍ଟାର ଦୁଃସାହସିକ କାର୍ଯ୍ୟ କରୁଛନ୍ତି। ଏଥିରେ ତାଙ୍କ ୧୧ ବର୍ଷର ପୁଅ ପ୍ରଭାବିତ ହୋଇ ନିଜ ସ୍କୁଲ କ୍ରୀଡା ପ୍ରତିଯୋଗିତାରେ ସଫଳ ହେବାକୁ ନିୟମିତ ଭାବେ ମାଉଣ୍ଟେନ ଡ୍ୟୁ ପିଇବାକୁ ଲାଗିଲା। କିନ୍ତୁ ଏଥିରୁ ତାକୁ କୌଣସି ସୁଫଳ ମିଳିଲା ନାହିଁ।

ତାଙ୍କ ପୁଅ ପରି ଅନ୍ୟ ପିଲାଙ୍କ ଉପରେ ମଧ ଏଭଳି ବିଜ୍ଞାପନ ଖରାପ ପ୍ରଭାବ ପକାଉଛି। ତେଣୁ ସେ ଖାଉଟି ଅଦାଲତରେ ଗତ ସେପ୍ଟେମ୍ବର ୧୯ ତାରିଖରେ ମାମଲା କରିଛନ୍ତି। ଡିସେମ୍ବର ୨୨ ଓ ଜାନୁଆରୀ ୧୯ ତାରିଖରେ ଏହି ମାମଲାରେ ଶୁଣାଣି ହୋଇଛି। ଏବେ ବି ଏହି ମାମଲା ଖାଉଟି ଅଦାଲତରେ ବିଚାରାଧୀନ ରହିଛି। ତେବେ ଏଭଳି ମାମଲା ପ୍ରମାଣିତ କରୁଛି କିଭଳି ସିନେ ଷ୍ଟାରଙ୍କ ମିଛ ବିଜ୍ଞାପନ ଯୁବ ମାନସିକତାକୁ ପ୍ରଭାବିତ କରୁଛି।

---

# ଉତ୍ତରାଧିକାରୀ ଚର୍ଚ୍ଚାରେ କଳିକେଶ ପକାଇଲେ ପୂର୍ଣ୍ଣଚ୍ଛେଦ



- ନବୀନ ସର୍ବୋଚ୍ଚ, ଦ୍ୱିତୀୟ ନେତୃତ୍ୱର ପ୍ରଶ୍ନ ଉଠୁନି
- ଦଳର ଶୃଙ୍ଖଳିତ କର୍ମୀ ଭାବେ କାମ କରିବେ

**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ବଲାଙ୍ଗିର ବିଧାୟକ କଳିକେଶ ନାରାୟଣ ସିଂହଦେଓ। ଆଜି ବିରୋଧୀ ଦଳ ନେତା ତଥା ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ଭେଟିବା ପରେ ସେ ଉତ୍ତରାଧିକାରୀ ଚର୍ଚ୍ଚାର ଅବସାନ ଘଟାଇଛନ୍ତି। ଖୋଲାଖୋଲି ଭାବେ କହିଛନ୍ତି ଦ୍ୱିତୀୟ ନେତୃତ୍ୱ ନେବାର ପ୍ରଶ୍ନ ଉଠୁନି। ନବୀନଙ୍କ ପରେ କୌଣସି ଲିଡରସିପ୍ର ପ୍ରଶ୍ନ ଉଠୁନି।

ସେ କହିଛନ୍ତି ଯେ ନବୀନଙ୍କ ସହ ପୂରା ବିଜେଡି ରହିଛି। ଦଳ ଯାହା ଦାୟିତ୍ୱ ଦେଇଛି ତାହାକୁ ସୂଚାରୁ ରୂପେ ପାଳନ କରୁଛି। ବହୁତ ଦିନ ହେଲା ନବୀନ ବାବୁଙ୍କୁ ଭେଟି ନ ଥିଲି, ଆଜି ଭେଟିଲି। ଆଲୋଚନା ଅଲଗା କିଛି ନାହିଁ, ବଲାଙ୍ଗିର ଜିଲ୍ଲାରେ ସାଙ୍ଗଠନିକ ସ୍ଥିତି ଉପରେ ଆଲୋଚନା ହୋଇଛି। ବଲାଙ୍ଗିର ଜିଲ୍ଲାର ଚାଷୀଙ୍କ ସମସ୍ୟା ବିଷୟରେ ଆମେ ଆଲୋଚନା କଲୁ। କୌଣସି ପ୍ରକାର ନିର୍ଦ୍ଦିଷ୍ଟ ବିଷୟରେ ଆଲୋଚନା ହୋଇନାହିଁ। ରାଜ୍ୟରେ ଯେଉଁ ସ୍ଥିତି ରହିଛି, ନବୀନ ପୁଣି ମୁଖ୍ୟମନ୍ତ୍ରୀ ହେଲେ ତାହା ସୁଧୁରିବ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ୨୪ ବର୍ଷ ଧରି ରାଜ୍ୟକୁ ଗୋଲ୍ଡେନ୍ ପିରିୟଡ୍ ଦେଇଛନ୍ତି ନବୀନ। ଦଳ ଯାହା ଦାୟିତ୍ୱ ଦେବ, ତାହା ନିର୍ବାହ କରିବି ବୋଲି କଳିକେଶ ସ୍ପଷ୍ଟ କରିଛନ୍ତି। ନବୀନ ଥିବା ଯାଏ ଅନ୍ୟ ନେତୃତ୍ୱର ପ୍ରଶ୍ନ ଉଠୁନି। ଗ୍ରାଉଣ୍ଡରେ ସବୁ ଏକାଠି କାମ କରୁଛୁ ବୋଲି କହିଥିଲେ କଳିକେଶ। ଆଗାମୀ ୨୦୨୯ରେ ବି ନିର୍ବାଚନ ଲଢ଼ିବେ ନବୀନ ପଟ୍ଟନାୟକ। ଯେଉଁମାନେ ମୋତେ ସମର୍ଥନ ଦେଇଛନ୍ତି, ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ ବୋଲି କଳିକେଶ କହିଛନ୍ତି। ସୂଚନାଯୋଗ୍ୟ ଯେ କଳିକେଶଙ୍କୁ ନେତୃତ୍ୱ ଦେବା ପାଇଁ ୩ ଦିନ ତଳେ ଚର୍ଚ୍ଚା ହେଉଥିଲା। କିଏ ହେବ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ବୋଲି ତର୍ଜମା ଚାଲିଥିଲା। କଳିକେଶଙ୍କୁ ନେତୃତ୍ୱ ଦେବାକୁ ଦିବ୍ୟଶଙ୍କର ମିଶ୍ର ଓ ଦେବେଶ ଆଚାର୍ଯ୍ୟ ସୁପାରିସ କରିଥିଲେ। ତେବେ ନେତୃତ୍ୱ ପ୍ରସଙ୍ଗକୁ ନେଇ ବିଜେଡିରେ ବିବାଦ ଦେଖାଦେଇଥିଲା। ନେତା ବି ହୋଇଥିଲେ ମୁହାଁମୁହିଁ। କେହି ଆଉ ଉତ୍ତରାଧିକାରୀ ନୁହେଁ, ବରଂ ନବୀନ ସର୍ବୋଚ୍ଚ ନେତା ବୋଲି କହି କଳିକେଶ ସବୁ ଚର୍ଚ୍ଚାରେ ପୂର୍ଣ୍ଣଚ୍ଛେଦ ଟାଣିବାକୁ ଚେଷ୍ଟା କରିଛନ୍ତି।

---

# ଭିଜିଲାନ୍ସ ଜାଲରେ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟ ପ୍ରୋଗ୍ରାମ ଆସିଷ୍ଟାଣ୍ଟ

## ୩୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ



**କଟକ,୩୧।୧(ସଂଚାର ବ୍ୟୁରୋ):** କୁକୁଡ଼ା ଚାଷ ପାଇଁ ଲାଞ୍ଚ ନେଲା ବେଳେ ଜଣେ ସରକାରୀ ବାବୁ ଫସି ଯାଇଛନ୍ତି। ଯାଜପୁର ଜିଲ୍ଲା ବଡ଼ଚଣା ବ୍ଲକ ପ୍ରାଣୀ ଚିକିତ୍ସା କାର୍ଯ୍ୟାଳୟର ପ୍ରୋଗ୍ରାମ ଆସିଷ୍ଟାଣ୍ଟ ସୁଭାଶିଷ ସାମଲ ୩୦,୦୦୦ ଟଙ୍କା ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସେ କୁକୁଡ଼ା ଫାର୍ମ ନିର୍ମାଣର ଦ୍ୱିତୀୟ କିସ୍ତି ସବସିଡି ପାଇଁ ଏହି ଟଙ୍କା ଲାଞ୍ଚ ନେଉଥିଲେ।

ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି ଯେ, ଜଣେ ହିତାଧିକାରୀ ୨୦୨୪ ଡିସେମ୍ବର ୧୨ ତାରିଖରେ ରାଜ୍ୟ ସରକାରଙ୍କ ଯୋଜନାରେ କୁକୁଡ଼ା ଫାର୍ମ ପାଇଁ ଆବେଦନ କରିଥିଲେ। ଏହି ପ୍ରକଳ୍ପ ପାଇଁ ୭,୨୦,୦୦୦ ଟଙ୍କା ଧାର୍ଯ୍ୟ କରାଯାଇଥିଲା। ଏଥିରେ ସବସିଡି ମୂଲ୍ୟ ୪,୩୨,୨୦୦ ଟଙ୍କା ଥିଲା, ଯାହା ୬୦ ପ୍ରତିଶତ। ସରକାରଙ୍କ ଯୋଜନା ଅନୁସାରେ ପ୍ରଥମ କିସ୍ତିର ସବସିଡି ଟଙ୍କା ମିଳିଥିଲା। ପ୍ରକଳ୍ପ ଯାଞ୍ଚ ପରେ ଦ୍ୱିତୀୟ କିସ୍ତି ୨,୧୬,୦୦୦ ଟଙ୍କାରେ ଟଙ୍କା ମିଳିବାର ଥିଲା। ତେବେ ଦ୍ୱିତୀୟ କିସ୍ତିର ୨,୧୬,୦୦୦ ଟଙ୍କା ପାଇବା ପାଇଁ ଆବେଦନକାରୀ ଜଣକ ପ୍ରାଣୀଧନ କାର୍ଯ୍ୟାଳୟରେ ଅନୁରୋଧ କରିଥିଲେ ଏବଂ ସେ ଶ୍ରୀ ସାମଲଙ୍କ ସଂସ୍ପର୍ଶରେ ଆସିଥିଲେ। ତେବେ ଦ୍ୱିତୀୟ କିସ୍ତି ଟଙ୍କା ପାଇଁ ଶ୍ରୀ ସାମଲ ୪୦,୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ଆବେଦନକାରୀ ୩୦,୦୦୦ ଟଙ୍କା ଦେବା ପାଇଁ ରାଜି ହୋଇଥିଲେ ଏବଂ ପରେ ଘଟଣା ସଂପର୍କରେ ଭିଜିଲାନ୍ସ ବିଭାଗର ଅଧିକାରୀଙ୍କୁ ଅବଗତ କରିଥିଲେ। ଯୋଜନା ଅନୁସାରେ ଆଜି ଶ୍ରୀ ସାମଲ ଟଙ୍କା ଲାଞ୍ଚ ନେଲାବେଳେ ଭିଜିଲାନ୍ସ ବିଭାଗର କର୍ମଚାରୀମାନେ ଅତର୍କିତ ଚଢ଼ଉ କରିଥିଲେ। ଯାଜପୁର ଜିଲ୍ଲା ବଡ଼ଚଣା ଦେଇ ଯାଇଥିବା ୧୬ ନମ୍ବର ଜାତୀୟ ରାଜପଥ ନିକଟ କାଞ୍ଜିଆ ଛକରୁ ଭିଜିଲାନ୍ସ ବିଭାଗ ଟଙ୍କା ଜବତ କରିଥିଲା। ଭିଜିଲାନ୍ସ ବିଭାଗ ଏହି ଘଟଣା ନେଇ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛି।

---

# ଲିଙ୍ଗରାଜଙ୍କ ମହାଶିବରାତ୍ରୀ ଲାଗି ସମନ୍ୱୟ ବୈଠକ

ଭୋର୍ ୩ଟାରୁ ଖୋଲିବ ମନ୍ଦିର



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଲିଙ୍ଗରାଜ ମହାପ୍ରଭୁଙ୍କ ଚଳିତ ବର୍ଷ ପ୍ରସିଦ୍ଧ ମହାଶିବରାତ୍ରି ପର୍ବ ପାଇଁ ଖୋର୍ଦ୍ଧା ଜିଲ୍ଲାପାଳ ଅମୃତ ଋତୁରାଜଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ କମିଟି ବୈଠକ ସର୍କିଟ ହାଉସ୍‌ରେ ଅନୁଷ୍ଠିତ ହୋଇଛି। ଏଥିରେ ଏକାମ୍ର ବିଧାୟକ ବାବୁ ସିଂ, ବିଏମସି ମେୟର ସୁଲୋଚନା ଦାସ, ସେବାୟତ, ମନ୍ଦିର ପ୍ରଶାସନ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକରେ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ସ୍ୱାଗତ କରିବା ସହ ସମନ୍ୱୟ ବୈଠକରେ ଚିଠା ପ୍ରସ୍ତାବ ଉପସ୍ଥାପନ କରିଥିଲେ। ଆସନ୍ତା ୧୫ ତାରିଖ ଜାଗର ଦିନ ପ୍ରାତଃ ୩ଟା ବେଳେ ମନ୍ଦିର ଖୋଲାଯାଇ ଆବଶ୍ୟକୀୟ ନୀତି କରାଯିବା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଛି। ଏଥିପାଇଁ ସମ୍ପୃକ୍ତ ସେବାୟତଙ୍କ ସହଯୋଗ ଲୋଡ଼ାଯାଇଛି। ସେହିଭଳି ମନ୍ଦିର ଭିତରେ ଭକ୍ତମାନଙ୍କ ସୁବିଧା ପାଇଁ ବ୍ୟାରିକେଡିଂ, ସୌନ୍ଦର୍ଯ୍ୟକରଣ ବ୍ୟବସ୍ଥା କାର୍ଯ୍ୟ ପ୍ରତ୍ନତତ୍ତ୍ୱ ବିଭାଗ ଉପରେ ନ୍ୟସ୍ତ କରାଯାଇଛି। ଅନ୍ୟପକ୍ଷରେ ମନ୍ଦିର ଚାରି ପାଖରେ ଆଲୋକୀକରଣ, ମୌନି ଘାଟ ସଫେଇ, ପ୍ରାଥମିକ ଚିକିତ୍ସା କେନ୍ଦ୍ର ଖୋଲିବା, ଆମ୍ବୁଲାନ୍ସ ମହଜୁଦ, ସାଇନେଜ ଓ ଅସ୍ଥାୟୀ ଶୌଚାଳୟ ନିର୍ମାଣ ପାଇଁ ବିଏମସିକୁ ଦାୟିତ୍ୱ ଦିଆଯାଇଛି। ସେହିଭଳି ଭକ୍ତଙ୍କ ପାଇଁ ସେଡ ନିର୍ମାଣ, ବିଦ୍ୟୁତ ସଂଯୋଗ, ପାନୀୟ ଜଳ ଯୋଗାଣ, ପୁଲିସ ମୁତୟନ,ଟ୍ରାଫିକ ନିୟନ୍ତ୍ରଣ ଓ ଶାନ୍ତି ଶୃଙ୍ଖଳା ରକ୍ଷା, ଅଗ୍ନି ନିର୍ବାପକ ବ୍ୟବସ୍ଥା, ସୂଚନା କେନ୍ଦ୍ର, ସ୍ୱାସ୍ଥ୍ୟ ଓ ପରିମଳ ବ୍ୟବସ୍ଥା, ଆଶୁ ଆରୋଗ୍ୟ କେନ୍ଦ୍ର ପ୍ରତିଷ୍ଠା, ରେଡ଼କ୍ରସ ଓ ଅନ୍ୟାନ୍ୟ ସ୍ୱେଚ୍ଛାସେବୀ ମୁତୟନ ଆଦି ପାଇଁ ବୈଠକରେ ଆଲୋଚନା ହୋଇଛି। ବୈଠକରେ ଉଭୟ ବିଧାୟକ ଓ ମେୟର ଜାଗର ଯାତ୍ରାକୁ ଶୃଙ୍ଖଳାର ସହ ପାଳନ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଛନ୍ତି। ଜିଲ୍ଲାପାଳ ଶ୍ରୀ ଋତୁରାଜ ମଧ ଦାୟିତ୍ୱ ସମ୍ପାଦନ ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ବୈଠକରେ ଭୁବନେଶ୍ୱର ଉପଜିଲ୍ଲାପାଳ ଡଃ ମନୋରଞ୍ଜନ ସାହୁ, ବିଭାଗୀୟ ଅଧିକାରୀ ଓ ବିଭିନ୍ନ ନିଯୋଗର କର୍ମକର୍ତ୍ତା ଉପସ୍ଥିତ ଥିଲେ।

---

# ବାଲିଗୁଡ଼ା ଏସିଏଫ୍ ନିଲମ୍ବିତ

**ବାଲିଗୁଡା,୩୧।୧:(ସଂଚାର ବ୍ୟୁରୋ):** ବହୁଚର୍ଚ୍ଚିତ କନ୍ଧମାଳ ଜିଲା ବାଲିଗୁଡ଼ା ବନଖଣ୍ଡ ଅଧୀନ ବେଲଘର ବନାଞ୍ଚଳରେ ହାତୀ ମୃତ୍ୟୁ ପରେ ଖଣ୍ଡଖଣ୍ଡ କରି କାଟି ମାଟିତଳେ ପୋତିବା ଘଟଣାରେ ଶନିବାର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବିତ କରାଯାଇଛି। ସୂର୍ଯ୍ୟକାନ୍ତ ବେହେରା ଜାନୁୟାରୀ ୫ ତାରିଖରେ ବେଲଘର ବନାଞ୍ଚଳର ମୁଣ୍ଡୁଟି ଜଙ୍ଗଲରେ ହାତୀ ମୃତ ଘଟଣାର ତଦନ୍ତ ପାଇଁ ଯାଇ ଡିଏଫଓଙ୍କୁ ଭୁଲ ରିପୋର୍ଟ ପ୍ରଦାନ କରିଥିଲେ। ହାତୀ ମୃତ ଘଟଣା ଏକ ଗୁଜବ, ଏଥିରେ କୌଣସି ସତ୍ୟତା ନଥିବା ରିପୋର୍ଟରେ ଲେଖିଥିଲେ। ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ଡିଏଫଓ ଘନଶ୍ୟାମ ମହାନ୍ତ ନିଜେ ବେଲଘର ଯିବା ପରେ ଘଟଣାର ସତ୍ୟ ରିପୋର୍ଟ ପ୍ରଦାନ କରିଥିଲେ। ଏହା ପରେ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ତରଫରୁ ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବିତ କରିଥିବା ବେଳେ ଭୁଲ ରିପୋର୍ଟ ପ୍ରଦାନ କରିଥିବା ଅଭିଯୋଗରେ ଏସିଏଫ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବିତ କରଯାଇଥିବା ଜଣାପଡିଛି।

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର
Chief Editor: Ajit Kumar Dash
ମୁଖ୍ୟ ସମ୍ପାଦକ: ଅଜିତ କୁମାର ଦାଶ







## ଭାରତରେ ହ୍ରାସ ପାଉଛି ଧନୀ-ଦାରିଦ୍ର୍ୟ ଅସମାନତା

ନୂଆଦିଲ୍ଲୀ,୩୧।୧: ଭାରତରେ ଗରିବ ଓ ଧନୀଙ୍କ ମଧ୍ୟରେ ଥିବା ବ୍ୟବଧାନ ଧୀରେ ଧୀରେ ହ୍ରାସ ପାଉଛି। ସଂସଦରେ ଆଗତ ୨୦୨୫-୨୬ ଆର୍ଥିକ ସର୍ଭେ ରିପୋର୍ଟରେ ଏହି ଖୁଲାସା ହୋଇଛି। ଦେଶର ସବୁଠାରୁ ନିମ୍ନ ସ୍ତରରେ ଥିବା ୫ ରୁ ୧୦ ପ୍ରତିଶତ ଜନସଂଖ୍ୟାଙ୍କ ମାସିକ ବ୍ୟବହାର କ୍ଷମତାରେ ସର୍ବାଧିକ ବୃଦ୍ଧି ଘଟିଛି। ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ଯୋଗୁଁ ଦାରିଦ୍ର୍ୟ ହ୍ରାସ ପାଇବା ସହ ଏହି ବର୍ଗର ଲୋକଙ୍କ ଆର୍ଥିକ ସ୍ଥିତିରେ ସୁଧାର ଆସିଥିବା ରିପୋର୍ଟରେ ଦର୍ଶାଯାଇଛି। ସବ୍‌ସିଡି, ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (DBT), ପେନ୍‌ସନ୍ ଏବଂ ସ୍ୱାସ୍ଥ୍ୟ ବୀମା ଭଳି ପଦକ୍ଷେପ ଗରିବ ଲୋକଙ୍କ ଆୟ ବୃଦ୍ଧିରେ ସହାୟକ ହୋଇଛି। ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବାକୁ ସହଜରେ ଉପଲବ୍ଧ କରାଇବା ପାଇଁ ସରକାରୀ ବ୍ୟୟ ବୃଦ୍ଧି ପାଇଛି। ଯାହା ଶୋଷିତ ବର୍ଗଙ୍କୁ ଦାରିଦ୍ର୍ୟରୁ ବାହାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି। ଗ୍ରାମାଞ୍ଚଳରେ ଉପଭୋକ୍ତା ଖର୍ଚ୍ଚ ବୃଦ୍ଧି ପାଇଛି, ଯାହା ସ୍ଥାନୀୟ ଅର୍ଥନୀତିକୁ ଗତିଶୀଳ କରିଛି। ଘରୋଇ ଉପଭୋକ୍ତା ବ୍ୟୟ ସର୍ଭେ (HCES) ୨୦୨୩-୨୪ ଅନୁଯାୟୀ, ଗ୍ରାମାଞ୍ଚଳ ଏବଂ ସହରାଞ୍ଚଳରେ ରହୁଥିବା ସର୍ବନିମ୍ନ ୧୦% ଆୟକାରୀ ବର୍ଗଙ୍କ ମଧ୍ୟରେ ମାସିକ ମୁଣ୍ଡପିଛା ବ୍ୟୟ (MPCE) ସର୍ବାଧିକ ବଢ଼ିଛି। ଏହା ଦର୍ଶାଉଛି ଯେ ସରକାରଙ୍କ 'ଅନ୍ତ୍ୟୋଦୟ' ଲକ୍ଷ୍ୟ ସଫଳ ହେଉଛି। ସର୍ଭେରେ କୁହାଯାଇଛି ଯେ ଗ୍ରାମାଞ୍ଚଳର ପାରମ୍ପରିକ ସଂସ୍କୃତି ଓ ପରିବେଶକୁ ବଜାୟ ରଖିବା ସହ ସେଠାରେ ନୂତନ ଜୀବିକା ଓ ଶିକ୍ଷାର ସୁଯୋଗ ସୃଷ୍ଟି କରିବାକୁ ହେବ। ଏଥିପାଇଁ ଗ୍ରାମୀଣ ଅର୍ଥନୀତିରେ ଆଧୁନିକ ଜ୍ଞାନକୌଶଳର ବ୍ୟବହାର ଏବଂ ସମୁଦାୟର ସକ୍ରିୟ ଅଂଶଗ୍ରହଣ ଉପରେ ଗୁରୁତ୍ୱ ଦିଆଯାଇଛି।



# ରୁଷ ତେଲରୁ ମୁହଁ ମୋଡୁଛି ଭାରତ

## ଭେନେଜୁଏଲାରୁ କିଣିବାକୁ ଆମେରିକାର ଅଫର

ନୂଆଦିଲ୍ଲୀ, ୩୧।୧: ସୁଧୁରୁଛି ଭାରତ ଏବଂ ଆମେରିକା ସମ୍ପର୍କ। ଖୁବ୍ ଶୀଘ୍ର ଭାରତକୁ ଦେବ ଭେନେଜୁଏଲାର ତେଲ। ଏନେଇ ମିଳିଛି ଟ୍ରମ୍ପ ପ୍ରଶାସନର ଗ୍ରୀନ ସିଗନାଲ। ଏହି ପଦକ୍ଷେପ ରୁଷୀୟ ତୈଳର ବିକଳ୍ପ ଭାବରେ କାର୍ଯ୍ୟ କରିବ। ଭାରତ ରୁଷୀୟ ତୈଳ କ୍ରୟକୁ ଯଥେଷ୍ଟ ହ୍ରାସ କରିଛି। ଭେନେଜୁଏଲାର ତେଲ ତୈଳ ଅଭାବକୁ ପୂରଣ କରିବାରେ ସାହାଯ୍ୟ କରିପାରେ। ଭେନେଜୁଏଲାର ଯୋଗାଣ ପରେ, ଆମେରିକା ଭାରତ ସହିତ ବାଣିଜ୍ୟ ଚୁକ୍ତି ଆରମ୍ଭ କରିପାରେ। ରଏଟର୍ସର ରିପୋର୍ଟ ଅନୁଯାୟୀ, ଡୋନାଲ୍ଡ ଟ୍ରମ୍ପ ପ୍ରଶାସନ ଭାରତକୁ ସୂଚିତ କରିଛି ଯେ ଆମେରିକା ଖୁବ୍ ଶୀଘ୍ର ଭାରତକୁ ଭେନେଜୁଏଲାର ତେଲ ଯୋଗାଣ ଆରମ୍ଭ କରିପାରେ। ଏଥିରେ କୁହାଯାଇଥିଲା ଯେ ଏହି ଯୋଗାଣର ପ୍ରାଥମିକ ଉଦ୍ଦେଶ୍ୟ ହେଉଛି ଭାରତକୁ ରୁଷୀୟ ତୈଳର ବିକଳ୍ପ ଭାବରେ ଏକ ନୂତନ ତୈଳ ଉତ୍ସ ଯୋଗାଇବା। ମାର୍ଚ୍ଚ 2025ରେ ରାଷ୍ଟ୍ରପତି ଟ୍ରମ୍ପ ଭେନେଜୁଏଲାର ତୈଳ ଉପରେ 25% ଶୁଳ୍କ ଲାଗୁ କରିଥିଲେ। ଜାନୁଆରୀ ୩ରେ, ଆମେରିକା ଭେନେଜୁଏଲାର ରାଷ୍ଟ୍ରପତି ନିକୋଲାସ ମାଦୁରୋଙ୍କୁ ଗିରଫ କରିଥିଲା, ଯାହା ପରବର୍ତ୍ତୀ ସମୟରେ ୱାଶିଂଟନର ନୀତିରେ ପରିବର୍ତ୍ତନ ଆଣିଥିଲା। ଆମେରିକା ପୂର୍ବରୁ ରୁଷର ତୈଳ ରାଜସ୍ୱ ହ୍ରାସ କରିବାକୁ ଚେଷ୍ଟା କରିଆସୁଛି। ଆମେରିକା ଅଭିଯୋଗ କରିଛି ଯେ ରୁଷ ଯୁଦ୍ଧ ଉଦ୍ଦେଶ୍ୟରେ ସେହି ଆୟ ବ୍ୟବହାର କରେ। ଯଦି ଭାରତ ଭେନେଜୁଏଲାରୁ ତେଲ କିଣିବା ଆରମ୍ଭ କରେ, ତେବେ ଏହା ଆମେରିକାର ଯୋଜନା ସହିତ ସମାନ ହେବ। ପ୍ରତିବଦଳରେ ଆମେରିକା ଭାରତ ଉପରେ ଲାଗୁ ହୋଇଥିବା ୫୦ ପ୍ରତିଶତ ଶୁଳ୍କକୁ ଯଥେଷ୍ଟ ହ୍ରାସ କରିବାର ସମ୍ଭାବନା ଅଛି।

# ଭାରତୀୟ ପୁଞ୍ଜି ବଜାରରେ ନିବେଶ କରିବାକୁ ଉଦ୍ୟୋଗୀମାନଙ୍କୁ ଏନ୍‌ଏସ୍‌ଇ ଏମ୍‌ଡିଙ୍କ ଆହ୍ୱାନ



ନୂଆଦିଲ୍ଲୀ, ୩୧।୧: ହଜାରେ ବର୍ଷ ପୂର୍ବେ ବିଶ୍ୱ ଜିଡିପିରେ ଭାରତ ପ୍ରାୟ ୫୦ ପ୍ରତିଶତ ଥିଲା। କିନ୍ତୁ ସ୍ୱାଧୀନତା ପରେ ଏହାର ଅଂଶ ପ୍ରାୟ ୨ ପ୍ରତିଶତକୁ ହ୍ରାସ ପାଇଥିଲା। ଏହା କେବଳ ଉପନିବେଶବାଦୀ ଶୋଷଣ ଯୋଗୁଁ ନୁହେଁ ବରଂ ନୂତନ ପ୍ରଯୁକ୍ତିବିଦ୍ୟା ପ୍ରଗତି ସହିତ ଖାପ ଖୁଆଇବାରେ ବିଫଳ ହେବା ଯୋଗୁଁ ମଧ ହୋଇଥିଲା। ୧୯୯୧ରେ ଆର୍ଥିକ ଉଦାରୀକରଣ ପରଠାରୁ ବିଶ୍ୱ ଜିଡିପିରେ ଭାରତର ଅଂଶ ପ୍ରାୟ ୪ ପ୍ରତିଶତକୁ ବୃଦ୍ଧି ପାଇଛି। ଏବେ ଭାରତର ସମୟ ଆସିଯାଇଛି ବୋଲି କହି ବିଦେଶୀ ବ୍ୟବସାୟଗୁଡ଼ିକୁ ଦେଶରେ ନିବେଶ କରିବାକୁ ଆହ୍ୱାନ କରିଛନ୍ତି ଏନଏସଇ ଏମଡି ଏବଂ ସିଇଓ ଆଶିଷ କୁମାର ଚୌହାନ।

ମୁମ୍ବାଇରେ ବ୍ୟବସାୟିକ ସମ୍ପ୍ରଦାୟକୁ ସମ୍ବୋଧିତ କରିବା ସମୟରେ ଚୌହାନ କହିଥିଲେ- ୧୨.୫ କୋଟିରୁ ଅଧିକ ନିବେଶକଙ୍କ ସହିତ, ଯଦି ଏନଏସଇ ଏକ ରାଷ୍ଟ୍ର ହୋଇଥାନ୍ତା, ତେବେ ଏହାର ନିବେଶକ ଆଧାର ଜନସଂଖ୍ୟା ଅନୁସାରେ ବିଶ୍ୱର ଶ୍ରେଷ୍ଠ ୧୦ଟି ଦେଶ ମଧ୍ୟରେ ସ୍ଥାନ ପାଇଥାନ୍ତା। ଏନଏସଇ ବର୍ତ୍ତମାନ ଛୋଟ ଉଦ୍ୟୋଗଗୁଡ଼ିକୁ ପୁଞ୍ଜି ସଂଗ୍ରହ କରିବାକୁ ସକ୍ଷମ କରିଥାଏ, ଯାହା ଉଦ୍ୟୋଗୀମାନଙ୍କୁ ପୂର୍ବରୁ ପହଞ୍ଚିବା ବାହାରେ ଥିବା ବଜାରରେ ପ୍ରବେଶ ପ୍ରଦାନ କରିଥାଏ। ଭାରତର ଏକ ତୃତୀୟାଂଶ ଅର୍ଥନୈତିକ ମୂଲ୍ୟ ଏନଏସଇରେ ପ୍ରତିଫଳିତ



ହୁଏ। ବ୍ୟବସାୟୀ ଏବଂ ଉଦ୍ୟୋଗୀମାନଙ୍କୁ ପୁଞ୍ଜି ବଜାରରେ ପ୍ରବେଶ କରିବାକୁ ଆହ୍ୱାନ କରି ସେ କହିଛନ୍ତି, "ଭାରତର ସମୟ ଆସିଯାଇଛି। ଫେରି ଆସନ୍ତୁ, ଏଠାରେ ଆପଣଙ୍କ ବ୍ୟବସାୟ ଗଢ଼ି ତୋଳିବା, ଏନଏସଇରେ ତାଲିକାଭୁକ୍ତ ହେବା। ଆପଣଙ୍କ ପରିଶ୍ରମରେ ଦେଶ କ୍ଷମତା ବୃଦ୍ଧି ପାଇବ। ଏନଏସଇ ସେବି ଠାରୁ ଆଇପିଓ ଦାଖଲ କରିବା ପାଇଁ ସବୁଜ ସଙ୍କେତ ପାଇଛି। ନୋ ଅବଜେକ୍ସନ୍ ସାର୍ଟିଫିକେଟ୍ (ଏନଓସି) ହାତରେ ଲାଗିବା ପରେ ଏନଏସଇ ଆନୁଷ୍ଠାନିକ ଭାବରେ ଏହାର ଆଇପିଓ ଆବେଦନ କିମ୍ବା ଡ୍ରାଫ୍ଟ ରେଡ୍ ହେରିଂ ପ୍ରୋସ୍ପେକ୍ଟସ୍ ପ୍ରସ୍ତୁତ କରିବ।

ସେବି ଅଧ୍ୟକ୍ଷ ତୁହିନ୍ କାନ୍ତା ପାଣ୍ଡେ କିଛି ସପ୍ତାହ ପୂର୍ବରୁ ଏଏନଆଇକୁ କହିଥିଲେ ଯେ ବୋର୍ଡ ଏନଓସି ଜାରି କରିବାର ଶେଷ ପର୍ଯ୍ୟାୟରେ ଅଛି। ଏହା ସହିତ, କାର୍ଯ୍ୟକ୍ରମରେ ଚୌହାନ କହିଥିଲେ ଯେ ଭାରତର ଭବିଷ୍ୟତର ଅଭିବୃଦ୍ଧି ମୁଖ୍ୟତଃ ପ୍ରଯୁକ୍ତିବିଦ୍ୟା। ଗ୍ରହଣ ଏବଂ ଏହାର ଯୁବ ଜନସଂଖ୍ୟା ଦ୍ୱାରା ଗଢ଼ି ଉଠିବ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଆଗାମୀ ଦଶନ୍ଧିଗୁଡ଼ିକରେ ଜନସଂଖ୍ୟାଗତ ଧାରା ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବ। "ଜାପାନ, ଦକ୍ଷିଣ କୋରିଆ, ଚୀନ୍, ୟୁରୋପ ଏବଂ ଏପରିକି ଆମେରିକା ଭଳି ବୟସ୍କ ଜନସଂଖ୍ୟା ଥିବା ଦେଶଗୁଡ଼ିକ ଜନ୍ମହାର ହ୍ରାସ ହେତୁ ମନ୍ଥର ଅଭିବୃଦ୍ଧିର ସମ୍ମୁଖୀନ ହେଉଛନ୍ତି। ବିପରୀତରେ ଭାରତ ଦୀର୍ଘ ସମୟ ପାଇଁ ଯୁବ ରହିବ ବୋଲି ଆଶା କରାଯାଉଛି। ଯାହା ବିଶ୍ୱର ଯୁବ ଜନସଂଖ୍ୟାର ପ୍ରାୟ 25 ପ୍ରତିଶତ ଅଟେ। ଯୁବ ସମାଜଗୁଡ଼ିକ ପ୍ରଯୁକ୍ତିବିଦ୍ୟା ସହିତ ଶୀଘ୍ର ଖାପ ଖୁଆଇ ପାରନ୍ତି। ଭାରତର ୟୁପିଆଇ, ସ୍ୱୟଂଚାଳିତ ବ୍ୟାଙ୍କିଙ୍ଗ ଏବଂ ଦେଶବ୍ୟାପୀ ସଂଯୋଗ ଭଳି ଡିଜିଟାଲ୍ ଭିତ୍ତିଭୂମିର ଦ୍ରୁତ ଗ୍ରହଣ ବିଶ୍ୱସ୍ତରରେ ଏକ ଅନନ୍ୟ ଇକୋସିଷ୍ଟମ ସୃଷ୍ଟି କରିଛି। ଆଗାମୀ ୫୦ ବର୍ଷ ମଧ୍ୟରେ, ମାନବଜାତି ଆହୁରି ଅଧିକ ସମ୍ପତ୍ତି ସୃଷ୍ଟି କରିବ, ଏବଂ ଭାରତ ଏକ ପ୍ରମୁଖ ଯୋଗଦାନକାରୀ ହେବ।

## ପାନ ମସଲା ଓ ସିଗାରେଟ୍ ସଉକ ହେବ ମହଙ୍ଗା

ନୂଆଦିଲ୍ଲୀ, ୩୧।୧: ଜାନୁଆରୀ ଶେଷ ହୋଇଛି ଓ ଆସନ୍ତାକାଲିଠୁ ଫେବୃଆରୀ ମାସ ଆରମ୍ଭ ହେବ। ଅନେକ ବଡ଼ ପରିବର୍ତ୍ତନ ସହ ମାସ ଆରମ୍ଭ ହେବାକୁ ଯାଉଛି। ଏଥିରେ ଏଲପିଜି ସିଲିଣ୍ଡରର ମୂଲ୍ୟ ଠାରୁ ଆରମ୍ଭ କରି ଟୋଲ୍ ଟ୍ୟାକ୍ସ ଓ ଷ୍ଟାସଟ୍ୟାଗ ସହ ଜଡ଼ିତ ନିୟମ ସାମିଲ ରହିଛି। ଅନ୍ୟପଟେ ସବୁଠୁ ବଡ଼ ଝଟକା ପାନ-ମସଲା ଓ ସିଗାରେଟର ସଉକ ରଖୁଥିବା ଲୋକଙ୍କୁ ଲାଗିବାକୁ ଯାଉଛି। ଫେବୃଆରୀ ୧ରୁ ଏହି ତମାଖୁ ସାମଗ୍ରୀର ମୂଲ୍ୟ ବୃଦ୍ଧି ହୋଇପାରେ, କାରଣ ସରକାର ଏହା ଉପରେ ଲାଗୁଥିବା ଟ୍ୟାକ୍ସକୁ ବଢାଇବାକୁ ଯାଉଛନ୍ତି। ଚଳିତ ବର୍ଷ ଆରମ୍ଭରେ ସରକାର ଜିଏସଟି କ୍ଷତିପୂରଣ ସେସ୍ ବଦଳାଇବା ପାଇଁ ଏକ ନୂତନ ଉତ୍ପାଦ ଶୁଳ୍କ ଏବଂ ସେସ୍ ଲାଗୁ କରିଥିଲେ। ରିପୋର୍ଟ ଅନୁଯାୟୀ, ଫେବୃଆରୀ ୧, ୨୦୨୬ ଠାରୁ ଦେଶରେ ତମାଖୁ ଉତ୍ପାଦ ଏବଂ ପାନ ମସଲା ଉପରେ ଅଧିକ ଟିକସ ବ୍ୟବସ୍ଥା କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, ଜିଏସଟି ହାର ସହିତ ତମାଖୁ ଏବଂ ପାନ ମସଲା ଉପରେ ଏହି ନୂତନ ଟିକସ ଲାଗୁ କରାଯିବ।

### ଆଜିଠୁ ବଡ଼ ପରିବର୍ତ୍ତନ



ଜାନୁଆରୀ ଆରମ୍ଭରେ, ଅର୍ଥ ମନ୍ତ୍ରଣାଳୟ ତମାଖୁ, ଜର୍ଦ୍ଦା ଏବଂ ଗୁଟଖା ପ୍ୟାକିଂ ମେସିନ୍ (କ୍ଷମତା ଧାର୍ଯ୍ୟ ଏବଂ ଶୁଳ୍କ ସଂଗ୍ରହ) ନିୟମ ୨୦୨୬କୁ ଲାଗୁ କରିଥିଲା। ଏହି ନିୟମ ଉତ୍ପାଦନ କ୍ଷମତା ମୂଲ୍ୟାଙ୍କନ ଏବଂ ତମାଖୁ ଉତ୍ପାଦର ନିର୍ମାତାଙ୍କଠାରୁ ଶୁଳ୍କ ଆଦାୟ ପାଇଁ ପ୍ରକ୍ରିୟା ନିର୍ଦ୍ଧାରଣ କରିଥାଏ। ରିପୋର୍ଟ ଅନୁସାରେ, ୨୦୨୫ ଡିସେମ୍ବରରେ ସଂସଦ ଦୁଇଟି ବିଲ୍ ଅନୁମୋଦନ କରିବା ପରେ ଏହି ପଦକ୍ଷେପ ନିଆଯାଇଛି। ଏହି ଆଇନ ପାନ ମସଲା ଉତ୍ପାଦନ ଉପରେ ଏକ ନୂତନ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଏବଂ ତମାଖୁ ଉତ୍ପାଦ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରିବାକୁ ଅନୁମତି ଦେଉଛି।

ସରକାରଙ୍କ ସଂଶୋଧିତ ଟିକସ ଗଠନ ଅନୁଯାୟୀ, ଫେବୃଆରୀ ୧ରୁ ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରିବ। ଲମ୍ବା ଓ ପ୍ରିମିୟମ୍ ସିଗାରେଟ୍ ସର୍ବାଧିକ ବୃଦ୍ଧି ପାଇବ। ଏହି ପରିବର୍ତ୍ତନ ସିଗାରେଟର ଲମ୍ବ ଉପରେ ନିର୍ଭର କରି ପ୍ରତି ୧୦୦୦ ଷ୍ଟିକ୍ ପାଇଁ ୨୦୫୦ରୁ ୮୫୦୦ ପର୍ଯ୍ୟନ୍ତ ଉତ୍ପାଦ ଶୁଳ୍କ ଲାଗୁ କରିବ। ଉଲ୍ଲେଖଯୋଗ୍ୟ ଯେ ଏହି ଶୁଳ୍କ ୪୦% ଜିଏସଟି ଠାରୁ ଅଲଗା ହେବ।

କ୍ରିସିଲର ଏକ ରିପୋର୍ଟ ଅନୁଯାୟୀ, ଶୁଳ୍କ ବୃଦ୍ଧି ଯୋଗୁଁ ସିଗାରେଟ୍ ଶିଳ୍ପ ବିକ୍ରିରେ ହ୍ରାସର ସମ୍ମୁଖୀନ ହୋଇପାରେ। ଟିକସ ବୃଦ୍ଧି ଯୋଗୁଁ ଆଗାମୀ ଆର୍ଥିକ ବର୍ଷରେ ଘରୋଇ ସିଗାରେଟ୍ ଶିଳ୍ପରେ ୬-୮ ପ୍ରତିଶତ ହ୍ରାସ ଘଟିବ ବୋଲି କ୍ରିସିଲ୍ ଆକଳନ କରିଛି।

## ସୁନା-ରୁପା ପରି ବଢ଼ିଚାଲିଛି ତମ୍ବାର ଦାମ୍

ନୂଆଦିଲ୍ଲୀ,୩୧।୧: ଯଦି ଆପଣଙ୍କର ଧ୍ୟାନ କେବଳ ସୁନା ଏବଂ ରୂପା ଉପରେ ରହିଛି, ତେବେ ବଜାରକୁ ପୁନଃପରୀକ୍ଷଣ କରିବାର ସମୟ ଆସିଛି। ବିଶ୍ୱ ସାମଗ୍ରୀ ବଜାରରେ ଏକ ଧାତୁ ଦ୍ରୁତ ଗତିରେ ଉଭା ହେଉଛି, ଯାହା ଆଗାମୀ ବର୍ଷଗୁଡ଼ିକରେ ନିବେଶ ଧାରାକୁ ପରିବର୍ତ୍ତନ କରିପାରେ। ଏହି ଧାତୁ ହେଉଛି ତମ୍ବା। ସୁନା ଏବଂ ରୂପା ପୂର୍ବରୁ ସେମାନଙ୍କର ସର୍ବୋଚ୍ଚ ସ୍ତରରେ ପହଞ୍ଚି ସାରିଛନ୍ତି, ତମ୍ବା ଏହାର ପ୍ରକୃତ ବୃଦ୍ଧି ସମ୍ଭାବନା ପାଇଁ ପ୍ରସ୍ତୁତ। ହ୍ରାସ ପାଉଥିବା ଯୋଗାଣ, ଦ୍ରୁତ ଗତିରେ ବଢୁଥିବା ଶିଳ୍ପ ଚାହିଦା ଏବଂ ଏକ ପ୍ରଯୁକ୍ତିବିଦ୍ୟା-ଚାଳିତ ଅର୍ଥନୀତି ତମ୍ବାକୁ ଏକ ରଣନୈତିକ ଧାତୁ କରିଛି। ପ୍ରଥମେ, ଆସନ୍ତୁ ଦୁଇଟି ଧାତୁ ବିଷୟରେ ଆଲୋଚନା କରିବା ଯାହା ଦୀର୍ଘ ଦିନ ଧରି ଭାରତୀୟ ନିବେଶକଙ୍କ ପ୍ରିୟ ହୋଇଆସିଛି। ସୁନା ଏବଂ ରୂପା କିଛି ବର୍ଷ ପୂର୍ବରୁ ଭାରତୀୟ ବଜାରରେ ଅକଳ୍ପନୀୟ କିଛି ହାସଲ କରିଥିଲା। ସୁନା ପ୍ରତି ୧୦ ଗ୍ରାମ ୧.୭୮ ଲକ୍ଷ ଅତିକ୍ରମ କରିଥିଲା, ଯେତେବେଳେ ରୂପା ପ୍ରଥମ ଥର ପାଇଁ ପ୍ରତି କିଲୋ ୪ ଲକ୍ଷ ଛୁଇଁ ଇତିହାସ ସୃଷ୍ଟି କରିଥିଲା। ଏହି ବୃଦ୍ଧି କୌଣସି ଏକ କାରଣ ଯୋଗୁଁ ହୋଇନଥିଲା। ବିଶ୍ୱର ବିଭିନ୍ନ ସ୍ଥାନରେ ବଢୁଥିବା ଉତ୍ତେଜନା, ଦୁର୍ବଳ ହେଉଥିବା ଆମେରିକୀୟ ଡଲାର, କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକର ସୁନା କ୍ରୟ ଏବଂ ନିବେଶକମାନଙ୍କ ନିରାପଦ ଆଶ୍ରୟସ୍ଥଳ ଖୋଜା ସୁନା ଏବଂ ରୂପାର ବୃଦ୍ଧିକୁ ଇନ୍ଧନ ଦେଇଛି। ତଥାପି, ଏକ ସମ୍ପତ୍ତି ସର୍ବୋଚ୍ଚକାଳୀନ ଉଚ୍ଚରେ ପହଞ୍ଚିବା ପରେ, ଅଧିକ ରିଟର୍ଣ୍ଣ ସୀମିତ ହୋଇପାରେ। ଏହି କାରଣରୁ ବଡ଼ ନିବେଶକମାନେ ବର୍ତ୍ତମାନ ପରବର୍ତ୍ତୀ ଅଭିବୃଦ୍ଧି କାହାଣୀ ଖୋଜୁଛନ୍ତି।

ତମ୍ବାକୁ ପ୍ରାୟତଃ ଏକ ଶିଳ୍ପ ଧାତୁ ଭାବରେ ଅଣଦେଖା କରାଯାଏ, କିନ୍ତୁ ୨୦୨୬ ସୁଦ୍ଧା, ଏହି ଧାତୁ ନିବେଶ ଜଗତର "କଳା ଘୋଡା" ଭାବରେ ଉଭା ହେଉଛି। ତମ୍ବା କେବଳ ତାର ଏବଂ ପାଇପ ପର୍ଯ୍ୟନ୍ତ ସୀମିତ ନୁହେଁ; ଏହା ଆଧୁନିକ ଅର୍ଥନୀତିର ମେରୁଦଣ୍ଡ ପାଲଟିଛି। ବିଶେଷଜ୍ଞମାନେ ବିଶ୍ୱାସ କରନ୍ତି ଯେ ଆଗାମୀ ବର୍ଷଗୁଡ଼ିକରେ, ତମ୍ବାର ଚାହିଦା ଯୋଗାଣକୁ ବହୁ ଅଧିକ ହୋଇପାରେ, ଏବଂ ଏହି ଅସନ୍ତୁଳନ ମୂଲ୍ୟକୁ ନୂତନ ଉଚ୍ଚତାକୁ ଠେଲି ଦେଇପାରେ। ତମ୍ବାର ଅନନ୍ୟ ବୈଶିଷ୍ଟ୍ୟ ହେଉଛି ଏହାର ଚାହିଦା କେବଳ ଗୋଟିଏ କ୍ଷେତ୍ରରୁ ଆସିନାହିଁ। ପ୍ରଯୁକ୍ତିବିଦ୍ୟା, ଶକ୍ତି, ଅଟୋମୋବାଇଲ, ଭିତ୍ତିଭୂମି ଏବଂ ସବୁଜ ପରିବର୍ତ୍ତନରେ ତମ୍ବା ଅତ୍ୟାବଶ୍ୟକ। ଏହି କାରଣରୁ ଏହାକୁ ଆଉ କେବଳ ଏକ ସାମଗ୍ରୀ ଭାବରେ ବିବେଚନା କରାଯାଏ ନାହିଁ, ବରଂ ଏକ ରଣନୈତିକ ସମ୍ବଳ ଭାବରେ ବିବେଚନା କରାଯାଏ। ଆଜିର ବିଶ୍ୱରେ, କୃତ୍ରିମ ବୁଦ୍ଧିମତ୍ତା କେବଳ ଏକ ପ୍ରଯୁକ୍ତିବିଦ୍ୟା ନୁହେଁ, ବରଂ ଏକ ଶିଳ୍ପ ବିପ୍ଳବ ପାଲଟିଛି। ଏଆଇ ମଡେଲ, କ୍ଲାଉଡ କମ୍ପ୍ୟୁଟିଂ ଏବଂ ବଡ଼ ଡାଟା ସେଣ୍ଟରଗୁଡ଼ିକ ବିପୁଳ ପରିମାଣରେ ବିଦ୍ୟୁତ ବ୍ୟବହାର କରନ୍ତି। ଏହି ବିଦ୍ୟୁତ ପ୍ରସାରଣ ଏବଂ ପରିଚାଳନା ପାଇଁ ସବୁଠାରୁ ଆବଶ୍ୟକ ଧାତୁ ହେଉଛି ତମ୍ବା। ପ୍ରତ୍ୟେକ ନୂତନ ଡାଟା ସେଣ୍ଟର, ପ୍ରତ୍ୟେକ ଉଚ୍ଚ-କ୍ଷମତା ସମ୍ପନ୍ନ କମ୍ପ୍ୟୁଟିଂ ୟୁନିଟ ଏବଂ ପ୍ରତ୍ୟେକ ସ୍ମାର୍ଟ ଭିତ୍ତିଭୂମି ପ୍ରକଳ୍ପ ତମ୍ବା ଚାହିଦା ବୃଦ୍ଧି କରୁଛି। ଏହା ଆକଳନ କରାଯାଇଛି ଯେ କେବଳ ଏଆଇ



ଏବଂ ଡିଜିଟାଲ ଭିତ୍ତିଭୂମି ଆଗାମୀ ବର୍ଷଗୁଡ଼ିକରେ ତମ୍ବା ଚାହିଦାରେ ତୀବ୍ର ବୃଦ୍ଧି ପାଇବ। ଏହି ଚାହିଦା ଅସ୍ଥାୟୀ ନୁହେଁ, ବରଂ ଗଠନମୂଳକ, ଅର୍ଥାତ ଏହା ଦୀର୍ଘକାଳୀନ ରହିବ। ବିଶ୍ୱ ଦ୍ରୁତ ଗତିରେ ଜୀବାଶ୍ମ ଇନ୍ଧନରୁ ଦୂରେଇ ଯାଇ ସବୁଜ ଶକ୍ତି ଆଡକୁ ଗତି କରୁଛି। ବୈଦ୍ୟୁତିକ ଯାନ, ସୌର ପ୍ୟାନେଲ, ପବନ ଟର୍ବାଇନ ଏବଂ ବ୍ୟାଟେରୀ ସଂରକ୍ଷଣ ପ୍ରଣାଳୀ-ସମସ୍ତ ସବୁଜ ପ୍ରଯୁକ୍ତିବିଦ୍ୟା-ତମ୍ବା ଉପରେ ନିର୍ଭର କରେ। ଏକ ବୈଦ୍ୟୁତିକ କାର ଏକ ପାରମ୍ପରିକ ପେଟ୍ରୋଲ କାର ଅପେକ୍ଷା ବହୁ ଗୁଣ ଅଧିକ ତମ୍ବା ବ୍ୟବହାର କରେ। ସୌର ଏବଂ ପବନ ପ୍ରକଳ୍ପଗୁଡ଼ିକ ବିଶେଷକରି ପରିବହନ ନେଟୱାର୍କରେ ମଧ ବହୁ ପରିମାଣର ତମ୍ବା ଆବଶ୍ୟକ କରେ। ନୂତନ ନବୀକରଣୀୟ ଶକ୍ତି ପ୍ରକଳ୍ପଗୁଡ଼ିକ ବିଶ୍ୱ ତମ୍ବା ଚାହିଦାରେ ପ୍ରାୟ ୨୦ ପ୍ରତିଶତ ବୃଦ୍ଧି ଘଟାଉଛନ୍ତି। ଦେଶଗୁଡ଼ିକ ସେମାନଙ୍କର କାର୍ବନ-ନିରପେକ୍ଷ ଲକ୍ଷ୍ୟ ଆଡକୁ ଯିବା ସହିତ ଏହି ଚାହିଦା ଆହୁରି ଦୃଢ଼ ହେବ।



## ଆଜିର ସୁନା ଦର

ତେବେ ଯଦି ଆପଣ ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୫୮,୬୨୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୪୫,୪୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୫୮,୬୨୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୪୫,୪୦୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୫୮,୬୨୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୪୫,୪୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୫୯,୮୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୪୬,୫୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୫୯,୮୨୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୪୬,୫୦୦ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୫୮,୬୨୦ ଓ ୧,୪୫,୪୦୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୩,୩୫,୦୦୦ ଟଙ୍କା ହୋଇଛି।



## ଆଜିର ପେଟ୍ରୋଲ, ଡିଜେଲ୍ ଦର

ଗାଡ଼ିରେ ପେଟ୍ରୋଲ କିମ୍ବା ଡିଜେଲ ପକାଇବା ପୂର୍ବରୁ ଜାଣି ନିଅନ୍ତୁ ଦର। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ଟଙ୍କା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୪ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫. ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

ସଂଚାର THE SANCHAR

### ଧର୍ମଗଡ଼ରେ ମାଳ ମାଳ ଘରୋଇ ଫାଇନାନ୍ସ କମ୍ପାନୀ

# ଋଣ କିସ୍ତି ସୁଝି ନପାରି ଗରିବ ମହିଳା ନିର୍ଯାତିତ

**କଳାହାଣ୍ଡି,୩୧।୧(ସଂଚାର ବ୍ୟୁରୋ):** ମହିଳା ମାନଙ୍କୁ ଆତ୍ମନିର୍ଭରଶୀଳ, ସ୍ୱାବଲମ୍ବୀ ଓ ସଶକ୍ତ କରିବା ଲକ୍ଷରେ ସରକାରଙ୍କ ପକ୍ଷରୁ ସ୍ୱୟଂ ସହାୟିକା ଗୋଷ୍ଠୀ ଗଠନ କରାଯାଇ ବିଭିନ୍ନ ଯୋଜନାରେ ଜାତୀୟକରଣ ଓ ଅନ୍ୟାନ୍ୟ ବ୍ୟାଙ୍କ ଜରିଆରେ ଋଣ ଲଗାଣ କରାଯାଉଛି ଓ ବିଗତ କିଛି ବର୍ଷ ହେଲା ଧର୍ମଗଡ଼ ସହର ତଥା ଏହାର ଆଖପାଖ କେତେକ ଅଞ୍ଚଳରେ ବିଭିନ୍ନ ନାମରେ ଛତୁ ଫୁଟିଲା ଭଳି ମାଳମାଳ ଘରୋଇ ଫାଇନାନ୍ସ କମ୍ପାନୀ ଠାରୁ ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଋଣ ଆଣି ବହୁ ମହିଳା ଗୋଷ୍ଠୀ ତଳିତଳାନ୍ତ ହେବାକୁ ବସିଲେଣି ବୋଲି ବିଭିନ୍ନ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଧର୍ମଗଡ଼ ଅଞ୍ଚଳରେ ବିଭିନ୍ନ ନାମରେ ଶାଖା କାର୍ଯ୍ୟାଳୟମାନ ଖୋଲିଥିବା କେତେକ ଘରୋଇ ଫାଇନାନ୍ସ କମ୍ପାନୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳର ମହିଳାମାନଙ୍କୁ ନେଇ ଛୋଟ ଛୋଟ ଗୋଷ୍ଠୀ ଗଠନ କରି ଋଣ ପ୍ରଦାନ କରୁଛନ୍ତି। ଏହା ପରେ ସେହି ଗୋଷ୍ଠୀର ସଦସ୍ୟମାନଙ୍କ ଠାରୁ ସାପ୍ତାହିକ, ପାକ୍ଷିକ ଓ ମାସିକ ଧାର୍ଯ୍ୟ ଦିନରେ ସୁଧମୂଳ ସହ କିସ୍ତି ଅନୁଯାୟୀ ନିଜ ନିଜ ସଂସ୍ଥାମାନଙ୍କ ଏଜେଣ୍ଟ ମାନଙ୍କ ଜରିଆରେ ଅର୍ଥ ଆଦାୟ କରୁଛନ୍ତି। ତେବେ କିସ୍ତି ଅନୁଯାୟୀ ଠିକ୍ ସମୟରେ କୌଣସି କାରଣରୁ ପରିଶୋଧ କରିବାରେ ବିଭିନ୍ନ ସମୟରେ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି। କେତେକ ଘରୋଇ ଅର୍ଥଲଗାଣକାରୀ ସଂସ୍ଥାର କର୍ମଚାରୀ ଋଣୀଦାତାଙ୍କ ଘର ନିକଟରେ ପହଞ୍ଚି ନିର୍ଦ୍ଦିଷ୍ଟ ତାରିଖ ଓ ସମୟରେ କିସ୍ତି ଟଙ୍କା ଦେବା ପାଇଁ ଧମକ ଚମକ ଦେଉଥିବା ମଧ ଅଭିଯୋଗ ହେଉଛି।ଧର୍ମଗଡ଼ ଅଞ୍ଚଳର ବହୁ ଗରିବ ଓ ଖଟିଖିଆ ମାନଙ୍କୁ କେତେକ ଘରୋଇ ଫାଇନାନ୍ସ କମ୍ପାନୀ ଟାର୍ଗେଟ୍ କରି ଋଣ ପ୍ରଦାନ କରୁଥିବା ଦେଖିବାକୁ ମିଳୁଛି। କେତେକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀ ମହିଳା ଗୋଷ୍ଠୀଙ୍କୁ ଋଣ ଦେବା ପୂର୍ବରୁ ଆବଶ୍ୟକୀୟ ଆଧାର କାର୍ଡ ଓ ଫଟୋ ପରିଚୟ ପତ୍ର ସଂଗ୍ରହ କରିବା ସାଙ୍ଗକୁ ଇଂରାଜୀରେ ଲିଖିତ ଅନେକ ଦସ୍ତାବିଜରେ ଦସ୍ତଖତ କରିନେଉଥିବା ଅଭିଯୋଗ ହେଉଛି। ଋଣ ପରିଶୋଧ ସମୟରେ କେତେକ ମହିଳା ଗୋଷ୍ଠୀ ନାନା ସମସ୍ୟାର ସମ୍ମୁଖୀନ ହେବା ସାଙ୍ଗକୁ ମୋଟା ରକମର ସୁଧ ଗଣି ତଳିତଳାନ୍ତ ହେଉଥିବା ଏକ ଅନୁସନ୍ଧାନରୁ ଜଣାପଡ଼ିଛି। ତେଣୁ ଘରୋଇ ଅର୍ଥ ଲଗାଣକାରୀ ସଂସ୍ଥା ଉପରେ ନିୟନ୍ତ୍ରଣ ରଖିବା ପାଇଁ ସରକାର ଏକ ଆଇନ ଆଣିବା ଜରୁରୀ ବୋଲି ସଚେତନ ନାଗରିକ ମହଲରେ ଦୃଢ଼ ଦାବି ହେଉଛି। ଜିଲ୍ଲା ପ୍ରଶାସନ ତଥା ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ତୁରନ୍ତ ଧ୍ୟାନ ଦେଇ ଗରିବ, ଅଶିକ୍ଷିତ ଓ ଖଟିଖିଆ ମହିଳାମାନଙ୍କ ବୃହତ୍ତର ସ୍ୱାର୍ଥରକ୍ଷା ଦୃଷ୍ଟିରୁ ଘରୋଇ ଅର୍ଥଲଗାଣକାରୀ ସଂସ୍ଥା ଗୁଡ଼ିକ ଭାରତୀୟ ରିଜର୍ଭ ବ୍ୟାଙ୍କର ନୀତିନିୟମ ଅନୁଯାୟୀ କାରବାର କରୁଛନ୍ତି କି ନାହିଁ ତାହାରି ଉପରେ ଏକ ଉଚ୍ଚସ୍ତରୀୟ ଯାଞ୍ଚ କରିବା ଦିଗରେ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦୃଢ଼ ଦାବି ହେଉଛି।

## ପ୍ରଶାସନ ଦ୍ୱାରା ଜବରଦଖଲ ଉଚ୍ଛେଦ



**ବାଲିପାଟଣା,୩୧।୧(ସଂଚାର ବ୍ୟୁରୋ):** ଗାରେଡ଼ିପାଞ୍ଚଣ ଛକ ନିକଟରେ ବହୁଦିନ ଧରି ସରକାରୀ ଜମିକୁ ଜବରଦଖଲ କରି ରହିଥିବା ବାଂଲାଦେଶୀ ଅନୁପ୍ରବେଶକାରୀ ଙ୍କୁ ଆଜି ଶନିବାର ପୂର୍ବାହ୍ନ ରେ ଜିଲ୍ଲାପାଳ ଙ୍କ ଆଦେଶରେ ଏହି ଗୋଚର ଜମିରୁ ଉଚ୍ଛେଦ କରାଯାଇଛି।ବାଲିପାଟଣା ତହସିଲଦାର କଳ୍ପନା ଦାସ ପୋଲିସ ଫୋର୍ସ ସହିତ ଉପସ୍ଥିତ ରହି ଜେ ସି ପି ଲଗାଇ ଏଠାରେ ଥିବା ପ୍ରାୟ ଦଶ ବଖରା ଘର ମାଟିରେ ମିଶାଇ ଦେଇଛନ୍ତି।ପୂର୍ବରୁ ଗ୍ରାମବାସୀ ଙ୍କ ତରଫରୁ ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀ ମାନଙ୍କୁ ଦାବିପତ୍ର ମାନ ଦିଆଯାଇ ସରକାରୀ ଜମିରୁ ଉଚ୍ଛେଦ ପାଇଁ ଦାବି କରାଯାଇ ଆସୁଥିଲା। ୬ ଗୋଟି ପରିବାର ମଧ୍ୟରୁ ଆଜି କୋର୍ଟ ଆଦେଶ ଯୋଗୁଁ ଅସୀମ ମଜୁମଦାର ଙ୍କର ଘର ଭଙ୍ଗାଯାଇ ନାହିଁ।ତାଙ୍କୁ ଦୁଇସପ୍ତାହ ମହଲତ ଦିଆଯାଇଛି।ଘରଭଙ୍ଗା ଯାଇଥିବା ଅନ୍ୟ ବ୍ୟକ୍ତି ମାନେ ହେଲେ ଅବିନାଶ ମଜୁମଦାର, ଲକ୍ଷ୍ମୀ ମଜୁମଦାର, ନରେନ୍ ମଜୁମଦାର, ଲାବଣ୍ୟ ମଜୁମଦାର।ଖାତା ନଂ ୧୦୫୧ ଓ ପ୍ଲଟ ନ ୧୨୦୬ ରେ ସେମାନେ ଘର ତିଆରି କରି ରହିଥିବାରୁ ସ୍ଥାନୀୟ ଗ୍ରାମବାସୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇ ଆସୁଥିଲେ।ତହସିଲଦାର ଙ୍କ ସହିତ ଅତିରିକ୍ତ ତହସିଲଦାର ସୌରଭ କୁମାର ବଡୁ, ସୁପରଭାଇଜର ଜଗନ୍ନାଥ ମହାରଣା, ରାଜସ୍ୱ ନୀରିକ୍ଷକ ମିତାଞ୍ଜଳି ମହାନ୍ତି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## କାଳିପଦା ବଜାରରୁ ଜବରଦଖଲ ଉଚ୍ଛେଦକୁ ବିରୋଧ




**ବାଲିଆପାଳ,୩୧।୧(ସଂଚାର ବ୍ୟୁରୋ):** ବାଲିଆପାଳ ରୁ ଡଗରା ବଡ ଗୁମୁଟି ଛକ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ କରାଯିବ। ରାସ୍ତା ନିର୍ମାଣ ହେଲେ କାଳିପଦା ବଜାର ଟି ଉଛେଦ ହେବ।ପ୍ରଶସ୍ତିକରଣକୁ ବିରୋଧ କରି ଶନିବାର କାଳିପଦା ଠାରେ ଥିବା କାଳୀ ମନ୍ଦିର ପରିସରରେ କାଳିପଦା ବଜାର କମିଟି ଏବଂ କାଳିପଦା ବଞ୍ଚାଓ ଅଭିଯାନ ପକ୍ଷରୁ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଖବରଦାତା ସମ୍ମିଳନୀରେ କାଳିପଦା ବଞ୍ଚାଓ ଅଭିଯାନର ଆବାହକ ଅରୁଣ ଜେନା, ବଜାର କମିଟିର ସଭାପତି ନିତ୍ୟାନନ୍ଦ ଦାସ, ସଦସ୍ୟ ଅନନ୍ତ ପିଳା, ଅମୂଲ୍ୟ ଦାସ ଉପସ୍ଥିତ ଥିଲେ। ସୁଚନାରୁ ପ୍ରକାଶ ହେବାକୁ ଥିବା ପ୍ରସ୍ତାବିତ ଚଉମୁଖ ବନ୍ଦର କାର୍ଯ୍ୟକୁ ସରକାର ତ୍ୱରାନ୍ୱିତ କରିବା ପାଇଁ ପୂର୍ତ୍ତ ବିଭାଗ ଦ୍ୱାରା ରାସ୍ତାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଛନ୍ତି। ଯାହାକି ରାସ୍ତାର ଓସାର ୮୦ ରୁ ୧୦୦ କଡି ପ୍ରଶସ୍ତ ରହିଛି। ଏହି ପ୍ରସସ୍ତିକରଣ ହେଲେ କାଳିପଦା ବଜାର ଠାରେ ଥିବା ଶହ ଶହ ଉଠା ଦୋକାନୀ, ସ୍ଥାୟୀ କୋଠା ଘରଦ୍ୱାର ଭାଙ୍ଗିବା ସହିତ କାଳିପଦା ବଜାର ଠାରେ ଥିବା କାଳି ମନ୍ଦିର ଶ୍ରୀ ହୀନ ହେବାରୁ କେହି ବଞ୍ଚାଇ ପାରିବେ ନାହିଁ ବୋଲି ଶ୍ରୀ ଦାସ କହିଛନ୍ତି। ଏନେଇ ପୂର୍ତ୍ତ ବିଭାଗ ପକ୍ଷରୁ ଆଠ ଦିନ ମଧରେ ଉଠିଯିବା ପାଇଁ ଡାକ ବାଜି ଯନ୍ତ୍ର ମାଧମରେ ଲୋକଙ୍କୁ ଚେତାବନୀ ଦିଆଯାଇଛି। ଯାହାକି ଗରିବ ଲୋକଙ୍କ ପେଟକୁ ନାତ ମାରିବା ସଦୃଶ।

## ବିବାହିତ ମହିଳାଙ୍କୁ ମରଣାତ୍ମକ ଆକ୍ରମଣ
### ଥାନାରେ ଲିଖିତ ଅଭିଯୋଗ ପରେ ଜଣେ ଅଟକ

**ବାଲିଆପାଳ,୩୧।୧(ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ ଜମ୍ବିରାଇ ପଞ୍ଚାୟତ ଅନୁଗୁଳର ଜନୈକ ମହିଳା ଟୁନା ବର ନାମକ ବ୍ୟକ୍ତି ଙ୍କୁ ୧୦ ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ। ମହିଳାଙ୍କୁ ସ୍ୱାମୀ, ଦିଅର ରବିନ୍ଦ୍ର ଏବଂ ସାନଯା ପୂର୍ଣ୍ଣିମା ଦୀର୍ଘ ଦିନ ଧରି ଶାରୀରିକ, ମାନସିକ ନିର୍ଯ୍ୟାତନା ଦେଇ ଆସୁଥିଲେ। ଏନେଇ ମହିଳା ଜଣଙ୍କ ଡିସେମ୍ବର ୮ ତାରିଖରେ ବାଲିଆପାଳ ଥାନା ରେ ଅଭିଯୋଗ କରିଥିଲେ। ପୋଲିସ ପକ୍ଷରୁ ଏକ ମାମଲା ରୁଜୁ ହୋଇଥିଲା। ମାମଲା ରୁଜୁ ହେବା ପରେ ମଧ ମହିଳା ଜଣଙ୍କ ଶାଶୁ ଘରେ ରହିଆସୁଥିଲେ। ଶୁକ୍ରବାର ଘରୋଇ ବିବାଦରୁ ଏହା ଉଗ୍ର ରୁପ ଧାରଣ କରିଥିଲା। ସ୍ୱାମୀ ଦେଉର ଏବଂ ଯା ଜନୈକ ମହିଳାଙ୍କୁ ମରଣାତ୍ମକ ଆକ୍ରମଣ ଉଦ୍ୟମ କରିଥିଲେ। ପାଖରେ ଥିବା ସମ୍ପର୍କୀୟ ଭାଇ ଉଦ୍ଧାର କରି ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ଏନେଇ ରାତିରେ ପୁଣି ମହିଳା ଅଭିଯୋଗ କରିବା ପରେ କେଶ ନଂ ୫୩ /୨୬ ମାମଲା ରୁଜୁ ହୋଇଛି ଦେଉର କୁ ପୋଲିସ ଅଟକ ରଖିଥିବା ବେଳେ ଶିଘ୍ର ଆଉ ଅନ୍ୟ ଅଭିଯୋଗ କାରୀଙ୍କୁ ଗିରଫ କରାଯିବା ବୋଲି ବାଲିଆପାଳ ଆଇଆଇସି ସାଲିଖାନ ମୁର୍ମୁ କହିଛନ୍ତି।

## ଯଙ୍ଗ ବ୍ଲଡ ପବ୍ଲିକ ସ୍କୁଲ
## ରୁପ୍ରାରୋଡର ତୃତୀୟ ବାର୍ଷିକ ଉତ୍ସବ

**ନର୍ଲା,୩୧।୧(ସଂଚାର ବ୍ୟୁରୋ):** ଯଙ୍ଗ ବ୍ଲଡ଼ ପବ୍ଲିକ ସ୍କୁଲ ରୁପ୍ରାରୋଡର ତୃତୀୟ ବାର୍ଷିକ ଉତ୍ସବ ଏକ ବର୍ଣ୍ଣାଢ୍ୟ ପରିବେଶ ମଧରେ ଅନୁଷ୍ଠିତ ହୋଇଯାଇଛି। ନର୍ଲା ବ୍ଲକ ଲାଖଗୁଡା ସ୍ଥିତ ସ୍କୁଲର ନୂତନ କ୍ୟାମ୍ପସରେ ଶନିବାର ସନ୍ଧ୍ୟାରେ ଏନେଇ ଆୟୋଜିତ ବାର୍ଷିକ ଉତ୍ସବ ସମାରୋହରେ ମୁଖ୍ୟ ଅତିଥି ଭାବେ ନର୍ଲା ବିଧାୟିକା ମନୋରମା ମହାନ୍ତି ଏବଂ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର କୁଳପତି ନିବେଦିତା ନାଥ ଯୋଗ ଦେଇଥିଲେ। ବିଦ୍ୟାଳୟର କାର୍ଯ୍ୟକାରୀ ପ୍ରିନ୍ସପାଲ ବିଭୁ ରଞ୍ଜନ ମହାନ୍ତିଙ୍କ ଅଧକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ବକ୍ତା ଭାବେ ମାଁ ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ଅଧାପକ ଡ଼ଃ କୈଳାସ ଚନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ନର୍ଲା ବ୍ଲକ ଅଧକ୍ଷ ଦୁର୍ଗାପ୍ରସାଦ ମହାନ୍ତି, ବିଡ଼ିଓ ବିପିନ ବିହାରୀ ଦୀପ, ରୁପ୍ରାରୋଡ ସରପଞ୍ଚ ହେମନ୍ତ ଭୋଇ, ଯଙ୍ଗ ବ୍ଲଡ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଅଧକ୍ଷ ରାମ କୁମାର ଜୈନ, ରୁପ୍ରାରୋଡ ଯଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ସଚିବ ସୁମିତ କୁମାର ଅଗ୍ରୱାଲ, କେସିଙ୍ଗା ଯଙ୍ଗ ବ୍ଲଡ ପବ୍ଲିକ ସ୍କୁଲର ପ୍ରିନ୍ସପାଲ ଡ଼ଃ ଦିପ୍ତିରାଣୀ ସିଂ ପ୍ରମୁଖ ମଞ୍ଚାସୀନ ଥିଲେ। ଶିକ୍ଷୟତ୍ରୀ ଅନିମା ଅଗ୍ରୱାଲ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଆଙ୍କାକ୍ଷା ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

## କନ୍ୟାଙ୍କ ସୁରକ୍ଷା ସଶକ୍ତିକରଣ ଉପରେ ଗୁରୁତ୍ୱ
● ଜାତୀୟ ବାଳିକା ଦିବସ ପାଳିତ



**କାକଟପୁର/ଅସ୍ତରଙ୍ଗ,୩୧।୧(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ମଣ୍ଡଳ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଅଧୀନ ପିଏମ ଶ୍ରୀ ଶ୍ରୀ ଜଗନ୍ନାଥ ନୋଡାଲ ଉପ୍ରା ବିଦ୍ୟାଳୟ, ବନ୍ତିଲୋ ପରିସରରେ ଜାତୀୟ ବାଳିକା ଦିବସ ପାଳନ କରାଯାଇଛି। ଶିଶୁ କନ୍ୟା ଙ୍କ ଶିକ୍ଷା, ସୁରକ୍ଷା, ସ୍ୱାବଲମ୍ବନ, ସଂମ୍ମାନ ଓ ସଶକ୍ତିକରଣ କୁ କେନ୍ଦ୍ର କରି ଆୟୋଜିତ କାର୍ଯ୍ୟକ୍ରମ ରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ଶ୍ରୀଯୁକ୍ତ ନାରାୟଣ ପରିଡା ଙ୍କ ସଭାପତିତ୍ୱ ରେ ମୁଖ୍ୟ ଅତିଥି ଓ ସେ ପା ଜଏଣ୍ଟ ଡାଇରେକ୍ଟର ଡ଼ଃ ସନ୍ତୋଷ କୁମାର ରାଉତ, ମୁଖ୍ୟ ବକ୍ତା ରାଜ୍ୟ ଜେଣ୍ଡର କୋଡ଼ିନେଟର ଲହରି ମହାନ୍ତି, ଜିଲ୍ଲା କୋଡ଼ିନେଟର କମଳକାନ୍ତ ରଥ, ସଂମ୍ମାନିତ ଅତିଥି ମଣ୍ଡଳ ଶିକ୍ଷାଅଧିକାରୀ ଶ୍ରୀକାନ୍ତ କୁମାର ସ୍ୱାଇଁ, ବର୍ଣ୍ଣାଳି ଷ୍ଟେଟ କୋଡ଼ିନେଟର ରୁକ୍ମଣୀ ପଣ୍ଡା, ଅତିରିକ୍ତ ମଣ୍ଡଳ ଶିକ୍ଷାଅଧିକାରୀ ପ୍ରିୟଦର୍ଶୀ ବିଶ୍ୱାଳ, ସାଧନ ସଂଯୋଜକ ଦୁର୍ଯ୍ୟୋଧନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, ପ୍ରଶାସନ, ସାମରିକ ଓ କୃଷିଠାରୁ ଆରମ୍ଭ କରି ରାଜନୀତି, ଅର୍ଥନୀତି ପରି ପ୍ରତ୍ୟେକ କ୍ଷେତ୍ରରେ ଝିଅ ମାନେ ଅଭୁତପୂର୍ବ ସଫଳତା ଓ ଦକ୍ଷତା ସତ୍ୱେ ଆଜି ମଧ ଆମ ମାନସିକତା ରେ ଭେଦ ଭାବ ପ୍ରଭାବ ଅବ ଦମତି ହୋଇରହିଛି। ଆଜି ମଧ ଅନେକ ରାଜ୍ୟରେ ପରିବାର ରୁ ସମାଜ ଓ କାର୍ଯ୍ୟ କ୍ଷେତ୍ର ପର୍ଯ୍ୟନ୍ତ ବାଳିକା ମାନେ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି।

## ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ
ଲକ୍ଷ - ଲଘୁ ଉଦ୍ୟୋଗମାନ ପ୍ରତିଷ୍ଠା କରି ରୋଜଗାର ଯୋଗାଇବା

**ବାଲିଆପାଳ,୩୧।୧ (ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ସଭାଗୃହ ପରିସରରେ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଡିଓ ରାଧା ରଞ୍ଜନ ଦାସଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଉପାଧକ୍ଷ ରାଜେଶ ଚୌଧୁରୀ, ସମ୍ମାନିତ ଅତିଥି ଜିଲ୍ଲାପରିଷଦ ନିଶାକର ସେଠି, ବେଣୁଧର ଜେନା, ଜିଲ୍ଲା କୋଡିନେଟର ସନ୍ତୋଷ କୁମାର ଦଳାଇ ପ୍ରମୁଖ ଯୋଗଦେଇ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଦ୍ୱାରା ଗ୍ରାମାଞ୍ଚଳ ତଥା ସହରାଞ୍ଚଳରେ ନୂତନ ଆତ୍ମରୋଜଗାରକ୍ଷମ




ବ୍ୟବସାୟକ ଉଦ୍ୟୋଗ ପ୍ରକଳ୍ପ ପ୍ରତିଷ୍ଠା କରି ରୋଜଗାର ସୃଷ୍ଟି କରିବା ବିଷୟରେ ଆଲେଚନା କରିଥିଲେ। ଏହା ସହିତ ଗ୍ରାମାଞ୍ଚଳର ବେକାର ଯୁବକ ଯୁବତୀଙ୍କୁ ବ୍ୟାଙ୍କ ମାଧମରେ ଲୋନ ଯୋଗାଇଦେବା, ତାଲିମ ପ୍ରଦାନ କରି ସହୋଯୋଗ କରିବା ଉଦ୍ୟମିତାର ଲକ୍ଷ ବୋଲି କହିଥିଲେ। ବାଲିଆପାଳ ଏପିଓ ଅମୁଜ ମହନ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ବିପିଏମ ବାଲିଆପାଳ ଉତ୍ତମ କୁମାର ସାହୁ ସହୋଯୋଗ କରିଥିଲେ। ଜିଲ୍ଲା ସମ୍ବଳ ଅଧିକାରୀ ସସ୍ମିତା ଧଳ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## 'ଶିକ୍ଷା ଓ ଜ୍ଞାନର ସମନ୍ୱୟରେ ହିଁ ମନୁଷ୍ୟତ୍ୱ ସୃଷ୍ଟି
## କେବିଇଏମ୍ କିଡ୍ସ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ

**କାକଟପୁର/ଅସ୍ତରଙ୍ଗ,୩୧।୧ (ସଂଚାର ବ୍ୟୁରୋ):** ଶିକ୍ଷା ମାନବ ସଭ୍ୟତାକୁ ଶୋଭନୀୟ ଏବଂ ଅର୍ଥପୂର୍ଣ୍ଣ କରିଥାଏ। ଶିକ୍ଷା ସହିତ ଜ୍ଞାନର ସମନ୍ୱୟ ଘଟିଲେ ମଣିଷ ଭିତରେ ମନୁଷ୍ୟତ୍ୱ



ସୃଷ୍ଟି ହୁଏ। ଜ୍ଞାନ କୌଶଳ ମଣିଷକୁ ଚାଲିବାର ମାର୍ଗ ଦେଖାଏ ବୋଲି କେ ବି ଇ ଏମ୍ କିଡ୍ସ ପବ୍ଲିକ ସ୍କୁଲ ଆନୁକୂଲ୍ୟରେ ଅନୁଷ୍ଠିତ ବାର୍ଷିକ ଉତ୍ସବ ଅବସରରେ ଅତିଥି ମାନେ ମତବ୍ୟକ୍ତ କରିଛନ୍ତି। ଶିକ୍ଷା ବିକାଶ ଏଜୁକେଶନାଲ ଟ୍ରଷ୍ଟ ଓ କେ ବି ଇ ଏମ୍ କିଡ୍ସ ପବ୍ଲିକ ସ୍କୁଲର ପ୍ରତିଷ୍ଠାତା ଚେୟାରମ୍ୟାନ ଦିବ୍ୟରଞ୍ଜନ ସାହୁ ଙ୍କ ପୌରୋହିତ ରେ ଆୟୋଜିତ କାର୍ଯ୍ୟକ୍ରମକୁ ଅତିଥି ମାନେ ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିବା ସହିତ ଶିକ୍ଷାଦାନ କ୍ଷେତ୍ରରେ ଛାତ୍ର ଛାତ୍ରୀ ଙ୍କ ଶାରୀରିକ, ମାନସିକ ଓ ବୌଦ୍ଧିକ ସ୍ଥିତି ସୁଦୃଢ଼ କରାଯିବା ଉଚିତ ବୋଲି କହିଥିଲେ। ଶନିବାର ଅପରାହ୍ଣରେ ପୁରୀ ଜିଲ୍ଲା କାକଟପୁର ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ କେ ବି ଇ ଏମ୍ କିଡ୍ସ ପବ୍ଲିକ ସ୍କୁଲ ର ବାର୍ଷିକ ଉତ୍ସବରେ ଅତିଥି ଭାବେ ନିମାପଡା ଉପଖଣ୍ଡ ଅଧିକାରୀ ଜନାର୍ଦ୍ଦନ ପାଢ଼ୀ, ମୁଖ୍ୟ ବକ୍ତା ଏ ଆଇ ଏକ୍ସପୋର୍ଟ ଏକାଡେମୀ ସିଇଓ ଶ୍ରୀ ଚନ୍ଦନ ନାୟକ, ସଂମ୍ମାନିତ ଅତିଥି କାକଟପୁର ଥାନା ଅଧିକାରୀ ବସନ୍ତ କୁମାର ସାହୁ, ଶିକ୍ଷାବିତି ସନ୍ତୋଷ କୁମାର ମିତ୍ର, ଦିଲ୍ଲୀପ କୁମାର ଜେନା, ଡ଼ଃ ସୁଶାନ୍ତ କୁମାର, ତ୍ରିଲୋଚନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଗୁଣାତ୍ମକ ଶିକ୍ଷା ଏବଂ ଆଦର୍ଶ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା ପାଇଁ ବିଦ୍ୟାର୍ଥୀ, ଶିକ୍ଷକ ଏବଂ ସୁସ୍ଥ ପରିବେଶ ପରି ଏକ ତ୍ରିଭୁଜର ଆବଶ୍ୟକତା ରହିଛି। ଯାହାକି ଏକ ଆଦର୍ଶ ବିଦ୍ୟାଳୟ ସୃଷ୍ଟି କରିଥାଏ। ଶୃଙ୍ଖଳା ଓ ସାଧନା ଛାତ୍ର ଜୀବନର ମୂଳମନ୍ତ୍ର। ଯେଉଁ ଛାତ୍ର ଛାତ୍ରୀ ଏହାକୁ ମାନି ଚଳନ୍ତି ସେମାନେ ଜୀବନରେ ସଫଳତା ହାସଲ କରନ୍ତି।ଛାତ୍ର ଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନେଇ ମାର୍ଗଦର୍ଶନ କରାଇଥିଲେ।

## ବିଦ୍ୟାଳୟରେ ଅବସରକାଳୀନ ସମ୍ବର୍ଦ୍ଧନା ସଭା

**ରାଜନଗର,୩୧।୧ (ସଂଚାର ବ୍ୟୁରୋ):** ରାଜନଗର ବ୍ଲକ କୁରୁଷ୍ଟିସ୍ଥିତ କଞ୍ଚନେଶ୍ୱର ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ୟାମ ସୁନ୍ଦର ନାଥଙ୍କର ଅବସର କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ସି.ଆର୍.ସି.ସି ବୈଲୋଚନ ଦାସଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ରୂପେ ରାଜନଗର ବ୍ଲକର ବି. ଆର. ସି. ସି ଭକ୍ତିଲତା ବାରିକ, ମୁଖ୍ୟ ବକ୍ତା ରାଜନଗର ନିମ୍ନ ମାଧମିକ ଶିକ୍ଷକ ସଂଘର ସଭାପତି ଦୟାନିଧି ସ୍ୱାଇଁ, ସମ୍ମାନିତ ଅତିଥି ରୂପେ ରାଜ୍ୟ ସ୍ତରୀୟ ଶିକ୍ଷକ ନେତା ସୁଶାନ୍ତ କୁମାର ପ୍ରଧାନ, ଦାମୋଦର ସ୍ୱାଇଁ, ସୁଖିଶ୍ୟାମ ରାଉତ, ହେମନ୍ତ କୁମାର ବାରିକ, ପ୍ରଧାନ ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ଜେନା, କଳ୍ପତରୁ ପରିଡା, ସନ୍ତୋଷ ମହାନ୍ତି, ପ୍ରଭାତ ପ୍ରଧାନ, ହୃଷିକେଶ ପ୍ରଧାନ, ସନାତନ ଜେନା ଓ ସ୍ଥାନୀୟ ସରପଞ୍ଚ ଶଶ୍ମିତା ମହାନ୍ତି ଯୋଗ ଦେଇଥିଲେ। ଅତିଥି ପରିଚୟ ଦିଲ୍ଲିପ ରାଉତ କରିଥିବା ବେଳେ, ଧନ୍ୟବାଦ ବିଶ୍ୱଜିତ୍ ବିଶ୍ୱାଳ ପ୍ରଦାନ କରିଥିଲେ। ବିଦ୍ୟାଳୟର ପ୍ରଭୃତି ପରିମାଣିକ, ଗୋବିନ୍ଦ ଚନ୍ଦ୍ର ଡଣ୍ଡପାଟ, ସୂଚୀସ୍ମିତା ସାହୁ, ନିରୋଜା ନଳିନୀ ଖୁଣ୍ଟିଆ, ମୋନାଲିସା କର, ଓ ପ୍ରିୟଙ୍କା ସ୍ୱାଇଁ ସହଯୋଗ କରିଥିଲେ।

### କେନ୍ଦୁବାଡ଼ିଆରେ ମିଶ୍ରଣ ପର୍ବ
## ୧୦ରୁ ଉର୍ଦ୍ଧ୍ୱ ପରିବାର ବିଜେଡିରେ ଯୋଗଦେଲେ



**ବାଲିଆପାଳ,୩୧।୧(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ଜାମକୁଣ୍ଡା ପଞ୍ଚାୟତ ସଭାପତି ବସନ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ କେନ୍ଦୁବାଡିଆ ଗ୍ରାମର ୧୮ ନଂ ୱାର୍ଡ ରେ ମନ୍ମଥ ସେଠିଙ୍କ ବାସଭବନରେ ୧୦ ରୁ ଉର୍ଦ୍ଧ୍ୱ ପରିବାରୁ ୧୦୦ ଭୋଟର କଂଗ୍ରେସ ଓ ଭାଜପା ଦଳରୁ ଆସି ବିଜେଡିରେ ଯୋଗଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ବସ୍ତା ବିଧାୟିକା ସୁବାସିନି ଜେନା ଯୋଗଦେଇ ଦଳ ବଳ ନିର୍ବିଶେଷରେ ବାଲିଆପାଳ ମାଟିର ଝିଅ ଏବଂ ବସ୍ତା ମାଟିର ବହୁ ହିସାବରେ ଲୋକ ମାନଙ୍କର ସେବା କରିବି ବୋଲି କହିବା ସହିତ ନବାଗତା ସଦସ୍ୟ ମାନଙ୍କୁ ଦଳୀୟ ଉତ୍ତରୀ ଦେଇ ସ୍ୱାଗତ କରିଥିଲେ। ଏହି ମିଶ୍ରଣ ପର୍ବରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ନିଶାକର ସେଠି, ବେଣୁଧର ଜେନା ଯୋଗଦେଇ ରାଜ୍ୟରେ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡ଼ିଛି ବୋଲି ସମାଲୋଚନା କରିଥିଲେ। ସୁଧାଂଶୁ ବାରିକ, ବ୍ରଜକିଶୋର ବିଶ୍ୱାଳ, ପଞ୍ଚାନନ ଦାସ, ଲିପ୍ତେନ୍ଦୁ ମହାନ୍ତି ବିଜେଡି ର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଙ୍କ ର ନୀତି ଆଦର୍ଶ ଏବଂ ସର୍ବ ପରି ବସ୍ତା ବିଧାୟିକାଙ୍କ ଲୋକାଭିମୁଖୀ କାର୍ଯ୍ୟରେ ପ୍ରଭାବିତ ହୋଇ ବିଜେଡି ପରିବାରରେ ସାମିଲ ହୋଇଥିବା କଥା ନବାଗତ ସଦସ୍ୟ ଚର୍ତୁଭୂଜ ମହାନ୍ତି, ସନ୍ତୋଷ ପରିଡା, ଅଶୋକ ସେଠି, କୈଶଲ୍ୟା ସେଠି, ଅଶୋକ ଧଳ, ହରେକୃଷ୍ଣ ରଙ୍ଗ, ବାସନ୍ତୀ ଧଳ, ରାମଚନ୍ଦ୍ର ମହାନ୍ତି ପ୍ରମୁଖ କହିଛନ୍ତି।

## ପ୍ରଧାନ ଶିକ୍ଷକଙ୍କ ବିଦାୟ
## କାଳୀନ ସମ୍ବର୍ଦ୍ଧନା ସମାରୋହ

**ଧାମନଗର,୩୧।୧ (ସଂଚାର ବ୍ୟୁରୋ):** ଧାମନଗର ଥାନା ଅନ୍ତର୍ଗତ ମହୁରା ସରକାରୀ ଉନ୍ନତ ଉଚ୍ଚ ବିଦ୍ୟାଳୟର ଆଦର୍ଶ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ମହାରଣାଙ୍କ ସେବାନିବୃତ୍ତ ସମ୍ବର୍ଦ୍ଧନା ସମାରୋହ ଏକ ଭବ୍ୟ ଆୟୋଜନରେ ଅନୁଷ୍ଠିତ ହୋଇଯାଇଛି।ଶିକ୍ଷକତା ଜୀବନର ଶେଷ କାର୍ଯ୍ୟଦିବସ ଅବସରରେ ସମ୍ପୃକ୍ତ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ବରିଷ୍ଠ ସହକାରୀ ଶିକ୍ଷକ ପ୍ରସନ୍ନ କୁମାର ମହାକୁଳଙ୍କ ସଭାପତିତ୍ୱରେ ଆୟୋଜିତ ସମାରୋହକୁ ଡ.ରାମଚନ୍ଦ୍ର ପଣ୍ଡା ଭଦ୍ରକ ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉଦଘାଟନ କରିଥିଲେ। ପ୍ରଥମେ ବିଦ୍ୟାଳୟର ଶିକ୍ଷକ ସୁକାନ୍ତ ଦାସ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷୟତ୍ରୀ ମନସ୍ୱିନି ରାଉତ ସ୍ୱାଗତ ଭାଷଣ ଓ ପୁରାତନ ଛାତ୍ର ସଂସଦର ସଭାପତି ସଞ୍ଜୟ ପଣ୍ଡା ପୂଜ୍ୟପୂଜାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।

## ରାଜ୍ୟ ବିପର୍ଯ୍ୟୟ ପରିଚାଳନା ଅଧିକାରୀଙ୍କ ଜିଲ୍ଲା ପରିଦର୍ଶନ



**ବାରିପଦା,୩୧।୧ (ସଂଚାର ବ୍ୟୁରୋ):** ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଓ ସ୍ ଡ ମା), ଭୁବନେଶ୍ୱର ର ରାଜ୍ୟ ପ୍ରକଳ୍ପ ଅଧିକାରୀ ମେଘନାଦ ବେହେରା ଦିନିକିଆ ମୟୂରଭଞ୍ଜ ଜିଲ୍ଲା ଗସ୍ତ କରି ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିପର୍ଯ୍ୟୟ ପରିଚାଳନା କାର୍ଯ୍ୟକ୍ରମ ଗୁଡିକର ଅଗ୍ରଗତି ସମ୍ପର୍କରେ ଅବଗତ ହେବା ସହିତ ସେସବୁର ସମୀକ୍ଷା ଓ ମୂଲ୍ୟାୟନ କରିଛନ୍ତି। ଏହିକ୍ରମରେ ସେ ଜିଲ୍ଲା ସ୍ତରୀୟ ଅଧିକାରୀମାନଙ୍କ ସହିତ ଆଲୋଚନା କରିବା ସଙ୍ଗେ ସଙ୍ଗେ ଉଦଳା ବ୍ଲକ ପରିଦର୍ଶନ କରି କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଗୁଡିକର ସମୀକ୍ଷା କରିଥିଲେ। ଏହି ଅବସରରେ ସେ ଶ୍ରୀଦାମଚନ୍ଦ୍ରପୁର ଗ୍ରାମରେ ସ୍ୱେଚ୍ଛାସେବୀ ସଂଗଠନ ଆରମ୍ଭ ଦ୍ୱାରା କରାଯାଉଥିବା ଗ୍ରାମ୍ୟ ଓ ପଞ୍ଚାୟତ ବିପର୍ଯ୍ୟୟ ପରିଚାଳନା ଯୋଜନାର ସମୀକ୍ଷା କରିଥିଲେ ଓ ଏହାର ଉପାଦେୟତା ସମ୍ବନ୍ଧରେ ସୂଚନା ଦେବା ସହିତ ଲୋକମାନଙ୍କର ମତାମତ ସଂଗ୍ରହ କରିଥିଲେ। ତତ୍ପରେ ବିପର୍ଯ୍ୟୟ ବିପଦ ହ୍ରାସରେ ଲିଙ୍ଗ ଏବଂ ସାମାଜିକ ଅନ୍ତର୍ଭୁକ୍ତିକରଣ କାର୍ଯ୍ୟକ୍ରମ ମାଧମରେ ତାଲିମ ପ୍ରାପ୍ତ କିଶୋରୀ ବାଳିକାମାନଙ୍କ ସହିତ ଏକ ଏଫ୍ ଜି ଡ଼ି ରେ ଭାଗ ନେଇ ସେମାନଙ୍କର ମତାମତ ସଂଗ୍ରହ କରିଥିଲେ। ଏହାପରେ ଭିମତାଳି ବନ୍ୟା ଆଶ୍ରୟସ୍ଥଳୀଠାରେ ଏକ କାର୍ଯ୍ୟକ୍ରମରେ ଭାଗ ନେଇ ପରିଚାଳନା କମିଟି ସଭ୍ୟ/ ସଭ୍ୟାଙ୍କ ସହିତ ଆଲୋଚନା କରିବା ସହିତ ଆଶ୍ରୟସ୍ଥଳୀ ମରାମତି ଓ ନବୀକରଣ କାର୍ଯ୍ୟର ସମୀକ୍ଷା କରିଥିଲେ।

## ଡିଭାଇନ ଶିକ୍ଷାନୁଷ୍ଠାନ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତ

**ନୀଳଗିରି,୩୧।୧(ସଂଚାର ବ୍ୟୁରୋ):** ଅଗ୍ରଣୀ ଶିକ୍ଷାନୁଷ୍ଠାନ ଡିଭାଇନ ଏଜୁକେସନ ସଂସ୍ଥା ପକ୍ଷରୁ ଛାତ୍ରଛାତ୍ରୀ ଙ୍କୁ ନେଇ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଂରାଜୀ ରେ ବକ୍ତୃତା, ଚିତ୍ରାଙ୍କନ, ରଙ୍ଗୋଲି, ମେଗା ବ୍ୟାଡମିଣ୍ଟନ୍ କ୍ରୀଡା ପ୍ରତିଯୋଗିତା ହୋଇଥିଲା। ଉକ୍ତ ପ୍ରତିଯୋଗିତାରେ ଡିଭାଇନ୍ ଏଜୁକେସନାଲ ଏବଂ ଚାରିଟେବୁଲ ଟ୍ରଷ୍ଟ ର ସମ୍ପାଦକ ତଥା ଡିଭାଇନ୍ ଟ୍ୟୁଟୋରିଆଲ୍ର ଅଧକ୍ଷ ସୁଶାନ୍ତ ମହାପାତ୍ର ସଭାପତିତ୍ୱ ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ବ୍ୟାଙ୍କ ଅଫ୍ ଇଣ୍ଡିଆ ର ନୀଳଗିରି ଶାଖା ପରିଚାଳକ ଫ୍ରାନ୍ସ କୁମାର ବେହେରା ଖେଳ ଫିତା କାଟି ଉଦ୍ଘାଟନ କରିଥିଲେ। ମୁଖ୍ୟ ଅତିଥିଙ୍କ ଅଭିଭାଷଣରେ କ୍ରୀଡା ବ୍ୟକ୍ତିର ଜୀବନ ଚର୍ଯ୍ୟା ନିମନ୍ତେ ଅପରିହାର୍ଯ୍ୟ ଏବଂ ଶରୀର ଅଭିବୃଦ୍ଧିର ସହାୟକ ହୋଇଥାଏ ବୋଲି ବକ୍ତବ୍ୟରେ କହିଥିଲେ।ଉକ୍ତ କ୍ରୀଡ଼ା ପ୍ରତିଯୋଗିତା ରେ ବିଚାରକ ଭାବେ ବରହମପୁର ଡିଗ୍ରୀ ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧକ୍ଷ ଶ୍ରୀକାନ୍ତ ଆଚାର୍ଯ୍ୟ, ବାବା ପଞ୍ଚଲିଙ୍ଗେଶ୍ୱର ମହାବିଦ୍ୟାଳୟର ଅବସର ପ୍ରାପ୍ତ ଅଧାପକ ବିଷ୍ଣୁ ମହନ ପରିଡ଼ା ଯୋଗଦେଇ କାର୍ଯ୍ୟକ୍ରମ ରେ ନିରପେକ୍ଷ ନିର୍ଣ୍ଣାୟକ କରିଥିଲେ।କ୍ରୀଡ଼ା ପ୍ରତିଯୋଗିତାରେ ଭାଗ ନେଇଥିବା କୃତି ପ୍ରତିଯୋଗୀ ମାନଙ୍କୁ ଆଗାମୀ ବାର୍ଷିକ ଉତ୍ସବରେ ପୁରସ୍କୃତ କରାଯିବା ସହିତ ଭବିଷ୍ୟତ ରେ ଛାତ୍ର ଛାତ୍ରୀ ମାନଙ୍କର ପ୍ରତିଭା ଦେଶ ବିଦେଶରେ ପ୍ରତିଫଳନା ଓ ଦେଶରେ ଗୌରବ ଆଣିପାରିବେ ବୋଲି ଅନୁଷ୍ଠାନ ର ପରିଚାଳକ ଆଶା ବ୍ୟକ୍ତ କରିଥିଲେ। ଶେଷରେ ଅନୁଷ୍ଠାନର ମୁଖ୍ୟ ସୁଶାନ୍ତ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ରାଷ୍ଟ୍ରପତିଙ୍କ ଗସ୍ତ ଉପଲକ୍ଷେ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ




**ବାରିପଦା,୩୧।୧(ସଂଚାର ବ୍ୟୁରୋ):** ଆସନ୍ତା ଫେବୃଆରୀ ୪ ରୁ ୬ ତାରିଖ ପର୍ଯ୍ୟନ୍ତ ତିନି ଦିନିଆ ମୟୁରଭଞ୍ଜ ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏହାକୁ ନେଇ ଜିଲ୍ଲାପାଳ ହେମକାନ୍ତ ସୟ୍ ଙ୍କ ଅଧକ୍ଷତାରେ ଏକ ଜିଲ୍ଲାସ୍ତରୀୟ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମକୁ ଶାନ୍ତି ଶୃଙ୍ଖଳାର ସହିତ ସମ୍ପାଦନ କରିବାକୁ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା। ଏହାସହ ବର୍ତ୍ତମାନର ସ୍ଥିତିକୁ ନେଇ ଜିଲ୍ଲାପାଳ ସମୀକ୍ଷା କରିଥିଲେ। ଏହି ଗସ୍ତ ସମୟରେ କଡ଼ା ପ୍ରୋଟୋକଲର ଅନୁପାଳନ ସହ ସୁରକ୍ଷା ଓ ନିରାପତ୍ତା ବ୍ୟବସ୍ଥା ଏବଂ ଅନ୍ୟାନ୍ୟ ସମସ୍ତ କାର୍ଯ୍ୟକୁ ସୁବ୍ୟବସ୍ଥିତ ରୂପେ ସମ୍ପାଦିତ କରିବାକୁ ପ୍ରତ୍ୟେକ ସ୍ଥାନରେ ସ୍ୱତନ୍ତ୍ର ବରିଷ୍ଠ ଅଧିକାରୀଙ୍କୁ ନୋଡାଲ ଅଧିକାରୀ ଭାବେ ନିୟୋଜିତ କରି ଟିମ ଗଠନ କରାଯାଇଛି। ଦାଣ୍ଡବୋଷ୍ ଏୟାରଷ୍ଟ୍ରିପଠାରେ ଅବତରଣ ପରେ ମାନ୍ୟବର ରାଷ୍ଟ୍ରପତିଙ୍କ କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ସ୍ଥାନକୁ ଗସ୍ତ ତଥା ବିଭିନ୍ନ କାର୍ଯ୍ୟକ୍ରମ ଯୋଗଦାନ ସ୍ଥଳ ପର୍ଯ୍ୟନ୍ତ ପ୍ରତ୍ୟେକ କାର୍ଯ୍ୟକୁ ଦାୟିତ୍ୱର ସହିତ ସମ୍ପାଦନ କରିବା ପାଇଁ ସମ୍ପୃକ୍ତ ଅଧିକାରୀ ମାନଙ୍କୁ ସଜାଗ ରଖାଯାଇଛି। ଗସ୍ତ କାର୍ଯ୍ୟକ୍ରମ ସମୟରେ ନିରବଛିନ୍ନ ବିଦ୍ୟୁତ ସରବରାହ ପ୍ରତି ସଜାଗ ରହିବା ପାଇଁ ଟାଟା ପାୱାର କୁ ନିର୍ଦେଶ ଦେଇଛନ୍ତି। ଯୋଗାଯୋଗରେ ସମନ୍ୱୟ ରକ୍ଷା ପାଇଁ ପୋଲିସ୍ ଓ ବନ ବିଭାଗ ପକ୍ଷରୁ ଏକ ନିୟନ୍ତ୍ରଣ କକ୍ଷ କାର୍ଯ୍ୟ କରିବ। ଏହାସହ ସମାନ୍ତରାଳ ଭାବେ ପ୍ରଶାସନ ମଧ କାର୍ଯ୍ୟ କରିବ ବୋଲି ଚୂଡାନ୍ତ ହୋଇଛି। ସେଭଳି କାର୍ଯ୍ୟକ୍ରମ ସ୍ଥଳରେ ପାୱାର ବ୍ୟାକ-ଅପ ପାଇଁ ପର୍ଯ୍ୟାପ୍ତ ବ୍ୟବସ୍ଥା କରିବା ପାଇଁ ନିର୍ଦେଶ ଦେଇଛନ୍ତି। ସଭାସ୍ଥଳ ଗୁଡିକ ରେ ପର୍ଯ୍ୟାପ୍ତ ପାନୀୟ ଜଳର ବ୍ୟବସ୍ଥା କରିବା ପାଇଁ ୱାଟକୋ ଏବଂ ଆର ଡବ୍ଲ୍ୟୁ ଏସ ଏସ ବିଭାଗକୁ ନିର୍ଦେଶ ଦିଆଯାଇଛି। ସେହିପରି ଆକସ୍ମିକ ଦୁର୍ଘଟଣାର ମୁକାବିଲା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା ସହିତ ପ୍ରସ୍ତୁତ ରହିବା ପାଇଁ ଅଗ୍ନିଶମ ସେବା ବିଭାଗକୁ ନିର୍ଦେଶ ଦିଆଯାଇଛି। ଜରୁରୀ କାଳୀନ ସ୍ୱାସ୍ଥ୍ୟ ସେବା ଉପଲବ୍ଧ କରାଇବା ସହିତ ଆବଶ୍ୟକ ସଂଖ୍ୟକ ଆମ୍ବୁଲାନ୍ସ ସେବା ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ନିର୍ଦେଶ ଦିଆଯାଇଛି।

## ଉଚ୍ଚ ବିଦ୍ୟାଳୟରେ ଆଇନ୍ ସଚେତନତା ସଭା




**ଯାଜପୁର,୩୧।୧(ସଂଚାର ବ୍ୟୁରୋ):** ଛାତ୍ରଛାତ୍ରୀମାନଙ୍କ ମଧରେ ଆଇନ ସଚେତନତା ବଢ଼ାଇବା ଉଦ୍ଦେଶ୍ୟରେ ଯାଜପୁର ବ୍ଲକ୍ ଅନ୍ତର୍ଗତ ଉତ୍ତରେଶ୍ୱର ଉଚ୍ଚବିଦ୍ୟାଳୟ ପରିସରରେ ଏକ ବିଶେଷ ଆଇନ ସଚେତନତା ସଭା ଅନୁଷ୍ଠିତ ହୋଇଛି। ଯାଜପୁର ଜିଲ୍ଲା ଦୌରାଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧକ୍ଷ ଶ୍ରୀ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶ କ୍ରମେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବା ଶ୍ରୀମତୀ ନେହା ଅଗ୍ରୱାଲା ଅଧକ୍ଷତା କରିଥିଲେ।ସଭାରେ ଅତିଥି ଆଲୋଚକ ଭାବେ ବରିଷ୍ଠ ଦେୱାନୀ ବିଚାରପତି ଶ୍ରୀ ସତ୍ୟପ୍ରକାଶ ରାୟଚୌଧୁରୀ ,ଜେଏମଏଫସି (ଏଲ୍ ଆର୍ ଓ ଏଲ୍ ଟି ଭି ) ଶ୍ରୀ ଅଂଶୁମାନ ରଥ,ଜେଏମଏଫସି ଶ୍ରୀମତୀ ବିଣାପାଣୀ ତାଣ୍ଡି ,ପ୍ରାଧିକରଣର ପ୍ରାକ୍ତନ ସଦସ୍ୟ ଡ଼. ରୁଦ୍ରନାରାୟଣ ପୃଷ୍ଟି ଯୋଗଦେଇ ବିଭିନ୍ନ ଆଇନଗତ ବିଷୟରେ ଛାତ୍ରଛାତ୍ରୀମାନଙ୍କୁ ସଚେତନ କରିଥିଲେ। ବକ୍ତାମାନେ ସର୍ବୋଚ୍ଚ ନ୍ୟାୟାଳୟର କୃତ୍ରିମ ବୁଦ୍ଧିମତା ଆଧାରିତ 'ସୁଭାଷ' ବିଧିକ ସଫ୍ଟୱେର୍ ମାଧମରେ ଇଂରାଜୀ ରାୟଗୁଡ଼ିକୁ ଆଞ୍ଚଳିକ ଭାଷାରେ ଅନୁବାଦ କରି ଜନସାଧାରଣଙ୍କ ପାଇଁ ସୁବୋଧ କରାଯାଉଥିବା ପଦକ୍ଷେପ ବିଷୟରେ ଅବଗତ କରାଇଥିଲେ।

ସଂଚାର SANCHAR ରବିବାର ୧ ଫେବୃଆରୀ ୨୦୨୬




# ସ୍ୱାସ୍ଥ୍ୟ

## ଖରାଦିନେ ପେଟକୁ ଥଣ୍ଡା ରଖେ ଆଖୁରସ



ଶରୀର ସୁସ୍ଥ ରହିଲେ ଆମକୁ ଫୂର୍ତ୍ତି ଅନୁଭବ ହୋଇଥାଏ। ସେଥିପାଇଁ ଅଧିକାଂଶ ଲୋକ ଅନେକ ଉପଚାରକୁ ଆପଣାଇ ଥାଆନ୍ତି। କିଏ ଜିମ୍ ଯାଆନ୍ତି ତ ଆଉ ପୁଣି କିଏ ପୋଷକଯୁକ୍ତ ଖାଦ୍ୟ ତାଙ୍କ ଖାଇବା ଲିଷ୍ଟରେ ଆଡ୍ କରିଥାଆନ୍ତି। ତେଣୁ ପନିପରିବାଠାରୁ ଆରମ୍ଭ କରି ଫଳମୂଳ ପର୍ଯ୍ୟନ୍ତ ସମସ୍ତ ଜିନିଷ ଆମ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହୋଇଥାଏ। ସୁସ୍ଥ ଶରୀର ପାଇଁ ଜୁସ ଖୁବ ଲାଭକାରୀ। ଖାଲି ପନିପରିବା ନୁହେଁ ଫଳ ଜୁସ ବି ସ୍ୱାସ୍ଥ୍ୟ ପାଇଁ ଖୁବ ଲାଭକାରୀ। ଋତୁ ଅନୁସାରେ ମିଳୁଥିବା ଫଳ ଜୁସ ପିଇଲେ ଶରୀରକୁ ଆବଶ୍ୟକ ମୁତାବକ ପୋଷକ ତତ୍ତ୍ୱ ମିଳିଥାଏ। କିନ୍ତୁ କିଛି ଫଳ ଏମିତି ଅଛି ଯାହାର ଜୁସ ବର୍ଷର ଯେକୌଣସି ସମୟରେ ବି ପିଇଲେ ଆପଣଙ୍କ ଶରୀରକୁ ଫାଇଦା ମିଳିଥାଏ। ଖୁବ୍ ଶୀଘ୍ର ଖରାଦିନ ଆସିବାକୁ ଯାଉଛି। ଖରା ଦିନରେ ଥଣ୍ଡା ଥଣ୍ଡା ଆଖୁ ରସ ପିଇବାକୁ କିଏ ବା ନ ଚାହେଁ। ଆଖୁ ରସ ଯେତିକି ସ୍ୱାଦିଷ୍ଟ ଲାଗିଥାଏ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ହିତକର ହୋଇଥାଏ। ଆଖୁରେ ବିଭିନ୍ନ ପୋଷକ ତତ୍ତ୍ୱ ମିଳିଥାଏ। ଶୀତଋତୁରେ ଏହାର ରସ ଶରୀରକୁ ପୋଷକ ଯୋଗାଇଥିବା ବେଳେ ଗରମ ଦିନରେ ଏହା ଥଣ୍ଡା ରଖିଥାଏ। ଖାଲି ସେତିକି ନୁହେଁ ଶରୀରର ଇମ୍ୟୁନିଟିକୁ ବଢ଼ାଇଥାଏ। ଆଉ ସବୁଠୁ ବଡ କଥା ହେଉଛି ଆଖୁରସରେ ଫ୍ୟାଟ ଖୁବ କମ ପରିମାଣରେ ଥାଏ। ତେବେ ଆସନ୍ତୁ ଆଖୁର ଆଉ କିଛି ଉପକାରୀ ଗୁଣ ବିଷୟରେ ଜାଣିବା। ଆଖୁରସରେ କିଛି ଲେମ୍ବୁରସ ସହ ହାଲୁକା ସୈନ୍ଧବ ଲୁଣ ମିଶାଇ ପିଇଲେ ଶରୀରକୁ ଏନର୍ଜି ମିଳିଥାଏ। ଆଉ ମଧ୍ୟ ଆଖୁରେ ପ୍ରଚୁର ପରିମାଣରେ ଫାଇବର ଥାଏ। ଏହା ସହ ଫ୍ରେସ ଆଖୁ ରସ ପିଇଲେ ଜଣ୍ଡିସ, ଆନିମିଆ, ଏସିଡ଼ିଟି ପରି ରୋଗରୁ ମୁକ୍ତି ମିଳିଥାଏ । ପେଟ ସମ୍ବନ୍ଧୀୟ ରୋଗ ପାଇଁ ମଧ୍ୟ ଲାଭକାରୀ ହୋଇଥାଏ। ଆଖୁରେ ପ୍ରଚୁର ଗ୍ଲୁକୋଜ ଥିବାରୁ ଏହା ଶରୀରର ଗ୍ଲୁକୋଜକୁ ବାଲାନ୍ସ କରିଥାଏ। ତେଣୁ ଏହାକୁ ଡାଇବେଟିସ ରୋଗୀ ମାନେ ମଧ୍ୟ ପିଇପାରିବେ। ଆଉ ଏଥିରେ କୌଣସି ପ୍ରକାର କେମିକାଲ ନଥାଏ। ଯାହା ପ୍ରାକୃତିକ ମିଠାରେ ପରିପୂର୍ଣ୍ଣ।

ଏହା ବ୍ୟତୀତ ଅନେକ ବଡ ବଡ ରୋଗ ପାଇଁ ଆଖୁରସ ଗୁଣକାରୀ ବୋଲି ବୈଜ୍ଞାନିକ ମାନେ ମତ ଦେଇଛନ୍ତି। ଜଣ୍ଡିଜ ରୋଗୀ ମାନେ ନିୟମିତ ଭାବରେ ଏହାର ରସ ପିଇଲେ ସେମାନଙ୍କ ଲିଭର ସୁସ୍ଥ ରହିଥାଏ। ଯାହାକୁ ଲିଭରର ସଂଜୀବନୀ ଭାବେ ପ୍ରମାଣିତ ହୋଇଛି। ଆଖୁ ରସ ଇମ୍ୟୁନିଟି ବୃଦ୍ଧି କରିବା ସହ ଓଜନ କମ କରିବାରେ ସାହାଯ୍ୟ କରିଥାଏ। ଖୁବ କମ ଲୋକ ଜାଣନ୍ତି ଆଖୁ ରସ ତ୍ୱଚାରେ ଚମକ ଆଣିପାରେ। ଆଖୁ ରସ ପିଇବା ଦ୍ୱାରା ବ୍ରଣ ଆଦିରୁ ମଧ୍ୟ ମୁକ୍ତି ମିଳିଥାଏ। ଆଖୁରସ ପିଇଲେ ଏହା ରକ୍ତ ସଫା କରିବା ସହ ଏଥିରେ ଥିବା କ୍ୟାଲସିୟମ, ମ୍ୟାଗନେସିୟମ, ଫସରଫରସ, ଆଇରନ, ପୋଟାସିୟମ ଆମ ହାଡ ମଜବୁତ କରିଥାଏ।

## କଦଳୀ ଖାଇବା ପରେ ପାଣି ପିଅନ୍ତୁ ନାହିଁ



ସୁସ୍ଥ ଶରୀର ପାଇଁ ଆମେ ଅନେକ ପ୍ରକାର ପନିପରିବା ଏବଂ ଫଳମୂଳ ଆଦି ଖାଇଥାଉ। ସେଥି ମଧ୍ୟରୁ କଦଳୀ ହେଉଛି ଅନ୍ୟତମ। କଦଳୀକୁ ଆମ ଶରୀର ପାଇଁ ଲାଭଦାୟକ ମାନାଯାଇଥାଏ। ଏହା ସମସ୍ତଙ୍କୁ ଯେତିକି ସ୍ୱାଦିଷ୍ଟ ଲାଗେ ଦେହ ପାଇଁ ହିତକର ହୋଇଥାଏ। ଯାହା ସବୁ ଋତୁରେ ସହଜରେ ଏବଂ ସୁଲଭ ମୂଲ୍ୟରେ ମିଳିଯାଇଥାଏ। କଦଳୀରେ ଭିଟାମିନଠାରୁ ଆରମ୍ଭ କରି ଅନ୍ୟାନ୍ୟ ପୋଷକ ତତ୍ତ୍ୱ ଭରପୁର ମାତ୍ରାରେ ଥାଏ। ଯାହା ଖାଇବା ଦ୍ୱାରା ଶରୀରରେ ଅନେକ ଭଲ ପ୍ରଭାବ ପକାଇଥାଏ। ବିପି ନିୟନ୍ତ୍ରଣ କରିବାରେ କଦଳୀ ସାହାଯ୍ୟ କରିଥାଏ। ତା ସହିତ ଓଜନ ବୃଦ୍ଧି କରିବାରେ ମଧ୍ୟ ସହାୟକ କରିଥାଏ। ସଠିକ୍ ଉପାୟରେ ଖାଇବା ଦ୍ୱାରା ଏହା ସମ୍ପୂର୍ଣ୍ଣ ରୂପେ ଫଳପ୍ରଦ ହୋଇଥାଏ। ଯଦି କଦଳୀ ଖାଇବା ପରେ ଆପଣ ଏହି ସବୁ ଖାଉଛନ୍ତି କିମ୍ବା ପିଉଛନ୍ତି। ତେବେ ସେଥିପ୍ରତି ସାବଧାନ ରୁହନ୍ତୁ, ନଚେତ୍ ଆପଣଙ୍କୁ କ୍ଷତି ପହଞ୍ଚାଇପାରେ। ହଁ, ଆଜ୍ଞା କିଛି ଜିନିଷ ଏମିତି ରହିଛି ଯାହା ଆମ ସ୍ୱାସ୍ଥ୍ୟ ପାଇଁ ତ ଭଲ ହୋଇଥାଏ କିନ୍ତୁ ଆମର ସାମାନ୍ୟ ଭୁଲ ଆମକୁ ବିପଦରେ ପକାଇଦେଇଥାଏ । ଆମର କିଛି ଖରାପ ଅଭ୍ୟାସ ଆମ ସମସ୍ୟାର କାରଣ ହୋଇଯାଇଥାଏ। ତେବେ ଆସନ୍ତୁ ଜାଣିବା କଦଳୀ ଖାଇବା ପରେ କେଉଁ ସବୁ ଖରାପ ଅଭ୍ୟାସ ଦୂର କରିବା ଉଚିତ୍।

କଦଳୀ ଖାଇବା ପରେ ପାଣି ନ ପିଇବାକୁ ଆୟୁର୍ବେଦରେ ପରାମର୍ଶ ଦିଆଯାଇଛି। କାରଣ କଦଳୀ ଖାଇବା ପରେ ସହଜରେ ହଜମ ହୋଇନଥାଏ। ଯଦି କଦଳୀ ଖାଇ ସାରିବା ପରେ ପାଣି ପିଉଛନ୍ତି ତେବେ ଆପଣଙ୍କୁ ଥଣ୍ଡା, କାଶ ଏବଂ ଜ୍ୱର ହେବାର ଆଶଙ୍କା ରହିଥାଏ। ଏହା ସହିତ ଆପଣ ଗ୍ୟାସ୍, ଏସିଡିଟି, କୋଷ୍ଠକାଠିନ୍ୟ ଏବଂ ପେଟ ଯନ୍ତ୍ରଣା ଭଳି ସମସ୍ୟାର ସମ୍ମୁଖୀନ କରିବାକୁ ମଧ୍ୟ ପଡିପାରେ। ଏହା କରିବା ଦ୍ୱାରା ଆଲର୍ଜି ସମସ୍ୟା ଏବଂ ଇନସୁଲିନ୍ ପରିମାଣ ବୃଦ୍ଧି ପାଇଥାଏ। ରକ୍ତରେ ସୁଗାର ଲେବଲ ବଢ଼ି ଆପଣଙ୍କ ଚିନ୍ତାର କାରଣ ସାଜିପାରେ। ଫଳ ଖାଇବାର ପ୍ରାୟ ୧ଘଣ୍ଟା ପରେ ପାଣି ପିଇବା ଉଚିତ୍। ଫଳ ଖାଇବାର ୧ ଘଣ୍ଟା ପରେ ଲିକ୍ୱିଡ୍ ଜାତୀୟ ଖାଦ୍ୟ ଖାଇବା ଆବଶ୍ୟକ। ଏହି ନିୟମ ସମସ୍ତ ଫଳ ଉପରେ ଲାଗୁ କରାଯାଇଛି। ତେଣୁ ଏଥିପ୍ରତି ସାମଧାନ୍ ରହିବା ଉଚିତ୍।

ରାତିରେ ଏବଂ ସନ୍ଧ୍ୟାରେ କଦଳୀ ଖାଇବା ଉଚିତ୍ ନୁହେଁ ବୋଲି ଆୟୁର୍ବେଦ ପରାମର୍ଶ ଦେଇଥାନ୍ତି। ରାତିରେ ଖାଇବା ଦ୍ୱାରା ଥଣ୍ଡା, କାଶ ସମସ୍ୟା ଦେଖାଦେଇଥାଏ।କଦଳୀ ଖାଇବାର ସଠିକ୍ ସମୟ ହେଉଛି ଜଳଖିଆ ଖାଇବା ପରେ ନଚେତ୍ ଜଳଖିଆ ଖାଇବା ସମୟରେ ଖାଇବା ଉଚିତ୍। ଯାହା ଆମ ସ୍ୱାସ୍ଥ୍ୟ ଉପରେ ଭଲ ଫାଇଦା ପକାଇଥାଏ। କଦଳୀ ସହିତ କ୍ଷୀର, ବଟରମିଲ୍କ କିମ୍ବା ଦହି ଖାଇବା ଉଚିତ୍ ନୁହେଁ। ଯାହା ପାଚନକ୍ରିୟା ଉପରେ କୁପ୍ରଭାବ ପକାଇଥାଏ। କଦଳୀ ଖାଇବା ସମୟରେ ଘିଅ ଏବଂ ମହୁ ପରି ଖାଦ୍ୟଠାରୁ ଦୂରରେ ରୁହନ୍ତୁ। ସାଧାରଣତଃ କଦଳୀ ସହିତ ଅନେକ ଲୋକ ଅଣ୍ଡା ଖାଇଥାନ୍ତି। ଯାହାକୁ ଆମ ସ୍ୱାସ୍ଥ୍ୟ ପାଇଁ ଖରାପ ବୋଲି ବିବେଚନା କରାଯାଇଛି। କଦଳୀ ଥଣ୍ଡା ଜାତୀୟ ହୋଇଥିବାବେଳେ ଅଣ୍ଡା ଗରମ ଜାତୀୟ ଖାଦ୍ୟ। ତେଣୁ ଏହା ଉପରେ ଭଲ ଫାଇଦା ପକାଇବା ପରିବର୍ତ୍ତେ ଖରାପ ପ୍ରଭାବ ପକାଇଥାଏ।



## ଅଫିସ୍‌ରେ ଅଧିକ ସମୟ ବସି କାମ କରୁଛନ୍ତି କି

ଅଫିସ୍‌ରେ ଅଧିକ ସମୟ ବସି ରହି କାମ କଲେ ବେଳେବେଳେ ଅଣ୍ଟା ଦରଜ ହୁଏ। କମ୍ପ୍ୟୁଟର୍ ସ୍କ୍ରିନ୍‌ରେ କାମ କରି କରି କାହାର ଆଖିରୁ ପାଣି ବାହାରେ ତ କାହାର ମୁଣ୍ଡ ବିନ୍ଧେ। ତେଣୁ କୁହାଯାଏ, ବେଶୀ ସମୟ ଗୋଟେ ଜାଗାରେ ନ ବସି ମଝିରେ ମଝିରେ ଟିକେ ଚଲାବୁଲା କରିବା ଦରକାର। ଆଖିକୁ ବି ପରିଷ୍କାର ପାଣିରେ ସମୟାନୁସାରେ ଟିକେ ଧୋଇ ଦେବା ଭଲ। ଏହାଛଡ଼ା ଆହୁରି ବି କିଛି ହାଲ୍‌କା ଫୁଲ୍‌କା ଉପଯୋଗୀ ବ୍ୟାୟାମ୍ ରହିଛି ; ଯାହାକୁ ଅଫିସ୍‌ରେ କାମ କରୁଥିବା ସମୟରେ ଜଣେ ଆରାମରେ କରି ନିଜକୁ ଫିଟ୍ ରଖିପାରିବେ।

- ପ୍ରତି ଘଣ୍ଟାକୁ ଥରେ ସିଟ୍‌ରୁ ଉଠି ଆଠ/ଦଶ ପାଦ ଚାଲିବେ, ମିଟିଂରେ ଥିଲେ ୱାସରୁମ୍ ବାହାନରେ ଟିକେ ବ୍ରେକ୍ ନେବେ।
- ଲାପ୍‌ଟପ୍, ଡେସ୍କଟପ୍‌ରେ ଲଗାତାର କାମ କରୁଥିଲେ ଆଖିପତାକୁ ବାରମ୍ବାର ପକାଇବେ, ବେଳେବେଳେ ଆଖିରେ ପାଣି ଛାଟିବେ।
- ଫୋନ୍‌ରେ କଥା ହେବାର ଥିଲେ, ସିଟ୍‌ରେ ନବସି ଚାଲି ଚାଲି କଥା ହେବେ, ଯାହା ରକ୍ତ ସଞ୍ଚାଳନ ବଜାୟ ରଖିବ।
- ସିଟ୍‌ରେ ସିଧା ଭାବେ ବସି ଦୁଇ ଗୋଡ଼କୁ ଏକାସାଙ୍ଗେ ଟିକେ ତଳଉପର କରିପାରିବେ।
- ଘଣ୍ଟାକୁ ଥରେ ଅଧ ମିନିଟ୍ ପାଇଁ ହେଉନା କାହିଁକି ବେକକୁ ଚେୟାର୍ ପଛପଟକୁ ସାମାନ୍ୟ ଓହଳେଇ ରଖିବେ। ଏହା ସ୍ପଣ୍ଡିଲାଇଟିସ୍‌ରୁ ରକ୍ଷା କରିବାରେ ସାହାଯ୍ୟ କରେ।
- ପାଟିରେ ପବନ ରଖି ତାହାକୁ ବାରମ୍ବାର ଫୁଲାଇବେ। ବେଳେବେଳେ ଚୁଇଗମ୍ ବି ଖାଇପାରିବେ। ଏହା ଗାଲର ଚର୍ବିକୁ କମାଇବା ସହ ଡବଲ୍ ଚିନ୍‌କୁ କମାଇଥାଏ।
- ସହକର୍ମୀଙ୍କ ସହ ମଜା କରି ଖୁବ୍ ହସିବେ, ଅନ୍ୟଙ୍କୁ ବି ହସାଇବେ। ତାଳି ବଜାଇବାର ମଉକା ଥିଲେ ଆଦୌ କଞ୍ଜୁସ୍ କରିବେ ନାହିଁ। କାରଣ ଏସବୁ ବି ଗୋଟେ ଗୋଟେ ଉତ୍ତମ ବ୍ୟାୟାମ। ଯାହା ରକ୍ତ ସଞ୍ଚାଳନ ଠିକ୍ କରିବା ସହ ମାଇଣ୍ଡ ଫ୍ରେଶ୍ କରେ।

## ସକାଳୁ ଗୋଟିଏ ଗ୍ଲାସ କମଳା ଜୁସ ପିଅନ୍ତୁ



ଅଧିକାଂଶ ଭାରତୀୟଙ୍କ ସକାଳ ଗରମ ଚା' ସହିତ ଆରମ୍ଭ ହୁଏ। ତଥାପି, ଖାଲି ପେଟରେ ଚା ପିଇବା ସ୍ୱାସ୍ଥ୍ୟକର ନୁହେଁ। ଯଦି ଆପଣ ଏକ ଗ୍ଲାସ କମଳା ରସ ସହିତ ସକାଳ ଆରମ୍ଭ କରନ୍ତି, ତେବେ ଆପଣ ଜାଣନ୍ତି କି ଆପଣଙ୍କ ଶରୀରରେ କ'ଣ ପରିବର୍ତ୍ତନ ଆସିପାରେ? ସକାଳୁ ସକାଳୁ ଭିଟାମିନ ସି ଭରପୂର କମଳା ରସ ପିଇବା ଦ୍ୱାରା ଆପଣଙ୍କ ଶରୀରରେ ଅନେକ ଉଲ୍ଲେଖନୀୟ ପରିବର୍ତ୍ତନ ଆସିପାରେ। ଆସନ୍ତୁ ଜାଣିବା ପ୍ରତିଦିନ ସକାଳେ ୩୦ ଦିନ ପର୍ଯ୍ୟନ୍ତ କମଳା ରସ ପିଇବା ପରେ କମଳା ରସ ପିଇବାର ଲାଭ ବିଷୟରେ। ଚା'ରେ କ୍ୟାଫିନ ଏବଂ ଟାନିନ ଥାଏ, ଯେତେବେଳେ କମଳା ରସ ଭିଟାମିନ ସି, ଫୋଲେଟ ଏବଂ ପୋଟାସିୟମର ଭଣ୍ଡାର। ଗୋଟିଏ ମାସ ପର୍ଯ୍ୟନ୍ତ ପ୍ରତିଦିନ କମଳା ରସ ପିଇବା ଦ୍ୱାରା ଆପଣଙ୍କ ରୋଗ ପ୍ରତିରୋଧକ ଶକ୍ତି ଯଥେଷ୍ଟ ମଜବୁତ ହେବ। ଆପଣ ଋତୁକାଳୀନ ଥଣ୍ଡା ଏବଂ କାଶ ଏବଂ ଅକ୍କାପଣରେ ହ୍ରାସ ଦେଖିବେ। ଭିଟାମିନ ସି ଶରୀରକୁ ଧଳା ରକ୍ତ କୋଷ ଉତ୍ପାଦନ କରିବାରେ ସାହାଯ୍ୟ କରେ, ଯାହା ରୋଗ ସହିତ ଲଢ଼ିବାରେ ସାହାଯ୍ୟ କରେ। ଚା' କେତେକ ସମୟରେ ଡିହାଇଡ୍ରେସନ ସୃଷ୍ଟି କରିପାରେ, ଯାହା ଆପଣଙ୍କ ଚର୍ମକୁ ମଳିନ ଦେଖାଯାଇପାରେ। କମଳା ରସରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଜଳୀୟ ଅଂଶ ଆପଣଙ୍କ ଚର୍ମକୁ ଭିତରୁ ହାଇଡ୍ରେଟ କରେ। ଭିଟାମିନ ସି କୋଲାଜେନ ତିଆରି କରିବାରେ ସାହାଯ୍ୟ କରେ, ଯାହା କୁଞ୍ଚନକୁ ହ୍ରାସ କରେ ଏବଂ ଆପଣଙ୍କ ଚର୍ମକୁ ଯୁବା ଏବଂ ଉଜ୍ଜ୍ୱଳ କରିଥାଏ। ସକାଳେ ଖାଲି ପେଟରେ କ୍ଷୀର ଚା' ପିଇବା ଦ୍ୱାରା ଅନେକ ଲୋକଙ୍କ ପାଇଁ ଏସିଡିଟି କିମ୍ବା ପେଟ ଫୁଲିପାରେ। କମଳା ଫାଇବରରେ ଭରପୁର, ଯାହା ପାଚନ ଶକ୍ତିକୁ ଉନ୍ନତ କରେ। ଏହା ଶରୀରକୁ ବିଷମୁକ୍ତ କରିବାରେ ଏବଂ କୋଷ୍ଠକାଠିନ୍ୟ ଭଳି ସମସ୍ୟାରୁ ମୁକ୍ତି ଦେବାରେ ମଧ୍ୟ ସାହାଯ୍ୟ କରେ। ତଥାପି, ଯଦି ଆପଣ ଅତ୍ୟଧିକ ଏସିଡିଟିରେ ପୀଡିତ, ତେବେ ଖାଲି ପେଟରେ ଏହାକୁ ପିଇବା ପୂର୍ବରୁ ସତର୍କ ରହିବା ଉଚିତ। ଚା' ପିଇବା ଦ୍ୱାରା ଆପଣଙ୍କୁ କ୍ୟାଫିନରୁ ତୁରନ୍ତ ମୁକ୍ତି ମିଳିଥାଏ, କିନ୍ତୁ ଏହା ଶୀଘ୍ର ଶେଷ ହୋଇଯାଏ। କମଳା ପ୍ରାକୃତିକ ଚିନିରେ ଭରପୁର, ଯାହା ଧୀରେ ଧୀରେ ଶକ୍ତି ମୁକ୍ତ କରେ। ଏହା ଆପଣଙ୍କୁ ଅପରାହ୍ନ ସୁଦ୍ଧା ଅଧିକ ସକ୍ରିୟ ଏବଂ ଶକ୍ତିଶାଳୀ ଅନୁଭବ କରିବାରେ ସାହାଯ୍ୟ କରିବ। ପ୍ୟାକେଜ ହୋଇଥିବା ଜୁସ ବଦଳରେ ତାଜା ଘରେ ତିଆରି ଜୁସ ପିଅନ୍ତୁ। ପ୍ୟାକେଜ ହୋଇଥିବା ଜୁସରେ ଚିନି ଥାଏ, ଯାହା ଲାଭ ବଦଳରେ କ୍ଷତି କରିପାରେ। କମଳା ରସରେ ସାଇଟ୍ରିକ ଏସିଡ ଥାଏ, ଯାହା ଦାନ୍ତର ଏନାମେଲକୁ କ୍ଷତି ପହଞ୍ଚାଇପାରେ। ତେଣୁ, ଜୁସ ପିଇବା ପରେ ତୁରନ୍ତ ସାଦା ପାଣିରେ କୁଳି କରନ୍ତୁ। ଯଦି ଆପଣଙ୍କର ମଧୁମେହ ଅଛି, ତେବେ ଫାଇବର ଯୋଗାଇବା ଏବଂ ରକ୍ତ ଶର୍କରାରେ ହଠାତ ବୃଦ୍ଧିକୁ ରୋକିବା ପାଇଁ ଜୁସ ବଦଳରେ ସମ୍ପୂର୍ଣ୍ଣ ଫଳ ଖାଇବା ଭଲ।

## ଫ୍ୟାଟି ଲିଭର ସମସ୍ୟାରେ ପୀଡ଼ିତ କି?

ଆଜିକାଲି ସମୟରେ ବଦଳୁଥିବା ଦିନଚର୍ଯ୍ୟା, ଖାଦ୍ୟପେୟ ଏବଂ ଶାରୀରିକ ପରିଶ୍ରମର ଅଭାବକୁ ନେଇ ଅନେକ ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେଉଛି, ଯେଉଁଥିରେ ଫ୍ୟାଟି ଲିଭର ଏବଂ ହୃଦୟ ସମ୍ବନ୍ଧୀୟ ସମସ୍ୟା ସାଧାରଣ ହୋଇଗଲାଣି। ଥରେ ଫ୍ୟାଟି ଲିଭର ସମସ୍ୟାରେ ପୀଡ଼ିତ ହେଲେ ସମୟ ଥାଉ ଖାଦ୍ୟପେୟ ଏବଂ ଅନ୍ୟାନ୍ୟ ବିଷୟ ପ୍ରତି ଧ୍ୟାନ ଦେବା ଜରୁରୀ। ନଚେତ ଲିଭର ସିରୋସିସ୍ ନଚେତ ଲିଭର୍ ଫେଲ୍ ଭଳି ଗମ୍ଭୀର ରୋଗ ହୋଇପାରେ। ଏମିତିରେ ପ୍ରାକୃତିକ ଏବଂ ଘରୋଇ ଉପାୟ ସହାୟତାରେ ଏହାର ଉପଚାର କରାଯାଇପାରେ। ଆୟୁର୍ବେଦ ବିଶେଷଜ୍ଞ ଅନୁଯାୟୀ ମୁଗ ଡ଼ାଲିର ପାଣି ଫ୍ୟାଟି ଲିଭର ସମସ୍ୟାକୁ ଦୂର କରିବା ଲାଗି ଏକ ପ୍ରାକୃତିକ ଔଷଧ ଭଳି କାମ କରିଥାଏ। ଏହା ଲିଭରରେ ଜମିଥିବା ଚର୍ବିକୁ କମ୍ କରିଥାଏ। ଏହାଛଡ଼ା ଶରୀରରେ ଜମା ହୋଇଥିବା ଅଦରକାରୀ କୋଲେଷ୍ଟେରଲକୁ ବାହା କରିବାକୁ ସହାୟକ ହୋଇଥାଏ। ଫ୍ୟାଟି ଲିଭର ସମସ୍ୟାରୁ ରକ୍ଷା ପାଇବା ଲାଗି ମୁଗ ଡ଼ାଲିର ପାଣି ଲାଭକାରୀ। ଏଥିରେ ଥିବା ଆମିନୋ ଏସିଡ୍ ଏବଂ ଆଣ୍ଟି ଅକ୍ସିଡାଣ୍ଟ ଯକୃତର କୋଷିକାକୁ ଠିକ୍ କରିଥାଏ। ଏହାର ପାଣି ଯକୃତରେ ଜମା ହୋଇଥିବା ଅତିରିକ୍ତ ଚର୍ବିକୁ ତରଳାଇ ବାହାର କରିବାରେ ସହାୟକ ହୋଇଥାଏ। ଓଜନ କମ୍ କରିବା ଲାଗି ମୁଗ ଡ଼ାଲି ଲାଭଦାୟକ। ଯିଏ ଓଜନ କମ୍ କରିବାକୁ ଚାହିଁଲେ ଏହା ଭଲ ବିକଳ୍ପ। ଏଥିରେ କମ୍ କ୍ୟାଲୋରୀ ଏବଂ ହାଇ ଫାଇବର ଥାଏ, ଯେଉଁଥିଲାଗି ପେଟ ଦୀର୍ଘ ସମୟ ଧରି ଭର୍ତ୍ତି ହେବା ଭଳି ମନେ ହୋଇଥାଏ। ଫଳରେ ଅଧିକ ଭୋକ ଲାଗେ ନାହିଁ। ମୁଗ ଡ଼ାଲିର ପାଣି ହୃଦୟର ସ୍ୱାସ୍ଥ୍ୟ ପାଇଁ ଲାଭକାରୀ। ଏହା ଧମନୀରେ ପ୍ରବାହିତ କୋଲେଷ୍ଟରଲକୁ ବାହାର କରିବାକୁ ଲାଭଦାୟକ ହୋଇଥାଏ। ଏହାଦ୍ୱାରା ରକ୍ତ ପ୍ରଭାବ ଭଲ ହୋଇଥାଏ। ନିୟମିତ ଭାବେ ମୁଗ ଡ଼ାଲିର ପାଣି ପିଇଲେ ହୃଦୟ ସୁସ୍ଥ ରହିଥାଏ।





## ବିଷମକଟକରେ ଛାତ୍ରୀମାନଙ୍କ ମଧରେ ଝାଡ଼ା ବାନ୍ତି ଆତଙ୍କ, ଗୋଟିଏ ଛାତ୍ରୀଙ୍କ ମୃତ୍ୟୁ




**ବିଷମକଟକ,୧।୨(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ପଞ୍ଚାୟତରେ ଅବସ୍ଥିତ ନଳିନୀ ବିଦ୍ୟା ମନ୍ଦିରରେ ଶତାଧିକ ଛାତ୍ରୀ ହଠାତ୍ ଝାଡ଼ା ଓ ବାନ୍ତିରେ ଆକ୍ରାନ୍ତ ହୋଇଥିବା ଘଟଣା ସମଗ୍ର ଅଞ୍ଚଳରେ ଆତଙ୍କ ସୃଷ୍ଟି କରିଛି। ଏହି ଘଟଣାରେ ୪୦ରୁ ଅଧିକ ଛାତ୍ରୀଙ୍କୁ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୫୦ରୁ ୬୦ ଛାତ୍ରୀଙ୍କୁ ବିଦ୍ୟାଳୟ ପରିସରରେ ସ୍ଥାନୀୟ ଡାକ୍ତରମାନଙ୍କ ଦ୍ୱାରା ଚିକିତ୍ସା ସେବା ଦିଆଯାଉଛି। ସୂଚନା ଅନୁସାରେ, ଆକ୍ରାନ୍ତ ଛାତ୍ରୀମାନଙ୍କ ମଧ୍ୟରୁ ୬ ଜଣଙ୍କ ଅବସ୍ଥା ଗୁରୁତର ହୋଇପଡ଼ିଥିବାରୁ ସେମାନଙ୍କୁ ଆମ୍ବୁଲାନ୍ସ ଯୋଗେ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଅତ୍ୟନ୍ତ ଦୁଃଖଦ ଘଟଣା ହେଉଛି ଏହି ଘଟଣାରେ ଗୋଟିଏ ଛାତ୍ରୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତ୍ୟୁବରଣ କରିଥିବା ଛାତ୍ରୀଙ୍କ ପରିଚୟ ବାତପୁର୍ ପଞ୍ଚାୟତର କନଡୀ ଗ୍ରାମର ଲଗ୍ନା ଉର୍ଲକା ୪ର୍ଥ ଶ୍ରେଣୀ ଛାତ୍ରୀ ବୋଲି ଚିହ୍ନଟ ହୋଇଛି। ସେ ରାଜେନ୍ଦ୍ର ଉର୍ଲକାଙ୍କ ଝିଅ ବୋଲି ଜଣାପଡ଼ିଛି। ଘଟଣା ର ସୂଚନା ପାଇ ରାୟଗଡ଼ା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଏକ ବିଶେଷଜ୍ଞ ଡାକ୍ତର ଟିମ୍ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଯାଞ୍ଚ କରୁଛନ୍ତି। ଖାଦ୍ୟ ଓ ପାଣି ନମୁନା ସଂଗ୍ରହ କରାଯାଇଥିବା ସହ ଘଟଣାର କାରଣ ତଦନ୍ତ ଜାରି ରହିଛି।

## ମହାତ୍ମା ଗାନ୍ଧୀ ଡିଗ୍ରୀ କଲେଜରେ ଛାତ୍ରୀ ଆତ୍ମ ସୁରକ୍ଷା ତାଲିମ ଶିବିର



**ବୈଶିଙ୍ଗା,୩୧।୧ (ସଂଚାର ବ୍ୟୁରୋ):** ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧି ଡିଗ୍ରୀ କଲେଜରେ ଛାତ୍ରୀ ମାନଙ୍କ ନିମନ୍ତେ ଆତ୍ମ ସୁରକ୍ଷା ତାଲିମ୍ କାର୍ଯ୍ୟକ୍ରମ ଜାନୁଆରୀ ୧୯ ତାରିଖ ଠାରୁ ଆରମ୍ଭ ହୋଇ ଆଜି ୩୧ ତାରିଖରେ ଉଦଯାପିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମର ଉଦଘାଟନ ଉତ୍ସବ ରେ ଆଧକ୍ଷା ଡ଼କ୍ଟର ମମତା ସାହୁ ସଭାପତିତ୍ୱ କରି ଏହାର ଉପାଦେୟତା ସମ୍ପର୍କ ରେ ଅଭିଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମରେ କୁମାରୀ ଧାନୀ ମାଝୀ ପ୍ରଶିକ୍ଷିକା ଭାବରେ ୯୧ ଜଣ ଛାତ୍ରୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ ଏବଂ ଓଡ଼ିଆ ବିଭାଗର ଅଧ୍ୟାପିକା ଡ଼କ୍ଟର ସ୍ପନ୍ଦିତା ଧଳ ସଂଯୋଜିକା ଭାବରେ ପରିଚାଳନା କାର୍ଯ୍ୟ ନିର୍ବାହ କରିଥିଲେ। ଉଦଯାପନୀ ଉତ୍ସବରେ ମହାବିଦ୍ୟାଳୟର ଅଧକ୍ଷା ଡ଼କ୍ଟର ମମତା ସାହୁ ସମସ୍ତ ଛାତ୍ରୀମାନଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ସମସ୍ତ କର୍ମଚାରୀ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ଶେଷରେ ଏହି ମହାବିଦ୍ୟାଳୟ ର ଛାତ୍ରୀ ଆତ୍ମାସୁରକ୍ଷା ସଂଯୋଜିକା ଡ଼ ସ୍ପନ୍ଦିତା ଧଳ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଅମୃତ କୁଟୁମ୍ବର ବାର୍ଷିକ ଉତ୍ସବ

**ଭେଡେନ,୩୧।୧(ସଂଚାର ବ୍ୟୁରୋ):** ଭେଡେନ ସ୍ଥିତ ବିଜୟ ମଣ୍ଡପ ଠାରେ ଅମୃତ କୁଟୁମ୍ବ ୫ମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅମୃତ କୁଟୁମ୍ବ ର ସଭାପତି ଆନନ୍ଦ ସୁନାଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଲମ୍ବୋଦର ହୋତା ଯୋଗଦାନ କରିଥିବା ବେଳେ ମୁଖ୍ୟ ବକ୍ତା ଭାବରେ ସିଦ୍ଧାଥ ଡିଗ୍ରୀ କଲେଜ ର ଅଧକ୍ଷ ଧୀରେନ୍ଦ୍ର କୁମାର ନାୟକ, ସମ୍ମାନିତ ଅତିଥିଭାବରେ ମନୋହର ସଂସ୍କୃତି ସାଂସଦର ସଭାପତି ଉତ୍ପନ୍ନ କୁମାର ଭୋଇ ପ୍ରମୁଖ ଯୋଗଦାନ କରିଥିଲେ। ଅତିଥି ବୃନ୍ଦ ମାଁ ସମଲେଶ୍ୱରୀ ଓ ମହାତ୍ମା ଗାନ୍ଧୀଙ୍କ ଫଟୋ ଚିତ୍ର ରେ ଦୀପ ପ୍ରଜ୍ୱଳନ ପୂର୍ବକ ସଭକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଆଇଟିଆଇ କଲେଜର ଛାତ୍ରୀଙ୍କ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ। ଶିକ୍ଷକ ଲଳିତ କୁମାର ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଧନେଶ୍ୱର ସାହୁ ମଞ୍ଚ ପରିଚାଳନା କରିଥିଲେ। ଉପସ୍ଥିତ ଅତିଥିବୃନ୍ଦ ତାଙ୍କ ବକ୍ତବ୍ୟ ରେ ମତପ୍ରକାଶ କରିଥିଲେ ଯେ ବର୍ତ୍ତମାନ ରକ୍ତଦାନର ଗୁରୁତ୍ୱ ସହକାରେ ସଚେତନ କରି ରକ୍ତଦାନ ଜୀବନ ଦାନ ଓ ରକ୍ତ ହିଁ ରକ୍ତର ବିକଳ୍ପ ବୋଲି ଉପସ୍ଥିତ ଜନସାଧାରଣ ଙ୍କୁ ବାର୍ତା ଦେଇଥିଲେ। ଏହି ଅବସରରେ ଅମୃତ କୁଟୁମ୍ବ ତରଫରୁ ସମାଜରେ ବିଭିନ୍ନ କ୍ଷେତ୍ରରେ ସେବା ଯୋଗାଉଥିବା ବିଶିଷ୍ଟ ବ୍ୟକ୍ତି ଙ୍କୁ ସମ୍ବର୍ଦ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ଅବସରପ୍ରାପ୍ତ ଶିକ୍ଷକ ତାରାଚାନ୍ଦ ଭୋଇ ଙ୍କୁ ଅମୃତ ଶିକ୍ଷା ସମ୍ମାନ, ପଦ୍ମପୁର ଏକ ଟଙ୍କିଆ ସଙ୍ଗୀତ ବିଦ୍ୟାଳୟ ର ସୁରେନ୍ଦ୍ର କୁମାର ସାହୁ ଙ୍କୁ ଅମୃତ ସେବା ସମ୍ମାନ ଓ ଭେଡେନ ବିଡ଼ିଓ କର୍ଣ ସୁନା ଙ୍କୁ ଅମୃତ ସମାଜ ସୁରକ୍ଷା ସମ୍ମାନ ରେ ଅମୃତ କୁଟୁମ୍ବ ତରଫରୁ ସମ୍ବର୍ଦ୍ଧିତ କରାଯାଇଛି।

## ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ସମ୍ପୂର୍ଣ୍ଣତା ଅଭିଯାନ ସମାରୋହ



**ବଲାଙ୍ଗିର,୩୧।୧(ସଂଚାର ବ୍ୟୁରୋ):** ଭୀମ ଭୋଇ ମେଡିକାଲ କଲେଜ ଓ ହସପିଟାଲର ସମ୍ମିଳନୀ କକ୍ଷରେ ଆଜି ଆକାଂକ୍ଷୀ ଜିଲ୍ଲା କାର୍ଯ୍ୟକ୍ରମ ଅନ୍ତର୍ଗତ ସମ୍ପୂର୍ଣ୍ଣତା ଅଭିଯାନର ସମାରୋହ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ଗୌରଭ୍ ଶିୱାଜୀ ଇସଲୱାରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପରିଷଦ ଅଧକ୍ଷା ଦେବକୀ ସାହୁ ଯୋଗଦେଇଥିଲେ। ଅନନ୍ୟ ଅତିଥି ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ତରଣୀ ସୁନା, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ପରିବାର କଲ୍ୟାଣ ଅଧିକାରୀ ଡାଃ. ପୁଷ୍ପାଞ୍ଜଳି ମିଶ୍ର, ଜିଲ୍ଲା ସାମାଜିକ କଲ୍ୟାଣ ଅଧିକାରୀ ସୁଷୁମା ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ ଧୀରେନ ସିଂ ବରିହା ପ୍ରମୁଖ ମଞ୍ଚାସୀନ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ସହିତ ଏହି ଅଭିଯାନ ଉତ୍ସବ ଆରମ୍ଭ ହୋଇଥିଲା। ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଏହି ଅଭିଯାନର ଗୁରୁତ୍ୱ ଏବଂ ଏହାର ସଫଳତା ଉପରେ ଆଲୋକପାତ କରିଥିଲେ। ମୁଖ୍ୟ ଅତିଥି ଶ୍ରୀମତୀ ସାହୁ ନିଜର ଅଭିଭାଷଣରେ ଅଙ୍ଗନୱାଡି ଏବଂ ଆଶା କର୍ମୀଙ୍କ ପରି ଆଗଧାଡ଼ିର କର୍ମୀଙ୍କ ଉଦ୍ୟମ ବଳରେ ଏହି ଉନ୍ନତିମୂଳକ କାର୍ଯ୍ୟଗୁଡ଼ିକ ଆଗେଇ ଯାଉଥିବାରୁ ସେମାନଙ୍କର ଗୁରୁତ୍ୱପୂର୍ଣ୍ଣ ଅବଦାନ ପାଇଁ ପ୍ରଶଂସା କରିଥିଲେ। ଜାତୀୟସ୍ତରରେ ବଲାଙ୍ଗିର ଜିଲ୍ଲାର ରାଙ୍କିଙ୍ଗରେ ଉନ୍ନତି ଆଣିବା ପାଇଁ ନିରନ୍ତର ପ୍ରୟାସ ଉପରେ ଗୁରୁତ୍ୱ ଦେଇ ସ୍ୱାସ୍ଥ୍ୟ, ପୁଷ୍ଟିସାଧନ, ଶିକ୍ଷା ଏବଂ କୃଷି କ୍ଷେତ୍ରରେ ପୂର୍ଣ୍ଣ ପରିପୂର୍ଣ୍ଣତା ହାସଲ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ।

## ପ୍ରଧାନଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**ନର୍ଲା, ୩୧।୧(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ସରିଆଁ ସ୍ଥିତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସାଧୁରାମ ଭୋଇ ଆଜି ଅବସର ଗ୍ରହଣ କରିଛନ୍ତି। ଏନେଇ ବିଦ୍ୟାଳୟ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଳାହାଣ୍ଡି ଏଡିଇଓ ତପିମଣି ଜାନୀ, ନର୍ଲା ଭାରପ୍ରାପ୍ତ ବିଇଓ ଗୋବର୍ଦ୍ଧନ ମାଝୀ, ଏବିଇଓ ସୁଢ଼ଲଦେବ ମୁଣ୍ଡ ଓ ସୂର୍ଯ୍ୟଦେବ ବାଗ, ଜିଲ୍ଲା ଅମଲା ସଂଘ ସମ୍ପାଦକ ଜିତେନ୍ଦ୍ର ମୁଣ୍ଡ, ବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ଚନ୍ଦ୍ରଶେଖର ଶବର, ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ସେକ୍ସନ ଅଫିସର ଟଙ୍କଧର ସାହୁ, ସରିଆଁ ସରପଞ୍ଚ ଓମପ୍ରକାଶ ଛତ୍ରିଆ, ନର୍ଲା ଡବ୍ଲୁଇଓ ଶ୍ୟାମସୁନ୍ଦର ନାଏକ, ଶିକ୍ଷକ ଗଙ୍ଗାନାରାୟଣ ଦାଶ, କୈଳାସ ଚନ୍ଦ୍ର ଭୋଇ, ଉମାକାନ୍ତ ଭୋଇ, ମିନତି ଶତପଥୀ, ନାରାୟଣ ସାହୁ, ସଲିଲ ରଞ୍ଜନ ସିକଦାର, ନର୍ଲା ପ୍ରାଥମିକ ଶିକ୍ଷକ ସଂଘ ସାଧାରଣ ସମ୍ପାଦକ ଅମିତ ଶର୍ମାଙ୍କ ସମେତ ଅନେକ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ପରିଚାଳନା କମିଟିର କାର୍ଯ୍ୟକର୍ତ୍ତା, ପୁରାତନ ଛାତ୍ରଛାତ୍ରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ରହି ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ଭୋଇଙ୍କୁ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ପୂର୍ବତନ ଛାତ୍ର ଅଚ୍ୟୁତାନନ୍ଦ ଭୋଇ। ସଭା ପରେ ଏକ ବିଶାଳ ଶୋଭାଯାତ୍ରାରେ ସମସ୍ତେ ଅବସରପ୍ରାପ୍ତ ଶିକ୍ଷକ ଓ ତାଙ୍କ ଧର୍ମପତ୍ନୀ ସସ୍ମିତା ଭୋଇଙ୍କୁ ନେଇ ତାଙ୍କ ସରିଆଁ ସ୍ଥିତ ବାସଭବନରେ ଛାଡ଼ି ଆସିଥିଲେ।

# ଖତ ଖାଉଛି କୋଟିକୋଟିର ଶୌଚାଳୟ

### ଅଚିନ୍ତାରେ ବସିଛି ପୌରପରିଷଦ



**ରାୟଗଡା,୧।୨(ସଂଚାର ବ୍ୟୁରୋ):** ସହରରେ ପୌରପରିଷଦ ପକ୍ଷରୁ ସହରର ବିଭିନ୍ନ ସ୍ଥାନରେ ନିର୍ମାଣ ହୋଇଥିବା ଶୌଚାଳୟ ଖତ ଖାଉଛି। ପାଖାପାଖି ୧ କୋଟି ଟଙ୍କା ଖତ ଖାଉଥିବା ବେଳେ ପୌରପରିଷଦର ଏଥିପ୍ରତି ଧ୍ୟାନ ନାହିଁ। ଯାହାକୁ ନେଇ ଦେଖାଦେଇଛି ଅସନ୍ତୋଷ । ରାୟଗଡ଼ା ସହରର ବିଭିନ୍ନ ଜନଗହଳିପୂର୍ଣ୍ଣ ସ୍ଥାନରେ ଥିବା ଶୌଚାଳୟର ଅବସ୍ଥା । କେଉଁଠି ରକ୍ଷଣାବେକ୍ଷଣର ଅଭାବରୁ ଭାଙ୍ଗିଯାଇଛି ତ' ଆଉ କେଉଁଠି ଶୌଚାଳୟକୁ ପାଇପ ସଂଯୋଗ ହୋଇନି। ଅଧାରୁ ଅଧିକ ଶୌଚାଳୟରେ ତାଲା ଝୁଲୁଛି। ଲକ୍ଷେ କି ଦୁଇ ଲକ୍ଷ ନୁହେଁ, କୋଟିଏ ଟଙ୍କା ଏଠି ଖତ ଖାଉଛି। ସହର ମଧ୍ୟରେ ଶୌଚାଳୟର ଏପରି ଅବସ୍ଥା ଯୋଗୁଁ ଉଠା ବ୍ୟବସାୟୀ, ଦୋକାନୀ ଓ ବାହାରୁ ଆସୁଥିବା ଯାତ୍ରୀ ଅସୁବିଧା ଭୋଗୁଛନ୍ତି। ପୌରପରିଷଦର ଦୂରଦୃଷ୍ଟିର ଅଭାବ ପାଇଁ ଶୌଚାଳୟ ଗୁଡ଼ିକ ଜରାଜୀର୍ଣ୍ଣ ହୋଇ ପଡିରହିଛି । ସୂଚନା ଅନୁସାରେ, ରାୟଗଡା ସହରରେ ୯ଟି ପରିସ୍ରାଗାର ଓ ୭୦ଟି କମ୍ୟୁନିଟି ଶୌଚାଳୟ ବାବଦକୁ ସମୁଦାୟ ୯୫ ଲକ୍ଷ ୮୭ ହଜାର ଟଙ୍କା ଖର୍ଚ୍ଚ ହୋଇଛି। ପୌରପରିଷଦ ପକ୍ଷରୁ ମୁକ୍ତା ଯୋଜନାରେ ୨୭ ଲକ୍ଷ ୨୭ ହଜାର ଟଙ୍କା ବ୍ୟୟରେ ୯ଟି ପରିସ୍ରାଗାର ନିର୍ମାଣ କରାଯାଇଛି । ସେହିପରି ସହରର ୨୦ଟି ୱାର୍ଡରେ ୨୦୧୪ରୁ ୨୦୧୭ ବର୍ଷ ମଧ୍ୟରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ୭୦ଟି ସିଟ୍ କମ୍ୟୁନିଟି ଶୌଚାଳୟ ନିର୍ମାଣ ହୋଇଛି। ଏଥିପାଇଁ ଖର୍ଚ୍ଚ ହୋଇଛି ୬୮ ଲକ୍ଷ ୬୦ ହଜାର ଟଙ୍କା । ଆଉ ଏ ସବୁକୁ ସଜାଡ଼ିବା ପରିବର୍ତ୍ତେ ନୂଆ ଶୌଚାଳୟ ନିର୍ମାଣ ଯୋଜନା କରୁଛି ପୌରପରିଷଦ। ଯାହାକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏପଟେ ପୌର ପରିଷଦ ଅଧକ୍ଷ କହୁଛନ୍ତି, ଶୌଚାଳୟରୁ ସରଞ୍ଜାମ ଚୋରି ହୋଇଯାଇଥିବାରୁ ଏପରି ଅବସ୍ଥା ସୃଷ୍ଟି ହୋଇଛି । ଶୌଚାଳୟ ଗୁଡ଼ିକର କାମ ଅତ୍ୟନ୍ତ ନିମ୍ନମାନର କାମ କରାଯାଇ ବିଲ୍ ଉଠାଯାଇଥିବା ଅଭିଯୋଗ ହୋଇଛି। ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରି ଦୁର୍ନୀତିକୁ ଧରିବା ପାଇଁ ଦାବି କରିଛନ୍ତି ସାଧାରଣ ଲୋକ।

## ଓଡ଼ିଶା ଜୀବିକା ମିଶନ ପକ୍ଷରୁ ଆର୍ଥିକ ସାକ୍ଷରତା ଅଭିଯାନ




**ବାଲିକୁଦା,୩୧।୧(ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ବାଲିକୁଦା ବ୍ଲକ ଅଧିନସ୍ଥ ସଂଗ୍ରାମପୁର ଗ୍ରାମ ପଞ୍ଚାୟତରେ ଓଡିଶା ଜୀବିକା ମିଶନ ପକ୍ଷରୁ ଆର୍ଥିକ ସାକ୍ଷରତା ଅଭିଯାନ ଆରମ୍ଭ ହୋଇଯାଇଛି। ଏହି ସାକ୍ଷରତା ଅଭିଯାନରେ ସଂଗ୍ରାମପୁର ଗ୍ରାମ ପଞ୍ଚାୟତ ମିଶନ ଶକ୍ତିର ଶତାଧିକ ମହିଳା ମାନେ ଯୋଗ ଦେଇ ବିଭିନ୍ନ ଗ୍ରାମ ପରିକ୍ରମା କରି ଆର୍ଥିକ ସାକ୍ଷରତା ବିଷୟରେ ସ୍ଥାନୀୟ ଅଞ୍ଚଳର ବାସିନ୍ଦା ମାନଙ୍କୁ ଅବଗତ କରାଇଥିଲେ। ସଂଗ୍ରାମପୁର ଗ୍ରାମ ପଞ୍ଚାୟତର ଏମବିକେ ମମତା ଭୋଇଙ୍କ ପ୍ରତେକ୍ଷ୍ୟ ତତ୍ୱାବଧାନରେ ଗାଦିବ୍ରହ୍ମ ଏସଏଚଜି, ନୀଳକଣ୍ଠେଶ୍ୱର ଏସଏଚଜି, କୁଞ୍ଜ କାମିନୀ ଏସଏଚଜି, ତ୍ରାହି ଅଚ୍ୟୁତ ଏସଏଚଜି, ମା ମଙ୍ଗଳା ଏସଏଚଜି, ମା ସାରଳା ଏସଏଚଜି ର ସଭାନେତ୍ରୀ, ସମ୍ପାଦିକା ଙ୍କ ସମେତ ଶତାଧିକ ସଦସ୍ୟା ମାନେ ଯୋଗ ଦେଇଥିଲେ। ଏହି ଅବସରରେ ଏମ୍ବିକେ ମମତା ଭୋଇଙ୍କ ଅଧକ୍ଷତାରେ ଏକ ସଭାର ଆୟୋଜନ ମଧ କରାଯାଇଥିଲା। ମହିଳା ମାନେ କିପରି ଆର୍ଥିକ ସ୍ତରରେ ଉନ୍ନତି କରିବେ ଏବଂ ସରକାରଙ୍କ ତରଫରୁ ମହିଳା ମାନଙ୍କ ପାଇଁ ଅସୁବିଧା ସମସ୍ତ ସୁବିଧା ସୁଯୋଗ ଯଥା ସ୍ୱାସ୍ଥ୍ୟ, ପିଲାମାନଙ୍କ ଶିକ୍ଷା, ବିବାହ, ବୃଦ୍ଧାବସ୍ଥାରେ ସରକାରୀ ସହାୟତା, ପରିବାରର ଘରୋଇ ବଜେଟ ଏବଂ ଜୀବିକା ଋଣ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଉପସ୍ଥିତ ସଦସ୍ୟା ମାନଙ୍କୁ ସଚେତନ କରିବା ସହିତ ସମସ୍ତ ପ୍ରକାର ସରକାରୀ ସହାୟତା କିପରି ସୁବିନିଯୋଗ କରିବେ ସେନେଇ ସଚେତନ କରାଇଥିଲେ।

## ଉଚ୍ଚ ବିଦ୍ୟାଳୟର ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ

**ବୈଶିଙ୍ଗା,୩୧।୧(ସଂଚାର ବ୍ୟୁରୋ):** ବେତନଟୀ ବ୍ଲକ ଅଧିନସ୍ଥ ଦହିକୋଟି ସରକାରୀ ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ଏବଂ ପୁରସ୍କାର ବିତରଣ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଇଂ ସୁଶାନ୍ତ କୁମାର ବଳା ଏବଂ ମୁଖ୍ୟବକ୍ତା ଭାବେ ବରିଷ୍ଠ ସାମ୍ବାଦିକ ହରିଶ୍ଚନ୍ଦ୍ର ନନ୍ଦ ଗୋସ୍ୱାମୀ ତଥା ବିଦ୍ୟାଳୟର ଆଲୁମିନି ସଦସ୍ୟ ସ୍ୱରୂପ କୁମାର ତ୍ରିପାଠୀ ଏବଂ ସିଆରସିସି କାନ୍ଦୁରା ମାଝୀ, ୱାର୍ଡ ମେମ୍ବର ଶକୁନ୍ତଳା ମହାନ୍ତ ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗଦେବା ସହିତ ପ୍ରଧାନ ଶିକ୍ଷୟିତ୍ରୀ ବିଜୟ ଲକ୍ଷ୍ମୀ ଟିଉ ଅଧକ୍ଷତା କରିଥିଲେ। ମୁଖ୍ୟ ଅତିଥି ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢ଼ି ଭଲ ମଣିଷ ହେବା ପାଇଁ ଉପଦେଶ ଦେଇଥିବାବେଳେ ମୁଖ୍ୟ ବକ୍ତା ଶିକ୍ଷା ବିନା ବ୍ୟକ୍ତି ବା ସମାଜ ଦେଶ କିମ୍ବା ରାଜ୍ୟର ଉନ୍ନତି ସାଧିତ ହୋଇପାରିବ ନାହିଁ ବୋଲି କହିଥିଲେ। ଉପଯୁକ୍ତ ଶିକ୍ଷାଲାଭ ପାଇଁ ଜୀବନରେ ଶୃଙ୍ଖଳା ଜରୁରୀ ଅଟେ ଜଣେ ବିଶୃଙ୍ଖଳିତ ନାଗରିକ କେବେ ସୁନାଗରିକ ହୋଇ ପାରିବ ନାହିଁ ବୋଲି କହିଥିଲେ। ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର ଅଂଶ ଗ୍ରହଣ କରିଥିବା କୃତି ପ୍ରତିଯୋଗୀମାନଙ୍କୁ ଅତିଥିମାନେ ସାର୍ଟିଫିକେଟ ଓ ପୁରସ୍କାର ବିତରଣ କରିଥିଲେ। ସ୍କୁଲର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ ଏବଂ ସହକାରୀ ଶିକ୍ଷକ ଗଣେଶ୍ୱର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

**ସୁବର୍ଣ୍ଣପୁର,୧।୨(ସଂଚାର ବ୍ୟୁରୋ):** ସୋନପୁର ବ୍ଲକ ହରଡଖୋଲ କ୍ଲଷ୍ଟରସ୍ତରୀୟ ତ୍ରିଦିବସୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସିଆରସିସି ରଶ୍ମିତା ସାହୁଙ୍କ ତତ୍ତ୍ୱାବଧାନରେ ଗତ ୨୭ରୁ ୨୯ତାରିଖ ପର୍ଯ୍ୟନ୍ତ ହରଡ଼ଖୋଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ କୁଳିପାଲି ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଉକ୍ତ କର୍ମଶାଳାରେ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦେଇଥିଲେ। ଶିକ୍ଷକ ତଥା ଡିଆରଜି ଘନଶ୍ୟାମ ମିଶ୍ର କିଭଳି ସ୍ୱଳ୍ପ ତଥା ବିନା ମୂଲ୍ୟରେ ଛାତ୍ରଛାତ୍ରୀଙ୍କ ପାଇଁ ଅନେକ ଆକର୍ଷଣୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିହେବ ସେ ବିଷୟରେ ପ୍ରଶିକ୍ଷଣ ଦେଇଥିଲେ।

## ସମଗ୍ର ହିନ୍ଦୁ ସମାଜ ଦ୍ୱାରା ହିନ୍ଦୁ ସମ୍ମିଳନୀ



**ସୁବର୍ଣ୍ଣପୁର,୧।୨(ସଂଚାର ବ୍ୟୁରୋ):** ସୋନପୁର ପଟାଭାଡ଼ି ନାମ ମଣ୍ଡପ ଶ୍ରୀରାମ ମନ୍ଦିର ପରିସରରେ ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ହିନ୍ଦୁ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏ କାର୍ଯ୍ୟକ୍ରମକୁ ବୁଝିବାକୁ ହେଲେ ପ୍ରଥମେ ଏହି ଶ୍ଳୋକପ୍ରତି ଦୃଷ୍ଟି ଆକର୍ଷଣ କରିବାକୁ ହେବ- ତ୍ରେତୟାଂ ମନ୍ତ୍ର ଶକ୍ତିଶ୍ଚ ଜ୍ଞାନ ଶକ୍ତି କୃତେ ଯୁଗେ ଦ୍ୱାପରେ ଯୁଦ୍ଧ ଶକ୍ତିଶ୍ଚ ସଂଘ ଶକ୍ତି କଲୌ ଯୁଗେ। ଅର୍ଥାତ କଳିଯୁଗରେ ସଂଗଠନ ଶକ୍ତି ହିଁ ଆମକୁ ସୁରକ୍ଷା, ଏବଂ ଶକ୍ତିଶାଳୀ କରିପାରିବ। ଆପଣମାନଙ୍କ ଜ୍ଞାତ ଥିବ ଯେ ଆଜି ସାରା ପୃଥିବୀରେ କିପରି ଅରାଜକତା ଶକ୍ତି ମୁଣ୍ଡ ଟେକିଛି। ଅନେକ ଦେଶ ଦେଶ ମଧ୍ୟରେ ଅସ୍ତିତ୍ୱକୁ ନେଇ ନିଜ ନିଜ ର ବଳ ପ୍ରୟୋଗ ଦ୍ୱାରା ବିଜୟୀ ହେବାକୁ ଉଦ୍ୟମ କରୁଛନ୍ତି। ଭାରତକୁ ଦୀର୍ଘ ୧୦୦୦ ବର୍ଷ ହେଲା ଅନେକ ବାହାର ତତ୍ତ୍ୱ ଆସି ଅନେକ ସମୟରେ ଭାରତର ସଂସ୍କୃତି କୁ ବିଲୋପ କରିବା ପାଇଁ ବଳପୂର୍ବକ ଉଦ୍ୟମ ସତ୍ତ୍ୱେ ସେମାନେ ସଫଳ ହୋଇପାରି ନାହାନ୍ତି। ତାହାର ଏକମାତ୍ର କାରଣ ହେଉଛି ସେତେବେଳେ ମଧ ହିନ୍ଦୁ ଏକ ହୋଇ ଲଢେଇ ଜାରି ରଖିଥିଲେ। ବର୍ତ୍ତମାନ ମଧ ଭାରତ ଉପରେ ଅନେକ ଦେଶ ବାହାରେ ଏବଂ ଦେଶ ଭିତରେ ଆମ ସଂସ୍କୃତି, ଆସ୍ଥା, ପରମ୍ପରା ଉପରେ କୋପ ଦୃଷ୍ଟି ପକାଉଛନ୍ତି। ଏବେ ମଧ ଆମକୁ ଏକ ହୋଇ ସଜାଗ ରହିବା ଆବଶ୍ୟକ। ଏହିପରି କିଛି ବିଷୟକୁ ନେଇ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। ଏହି କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ହୋଇଥିଲେ ଉପ ଜିଲ୍ଲାପାଳ ଡ଼ ସୌମ୍ୟା ରୂପା ରଥ ଉପସ୍ଥିତ ହୋଇ ତାଙ୍କ କିଛି ବକ୍ତବ୍ୟ ରଖିଥିଲେ।

## ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ

**ସୁବର୍ଣ୍ଣପୁର,୧।୨(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ପେଲେସ୍ ଗାର୍ଡେନ ସ୍ଥିତ ପ୍ରଜ୍ଞା ଭାରତୀ ଆବାସିକ ବିଦ୍ୟାଳୟର ବାର୍ଷିକୋତ୍ସବ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଏଥିରେ ମୁଖ୍ୟ ଅତିଥି ଭାବରେ ମେଣ୍ଡା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଝସକେତନ ମେହେର ଯୋଗ ଦେଇଥିଲେ, ମୁଖ୍ୟ ବକ୍ତା ଭାବରେ ବୌଦ୍ଧ ଜିଲ୍ଲା ଶିଶୁ ସୁରକ୍ଷା କମିଟିର ସଦସ୍ୟ ଶ୍ରୀଯୁକ୍ତ ରାଜୀବ କୁମାର ନାୟକ ଓ ସମ୍ମାନିତ ଅତିଥି ଭାବରେ ବିଶିଷ୍ଟ କଳାକାର ଶ୍ରୀ ପ୍ରମୋଦ କୁମାର ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶ୍ରୀଯୁକ୍ତ ସନ୍ତୋଷ କୁମାର ପୂଜାହାରୀ ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ରମେଶ ପ୍ରସାଦ ନାୟକ ସଭାପତିତ୍ୱ କରିଥିଲେ। ଗତ ୨୩/୧୨/୨୦୨୫ ଦିନରେ ଅନୁଷ୍ଠିତ ହୋଇଥିବା ବାର୍ଷିକ କ୍ରୀଡ଼ା ଉତ୍ସବ ର କୃତି ଛାତ୍ରଛାତ୍ରୀ ଏବଂ ବିଭିନ୍ନ ପ୍ରତିଯୋଗିତାରେ କୃତକାର୍ଯ୍ୟ ହୋଇଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କୃତ କରିବା ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

### ପ୍ରେମ ବିବାହକୁ ନେଇ ବାମଡ଼ା ଲକ୍ଷ୍ମୀନାରାୟଣ ମନ୍ଦିରରେ ତୁମୁଳକାଣ୍ଡ

## କନିଆ ଘର ଗୁଣ୍ଡା ଆସି ନିର୍ଘୁମ ପିଟିଲେ



**ବୈଶିଙ୍ଗା,୩୧।୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ବାମଡା ସ୍ଥିତ ଲକ୍ଷ୍ମୀନାରାୟଣ ମନ୍ଦିରରେ ଶୁକ୍ରବାର ବୈଦିକ ରୀତିନୀତି ରେ ଏକ ପ୍ରେମ ବିବାହ ଅନୁଷ୍ଠିତ ହେଉ ଥିଲା। ଉଭୟ ବର ଓ କନିଆ ପ୍ରାପ୍ତ ବୟସ୍କ ଥିଲେ। ମାତ୍ର ବିବାହ ମଝିରେ କନିଆ ପକ୍ଷର ୧୦/୧୫ ଗୁଣ୍ଡା ପହଞ୍ଚି ବରକନ୍ୟା ଙ୍କୁ ନିର୍ଘୁମ ପିଟି ଚାଲିଲେ। ଏହି ସମୟରେ ବର ପକ୍ଷର ଲୋକମାନେ ପ୍ରସାଦ ସେବନରେ ବ୍ୟସ୍ତ ରହିଥିଲେ। ଘଟଣାରୁ ପ୍ରକାଶ ବୈଶିଙ୍ଗା ଥାନା ଅଧୀନ ବଡ ଗୋପାଳପୁର ଗ୍ରାମର ଗିରିଶ ବରଜ ଙ୍କ ପୁଅ ସୀତେଶ ବରଜ ବାଲେଶ୍ୱର ଅଞ୍ଚଳର ଦିବ୍ୟଦର୍ଶିନୀ ନାୟକ (୨୪) ଙ୍କୁ ତିନି ବର୍ଷ ଧରି ଭଲ ପାଇ ଆସୁଥିଲେ। ୨୦୨୪ ନଭେମ୍ବର ୧୪ ତାରିଖରେ ରେଜେଷ୍ଟ୍ରି ମ୍ୟାରେଜ ମଧ କରିଥିଲେ। ପ୍ରାୟ ଏକ ମାସ ହେବ ଉଭୟେ ବାହାରେ ରହୁଥିଲେ। ଶୁକ୍ରବାର ଦିନ ମନ୍ଦିର ରେ ବୈଦିକ ରୀତିରେ ବିବାହ କରାଯିବାର ସିଦ୍ଧାନ୍ତ ନେଇ ବରପକ୍ଷ ଲୋକଙ୍କ ସହିତ ବାମଡା ଲକ୍ଷ୍ମୀନାରାୟଣ ମନ୍ଦିରରେ ପହଞ୍ଚିଥିଲେ। ବିବାହ ଚାଲିଥିବା ବେଳେ ଝିଅର ଭାଇ ଓ କକା କେତେକ ଗୁଣ୍ଡା ଶ୍ରେଣୀର ଲୋକଙ୍କୁ ନେଇ ମନ୍ଦିରରେ ପହଞ୍ଚି ବରକନ୍ୟା ଙ୍କୁ ନିର୍ଘାତ ପିଟିଥିଲେ। ସୀତେଶ ର ବଡଭାଇ ଦୀନେଶ ର ସ୍ତ୍ରୀ ଜ୍ୟୋତିମୟୀ ଜେନା ଉଦ୍ଧାର କରିବା ପାଇଁ ଚେଷ୍ଟା କରିବା ସମୟରେ ତାଙ୍କୁ ମଧ ପିଟିଥିଲେ ଏବଂ ତୁ ଶାଳୀ ପାଣ ଜାତିର ଝିଅ ହୋଇ ଆମ ଝିଅ କୁ ମଧ ପାଣ କରିଦେବୁ ନା, ସାତ ଦିନ ମଧ୍ୟରେ ତମ ଘରର ସମସ୍ତଙ୍କୁ ଜୀବନରୁ ମାରିଦେବୁ। ଏହି ଭିତରେ ବୈଶିଙ୍ଗା ପୁଲିସକୁ ଖବର ଦିଆଯାଇଥିଲା। ପୁଲିସ ପହଞ୍ଚି ଉଭୟ ବର କନ୍ୟାଙ୍କୁ ଥାନାକୁ ଆଣିଥିଲେ।

## ଯୋଗୀମାଲରେ ପୁରସ୍କାର ବିତରଣ ଉତ୍ସବ



**ସୁନ୍ଦରଗଡ଼,୩୧।୧ (ସଂଚାର ବ୍ୟୁରୋ):** ଜାନୁଆରୀ ୩୧ ତାରିଖ ଶନିବାର ଦିନ ଯଶୋଦା ବିଷ୍ଣୁ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଯୋଗୀମାଲରେ ବାର୍ଷିକ ପୁରସ୍କାର ବିତରଣି ଉତ୍ସବ ମହା ଆଡମ୍ବର ସହକାରେ ପାଳିତ ହୋଇ ଯାଇଛି। ଉଦ୍ଘାଟନୀ ଉତ୍ସବରେ ଅଧକ୍ଷ କିଶୋର କୁମାର ରାଉତଙ୍କ ଅଧକ୍ଷତାରେ ମୁଖ୍ୟ ଅତିଥି ଭାବେ ଶିକ୍ଷାବିତ ବେଣୁମାଧବ ପୃସେଟ, ସମ୍ମାନୀତ ଅତିଥି ଭାବେ ମଙ୍ଗସପୁର ସରପଞ୍ଚ ଶ୍ରୀମତୀ ମୁଣ୍ଡା, ସାଂସଦ ପ୍ରତିନିଧି ସୁନିଲ କୁମାର ଖରସେଲ ଯୋଗଦାନ କରିଥିଲେ। ଅଧକ୍ଷ ତାଙ୍କର ଅଭିଭାଷଣରେ ନିଜ ସହକର୍ମୀ ଅଧ୍ୟାପକ ଓ ଅଧ୍ୟାପିକାଙ୍କ କାର୍ଯ୍ୟଶୈଳୀ ନେଇ ପଢିବା ପଢେଇବା ମଣିଷ ତିଆରି କାରଖାନାର କାର୍ଯ୍ୟ ଛାତ୍ର ଛାତ୍ରୀମାନଙ୍କୁ ଚରିତ୍ର ଗଠନ କରିବା କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଦେଇ ଥିଲେ। ଅଭିଭାବକଙ୍କ ମନରେ ପ୍ରତିଯୋଗିତା, ଉତ୍ତମ ମଣିଷ ହେବା ସହିତ ଦେଶ ଗଢିବା ପାଇଁ କହିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଦର ମହକୁମାର ଡେପୁଟି କଲେକ୍ଟର ବିରାଜ ଖାଲକୋ ଯୋଗଦାନ କରି ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିବା ସହିତ ଉତ୍ତୋରତ୍ତର କାମନା କରିଥିଲେ। ବିଭିନ୍ନ ବିଭାଗର କୃତିତ୍ୱ ଛାତ୍ର ଛାତ୍ରୀ ମାନଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ବଣ୍ଟନ କରାଯାଇ ଥିବା ବେଳେ ଛାତ୍ର ରିତେଶ ତାଣ୍ଡିଆ ଓ ଛାତ୍ରୀ ଶ୍ରୁତି ସିଂଙ୍କୁ ଚାମ୍ପିଅନ ଟ୍ରଫି ପ୍ରଦାନ କରାଯାଇ ଥିଲା। ଏହି ଅବସରରେ ଜାତୀୟ ସ୍ତରୀୟ ବକ୍ସିଂ ପ୍ରତିଯୋଗିତାରେ ଭାଗ ନେବା ପାଇଁ ଚୟନ ହୋଇଥିବା କଲେଜର ୩ ଜଣ ଛାତ୍ର ଛାତ୍ରୀଙ୍କୁ ମୁଖ୍ୟ ଅତିଥି ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ। ଅଧ୍ୟାପକ ସୁମନ୍ତ କୁମାର ଦ୍ୱିବେଦୀ ମଞ୍ଚ ପରିଚାଳନା କରିଥିବା ବେଳେ ପୂର୍ବତନ ଅଧକ୍ଷ ସୁବ୍ରତ କୁମାର ପାଣିଗ୍ରାହୀ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ପରେ ସୁକାନ୍ତ କୁମାର ଚୌଧୁରୀଙ୍କ ନିର୍ଦ୍ଦେଶନାରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯକ୍ରମ ପରିବେଷଣ କରାଯାଇ ଥିଲା ।

## ସୀମାନ୍ତରେ ଗୋଷ୍ଠୀ କେନ୍ଦ୍ର ଉଦ୍‌ଘାଟନ କଲା ବ୍ଲକ ପ୍ରଶାସନ

**ପଟ୍ଟାଙ୍ଗି,୩୧।୧(ସଂଚାର ବ୍ୟୁରୋ):** କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ଅନ୍ତର୍ଗତ କୋଟିଆ ପଞ୍ଚାୟତର ସୀମାନ୍ତ ନେରିଡିବାଲସା ଗ୍ରାମରେ ବ୍ଲକ ପ୍ରଶାସନ ପକ୍ଷରୁ ନବନିର୍ମିତ ଗୋଷ୍ଠୀ କେନ୍ଦ୍ର ଗୃହକୁ ଉଦ୍‌ଘାଟନ କରି ସୀମାନ୍ତ ଗ୍ରାମବାସୀଙ୍କ ପାଇଁ ସମର୍ପିତ କରି ବିଭିନ୍ନ ଶିକ୍ଷା ଅନୁଷ୍ଠାନ ପରିଦର୍ଶନ କରି ସ୍ଥିତି ଅନୁଧ୍ୟାନ କରିଥିଲେ। ସୂଚନା ମୁତାବକ ଶନିବାର ସ୍ଥାନୀୟ ବ୍ଲକ ପ୍ରଶାସନ ଯଥା ବଡିଓ ରାମକ୍ରିଷ୍ଣା ନାୟକ, ତହସିଲଦାର ଦେବେନ୍ଦ୍ର ବାହାଦୂର ସିଂ ଧାରୁଆ ଏବଂ କୋଟିଆ ପଞ୍ଚାୟତ ପାଇଁ ସ୍ୱତନ୍ତ୍ର ଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ନିଯୁକ୍ତି ପାଇଥିବା ସ୍ୱତନ୍ତ୍ର କର୍ତ୍ତବ୍ୟ ଅଧିକାରୀ ଓଏସଡି ସୌରଭ ଦାସ ପ୍ରମୁଖଙ୍କ ସହ ଅନ୍ୟ ଅଧିକାରୀ ଗଣ ସରପଞ୍ଚ ଲିଡ ଗେମେଲଙ୍କୁ ନେଇ ସୀମାନ୍ତ ଗ୍ରାମ ଗୁଡ଼ିକକୁ ଗସ୍ତକରି ବିଭିନ୍ନ କାର୍ଯ୍ୟକ୍ରମର ସ୍ଥିତି ଅନୁଧ୍ୟାନ କରିଥିଲେ ।

## ହୁକ ପକାଇ ବିଦ୍ୟୁତ୍ ଚୋରି

**ଗଞ୍ଜାମ,୩୧।୧(ସଂଚାର ବ୍ୟୁରୋ):** ଗଞ୍ଜାମ ସହର ଓ ଆଖପାଖ ଅଞ୍ଚଳରେ ଅବାଧରେ ବିଦ୍ୟୁତ୍ ଚୋରି ହେଉଥିଲେ ମଧ ଜାଣି ଅଜଣା ରହୁଛି ବିଦ୍ୟୁତ୍ ବିଭାଗ। ଗଞ୍ଜାମ ସହର ସାନ ବଜାର ଅଞ୍ଚଳ ଦୈନନ୍ଦିନ ଖୁଣ୍ଟରୁ ହୁକ ପକାଇ ପାଣି ମଟର ଚାଲୁଥିବା ଦେଖିବାକୁ ମିଳିଛି। ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟଠାରୁ ମାତ୍ର ୧୦୦ ମିଟର ଦୂରରେ ଏଭଳି କାର୍ଯ୍ୟ ଚାଲୁଥିଲେ ମଧ ଦୃଷ୍ଟି ନ ପଡ଼ିବା ଦୁର୍ଭାଗ୍ୟର ବିଷୟ ବୋଲି ଚର୍ଚ୍ଚା ହେଉଛି। ଯାହା ଇଲେକ୍ଟ୍ରି କର୍ତ୍ତୃପକ୍ଷଙ୍କ ପାରିବାପଣିଆକୁ ପଦାରେ ପକାଇଛି। ବିଭିନ୍ନ ସମୟରେ ଗରିବ ଜନସାଧାରଣଙ୍କ ଉପରେ ଇଲେକ୍ଟ୍ରି ବିଭାଗ କର୍ତ୍ତୃପକ୍ଷ ଦାଉ ସାଧୁଥିବା ବେଳେ ବନ୍ଦଥିବା ଘରୁ ମନଇଚ୍ଛା ବିଲ୍ ଆସୁଥିବା ଅଭିଯୋଗ ହେଉଛି।

# ଅନ୍ତର୍ଜାତୀୟ ଝୀର ଖାରବେଳ ମହୋତ୍ସବ ଉଦ୍‌ଯାପିତ



**ଭୁବନେଶ୍ୱର,୩୧।୧(ସଂଚାର ବ୍ୟୁରୋ):** ଆଜି ସ୍ଥାନୀୟ ଖଣ୍ଡଗିରି ପାଣ୍ଠୀକାଠାରେ ଝୀର ଖାରବେଳ ମହୋତ୍ସବ କମିଟି ଏବଂ ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ଅନୁଚିନ୍ତନମର ମିଳିତ ଆନୁକୁଲ୍ୟରେ ଖଣ୍ଡଗିରି କୁମ୍ଭମେଳା ଅବସରରେ ଆନ୍ତର୍ଜାତୀୟ ଝୀର ଖାରବେଳ ମହୋତ୍ସବ ୨୦୨୬ ର ଉଦଯାପନୀ ଉତ୍ସବକୁ ମହୋତ୍ସବ କମିଟି ଅଧକ୍ଷ ତଥା ଏକାମ୍ର ବିଧାୟକ ବାବୁ ସିଂ ଉଦଘାଟିତ କରିଥିଲେ। ଏହି ଅବସରରେ ମହୋତ୍ସବ କମିଟି ଅଧକ୍ଷ ତଥା ଏକାମ୍ର ବିଧାୟକ କହିଛନ୍ତି ଯେ ଅନ୍ତର୍ଜାତୀୟ ଝୀର ଖାରବେଳ ମହୋତ୍ସବ ମହାଆଡମ୍ବରେ ଉଦଯାପିତ ହୋଇଛି। ଓଡିଶା ଗୌରବମୟ ଇତିହାସ ସହ ଉତ୍ତର ପିଢୀକୁ ଯୋଡି ଉତ୍କଳୀୟ ସାଂସ୍କୃତିକ ମାନଚିତ୍ରକୁ ସୁଦୃଢ଼ କରାଇବା ଏହାର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ଅଶ୍ଳୀଳ ପରମ୍ପରା ବିରୁଦ୍ଧରେ ଲଢି ଓଡ଼ିଶା ସଂସ୍କୃତିକୁ ଅକ୍ଷୁର୍ଣ୍ଣ ରଖିବା ଆମର ଉଦ୍ଦେଶ୍ୟ। ଏଥିରେ ଦେଶ ଓ ବିଦେଶର ବହୁ ସୁନାମଧନ୍ୟ କଳାକାର ଯୋଗ ଦେଇଛନ୍ତି। ଆଜି ମଞ୍ଚରେ ଅର୍ପିତା ସାହାଙ୍କ ଗ୍ରୁପ ମଣିପୁରୀ ନୃତ୍ୟ ପରିବେଷଣ କରିଥିଲେ। ଅନ୍ତର୍ଜାତୀୟ ନୃତ୍ୟ ଗବେଷକ ତଥା ଅନୁଚିନ୍ତନମର ପ୍ରତିଷ୍ଠାତା ଡାଃ ଶ୍ରୀନିବାସ ଘଟୁଆରି ମଞ୍ଚ ପରିଚାଳନା କରିଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ସମାଜ ସେବୀ ସଂଗ୍ରାମ ପାଇକରାୟ, ଶ୍ରୀମୟୀ ମିଶ୍ର, ସରପଞ୍ଚ ଚନ୍ଦନ ମଲ୍ଲିକ, କ୍ଷୀରୋଦ ପ୍ରଧାନ, କର୍ପୋରେଟର ସୁଜାତା ଛୋଟରାୟ, ରାମ ରଣସିଂ, ନୃପେଶ ନାୟକ, ସମାଜ ସେବୀ ବଳରାମ ସ୍ୱାଇଁ, ପ୍ରତାପ ସାହୁ, ସୁନିଲ ପ୍ରଧାନ, ରୁଦ୍ର ବଲ୍ଲଭ ସାମନ୍ତରାୟ, ସୁରେନ୍ଦ୍ର ପ୍ରଧାନ, ମନ ମହାନ୍ତି, ଆରତୀ ଭୁଇଁଆ, ସାଲୁଟ ସାହୁ, ସୁରେନ୍ ଛୁଆଲସିଂ ପ୍ରମୁଖ ଉପସ୍ଥିତ ଥିଲେ।